

ଅନିଶ୍ଚିତତାରେ
'ବୈଜୁ ବାୱରା'

▶ଭିତର ପୃଷ୍ଠାରେ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-211 ◆BHUBANESWAR ◆THURSDAY ◆25 JANUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୧୧ ◆ଭୁବନେଶ୍ୱର ◆ଗୁରୁବାର ◆୨୫ ଜାନୁଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦



DSPL-577

ଆମ ଓଡ଼ିଶା
ନବୀନ ଓଡ଼ିଶା



ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**ଙ୍କ ଦ୍ୱାରା
ଶୁଭାରମ୍ଭ

ସଚେତନତା କାର୍ଯ୍ୟକ୍ରମ

ରୂପାନ୍ତରିତ
ଓଡ଼ିଶା
ଲୋକକଳା ମାଧ୍ୟମରେ...

୨୫ ଜାନୁୟାରୀ ୨୦୨୪ | ଭୁବନେଶ୍ୱର

OIPR-03029/13/0029/2324








ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଓଡ଼ିଶା ସରକାର

# ଲଖନପୁରରେ ହେବ କୋଇଲା ବାଷ୍ପୀକରଣ ପ୍ଲାଣ୍ଟ

**ନୂଆଦିଲ୍ଲୀ,୨୪।୧(ଏଜେନ୍ସି):** ଝାରସୁଗୁଡ଼ା ଜିଲ୍ଲାରେ ଥିବା ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍ (ଏମସିଏଲ୍)ର ଲଖନପୁର ଅଞ୍ଚଳରେ ୧୧,୭୮୨.୦୫ କୋଟି ଟଙ୍କା ବ୍ୟୟରେ ଏକ କୋଇଲା ବାଷ୍ପୀକରଣ ପ୍ଲାଣ୍ଟ ପ୍ରତିଷ୍ଠା ହେବ। ସିଆଇଏଲ୍ ଓ ଗେଲ୍ ମଧ୍ୟରେ ଏଥିପାଇଁ ଏକ ଯୌଥ ଉଦ୍ୟୋଗ ପ୍ରତିଷ୍ଠା କରାଯାଇଛି। ଏହି ଯୌଥ ଉଦ୍ୟୋଗ ଜରିଆରେ ଇସିଏଲ କମାଣ୍ଡ ଅଞ୍ଚଳରେ କୋଇଲାରୁ ଏସ୍ଏନ୍‌ଜି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ସିଆଇଏଲ୍ ଦ୍ୱାରା ହେବାକୁ ଥିବା ଇକ୍ୟୁଟି ନିବେଶକୁ ଆଜି କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରି ପ୍ରଦାନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ୍ କମିଟି (ସିସିଇଏ)ବୈଠକରେ ଆଜି ଏହିଭଳି ଦୁଇଟି ଇକ୍ୟୁଟି ନିବେଶ ପ୍ରକଳ୍ପକୁ ମଞ୍ଜୁରି ମିଳିଛି। ଏହି ଯୌଥ ଉଦ୍ୟୋଗରେ ୭୦:୩୦ ଋଣ-ଇକ୍ୟୁଟି ଅନୁପାତ ଏବଂ ୫୧% ଇକ୍ୟୁଟି ନିବେଶକୁ ବିଚାରକୁ ନେଇ ସିଆଇଏଲ୍ ଦ୍ୱାରା ୧,୮୦୨.୫୬ କୋଟି ଟଙ୍କାର ଇକ୍ୟୁଟି ନିବେଶ କରାଯିବ। ଏହି ଦୁଇ ପ୍ରକଳ୍ପ ହେଉଛି ସିଆଇଏଲ୍ ଓ ଗେଲ୍ର ଯୌଥ ଉଦ୍ୟୋଗ ଜରିଆରେ ଇସିଏଲ୍ କମାଣ୍ଡ ଅଞ୍ଚଳରେ କୋଇଲାରୁ ଏସଏନଜି (ସିନ୍ଥେଟିକ୍ ନେଚୁରାଲ ଗ୍ୟାସ୍ ପ୍ରକଳ୍ପ) ଏବଂ ସିଆଇଏଲ୍ ଓ ଭେଲ୍ର ଯୌଥ ଉଦ୍ୟୋଗ ଜରିଆରେ ଏମସିଏଲ୍ କମାଣ୍ଡ ଅଞ୍ଚଳରେ କୋଇଲାରୁ ଆମୋନିୟମ ନାଇଟ୍ରେଟ୍ ପ୍ରକଳ୍ପ ସ୍ଥାପନ ଯୋଜନା। ୨୦୩୦ ସୁଦ୍ଧା ୧୦୦ ନିୟୁତ ଟନ୍ କୋଇଲା ବାଷ୍ପୀକରଣ ଲକ୍ଷ୍ୟ ହାସଲ କରିବା ଉଦ୍ଦେଶ୍ୟରେ କୋଲ୍ ଇଣ୍ଡିଆ ଲିମିଟେଡ୍ (ସିଆଇଏଲ) ଏପରି ଦୁଇଟି କୋଇଲା ବାଷ୍ପୀକରଣ ପ୍ରକଳ୍ପ ପ୍ରତିଷ୍ଠା କରିବ।


ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-211 ♦BHUBANESWAR ♦THURSDAY ♦25 JANUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୧୧ ♦ଭୁବନେଶ୍ୱର ♦ଗୁରୁବାର ♦୨୫ ଜାନୁଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦







### ଶିକ୍ଷାନୁଷ୍ଠାନରେ '୫-ଟି' ରୂପାନ୍ତରଣ ଧାରାର ଚତୁର୍ଥ ପର୍ଯ୍ୟାୟର ଚତୁର୍ଥ ଦିନ

# ୨୮୬ ରୂପାନ୍ତରିତ ସ୍କୁଲ ଲୋକାର୍ପିତ

**ଭୁବନେଶ୍ୱର,୨୪।୧(ସମିସ):** ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଉନ୍ନତ, ଗୁଣାତ୍ମକ ଶିକ୍ଷା ସହ ସହ ଶୈକ୍ଷିକ ବାତାବରଣ ପ୍ରଦାନ କରିବା ପାଇଁ ସ୍କୁଲ ରୂପାନ୍ତରଣ ଜାରି ରଖିଛନ୍ତି ରାଜ୍ୟ ସରକାର। ଏହି କ୍ରମରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୋର୍ଦ୍ଧା, ସୁବର୍ଣ୍ଣପୁର, ପୁରୀ, ନୟାଗଡ଼, ବୌଦ୍ଧ ଓ ନବରଙ୍ଗପୁର ଆଦି ୬ଟି ଜିଲ୍ଲାର ସରୂପାନ୍ତରିତ ୨୮୬ ଟି ଉଚ୍ଚ ବିଦ୍ୟାଳୟକୁ ଲୋକାର୍ପଣ କରିଛନ୍ତି।

ରୂପାନ୍ତରିତ ସ୍କୁଲରେ ପିଲାଙ୍କ ସଫଳ ଭବିଷ୍ୟତ ପାଇଁ ସମସ୍ତ ସୁଯୋଗ ଉପଲବ୍ଧ ରହିଛି। ଆଗାମୀ ଦିନରେ ଆଜିର ପିଲାମାନେ ନୂଆ ଓ ସଶକ୍ତ ଓଡ଼ିଶାର ସାରଥୀ ହେବେ। ଗୋଟିଏ ଜାତିର ଭବିଷ୍ୟତ ନିର୍ମାଣ ବିଦ୍ୟାଳୟରୁ ହିଁ ଆରମ୍ଭ ହୋଇଥାଏ। ତେଣୁ ଏହାକୁ ଗୁରୁତ୍ୱାରୋପ କରାଯାଉଛି। ସମସ୍ତ ରୂପାନ୍ତରଣ କାର୍ଯ୍ୟକ୍ରମ ମଧ୍ୟରେ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ଅନନ୍ୟ ଓ ଶ୍ରେଷ୍ଠ କାର୍ଯ୍ୟକ୍ରମ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ପିଲାମାନଙ୍କୁ '୫-ଟି'ର ଗୁରୁତ୍ୱ ମୁଖ୍ୟମନ୍ତ୍ରୀ ବୁଝାଇଛନ୍ତି। ଟେକ୍‌ନୋଲୋଜିର ପ୍ରୟୋଗ କରି ଟିମ୍‌ୱାର୍କ ମାଧ୍ୟମରେ ସମସ୍ତେ ମିଳିମିଶି କାମ କରୁଥିବା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମସ୍ତଙ୍କ ସହ ଆଲୋଚନା କରି ସ୍ୱଚ୍ଛତାର ସହ କରାଯାଉଛି। ନିଜ ଜୀବନରେ ୫-ଟିର ପ୍ରୟୋଗ କଲେ ନିଶ୍ଚୟ ସଫଳ ହୋଇପାରିବେ। ସରକାରୀ ସ୍କୁଲ ପିଲାଙ୍କ ପାଇଁ ମେଡିକାଲ ଓ ଇଂଜିନିଅରିଂ କଲେଜରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଇଛି। ସରକାରୀ ସ୍କୁଲର ଭିତ୍ତିଭୂମି ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଆକୃଷ୍ଟ କରୁଛି। ତେଣୁ ନୂଆ ନୂଆ ବୈଷୟିକ ଜ୍ଞାନକୌଶଳ ବିଷୟରେ ଜାଣିବାକୁ ଚେଷ୍ଟା କରିବାପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ସ୍ୱଚ୍ଛତା ଓ ସାଧୁତା ମଣିଷ ଜୀବନର ଶ୍ରେଷ୍ଠ ଗୁଣ। ଜୀବନର ସବୁ କ୍ଷେତ୍ରରେ ସାଧୁତା ଅବଲମ୍ବନ କରିବାକୁ ଚେଷ୍ଟା କରିବା ଆବଶ୍ୟକ। ମୂଲ୍ୟବାନ ସମୟକୁ ନଷ୍ଟ ନ କରି ତାର ସଦୁପଯୋଗ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ସମସ୍ତ ନୀତିକୁ ଅନୁସରଣ କଲେ ଜୀବନରେ ସଫଳତା ହାସଲ କରି ପାରିବେ ବୋଲି ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି।

■ ଆଜିର ପିଲା ହେବେ 'ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା'ର ଉପଯୁକ୍ତ ସୂତ୍ରଧର : ମୁଖ୍ୟମନ୍ତ୍ରୀ
■ ରୂପାନ୍ତରିତ ସ୍କୁଲ ସମସ୍ତଙ୍କ ସମ୍ପତ୍ତି, ଏହାର ରକ୍ଷଣାବେକ୍ଷଣ ଆପଣଙ୍କ ଦାୟିତ୍ୱ: '୫-ଟି' ଅଧ୍ୟକ୍ଷ
■ ସୁବିଧା ସୁଯୋଗ ଦେଇ ରୂପାନ୍ତରିତ ସ୍କୁଲ ଗଭୀର ଆତ୍ମବିଶ୍ୱାସ ଆଣିଦେଇଛି: ଛାତ୍ରଛାତ୍ରୀ

ରୂପାନ୍ତରଣ କାର୍ଯ୍ୟକ୍ରମର ଚତୁର୍ଥ ପର୍ଯ୍ୟାୟର ଚତୁର୍ଥ ଦିନରେ ଖୋର୍ଦ୍ଧା ଜିଲ୍ଲାର ୮୦, ସୁବର୍ଣ୍ଣପୁର ଜିଲ୍ଲାର ୧୪, ପୁରୀର ୫୩, ନୟାଗଡ଼ର ୭୫, ବୌଦ୍ଧର ୧୦ ଓ ନବରଙ୍ଗପୁର ଜିଲ୍ଲାର ୫୪ ଉଚ୍ଚବିଦ୍ୟାଳୟକୁ ଲୋକାର୍ପଣ କରାଯାଇଛି।

ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ ଏବେ ରୂପାନ୍ତର ଯୁଗ ଚାଲିଛି। ବିଦ୍ୟାଳୟ ମହାବିଦ୍ୟାଳୟ ଠାରୁ ଡାକ୍ତରଖାନା, ପର୍ଯ୍ୟଟନ କ୍ଷେତ୍ର, ମଠ ମନ୍ଦିର, ପଞ୍ଚାୟତ, ଗାଁ ପର୍ଯ୍ୟନ୍ତ ସବୁଠାରେ ରୂପାନ୍ତରଣ କାର୍ଯ୍ୟ ଚାଲିଛି। ସମାଜର ସାମୂହିକ ଚିନ୍ତାଧାରାକୁ ଉଚ୍ଚସ୍ତରକୁ ନେବାପାଇଁ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ବିଦ୍ୟାଳୟ ରୂପାନ୍ତରଣ ଓଡ଼ିଆ ଜାତିରେ ନୂଆ ଜାଗରଣ ସୃଷ୍ଟି କରୁଛି।

କାର୍ଯ୍ୟକ୍ରମରେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ



କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ କହିଛନ୍ତି, ରାଜ୍ୟର ଛାତ୍ରଛାତ୍ରୀମାନେ ନିଜର ଭବିଷ୍ୟତକୁ ନେଇ ଯେଉଁ ସ୍ୱପ୍ନ ଦେଖୁଛନ୍ତି, ତାକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ରୂପାନ୍ତରିତ ସ୍କୁଲରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି। ଶିକ୍ଷା ଓ ଭବିଷ୍ୟତ ନିର୍ମାଣ କ୍ଷେତ୍ରରେ ଏହା ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିବ। ରୂପାନ୍ତରିତ ସ୍କୁଲଗୁଡ଼ିକ ଆପଣମାନଙ୍କ ସମ୍ପତ୍ତି, ରାଜ୍ୟବାସୀଙ୍କ ସମ୍ପତ୍ତି। ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ପ୍ରତି ସମସ୍ତେ ଦାୟିତ୍ୱବାନ ହେବାକୁ ଶ୍ରୀ ପାଣ୍ଡିଆନ୍ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ୫-ଟି ସ୍କୁଲ ରୂପାନ୍ତରଣ ସମ୍ପର୍କରେ ବହୁ ଛାତ୍ରଛାତ୍ରୀ ନିଜର ଅଭିଜ୍ଞତା ବର୍ଣ୍ଣନା କରିଛନ୍ତି। ଖୋର୍ଦ୍ଧା ଜିଲ୍ଲାର ନବମ ଶ୍ରେଣୀର ଛାତ୍ରୀ ଶୁଭଲକ୍ଷ୍ମୀ ଷଡ଼ଙ୍ଗୀ, ସୁବର୍ଣ୍ଣପୁରର ଦଶମ ଶ୍ରେଣୀ ଛାତ୍ରୀ ରୀମା ଦେହୁରୀ, ପୁରୀର ସପ୍ତମ ଶ୍ରେଣୀ ଛାତ୍ରୀ ବିଶ୍ୱରୂପା ମିଶ୍ର, ନୟାଗଡ଼ର ନବମ ଶ୍ରେଣୀ ଛାତ୍ରୀ ଶ୍ରୀୟା ମିଶ୍ର, ବୌଦ୍ଧର ନବମ ଶ୍ରେଣୀ ଛାତ୍ରୀ ଭାବନା ଧଳ ଏବଂ ନବରଙ୍ଗପୁରର ନବମ ଶ୍ରେଣୀ ଛାତ୍ରୀ ଅକ୍ଷରା ରାଣୀ କୋରକରା ପ୍ରମୁଖ ସେମାନଙ୍କ ଅନୁଭବ ବର୍ଣ୍ଣନା କରିଛନ୍ତି। ୫-ଟି ଉପକ୍ରମରେ ରୁପାନ୍ତରଣ କାର୍ଯ୍ୟ ବିଦ୍ୟାଳୟର ସ୍ୱରୂପ ବଦଳାଇ ଦେଇଛି। ରୂପାନ୍ତରିତ ସ୍କୁଲର ସମସ୍ତ ସୁବିଧା ସୁଯୋଗ ମନରେ ଗଭୀର ଆତ୍ମବିଶ୍ୱାସ ଆଣିଦେଇଛି। ଡାକ୍ତର, ଇଂଜିନିୟରିଂ ପାଠ୍ୟକ୍ରମରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ ଛାତ୍ରଛାତ୍ରୀଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଅମୂଲ୍ୟ ଉପହାର ବୋଲି ଛାତ୍ରଛାତ୍ରୀମାନେ ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପୁରୀରେ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା, ବୌଦ୍ଧରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ନବରଙ୍ଗପୁରରେ ସାଂସଦ ରମେଶ ଚନ୍ଦ୍ର ମାଝୀ, ଖୋର୍ଦ୍ଧାରେ ବିଧାୟକ ସୁଶାନ୍ତ କୁମାର ରାଉତ ଏବଂ ନୟାଗଡ଼ରେ ବିଧାୟକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇ ସରକାରୀ ସ୍କୁଲରେ ଅତ୍ୟାଧୁନିକ ସୁବିଧା ସୁଯୋଗ ଯୋଗାଇ ଶିକ୍ଷା ବ୍ୟବସ୍ଥାକୁ ଦେଶରେ ସ୍ୱତନ୍ତ୍ର ସ୍ଥାନ ଦେଇଥିବା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଥିବାବେଳେ ଓସେପାର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଛନ୍ତି।

### ■ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

# ଜନତା ମଇଦାନରେ ହେବ ଅସ୍ଥାୟୀ ସଂଗ୍ରହାଳୟ

**ଭୁବନେଶ୍ୱର, ୨୪।୧(ସମିସ):** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀକୁ ଭବ୍ୟତାର ସହ ଆୟୋଜନ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ନେଉଛନ୍ତି। ଏହିକ୍ରମରେ ଆୟୋଜିତ ସମ୍ମିଳନୀରେ ତିନିଦିନ ଧରି ଅସ୍ଥାୟୀ ସଂଗ୍ରହାଳୟର ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟର କଳା, ସଂସ୍କୃତି, ଐତିହ୍ୟ ଓ ଭାଷା ସଂକ୍ରାନ୍ତ ବିଭିନ୍ନ କଳାକୃତି ଏଥିରେ ପ୍ରଦର୍ଶିତ ହେବ। ଏ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର. ବାଲକୃଷ୍ଣନଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା, ବିଜ୍ଞାନ ଓ ବୈଷୟିକ ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଅରମୁଗମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ, ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଇପିକଲ ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ ଏବଂ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅସ୍ଥାୟୀ ସଂଗ୍ରହାଳୟରେ ରାଜ୍ୟ ସଂଗ୍ରହାଳୟ, ଆଦିବାସୀ ସଂଗ୍ରହାଳୟ, କଳାଭୂମି, ନୌବାଣିଜ୍ୟ ସଂଗ୍ରହାଳୟ, ରାଜ୍ୟ ଅଭିଲେଖାଗାରରେ ଉପଲବ୍ଧ କଳାକୃତି ମାନ ତିନିଦିନ ଧରି ପ୍ରଦର୍ଶିତ ହେବ। ଏହା ଓଡ଼ିଆ ଜାତିର ଅସ୍ମିତା, ବୀରତ୍ୱ ଓ ସ୍ୱାଭିମାନର କଥା କହିବ। ପ୍ରତ୍ୟେକ ଆଗନ୍ତୁକଙ୍କୁ ରାଜ୍ୟର ପ୍ରାଚୀନ ପରମ୍ପରା ସହ ନିକଟତର କରିବ। ମୋଟାମୋଟି ଭାବେ ଏହା ଓଡ଼ିଆ ଜାତିର ଜୀବନ ଓ ଭବିଷ୍ୟତର କଥା ବଖାଣିବ ଯାହା ଦର୍ଶକ ମାନଙ୍କ ମନରେ ଏକ ଅଭୁଲା ଅନୁଭୂତି ଆଣିଦେବ। ଏହି ଅବସରରେ ଜନତା ମଇଦାନକୁ ଅସ୍ଥାୟୀ ସଂଗ୍ରହାଳୟ ଭାବେ ଘୋଷଣା କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହା ପ୍ରତ୍ୟେକ ଦିନ ସକାଳ ୧୧ ଘଟିକାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ଖୋଲା ରହିବ। ଏଥିନିମନ୍ତେ ବ୍ୟାପକ ନିରାପତ୍ତା ବ୍ୟବସ୍ଥା କରାଯିବ।

ସୂଚନାଯୋଗ୍ୟ ଯେ ଏହି ସମ୍ମିଳନୀ ଆସନ୍ତା ଫେବ୍ରୁଆରୀ ୩ରୁ ୫ ତାରିଖ ମଧ୍ୟରେ ସ୍ଥାନୀୟ ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା, ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଗୋଟିଏ ସ୍ଥାନରେ ସମସ୍ତ ସଂଗ୍ରହାଳୟର ଝଲକ ଓଡ଼ିଶାବାସୀ ଦେଖିବାକୁ ପାଇବେ।

### ■ ବିଜେଡିର କଡ଼ା ସମାଲୋଚନା

# ଡାହା ମିଛ କହୁଛନ୍ତି ବିଜୟ ପଟ୍ଟନାୟକ



**ଭୁବନେଶ୍ୱର, ୨୪।୧(ସମିସ):** ଗଜପତି ଜିଲ୍ଲାରେ ସଡକ ଦୁର୍ଘଟଣା ନେଇ ବିଜୟ ପଟ୍ଟନାୟକ ଗଣମାଧ୍ୟମ ସାମ୍ନାରେ ଯେଉଁ ତଥ୍ୟ ଦେଉଛନ୍ତି ତାହା ସମ୍ପୂର୍ଣ୍ଣ ଡାହା ମିଛ। ତାଙ୍କର ଏଭଳି ମିଛୁଆ ଚରିତ୍ର ସମ୍ପର୍କରେ ଗଜପତିବାସୀ ଧିରେ ଧିରେ ଜାଣିଗଲେଣି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଇପ୍‌ସିତା ସାହୁ। ଶଙ୍ଖଭବନଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଇପ୍‌ସିତା କହିଛନ୍ତି ଯେ ଗଜପତି ଜିଲ୍ଲାରେ ସୁରକ୍ଷାକର୍ମୀଙ୍କ ଗାଡି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଖବର ଅତ୍ୟନ୍ତ ଦୁଃଖର ଘଟଣା। ଆମେ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ। ମାତ୍ର ଏଭଳି ସମୟରେ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ନୂଆ ନୂଆ ନେତା ହୋଇଥିବା ବିଜୟ ପଟ୍ଟନାୟକଙ୍କର ମନ୍ତବ୍ୟ ଆମକୁ ଆଶ୍ଚର୍ଯ୍ୟ କରିଛି। ଭୁବନେଶ୍ୱରରେ ବସି ସତ କଥା ନ ଜାଣି ଗଣମାଧ୍ୟମ ସାମ୍ନାରେ ଡାହାମିଛ କହିବାରେ ବୋଧେ ସେ ପିଏଚଡି କରିସାରିଲେଣି। ହଜାର ହଜାର ସଂଖ୍ୟାରେ ଗଜପତିବାସୀ ଦେଖିଛନ୍ତି ୫-ଟି ଅଧ୍ୟକ୍ଷ ଗଜପତିକୁ ହେଲିକପ୍ଟରରେ ଆସିଥିବା ବେଳେ ୨ଟା ୧୫ରେ ହେଲିକପ୍ଟରରେ ଭୁବନେଶ୍ୱର ଫେରିଥିଲେ। ମାତ୍ର ଦୁର୍ଘଟଣାଟି ପ୍ରାୟ ୨ଟା ୪୫ରେ ଘଟିଛି। ବିଜୟ ପଟ୍ଟନାୟକ ଯେଉଁ ଦୁର୍ଘଟଣାର ଅବତାରଣା କରିଛନ୍ତି ତାହା ଏକ ସୁରକ୍ଷାକର୍ମୀଙ୍କ ଗାଡି ଦ୍ୱାରା ହୋଇଛି। ଯାହା ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଥିଲା। ହେଲେ ଏହାକୁ ନେଇ ବିଜୟଙ୍କ ଭଳି ଲୋକ ଯେଉଁ ବୟାନ ଦେଇଛନ୍ତି, ତାହା ଅତ୍ୟନ୍ତ ଲଜ୍ଜାଜନକ। ଗଜପତିବାସୀ ଧୀରେଧୀରେ ବିଜୟଙ୍କ ଅସଲ ଚରିତ୍ର ଓ ଦୋମୁହାଁ ଆଭିମୁଖ୍ୟକୁ ଜାଣିଗଲେଣି ବୋଲି ଇପ୍‌ସିତା କହିଛନ୍ତି।

### କୋହଲା ପାଗ, ଛେଚିଲା ବର୍ଷା

# ଜାଡ଼ରେ କଲବଲ ସାରା ଓଡ଼ିଶା

**ଭୁବନେଶ୍ୱର, ୨୪।୧ (ସମିସ):** ବୁଧବାର ଦିନତମାମ ରାଜ୍ୟବାସୀ କାଲୁଆ ଶୀତରେ କଲବଲ ହୋଇଛନ୍ତି। ଦିନଯାକ ସୂର୍ଯ୍ୟଙ୍କ ଦେଖା ମିଳିନଥିବା ବେଳେ କୋହଲା ପାଗକୁ ଝିପିଝିପି ବର୍ଷା ଦେହ ଥରାଇଥିଲା। ଏଥିଯୋଗୁଁ ଆଜି ସାରା ରାଜ୍ୟରେ ଜନଜୀବନକୁ ଅସ୍ତବ୍ୟସ୍ତ ହୋଇଥିବା ପରିଲକ୍ଷିତ ହୋଇଥିଲା। ଗତ ୪-୫ ଦିନ ହେବ ରାଜ୍ୟର ଅଧିକାଂଶ ସ୍ଥାନରେ ଏଭଳି ପାଗ ଲାଗି ରହିଥିବା ବେଳେ ବୁଧବାର ସୃଷ୍ଟି ହୋଇଥିବା ସ୍ଥିତି ଲୋକଙ୍କ ପାଇଁ ନାହିଁ ନଥିବା ସମସ୍ୟା ସୃଷ୍ଟି କରିଛି।

ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ବୁଧବାର ରାଜ୍ୟର ଅଧିକାଂଶ ସ୍ଥାନରେ ଦିନବେଳା ତାପମାତ୍ରା ସ୍ୱାଭାବିକ ତୁଳନାରେ ୭-୧୦ ଡିଗ୍ରୀ ପର୍ଯ୍ୟନ୍ତ କମ୍ ରହିଥିଲା। ଏହା ପ୍ରଭାବରେ ଦିନ ବେଳା ଅଧିକ ଶୀତ ଅନୁଭୂତ ହୋଇଥିଲା। କେନ୍ଦ୍ର କହିଛି ଯେ ବୁଧବାର ଦିନ ବେଳା କେନ୍ଦୁଝରରେ ତାପମାତ୍ରା ୧୬ ଡିଗ୍ରୀ ରହିଥିଲା। ଏହା ସ୍ୱାଭାବିକ ତୁଳନାରେ ୧୦.୭ ଡିଗ୍ରୀ କମ୍। ସେହିପରି ରାଉରକେଲାରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୧୦.୫ଡିଗ୍ରୀ କମ୍ ରହିଥିବା ବେଳେ ଭଦ୍ରକରେ ୯ ଡିଗ୍ରୀ ଓ ସୋନପୁରରେ ସର୍ବାଧିକ ହ୍ରାସ ହୋଇ ସ୍ୱାଭାବିକ ତୁଳନାରେ ଏଠାରେ ତାପମାତ୍ରା ୧୧.୧ ଡିଗ୍ରୀ କମ୍ ରହିଥିଲା। ଭୁବନେଶ୍ୱରରେ ଦିନବେଳା ତାପମାତ୍ରା ୨୧.୭ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଏଠାରେ ସ୍ୱାଭାବିକ ତାପମାତ୍ରାଠାରୁ ୮ଡିଗ୍ରୀ କମ୍ ରହିଥିଲା। କଟକରେ ୨୦.୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ସ୍ୱାଭାବିକ ତାପମାତ୍ରା ତୁଳନାରେ ୮.୩ ଡିଗ୍ରୀ କମ୍ ରହିଥିଲା। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ବଙ୍ଗୋପସାଗର ଓ ଆଖପାଖ ଅଞ୍ଚଳରେ ଏକ ଘୁରୁଚାପବଳୟ ସକ୍ରିୟ ରହିଛି। ଏହାଛଡ଼ା ଆଉ ଏକ ନିମ୍ନଚାପ ରେଖା ଆଭ୍ୟନ୍ତରୀଣ କର୍ଣ୍ଣାଟକରୁ ଆଭ୍ୟନ୍ତରୀଣ ଓଡ଼ିଶା ଯାଏ ଲମ୍ବିଛି। ଏହି ଦୁଇପ୍ରକାର ପାଣିପାଗ ନିୟାମକ ପ୍ରଭାବରେ ରାଜ୍ୟରେ ଏଭଳି ପାଗ ସୃଷ୍ଟି ହୋଇଛି। ଏହି ସ୍ଥିତି ଗୁରୁବାର ସନ୍ଧ୍ୟା ପର୍ଯ୍ୟନ୍ତ ଜାରି ରହିବ। ପରେ ଧୀରେଧୀରେ ପାଗରେ ପରିବର୍ତ୍ତନ ଆସିବ ବୋଲି କେନ୍ଦ୍ର କହିଛି।

■ ସୋନପୁରରେ ସର୍ବାଧିକ ୧୧ଡିଗ୍ରୀ ଖସିଲା ପାରଦ
■ ଆଜିଠାରୁ ଧୀରେଧୀରେ ପାଗ ଫିଟିବା ସମ୍ଭାବନା

ଅପରପକ୍ଷେ, ଏହା ପ୍ରଭାବରେ ଗୁରୁବାର କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଗଞ୍ଜାମ, କନ୍ଧମାଳ, ରାୟଗଡ଼ା, ଗଜପତି ଓ କୋରାପୁଟ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷା ସହ କେତେକ ଜିଲ୍ଲାରେ ଘନ କୁହୁଡ଼ି ପାଇଁ ମଧ୍ୟ ପାଣିପାଗ କେନ୍ଦ୍ର ଆଲର୍ଟ ଜାରି କରିଛି। କେନ୍ଦ୍ରର ବୁଲେଟିନ୍ ଅନୁଯାୟୀ, କଳାହାଣ୍ଡି, ବଲାଙ୍ଗିର, କନ୍ଧମାଳ, ସୋନପୁର, ବୌଦ୍ଧ, ବରଗଡ଼, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ, ନୟାଗଡ଼, କଟକ, ଯାଜପୁର, ଦେବଗଡ଼, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା ଆଦିରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା ୨୪ଘଣ୍ଟାରେ ରାତିର ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ଏହାପରେ ପାଗରେ ପରିବର୍ତ୍ତନ ହେବା ସହ ରାତି ତାପମାତ୍ରା ୨-୩ ଡିଗ୍ରୀ ହ୍ରାସ ପାଇବ ବୋଲି ପାଣିପାଗ କେନ୍ଦ୍ର କହିଛି। ଏହାଦ୍ୱାରା ଦିନରେ ଶୀତର ପ୍ରକୋପ ହ୍ରାସ ହେବା ସହ ରାତିରେ ଥଣ୍ଡା ବଢ଼ିବ ବୋଲି ଜଣାପଡ଼ିଛି।

## ଲୋକକଥା



ନେତା କର୍ମୀ ଏବେ ଶଙ୍ଖ ବଜେଇବେ
ଦୁଆର ଦୁଆର ବୁଲି,
ଲୋକଙ୍କର ଭଲ-ମନ୍ଦ ପଚାରିବେ
ନିଜ ପତିଆରା ଭୁଲି !
ଗାଁ-ଗାଁ ଚାଲିଚାଲି,
'ନବୀନ ଓଡ଼ିଶା' ଗଠନ ଦିଗରେ
ରହୁଚିକି କାହିଁ ଖାଲି !!

### ଆସନ୍ତା ଆର୍ଥିକ ବର୍ଷ ହେବ ଜଳସେଚନର ବର୍ଷ

# ବୃହତ୍ ଏବଂ ମଧ୍ୟମ ଜଳସେଚନ ପ୍ରକଳ୍ପରେ ଖର୍ଚ୍ଚ ହେବ ୬୧୨୦ କୋଟି

**ଭୁବନେଶ୍ୱର, ୨୪।୧(ସମିସ):** ରାଜ୍ୟରେ ଚାଷ ଜମିରେ ଅଧିକରୁ ଅଧିକ ମାତ୍ରାରେ ଜଳ ପହଞ୍ଚାଇବା ପାଇଁ ରାଜ୍ୟ ସରକାର କ୍ରମାଗତ ଉଦ୍ୟମ ଜାରି ରଖିଛନ୍ତି। ବିଶେଷକରି ଜଳ ସମ୍ପଦ ବିଭାଗ ପକ୍ଷରୁ ବୃହତ୍, ମଧ୍ୟମ ଉଠାଜଳସେଚନ ପ୍ରକଳ୍ପ, ଅନ୍ତନଦୀ ଜଳାଶୟ ପ୍ରକଳ୍ପକୁ ଅଧିକରୁ ଅଧିକ ସଂଖ୍ୟାରେ ନିର୍ମାଣ ପାଇଁ ଗୁରୁତ୍ୱ ପ୍ରଦାନ କରାଯାଉଛି। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୪-୨୫ରେ ଜଳସମ୍ପଦ ବିଭାଗ ରାଜ୍ୟରେ ଏ କ୍ଷେତ୍ରରେ ବ୍ୟାପକ ଅର୍ଥ ଖର୍ଚ୍ଚ କରିବ। ବିଶେଷକରି ପାର୍ବତୀଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପରେ ବିଭାଗ ପ୍ରାୟ ୧୨୨୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ପ୍ରସ୍ତୁତ କରିଥିବା ବେଳେ ୨୦ ହଜାର ଗଭୀର ନଳକୂପ ଖୋଳିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ମୋଟ ୪୦୦ କୋଟି ଟଙ୍କା ବ୍ୟୟ ଲକ୍ଷ୍ୟ ରଖାଯାଇଛି। ଅପରପକ୍ଷେ ବୃହତ୍ ଏବଂ ମଧ୍ୟମଧରଣର ଜଳସେଚନ ପ୍ରକଳ୍ପ ପାଇଁ ଜଳସମ୍ପଦ ବିଭାଗ ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ୬୧୨୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି।

ବିଭିନ୍ନ ଜଳଭଣ୍ଡାର ଏବଂ କେନାଲରୁ ଉପଲବ୍ଧ ଅତିରିକ୍ତ ଜଳ ଉତ୍ତୋଳନ କରି ରାଜ୍ୟର ଉଚ୍ଚଭୂମି ଅଞ୍ଚଳରେ ଖରିଫ୍ ଜଳସେଚନ ଯୋଗାଇବା ପାଇଁ ରାଜ୍ୟ ସରକାର ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନା ଅଧୀନରେ ଅଦ୍ୟାବଧି ୨୦୨ଟି ପ୍ରକଳ୍ପର କାର୍ଯ୍ୟ ସମ୍ପନ୍ନ କରାଯାଇ ବର୍ତ୍ତମାନ ସୁଦ୍ଧା

■ ପାର୍ବତୀଗିରି ଉଠାଜଳସେଚନ ପ୍ରକଳ୍ପରେ ୧୨୨୫ କୋଟି ଟଙ୍କା ଖର୍ଚ୍ଚ କରିବେ ସରକାର
■ ନିର୍ମାଣ ହେବ ନୂଆ ୨୦ ହଜାର ଗଭୀର ନଳକୂପ

୨୫୬୦୦୦ ହେକ୍ଟର ଚାଷ ଜମିକୁ ଜଳସେଚିତ କରାଯାଇପାରିଛି। ଦ୍ୱିତୀୟ ପର୍ଯ୍ୟାୟରେ ୫ବର୍ଷ ମଧ୍ୟରେ ୧୦୭୫୯ କୋଟି ଟଙ୍କା ବ୍ୟୟରେ ୧୭୦ଟି ପ୍ରକଳ୍ପ ହାତକୁ ନିଆଯାଇଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଯୋଜନର୍ର ଆସନ୍ତା ବର୍ଷରେ ବିଭାଗ ୧୨୨୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଛି। ଏହାଦ୍ୱାରା ବ୍ୟାପକ ଜମିରେ ସେଚ ସାମର୍ଥ୍ୟ ସୃଷ୍ଟି କରାଯାଇପାରିବ। ସେହିପରି ଗଭୀର ନଳକୂପ ନିର୍ମାଣ କାର୍ଯ୍ୟକ୍ରମ ଅଧୀନରେ ଏଯାବତ୍ ୧୧୨୩୮୮ଟି ନଳକୂପ ନିର୍ମାଣ କରାଯାଇ ୬୩୧୩୪୫ ହେକ୍ଟର ଚାଷଜମିରେ ସେଚ ସାମର୍ଥ୍ୟ ସୃଷ୍ଟି କରାଯାଇପାରିଛି। ତେବେ ଗଭୀର ନଳକୂପକୁ ନେଇ ଚାଷୀଙ୍କ ମଧ୍ୟରେ ବେଶ୍ ଆଗ୍ରହ ପ୍ରକାଶ ପାଇଥିବା ବେଳେ ରାଜ୍ୟ ସରକାର ୨୦୨୪-୨୫ ଆର୍ଥିକ ବର୍ଷରେ ଯୋଜନା ଅଧୀନରେ ୨୦ ହଜାର ଗଭୀର ନଳକୂପ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ମୋଟ ୪୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏତଦ୍‌ବ୍ୟତୀତ ଇତିମଧ୍ୟରେ ବହୁ ନୂତନ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଯଥା ନୟାଗଡ଼ର ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ, ଗଞ୍ଜାମ ଜିଲ୍ଲାର ପିପିଳପଙ୍କା ଡ୍ୟାମ, ମୟୂରଭଞ୍ଜର ଖଇରିବନ୍ଧନ ବ୍ୟାରେଜ ପ୍ରକଳ୍ପ ଓ ବଲାଙ୍ଗୀର ଜିଲ୍ଲାର ଉପର ଲାନ୍ଥ ଜଳସେଚନ ପ୍ରକଳ୍ପର ଭିତ୍ତିଭୂମି ସ୍ଥାପନ ପାଇଁ ରାଜ୍ୟ ସରାର ପ୍ରକ୍ରିୟା ତ୍ୱରାନ୍ୱିତ କରିଛନ୍ତି। ଆସନ୍ତା ଆର୍ଥିକ ବର୍ଷରେ ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ ହେବ ବୋଲି ଜଣାପଡ଼ିଛି।

THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-211 ◆BHUBANESWAR ◆THURSDAY ◆25 JANUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୧୧ ◆ଭୁବନେଶ୍ୱର ◆ଗୁରୁବାର ◆୨୫ ଜାନୁଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦




ବୋପାନ୍ନା ବିଶ୍ୱର ବୟୋଜ୍ୟେଷ୍ଠ ନଂ-୧ ଖେଳାଳି

▶କ୍ରୀଡ଼ା ପୃଷ୍ଠାରେ...

### ▶▶ ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ନୂଆ କ୍ୟାମ୍ପସ୍ ଲୋକାର୍ପଣ

# ଭାଷା ହେଉଛି ଜାତିର ମୁକୁଟ



- ପଞ୍ଚସଖା ମାଟିରେ ଓଡ଼ିଆ ଭାଷା-ସାହିତ୍ୟର ଦର୍ପିତ ସୌଧ
- ଓଡ଼ିଆ ଜାତି ପାଇଁ ବର୍ତ୍ତମାନ ହେଉଛି ଏକ ଗୌରବମୟ ସମୟ: ମୁଖ୍ୟମନ୍ତ୍ରୀ
- ଯୁବପିଢ଼ିଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରତି ଆଗ୍ରହ ସୃଷ୍ଟି କରାଯିବ ଜରୁରୀ
- ସାମାଜିକ ଗଣମାଧ୍ୟମରେ ଓଡ଼ିଆ ଭାଷାର ବ୍ୟବହାର ବଢ଼ିବା ଦରକାର
- ଓଡ଼ିଆ ଭାଷାରେ ଭଲ ସାହିତ୍ୟ ସୃଷ୍ଟି ପାଇଁ ଓଡ଼ିଆ ବିଶ୍ୱବିଦ୍ୟାଳୟ ଉଦ୍ୟମ କରୁ
- ଭାଷା-ସାହିତ୍ୟ ବିକାଶର ଗୌରବମୟ ଯାତ୍ରାରେ ସୃଷ୍ଟିହେଲା ନୂଆ ଅଧ୍ୟାୟ

■ ଭୁବନେଶ୍ୱର, ୨୪।୧ (ସମିସ): ଓଡ଼ିଆ ଭାଷା, ସାହିତ୍ୟର ଗୌରବମୟ ଯାତ୍ରାରେ ଆଜି ଯୋଡ଼ି ହୋଇଛି ଆଉ ଏକ ନୂଆ ଅଧ୍ୟାୟ। ପଞ୍ଚସଖାଙ୍କ ବନବିଦ୍ୟାଳୟର ମାଟିରେ ଠିଆ ହୋଇଛି ପ୍ରତ୍ୟେକ ଓଡ଼ିଆର ଗର୍ବ ଓ ଗୌରବ ଓଡ଼ିଆ ବିଶ୍ୱବିଦ୍ୟାଳୟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ସତ୍ୟବାଦୀଠାରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ନୂଆ କ୍ୟାମ୍ପସ୍‌ରେ ନିର୍ମିତ ଦର୍ପିତ ସୌଧକୁ ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ସମୟ ହେଉଛି ଓଡ଼ିଆ ଜାତି ପାଇଁ ଏକ ଗୌରବମୟ ସମୟ। ନିକଟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଆଜି ଓଡ଼ିଆ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ ଉଦ୍‌ଘାଟିତ ହୋଇଛି। ଜାନୁଆରୀ ୨୭ ତାରିଖରେ ସମଲେଇ ପ୍ରକଳ୍ପ ଲୋକାର୍ପିତ ହେବାକୁ ଯାଉଛି। ଫେବୃଆରୀ ୩ ତାରିଖରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ହେବ। ତେଣୁ ନିଶ୍ଚିତ ଭାବେ ଏହା ଆମ ସମସ୍ତଙ୍କ ପାଇଁ, ସମଗ୍ର ଓଡ଼ିଆ ଜାତି ପାଇଁ ଏହା ଏକ ଗୌରବ ଓ ଅସ୍ମିତାର ସମୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଏହି ଅବସରରେ ବିଶ୍ୱବିଦ୍ୟାଳୟ କୁଳପତି, ପ୍ରାଧ୍ୟାପକ, ଓ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସଂସ୍କୃତି, ଆମ ଜୀବନଧାରା, ଆମ ପରମ୍ପରାକୁ ଭିତ୍ତି କରି ଭଲ ଭଲ ସାହିତ୍ୟ ସୃଷ୍ଟିକୁ ପ୍ରୋତ୍ସାହନ ଦେବା ଦରକାର। ଏ ଦିଗରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ନେତୃତ୍ୱ ନେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ଭାଷା ଗୋଟେ ଜାତିର ଅସ୍ମିତାର ପରିଚୟ। ଗୋଟେ ଜାତିର ମୁକୁଟ ହେଉଛି ତା'ର ଭାଷା। ଭାଷାର ବ୍ୟବହାର ବଢିଲେ ଏହା ସମୃଦ୍ଧ ହୋଇଥାଏ ଓ ଜାତିର ଗୌରବ ବୃଦ୍ଧି କରିଥାଏ। ଓଡ଼ିଶା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ । ଓଡ଼ିଆ ଭାଷା ଏକ ପ୍ରାଚୀନ ଭାଷା। ଏହା ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି। ଓଡ଼ିଆ ଭାଷାରେ ଅନେକ ସମୃଦ୍ଧ ସାହିତ୍ୟ ସୃଷ୍ଟି ହୋଇଛି। ଆମ ସାହିତ୍ୟକୁ ସାରା ବିଶ୍ୱରେ ପ୍ରଚାର ପ୍ରସାର ପାଇଁ ଉଦ୍ୟମ କରାଯିବା ଦରକାର। ଆମ ଭାଷା ପ୍ରତି ଯୁବପିଢିଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରାଯିବା ଆବଶ୍ୟକ। ସାମାଜିକ ଗଣମାଧ୍ୟମରେ ଓଡ଼ିଆ ଭାଷାର ବ୍ୟବହାର ବୃଦ୍ଧି ସହିତ ଓଡ଼ିଆ ଭାଷା ଉପରେ ଅଧିକ ଗବେଷଣା କରାଯିବା ▶ପୃଷ୍ଠା-୧୩

## ଦ୍ୱାରଶୁଣୀ ଘାଟିରୁ ଖସିଲା ଯାତ୍ରାପାର୍ଟି ଟ୍ରକ୍ | ୬ ମୃତ

### ଗୁରୁତର ୯ ଜଣଙ୍କୁ ପିଆରଏମ୍ ମେଡିକାଲ କଲେଜକୁ ସ୍ଥାନାନ୍ତର



### ଶୋକ ବ୍ୟକ୍ତକଲେ ମୁଖ୍ୟମନ୍ତ୍ରୀ

**୩ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା**

■ ବାରିପଦା, ୨୪।୧ (ସମିସ): ଦ୍ୱାରଶୁଣୀ ଘାଟିରେ ସଡ଼କ ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକବ୍ୟକ୍ତ କରିଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ମୃତ ବ୍ୟକ୍ତିମାନଙ୍କ ନିକଟତମ ଆତ୍ମୀୟଙ୍କ ନିମନ୍ତେ ୩ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ରାଶି ଘୋଷଣା କରିଛନ୍ତି। ଏଥିସହ ଆହତ ବ୍ୟକ୍ତିଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

■ ବାରିପଦା, ୨୪।୧ (ସମିସ): ପୁଣି ଜୀବନ ନେଲା ମଣିଷଖିଆ ଦ୍ୱାରଶୁଣୀ ଘାଟି। ବୁଧବାର ଏଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୬ଜଣ ପ୍ରାଣ ହରାଇଥିବା ବେଳେ ୯ ଜଣ ଗୁରୁତର ଆହତ ହୋଇଛନ୍ତି। ଯାତ୍ରାପାର୍ଟି ଧଉଳି ଗଣନାଟ୍ୟର ଏକ ଟ୍ରକ୍ ଭାରସାମ୍ୟ ହରାଇ ତଳକୁ ଖସିପଡ଼ିବାରୁ ଏହି ଅଘଟଣ ଘଟିଛି। ମୃତକମାନେ ହେଲେ, କଟକ ଜିଲ୍ଲା ସାଲେପୁର ଅଞ୍ଚଳର ଅକ୍ଷୟ ମଲ୍ଲିକ, ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଘୁରୁଡ଼ିବଣି ଗ୍ରାମର ମାଥ ମୁର୍ମୁ ଓ ଝାଡ଼େଶ୍ୱର ମୁର୍ମୁ ଏବଂ ଯାଜପୁର ଜିଲ୍ଲା ସୁକିନ୍ଦା ଅଞ୍ଚଳର ମାଧ। ଖବର ଲେଖା ହେବା ସୁଦ୍ଧା ଅନ୍ୟ ଦୁଇ ମୃତକଙ୍କ ନାମ ଜଣାପଡ଼ିନଥିଲା। ଗୁରୁତରମାନଙ୍କୁ ପ୍ରଥମେ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଆସିବାରୁ ସେମାନଙ୍କୁ ବାରିପଦାସ୍ଥିତ ପିଆରଏମ୍ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ସ୍ଥାନାନ୍ତର କରଯାଇଛି। ମୃତାହତମାନେ ଯାତ୍ରାପାର୍ଟିରେ ଶ୍ରମିକ ଭାବେ କାମ କରୁଥିଲେ।

**କୋହଲା ପାଗ ସାଙ୍ଗକୁ ବର୍ଷା ସାଜିଲା କାଳ**

ସୂଚନାରୁ ପ୍ରକାଶ ଯେ ବହଳଦା ଥାନା ଅନ୍ତର୍ଗତ ବାସିଙ୍ଗିରୁ ଯାତ୍ରା ସାରି ଧଉଳି ଗଣନାଟ୍ୟର ଏକ ଟ୍ରକ୍ ବାଲେଶ୍ୱର ଜିଲ୍ଲା ଜଳେଶ୍ୱରର ସୁଲପଟ୍ଟାକୁ ଆସୁଥିଲା। ଅପରାହ୍ଣରେ ଟ୍ରକ୍‌ଟି ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ୪୯ନମ୍ବର ଜାତୀୟ ରାଜପଥ ଦ୍ୱାରଶୁଣୀ ଘାଟିରୁ ଓହ୍ଲାଇବା ବେଳେ ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିଥିଲା। ଫଳରେ ଟ୍ରକ୍‌ରେ ଥିବା ୬ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୯ ଜଣ ଆହତ ହୋଇଥିଲେ। ଟ୍ରକ୍‌ରେ ଯାତ୍ରାପାର୍ଟିର ଲାଇଟ୍ ଓ ସାଉଣ୍ଡ ସାମଗ୍ରୀ ସହ ମୋଟ ୧୭ଜଣ ଥିଲେ। ଘାଟିରେ ▶ପୃଷ୍ଠା-୧୩

### ଇଡିସିଆଇଏଲ୍ ଫାଶରେ ଫସିଲେ କେନ୍ଦ୍ରମନ୍ତ୍ରୀ

## ମନଗଢ଼ା ପ୍ରେସ୍ ରିଲିଜ୍ ଜରିଆରେ ବିଭ୍ରାନ୍ତ କରୁଛନ୍ତି ଧର୍ମେନ୍ଦ୍ର ପ୍ରଧାନ

■ ଭୁବନେଶ୍ୱର, ୨୪।୧ (ସମିସ): ରାଜ୍ୟରେ କନିଷ୍ଠ ଶିକ୍ଷକ ନିଯୁକ୍ତି ପରୀକ୍ଷା ପରିଚାଳନା କରିଥିବା କେନ୍ଦ୍ରୀୟ ସଂସ୍ଥା ଇଡିସିଆଇଏଲ୍‌କୁ କ୍ଲିନଚିଟ୍ ଦେବାକୁ ଯାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାଧାରଣରେ ସମାଲୋଚନାର ଶରବ୍ୟ ହୋଇଛନ୍ତି। ଏହିକ୍ରମରେ କେନ୍ଦ୍ରମନ୍ତ୍ରୀଙ୍କ ଆଭିମୁଖ୍ୟକୁ କଟାକ୍ଷ କରିଛି ବିଜେଡ଼ି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମନଗଢା ପ୍ରେସ୍ ରିଲିଜ ଜରିଆରେ ଶିକ୍ଷକ ନିଯୁକ୍ତି ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ବିଭ୍ରାନ୍ତ କରୁଛନ୍ତି ଏବଂ ଏହି ଘଟଣାରେ ତାଙ୍କର ରାଜନୈତିକ ଫାଇଦା ଉଠାଇବାର ମାନସିକତା ସ୍ପଷ୍ଟ ବାରିହୋଇ ପଡୁଛି ବୋଲି କହିଛନ୍ତି ବିଜେଡି ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର ।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଡକ୍ଟର ପାତ୍ର କହିଛନ୍ତି ଯେ ଭାରତ ସରକାରଙ୍କ ଅଧୀନରେ ଥିବା 'ମିନିରତ୍ନ' ▶ପୃଷ୍ଠା-୧୩

**ଶିକ୍ଷକ ନିଯୁକ୍ତିକୁ ନେଇ ରାଜନୈତିକ ଫାଇଦା ଉଠାଇବାକୁ ଉଦ୍ୟମ**

**ସବୁକିଛି ସ୍ପଷ୍ଟ କରି ସାରିଛନ୍ତି ଉଭୟ ଇଡିସିଆଇଏଲ୍ ଓ ଓସେପା**



EdCIL (India) Limited
(A "MINI RATNA" Category-I CPSE, GOVT. OF INDIA)

PRESS RELEASE

With reference to certain media reports regarding the recruitment of Junior Teachers schematic I & II, it is inform that :-

EdCIL (India) Limited had entered into an MoU with the Odisha School Education Programme Authority (OSEPA) for the conduct of Computer Based Test (CBT) for recruitment of Junior Teachers Schematic I & II on 22nd August 2023. The CBT was conducted in accordance with recruitment Notice 10576/23 dated 10th September 2023 to be read with Resolution No. 20336/SME, Bhubaneshwar dated 22nd August 2023 issued by Government of Odisha. This resolution provides the guidelines for engagement of Junior Teachers (Schematic) including application submission model, eligibility, age and reservation criteria, selection procedure and methodology of finalising of merit list.

Response Query Management was done and all objection were addressed as per the prescribed procedure.

After conducting the Computer Based Tests, EdCIL prepared the results as per the guidelines provided in the resolution dated 22nd August, 2023 to the authorized designated official of OSEPA as per MoU.

Further, the combined merit list was handed over to OSEPA on 13th January 2024, followed by submission of merit list with district allocation on 15th January 2024.

OSEPA

The Press release by EdCIL (India) Limited, a 'Miniratna' Central PSE under Government of India has clarified everything. EdCIL conducted the recruitment exam for Junior Teachers Schematic Category-I&II on 22nd August 2023 for Odisha School Education Programme Authority (OSEPA).

### ବରିଷ୍ଠ ଆଇପିଏସ୍ ସ୍ତରରେ ବଡ଼ ଅଦଳବଦଳ

## ସୌମେନ୍ଦ୍ର ପ୍ରିୟଦର୍ଶୀ ଗୁଇନ୍ଦା ନିର୍ଦ୍ଦେଶକ

- ଦ୍ୱୈତନଗରୀ ପୁଲିସ କମିସନର ହେଲେ ସଞ୍ଜିବ ପଣ୍ଡା
- ହିମାଂଶୁଲାଲ ଉତ୍ତରାଞ୍ଚଳ, ସତ୍ୟବ୍ରତ ପୂର୍ବାଞ୍ଚଳ ଆଇଜି
- ଦୀପକ କୁମାର ଉତ୍ତର-କେନ୍ଦ୍ରାଞ୍ଚଳ, ପଙ୍କଜ ଦକ୍ଷିଣାଞ୍ଚଳ ଆଇଜି
- କନୱର ବିଶାଲ୍ କଟକ ଡିସିପି, ପିନାକଙ୍କୁ ପୁରୀ ଏସ୍‌ପି ଦାୟିତ୍ୱ
- କେନ୍ଦ୍ରାପଡ଼ା, ରାୟଗଡ଼ା, ସୋନପୁର ସହ ୬ ଜିଲ୍ଲାରେ ନୂଆ ଏସ୍‌ପି

■ ଭୁବନେଶ୍ୱର, ୨୪।୧ (ସମିସ): ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ବରିଷ୍ଠ ଆଇପିଏସ୍‌ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ଦ୍ୱୈତନଗରୀର ପୁଲିସ କମିଶନରଙ୍କ ସହ ବିଭିନ୍ନ ରେଞ୍ଜର ଆଇଜି ଓ ୬ ଜିଲ୍ଲାରେ ଏସ୍‌ପିଙ୍କୁ ଏହିକ୍ରମରେ ଅଦଳବଦଳ କରାଯାଇଛି। ଦ୍ୱୈତନଗରୀ ପୁଲିସ କମିସନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଗୁଇନ୍ଦା ନିର୍ଦ୍ଦେଶକ ଅବସ୍ଥାପିତ କରାଯାଇଛି। ଗୁଇନ୍ଦା ନିର୍ଦ୍ଦେଶକ ତଥା ବରିଷ୍ଠ ଆଇପିଏସ୍ ଅଫିସର ସଞ୍ଜୀବ ପଣ୍ଡାଙ୍କୁ ଦ୍ୱୈତନଗରୀର ନୂଆ ପୁଲିସ୍ କମିସନରର ଦାୟିତ୍ୱ ମିଳିଛି। ସେହିପରି ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ▶ପୃଷ୍ଠା-୧୩

# ଶିମିଳିପାଳରେ ହେବ ବିଶ୍ୱର ପ୍ରଥମ କଳାବାଘ ସଫାରୀ

### ଅଭୟାରଣ୍ୟର ୧୫ କିମି ଦୂରରେ ୨୦୦ ହେକ୍ଟର ଜମି ଚିହ୍ନଟ

**ଦେଶର ସମସ୍ତ କଳାବାଘ କେବଳ ଶିମିଳିପାଳରେ ହିଁ ରହୁଛନ୍ତି**

**ପ୍ରଥମ ପର୍ଯ୍ୟାୟରେ ୩ କଳାବାଘ ସହ ରହିବେ ଛଅଟି ବାଘ**



■ ଭୁବନେଶ୍ୱର, ୨୪।୧ (ସମିସ): ଓଡ଼ିଶାରେ ହେବ ବିଶ୍ୱର ପ୍ରଥମ କଳା ବାଘ (ମେଲାନିଷ୍ଟିକ ବାଘ) ସଫାରୀ। ବିଶ୍ୱରେ ବର୍ତ୍ତମାନ କେବଳ ଶିମିଳିପାଳ ଅଭୟାରଣ୍ୟରେ ବିରଳ କଳା ବାଘ ଦେଖାଯାଉଛନ୍ତି। ଏହି ବାଘକୁ ସଫାରୀ ମାଧ୍ୟମରେ କିପରି ପର୍ଯ୍ୟଟକମାନେ ଦେଖିପାରିବେ ସେନେଇ ରାଜ୍ୟ ସରକାର ଯୋଜନା କରିଛନ୍ତି। ଏଥିପାଇଁ ଶିମିଳିପାଳରେ ବିଶ୍ୱର ପ୍ରଥମ କଳାବାଘ ସଫାରୀ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ସୋସିଆଲ୍ ମିଡିଆ 'ଏକ୍ସ' ମାଧ୍ୟମରେ ସୂଚନା ଦେଇଛନ୍ତି। ଏହି ଘୋଷଣା କରି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିବା ସହ ପର୍ଯ୍ୟଟକ ଓ ଆଗନ୍ତୁକମାନେ କେବଳ ଓଡ଼ିଶାର ଶିମିଳିପାଳରେ ହିଁ ଦେଖାଯାଉଥିବା ବିରଳ କଳାବାଘକୁ ଏକ ସ୍ୱତନ୍ତ୍ର ସଫାରୀରେ ଦେଖିବାକୁ ସୁଯୋଗ ପାଇବେ ବୋଲି କହିଛନ୍ତି।

ସୂଚନା ଅନୁଯାୟୀ ଅଭୟାରଣ୍ୟଠାରୁ ୧୫ କିମି ଦୂରରେ ୧୮ ନଂ ଜାତୀୟ ରାଜପଥ ନିକଟରେ ୨୦୦ ହେକ୍ଟର ଜମି ଚିହ୍ନଟ କରାଯାଇଛି। ଏଥି ମଧ୍ୟରୁ ୧୦୦ ହେକ୍ଟର ଜମିରେ ବାଘ ରହଣୀସ୍ଥଳି କରାଯିବ। ଅବଶିଷ୍ଟ ୧୦୦ ହେକ୍ଟର ସ୍ଥାନରେ ଭେଟନାରୀ କେନ୍ଦ୍ର, ରେସ୍କ୍ୟୁ ସେଣ୍ଟର, କର୍ମଚାରୀମଙ୍କ ପାଇଁ ରହଣି ବ୍ୟବସ୍ଥା ସହ ପର୍ଯ୍ୟଟକଙ୍କ ପାଇଁ ପାର୍କିଂ ଓ ଅନ୍ୟାନ୍ୟ ସୁବିଧା ସୁଯୋଗର ବ୍ୟବସ୍ଥା କରାଯିବ। ଏ ସମ୍ପର୍କରେ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି ଯେ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ପକ୍ଷରୁ ରାଜ୍ୟରେ କଳାବାଘ ସଫାରୀ ପାଇଁ ଅନୁମତି ମିଳିସାରିଛି। ଆସନ୍ତା ଅକ୍ଟୋବର ମାସ ସୁଦ୍ଧା ଏଠାରେ ସମସ୍ତ କାର୍ଯ୍ୟ ଶେଷ କରି ପର୍ଯ୍ୟଟକମାନଙ୍କ ପାଇଁ ସଫାରୀ ପ୍ରସ୍ତୁତ କରାଯିବା ପାଇଁ ଯୋଜନା ରହିଛି। ପ୍ରାଥମିକ ପର୍ଯ୍ୟାୟରେ ନନ୍ଦନକାନନରେ ଥିବା ୩ ଟି କଳାବାଘ ସମେତ ଏହି ବାଘଙ୍କ ସହିତ ମିଳନ (ମେଟିଂ ) କରୁଥିବା ଅନ୍ୟ ବାଘକୁ ମିଶାଇ ମୋଟ୍ ୬ଟି ▶ପୃଷ୍ଠା-୧୩




ସକାଳ THE SAKALA



# ଫେବୃଆରୀ ୨ରୁ ଦ୍ୱାରଶୁଣୀ ଘାଟି ରାସ୍ତା ବନ୍ଦ କରିବ ଭଞ୍ଜସେନା

**ବାରିପଦା, ୨୪।୧(ସମିସ):** ଦ୍ୱାରଶୁଣୀ ଘାଟି ରାସ୍ତା ପ୍ରଶସ୍ତିକରଣ ପାଇଁ ବାରମ୍ବାର ଦାବି ସତ୍ତ୍ୱେ ପ୍ରଶସ୍ତିକରଣ ନ ହେବାରୁ କ୍ରମାଗତ ଦୁର୍ଘଟଣା ଘଟୁଛି। ବୁଧବାର ଯାତ୍ରା ପାର୍ଟିର ଏକ ଟ୍ରକ ଘାଟି ତଳକୁ ଖସିବାରୁ ୬ଜଣଙ୍କ ମୃତ୍ୟୁ ହେବା ସହିତ ୯ଜଣ ଗୁରୁତର ଆହତ ହୋଇଛନ୍ତି। ତେଣୁକରି ଘାଟି ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ନିମନ୍ତେ ଦାବି କରି ଭଞ୍ଜସେନା ପକ୍ଷରୁ ଆସନ୍ତା ଫେବୃଆରୀ ୨ ତାରିଖରୁ ଘାଟି ରାସ୍ତା ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିବାକୁ ସଂଗଠନର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଚେତାବନୀ ଦେଇଛନ୍ତି। ଭଞ୍ଜସେନା ପକ୍ଷରୁ ବହୁବାର ରାସ୍ତା ଅବରୋଧ କାର୍ଯ୍ୟକ୍ରମ ହୋଇଥିବା ବେଳେ କାର୍ଯ୍ୟ ହେବା ନେଇ ବାରମ୍ବାର ପ୍ରତିଶ୍ରୁତି ଦେଇ କେନ୍ଦ୍ର ସରକାର ଚୁପ ହୋଇ ରହିଛନ୍ତି। ଇତି ମଧ୍ୟରେ ଅନେକ ନିରୀହଙ୍କ ଜୀବନ ଚାଲିଯାଇଛି। ତେଣୁ ଆଗାମୀ ୭ଦିନ ମଧ୍ୟରେ ଘାଟି ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ବାବଦରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ଆସନ୍ତା ଫେବୃଆରୀ ୨ ତାରିଖରୁ ଭଞ୍ଜସେନା ପକ୍ଷରୁ ଘାଟି ରାସ୍ତାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିବ ବୋଲି ଶ୍ରୀ ଜେନା ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

# ଦୁଇ ଶିକ୍ଷାବିତ୍ ମାନବାଧିକାର କର୍ମୀରୂପେ ସମ୍ମାନିତ




**ବେତନଟୀ, ୨୫।୧(ସମିସ):** ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ବେତନଟୀର ଦୁଇ ଶିକ୍ଷାବିତ୍‌ଙ୍କୁ ମାନବାଧିକାର କର୍ମୀରୂପେ ସମ୍ମାନିତ କରିଛି ରାଜ୍ୟ ମାନବାଧିକାର କ୍ଲିନିକ୍। ଗତ ୨୩ ତାରିଖରେ ଭୁବନେଶ୍ୱରର ରେଡ୍‌କ୍ରସ ଭବନରେ ଅନୁଷ୍ଠିତ ଏକ ବର୍ଣ୍ଣାଢ୍ୟ ସମାବେଶରେ ବେତନଟୀର ସଚ୍ଚିଦାନନ୍ଦ ମହାନ୍ତି ଓ କାଳିଚରଣ ମହାନ୍ତଙ୍କୁ ସମ୍ମାନିତ କରାଯାଇଛି। ସଂଗଠନର ସଭାପତି ଅବସରପ୍ରାପ୍ତ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଗୋପବନ୍ଧୁ ମଲିକ, ଓ ଉପ ସଭାପତି ପରେଶ ଚନ୍ଦ୍ର ମହାନ୍ତି, ସଂପାଦକ ପ୍ରଫେସର ଗୋପବନ୍ଧୁ ମହାନ୍ତ ଏବଂ ବକ୍ତାଭାବେ ପୂର୍ବତନ ରାଜ୍ୟ ଆୟକର ଅଧିକାରୀ ଶରତ ଦାସ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପ୍ରଫେସର ଲଳିତ ଲେଙ୍କା ଓ ବିଶ୍ୱଭାରତୀର ପ୍ରଫେସର ରବୀନ୍ଦ୍ର ଦାସ, ପ୍ରଫେସର ରଶ୍ମି ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ବିଶିଷ୍ଟ ସାମ୍ବାଦିକ ତଥା ସ୍ତମ୍ଭକାର ସୁଜ୍ଞାନ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ବନଶ୍ରୀ ମହାପାତ୍ର। ମାନବାଧିକାର କର୍ମୀ କାଳୀବାବୁ ଧନବାଦ ଦେଇଥିଲେ।

# ବାର୍ଷିକ କ୍ରୀଡ଼ା ଓ ପଲ୍ଲୀନୃତ୍ୟ ପ୍ରତିଯୋଗିତା



**ଝରାଡିହି,୨୪।୧(ସମିସ):** ଜାମଦା ବ୍ଲକ ବଡକୁଲେଇବିରା ପଞ୍ଚାୟତ ଗୋହିରାଠାରେ ୭୨ତମ ବାର୍ଷିକ କ୍ରୀଡା ଓ ପଲ୍ଲୀ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାକୁ ଏଭରଗ୍ରିନ ଯୁବକ ସଂଘ ଆୟୋଜନ କରିଥିଲା। ଏହି ଅବସରରେ ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିସହିତ ବୁଢୀଗାଡିରେ ଆଦିବାସୀ ପଲ୍ଲୀ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଦୁଇଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ଦଳରେ ୪୦ରୁ ଉଦ୍ଧ୍ୱର୍ ମହିଳା ନାଚ ପରିବେଷଣ କରିଥିଲେ। ଏହି ନୃତ୍ୟରେ ପ୍ରଥମ ପୁରସ୍କାର ଭାବେ ବିଟାଡିହି ଦଳକୁ ୪୦୦୦ ଟଙ୍କା, ଦ୍ୱିତୀୟ ପୁରସ୍କାର ଭାବେ ବଡକୁଲେଇବିରା ଦଳକୁ ୩୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବଣ୍ଟନ ଉତ୍ସବରେ ସଂଘର ସଭାପତି ରବି ସୋରେନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସମାଜସେବୀ ରାଇସେନ ମୁମୁ, ମୁଖ୍ୟବକ୍ତା ଭାବେ ବିଜେଡି ମୟୂରଭଞ୍ଜ-୨ ଭାଇସ ପ୍ରେସିଡେଣ୍ଟ ସୁବାସ ମଣ୍ଡଳ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସାଧାରଣ ସଂପାଦକ ଏସଟି ମୋର୍ଚ୍ଚା ବିଜେପି ରାମଚନ୍ଦ୍ର ହାଁସଦା, ବିଜେଡି ବଡକୁଲେଇବିରା ଜିପି ପ୍ରେସିଡେଣ୍ଟ ସୂରଜ କୁମାର ମଣ୍ଡଳ, ବିଜେଡି ଜିପି ଛାତ୍ର ସଭାପତି ବିକାଶ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସଂଘର ସେକ୍ରେଟାରୀ ସିଂଗ୍ରାୟ କିସ୍କୁ ଧନ୍ୟବାଦ ଦେଇଥିଲେ।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଚିତ୍ରଡା, ୨୪।୧(ସମିସ):** ମୋରଡା ବ୍ଲକ ଗଡିଆ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀର ବାଳିକାଙ୍କ ପାଇଁ ୭ ଦିବସୀୟ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଧ୍ୟକ୍ଷ ସନ୍ଦୀପ କୁମାର ଚାନ୍ଦଙ୍କ ଦ୍ୱାରା ଉଦଘାଟିତ ହୋଇଛି। କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ପୁଷ୍ପାଞ୍ଜଳି ଟିପିରିଆ ଏବଂ ସହଅଧିକାରୀ ଡ. ନିବେଦିତା ପାତ୍ର ଓ ଲିଲି ଥୟାଲ ଉପସ୍ଥିତ ବାଳିକାମାନଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଉକ୍ତ ଉଦଘାଟନୀ ଉତ୍ସବରେ ପ୍ରାୟ ୧୫୦ ଜଣ ବାଳିକା ଯୋଗଦାନ କରିଥିଲେ। ଆଗାମୀ ସାତ ଦିନ ଧରି ପ୍ରଶିକ୍ଷିକା ଶୁଭପ୍ରିୟା ଦାସ ଓ ସତ୍ୟଭାମା ଦେଓ ବାଳିକାମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦେଇଥିଲେ।

● ଜାତୀୟ ଶିଶୁ କନ୍ୟା ଦିବସ ପାଳିତ

# ଲିଙ୍ଗଗତ ବୈଷମ୍ୟତାକୁ ଦୂରକରି ଝିଅମାନେ ଆଗେଇ ଆସିବାକୁ ଆହ୍ୱାନ

**ବାରିପଦା, ୨୪।୧(ସମିସ)**

ମୟୂରଭଞ୍ଜ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଏବଂ ସମଗ୍ର ଶିକ୍ଷା ଅନୁକୂଲ୍ୟରେ ଜାତୀୟ ଶିଶୁ କନ୍ୟା ଦିବସ ବାରିପଦା ଷ୍ଟାଡ଼ିୟମ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଉଦ୍‌ଘାଟନ କରି ଉପସ୍ଥିତ କନ୍ୟା ସନ୍ତାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ 'ବେଟି ବଚାଓ ବେଟି ପଢାଓ' ଯୋଜନା ଏବଂ ବିଜୁ କନ୍ୟା ରତ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ କହିଥିଲେ। ଲିଙ୍ଗଗତ ବୈଷମତାକୁ ଦୂର କରି ଝିଅମାନେ ଆଗେଇ ଆସିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ କନ୍ୟା ସନ୍ତାନମାନେ କିପରି ସମାଜରେ ଆଗକୁ ଆସିପାରିବେ ସେ ନେଇ ବାଳିକାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରଞ୍ଜନୀକାନ୍ତ ସ୍ୱାଇଁ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଉପସ୍ଥିତ ରହି କନ୍ୟା ସନ୍ତାନମାନଙ୍କୁ ଉତ୍ସାହିତ ମୂଳକ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା ଉପସ୍ଥିତ ରହି କନ୍ୟା ସନ୍ତାନମାନଙ୍କୁ ଉତ୍ସାହିତ କରିବା ସହିତ ସମାଜରେ କିପରି ନିଜକୁ ପ୍ରତିଷ୍ଠା କରିପାରିବେ ସେ ସମ୍ପର୍କରେ ଉତ୍ସାହ ମୂଳକ ବାର୍ତ୍ତା ଦେଇଥିଲେ। ଓରମାସର ଡେପୁଟି ସିଇଓ ବିମାନ ମଲ୍ଲ ଉପସ୍ଥିତ ରହି କନ୍ୟା ସନ୍ତାନମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ବାଳିକାମାନେ ଦକ୍ଷତା ତାଲିମ ଗ୍ରହଣ କରି କିପରି ନିଜକୁ ନିଜ ଗୋଡ଼ରେ ଛିଡା କରିବେ ସେ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଝିଅ ପିଲା ମାନଙ୍କ ମଧ୍ୟରେ ବକ୍ତୃତା, ସଂଗୀତ, ଏକକ ଅଭିନୟ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଉନ୍ନୀତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମଧ୍ୟରେ ବିଭିନ୍ନ ବ୍ଲକର ୧୨ ଜଣ ବାଳିକା ଯେଉଁମାନେ ବାଲ୍ୟ ବିବାହକୁ ନା କହି ପଢା ଜାରି ରଖିଛନ୍ତି ସେମାନଙ୍କୁ ଜିଲ୍ଲାପାଳ ସମ୍ବୋଧନ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ଯତ୍ନ ଅନୁଷ୍ଠାନର ବାଳିକା ଏବଂ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାଳିକାଙ୍କୁ ମିଶାଇ ୨୦୦ରୁ ଅଧିକ ବାଳିକା ଭାଗ ନେଇଥିଲେ। ବାଳିକା ମାନେ ଦିନସାରା ନାଚ ଗୀତ ଏବଂ ଆମୋଦ ପ୍ରମୋଦ ମାଧ୍ୟମରେ ଦିନଟିକୁ ପାଳନ କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ସମଗ୍ର ଶିକ୍ଷାର ବାଳିକା ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି ଧନ୍ୟବାଦ ଦେଇଥିଲେ।






# ଛାତ୍ରଛାତ୍ରୀଙ୍କ ଶିକ୍ଷାଭିତ୍ତିକ ପରିଭ୍ରମଣ

**ବାରିପଦା, ୨୪।୧(ସମିସ):** ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନାସୀ ଆଣ୍ଡ ମ୍ୟାନେଜମେଣ୍ଟର ପଦାର୍ଥ ବିଜ୍ଞାନ ଓ ରସାୟନିକ ବିଜ୍ଞାନ ବିଭାଗ ସ୍ନାତକ ଓ ସ୍ନାତକୋତ୍ତରର ଛାତ୍ରଛାତ୍ରୀ ଶିକ୍ଷା ଭିତ୍ତିକ ପରିଭ୍ରମଣ ନିମନ୍ତେ ସମ୍ବଲପୁର ଅଭିମୁଖେ ଯାତ୍ରା କରିଥିଲେ। ବିଭାଗୀୟ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ତତ୍ତ୍ୱାବଧାନରେ ହୀରାକୁଦ ବନ୍ଧ, ମା' ସମଲେଶ୍ୱରୀ ମନ୍ଦିର, ମା' ଘଣ୍ଟେଶ୍ୱରୀ ମନ୍ଦିର ଏବଂ ହୁମା ମନ୍ଦିର ପରିଭ୍ରମଣ କରିଥିଲେ। ପ୍ରଥମେ ହୁମା ମନ୍ଦିର ପରିଭ୍ରମଣ କରି ମା' ସମଲେଶ୍ୱରୀଙ୍କ ଦର୍ଶନ ନିମନ୍ତେ ଯାତ୍ରା କରିଥିଲେ। ସମ୍ବଲପୁରର ଆରାଧ୍ୟ ଦେବୀ ମା' ସମଲେଶ୍ୱରୀଙ୍କ ମହିମା ଏବଂ ଆବିର୍ଭାବର କିମ୍ବଦନ୍ତୀ ତଥ୍ୟ ସଂଗ୍ରହ କରିଥିଲେ। ପରେ ହୀରାକୁଦ ବନ୍ଧରେ ପହଞ୍ଚିଥିଲେ। ବନ୍ଧର ବିଶେଷତ୍ୱ ବିଦ୍ୟୁତର ଉତ୍ପତ୍ତି, ଜଳର ବିଭାଜନତା ଓ ବିଦ୍ୟୁତ୍ ଶକ୍ତିର ଗୁରୁତ୍ୱ ବିଷୟରେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ମଦନ ମୋହନ ସାହୁ ଏବଂ ଅଧ୍ୟାପିକା ଦେବଶ୍ରିତା ବିଶ୍ୱାଳ, ମୀନାକ୍ଷୀ ସାହୁ ଏବଂ ଅଧ୍ୟାପକ ପ୍ରୀତମ୍ କୁମାର ମହାନ୍ତ, ଅଧ୍ୟାପିକା ଦିପ୍ତିଶ୍ରୀ ବେହେରା ଓ ପୂର୍ଣ୍ଣିମା ମହାନ୍ତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଲୋଚନା କରିଥିଲେ। ମା' ଘଣ୍ଟେଶ୍ୱରୀଙ୍କ ଦର୍ଶନ କରିବା ସହ ଓଡିଶା ଏବଂ ଓଡିଶାରେ ଦୈବୀ ଶକ୍ତିର ଅବସ୍ଥିତ ଓ ଉପାଦେୟତା ଉପରେ ଆଲୋଚନା କରିଥିଲେ।




ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମିର ସଠିକ ପରିଚାଳନା ଯୋଜନା

# ୪୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ବିହନ ଓ ଉପକରଣ ବଣ୍ଟନ

**ରାସଗୋବିନ୍ଦପୁର, ୨୪।୧(ସମିସ)**

କୃଷି ଓ କୃଷକ ବିଭାଗ ଓଡିଶା ସରକାର ଓ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ସହାୟତାରେ ମୟୂରଭଞ୍ଜ ଜିଲ୍ଲା ରସଗୋବିନ୍ଦପୁର ବ୍ଲକରେ ସ୍ୱେଚ୍ଛାସେବୀ ସଂଗଠନ ସଂଗ୍ରାମ ଏବଂ କୃଷି ବିଭାଗର ସହଯୋଗରେ ବ୍ଲକର ୧୬ଟି ପଞ୍ଚାୟରେ ୧୫୦୦ ହେକ୍ଟର ଜମିରେ ମୁଗ ଓ ୧୫୦ ହେକଟର ଜମିରେ ବିରି ଚାଷ କରାଯିବା ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ରାଜ୍ୟ ସରକାର ଧାନ ଚାଷ ପରବର୍ତ୍ତୀ ସମୟରେ ଜମି ପଡିଆ ନ ରହି ଲୋକଙ୍କ ଜୀବନଜୀବିକା ସହ ପୋଷଣ ଯୁକ୍ତ ଖାଦ୍ୟ ଉପରେ ଗୁରୁତ୍ୱ କିପରି ବୃଦ୍ଧି କରାଯାଇପାରିବ ସେ ନେଇ ଲୋକଙ୍କ ଆଗ୍ରହ ସୃଷ୍ଟି କରାଇବା ଏହାର ମୁଖ୍ୟ ଲକ୍ଷ୍ୟ। ଏଥିପାଇଁ ସରକାର ଅତି କମରେ ଏକ ଏକରରୁ ୫ ଏକର ପର୍ଯ୍ୟନ୍ତ ଜମି ଥିବା ଚାଷୀଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଇବା ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଛି। ହେକ୍ଟର ପିଛା ୨୦ କେଜି ବିହନ ସହିତ ହେକଟର ପିଛା ରାଇଜବୀୟମ କଲଚର ୨୦୦ ମି. ଲି. ବୋରକ୍ସ ୫କିଗ୍ରା., ପେଣ୍ଡିମେଥାଲିନ ୧ଲିଟର, ଟି. ଭିରିଡି ୨.୫କିଗ୍ରା., ପିଏସବି କଲଚର ୨.୫ ଲିଟର, ଆଲୋକ ଜନ୍ତା ୧ଟି ମାଗଣାରେ ଚାଷୀଙ୍କୁ ଯୋଗେଇ ଦେବାର ବ୍ୟବସ୍ଥା ରହିଛି। ସଂଗଠନ ତରଫରୁ ନିଯୁକ୍ତି ପାଇଥିବା ବ୍ଲକ କୋଅର୍ଡିନେଟର, ୮ ଜଣ କ୍ଲଷ୍ଟର କୋଅର୍ଡିନେଟର ଓ ୮୦ ଜଣ କ୍ଲଷ୍ଟର ଲିଡରଙ୍କୁ ଏ ନେଇ ୬ ମାସ ପାଇଁ ନିଯୁକ୍ତି ପ୍ରଦାନ କରାଯାଇଛି। ଗତ ୧୯ରେ ଗାଡିଘାଟି ଗ୍ରାମପଞ୍ଚାୟତ ଅଧୀନରେ ଥିବା ତୋମ୍ବାଖୁରୀ ଓ ବରହମ୍ପୁରା କ୍ଲଷ୍ଟରରେ ରବିନାରାୟଣ ପଣ୍ଡା, ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ବେତନଟୀ, ପ୍ରଦ୍ୟୁମ୍ନ ଧଳ, ସିଡିଏଓ ଇରି, ଅମ୍ବିକା ଶଙ୍କର ମହାନ୍ତି, ଶିବମ ପତ୍ର ଜିଲ୍ଲା କୋଅର୍ଡିନେଟର ଇରି, ଅତିରିକ୍ତ କୃଷି ଅଧିକାରୀ ବେତନଟୀ, ଦୁର୍ଗା ମହାନ୍ତ, କୃଷି ଅଧିକାରୀ ଗଡିଘାଟି ଗ୍ରାମପଞ୍ଚାୟତ ପ୍ରମୁଖଙ୍କ ଉପସ୍ଥିତିରେ ୪୦ରୁ ଅଧିକ ଚାଷୀଙ୍କୁ ମାଗଣା ବିହନ ବଣ୍ଟନ ଓ ଉପକରଣ ବଣ୍ଟନ କରାଯାଇଥିଲା।

# ଭଞ୍ଜସେନାର ପ୍ରତିଷ୍ଠା ଦିବସ

**ଜାମଦା,୨୪।୧(ସମିସ):** ଭଞ୍ଜସେନାର ୨୬ତମ ପ୍ରତିଷ୍ଠା ଦିବସ ସଂଗଠନର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନତାରେ ଜାମଦା ବ୍ଲକର ସଂଗଠନର କର୍ମକର୍ତ୍ତାଙ୍କୁ ନେଇ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ସୁନାରାମ ଛକଠାରେ ସୁନାରାମଙ୍କ ପ୍ରତିମୂର୍ତ୍ତିରେ ଶ୍ରୀ ଜେନା ମାଲ୍ୟାର୍ପଣ କରାଯିବା କରିଥିଲେ। ପ୍ରତିଷ୍ଠା ଦିବସରେ ଜିଲ୍ଲା ଆଦିବାସୀ ଶାଖା ସଭାପତି ବଜୁନ ହାଁସଦା, ବାମନଘାଟି ଆଦିବାସୀ ଶାଖା ସଭାପତି ସୁନ୍ଦର ମୋହନ ଟୁଡୁ, ଜିଲ୍ଲା କାର୍ଯ୍ୟକାରିଣୀ ସଭାପତି ଗବିନ୍ଦ ମୁର୍ମୁ, ଜାମଦା ବ୍ଲକ ଭଞ୍ଜସେନାର ସଭାପତି ଖିଦୁ ମର୍ଣ୍ଡି, ସେକ୍ରେଟାରୀ ଭାଗବତ ହେମ୍ବ୍ରମ, ଚନ୍ଦନ ବାସ୍କେ ପ୍ରମୁଖ ଉପସ୍ଥିତ ଥିଲେ।

# ନେତାଜୀ ଜୟନ୍ତୀରେ ରକ୍ତଦାନ ଶିବିର

**ଶୁଳିଆପଦା, ୨୪।୧(ସମିସ):** ଶୁଳିଆପଦା ବ୍ଲକ ଅନ୍ତର୍ଗତ କାଣୀମହୁଲି ପ୍ରାଥମିକ ବିଦ୍ୟାଳୟ ପରିସରରେ ଯୁବ ସମାଜସେବୀ ଦିଲ୍ଲୀପ ତୁଙ୍ଗଙ୍କ ଉଦ୍ୟମରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇ। ଶିବିରରେ ୪୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବାରିପଦା ରେଡକ୍ରସ ବିଭାଗର କର୍ମକର୍ତ୍ତା ଏବଂ ସହଯୋଗୀ, ଗଣମାଧ୍ୟମର ପ୍ରତିନିଧି ତଥା କାଣୀମହୁଲି ଅଞ୍ଚଳବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ଶ୍ରୀ ତୁଙ୍ଗ।

# ମୁଣ୍ଡାରୀ ସମ୍ପ୍ରଦାୟର 'ବୁରୁବଙ୍ଗା ମହୋତ୍ସବ' ଉଦ୍‌ଯାପିତ

**ବଡସାହି,୨୪।୧(ସମିସ)**

ବଡସାହି ପଞ୍ଚାୟତ କେନ୍ଦୁଆସାହି ବିର୍ସା ମଇଦାନରେ ଦିଶୁମ ବୁରୁବଙ୍ଗା, ବୁରୁବଙ୍ଗା ସାସାଂକିର୍ କମିଟି ଓ ବୁରୁବଙ୍ଗା ଯୁବକ ସଂଘ ଆନୁକୂଲ୍ୟରେ ମୁଣ୍ଡାରୀ ସମ୍ପ୍ରଦାୟର ୧୧ତମ ବାର୍ଷିକ 'ବୁରୁବଙ୍ଗା ମହୋତ୍ସବ' ଉଦଯାପିତ ହୋଇଯାଇଛି। ପ୍ରାରମ୍ଭରେ ମୁଣ୍ଡାରୀ ସମ୍ପ୍ରଦାୟର ପାହାନ୍ ଗମ୍‌କେ (ପୁରୋହିତ) ବସନ୍ତ କୁମାର ସିଂ, ପାହାନ୍ ମହାଦେବ ସିଂ, ସନାତନ ସିଂ, ବାଦଲ ସିଂ ଓ ରମେଶ ଚନ୍ଦ୍ର ସିଂ ପ୍ରମୁଖ ସମ୍ପ୍ରଦାୟର ଆରାଧ୍ୟ ଦେବତା ବୁରୁବଙ୍ଗା ଓ ବିର୍ସା ମୁଣ୍ଡାଙ୍କୁ ଯଥାବିଧି ପୂଜାର୍ଚ୍ଚନା କରିଥିଲେ। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭାରତ ମୁଣ୍ଡା ସମାଜର ସଭାପତି ରବୀନ୍ଦ୍ର ନାଥ ସିଂ, ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ସିଂ. ସମ୍ପାଦକ ବାଇଧର ସିଂ, ଯୁବ ସଭାପତି ସବରନ ସିଂ ପ୍ରମୁଖ ଯୋଗଦେଇ ମହୋତ୍ସବର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଣ୍ଡାରୀ ଭାଷା ସମନ୍ୱୟ ସମତିର ଉପଦେଷ୍ଟା ତଥା ମୁଣ୍ଡାରୀ ଫିଲ୍ମ ନିର୍ମାତା ଦଶରଥ ସିଂ, ସମ୍ମାନିତ ଅତିଥି ଭାବେ ମୁଣ୍ଡାରୀ ଭାଷାର ଆବାହକ ବୈଦ୍ୟନାଥ ସିଂ, ଜିଲ୍ଲା ପରିଷଦ ସଦସ୍ୟ ମଧୁସୂଦନ ସିଂ, ଜିଲ୍ଲା ସମ୍ପାଦକ ବୁଧିଆ ସିଂ, ବେତନଟୀ ବ୍ଲକ୍ ସଭାପତି ତପନ ସିଂ, ରଥ ସିଂ, ରୁହ୍ୟା ସିଂ ଓ ଶ୍ୟାମାଖୁଣ୍ଟା ବ୍ଲକ୍‌ର ସଦସ୍ୟ ଶୁକଦେବ ସିଂ ପ୍ରମୁଖ ଯୋଗଦେଇ ମୁଣ୍ଡା ଓ ଭୂମିଜ ସମ୍ପ୍ରଦାୟର ଆରାଧ୍ୟ ଦେବତା ବୁରୁବଙ୍ଗାଙ୍କ ଆଶୀର୍ବାଦ କାମନା କରି ସମସ୍ତ ଜୀବଜଗତର ହିତ କାମନା କରିବା ସହିତ ସମାଜରେ ଭାଇଚାରାର ସମ୍ପର୍କକୁ ଦୃଢ କରିବା ଉପରେ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ମୁନୁମଣୀ ସିଂ, ଝୁଟ ବ୍ଲକ୍ ମୁଣ୍ଡାରୀ ଭାଷା ସମନ୍ୱୟ ସମତିର ସଭାପତି ରାଙ୍ଗା ସିଂ, ସମ୍ପାଦକ ସିଂଜୟ ସିଂ, ଲମ୍ବୋଦର ସିଂ, ସମବାରୀ ସିଂ ଓ ସମାଜସେବୀ ଗୀତାଞ୍ଜଳୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ମୁଣ୍ଡାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୁଧିଆ ସିଂ ଅତିଥି ପରିଚୟ ଦେଇଥିଲେ। ପାଖଆଖ ଗାଁର ଶତାଧିକ ମହିଳା ପୁରୁଷ ଯୋଗଦେଇ ଭଗବାନ ବୁରୁବଙ୍ଗା ଓ ଭଗବାନ ବିର୍ସା ମୁଣ୍ଡାଙ୍କୁ ଭୋଗ ସମର୍ପଣ କରି ଆରାଧନା କରିଥିଲେ। ଶେଷରେ କମିଟି ଉପସଭାପତି ପୁଲକ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।






# ଦୁଇଦିନିଆ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ

**ବାରିପଦା, ୨୪।୧(ସମିସ)**

ବିଶିଷ୍ଟ ସ୍ୱାଧୀନ ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ମୟୂରଭଞ୍ଜ ୟୁନାଇଟେଡ ସ୍ପୋର୍ଟ୍ସ କଲଚରାଲ ଆଣ୍ଡ ଆର୍ଟ ଆସୋସିଏସନ (ମୁସ୍କାନ) ଆନୁକୂଲ୍ୟରେ କଲେଜ ପଡିଆଠାରେ ଦୁଇ ଦିନିଆ ଦିବାରାତ୍ର ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ଗ୍ରାମାଞ୍ଚଳ ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ମଧୁପୁରା ଦଳ ୫ମ ବାଟାଲିୟନ ଦଳକୁ ସିଧାସଳଖ ୨-୦ ସେଟରେ ପରାସ୍ତ କରି ଚମ୍ପିଆନ ହୋଇଥିଲେ। ଗ୍ରାମାଞ୍ଚଳ ପ୍ରତିଯୋଗିତାରେ ମୋଟ ୫ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଖେଳରେ ମୁଖ୍ୟଅତିଥି ଭାବେ ୫ମ ବାଟାଲିୟନ ସହକାରୀ କମାଣ୍ଡାଣ୍ଟ ବିଜୟ କୁମାର ମୁର୍ମୁ ଯୋଗଦେଇ ଉଦଘାଟନ କରିଥିବା ବେଳେ ଉଦଯାପନୀ ସମାରୋହରେ ଭିଜିଲାନ୍ସ ଡେପୁଟି ଏସପି ଜୟନ୍ତୀ ଦଲାଇ ଚମ୍ପିଆନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସେହିଭଳି ଦ୍ୱିତୀୟ ଦିବସରେ ଜାତୀୟ ପ୍ରତିଯୋଗିତାର ଉତ୍ତରପ୍ରଦେଶର ରାଇଜିଂ କ୍ଲବ, ନୂଆଦିଲ୍ଲୀର ସେଞ୍ଚୁରିଆନ କ୍ଲବ, ଭଦ୍ରକର ସୂର୍ଯ୍ୟଶିଖା ଓ ଭୁବନେଶ୍ୱର କିଟକୁ ମିଶାଇ ମୋଟ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ସୂର୍ଯ୍ୟଶିଖା ଦଳ କିଟ ଦଳକୁ ସିଧାସଳଖ ୨-୦ ସେଟରେ ପରାସ୍ତ କରି ଚମ୍ପିଆନ ହୋଇଥିଲେ। ଏହି ପ୍ରତିଯୋଗିତାରେ ସର୍ବୋତ୍କୃଷ୍ଟ ଖେଳାଳିଭାବରେ ଭୁବନେଶ୍ୱର କିଟ୍ ଦଳର ଲାଡେନଙ୍କୁ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଟ୍ରଫି ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ବିଶିଷ୍ଟ ସମାଜସେବୀ ଗିରୀଶ ଚନ୍ଦ୍ର ଦାସ ଯୋଗଦେଇ ଖେଳାଳି ତଥା ଆୟୋଜକଙ୍କୁ ଉତ୍ସାହିତ କରିଥିଲେ।। ରେଫେରୀ ରାଜେଶ କୁମାର ଦାସ, କମଳାକାନ୍ତ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ପରିଶେଷରେ ମୁସ୍କାନର ସଭାପତି ସୁକାନ୍ତ କୁମାର ଦେ ଓ ସମ୍ପାଦକ ସ୍ୱପନ କୁମାର ପ୍ରଧାନ ଧନ୍ୟବାଦ ଜ୍ଞାପନ ଅର୍ପଣ କରିଥିଲେ।








## ରେମୁଣା ମହୋତ୍ସବ ଉଦ୍‌ଘାଟିତ



**ବାଲେଶ୍ୱର, ୨୪।୧(ସମିସ):** ପାଗର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ବାଲେଶ୍ୱର ସହର ସଂଲଗ୍ନ ରେମୁଣା ଏନଏସି ମହୋତ୍ସବ ପଡ଼ିଆରେ ବୁଧବାର ଦିନ ୧୬ତମ ରେମୁଣା ମହୋତ୍ସବ ଉଦଘାଟିତ ହୋଇଯାଇଛି। ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ପ୍ରାକ୍ତନ ନୀଳଗିରି ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗ ଯୋଗଦେଇ ରେମୁଣାର ପ୍ରାକ୍ତନ ଐତିହ୍ୟକୁ ଉଜ୍ଜୀବିତ କରିବାରେ ରେମୁଣା ମହୋତ୍ସବର ଆୟୋଜନ କରାଯିବା ଏକ ଅନନ୍ୟ ପ୍ରଚେଷ୍ଟା ବୋଲି କହିଥିଲେ। ସମ୍ପାଦକ ସନ୍ତୋଷ କୁମାର ରଣା ମହୋତ୍ସବ କମିଟିର ବାର୍ଷିକ ବିବରଣୀ ପାଠ କରିଥିଲେ। କମିଟିର ସଭାପତି ବିଶ୍ୱମ୍ବର ପଟ୍ଟନାୟକ ସ୍ୱାଗତ ସମ୍ଭାଷଣ କରିଥିଲେ। ନାଟ୍ୟକାର ପ୍ରଦୀପ୍ତ କୁମାର ମିଶ୍ର ଅତିଥି ମାନଙ୍କୁ ମଞ୍ଚ ଆବାହନ କରିଥିଲାବେଳେ ରାଧାରଞ୍ଜନ ଦାସ ଉତ୍ସବ କମିଟି ତରଫରୁ ଧନ୍ୟବାଦ ଦେଇଥିଲେ।

## ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ




**ବାଲେଶ୍ୱର, ୨୪।୧(ସମିସ):** ବାଲେଶ୍ୱର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପଠାରେ ବୁଧବାର ଦିନ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଦେବଙ୍ଗନା ବାରିକ ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲପାଳ ସୁଧାକର ନାୟକ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି କନ୍ୟା ଅମୂଲ୍ୟ ରତ୍ନ ଓ ଦେଶ ଗଢିବାରେ ମହିଳା ମାନଙ୍କର ଭୁମିକା ଗୁରତ୍ୱପୂର୍ଣ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ କନ୍ୟା ସନ୍ତାନ ମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହିତ ଏକ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିଶୁ ମଙ୍ଗଳ କମିଟି ର ଅଧ୍ୟକ୍ଷ ଡ଼ ମୃତ୍ୟୁଞ୍ଜୟ ପଣ୍ଡା, ସଦସ୍ୟା ମିନତୀ କର, ଡାକ୍ତର ବିକାଶ ରଞ୍ଜନ ଦାସ ଓ ସାଇବର କ୍ରାଇମ ଅଧିକାରୀ ଡମ୍ବରୁଧର ସାସମାଳ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ କନ୍ୟା ସନ୍ତାନଙ୍କ ବିକାଶ ଓ ସରକାରୀ ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଦେବାଙ୍ଗନା ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଇଥିଲା ବେଳେ ଏଥିରେ ଜିଲ୍ଲାର ଛଅଟି ସିସିଆଇ ର ଏକ ଶହରୁ ଉର୍ଦ୍ଧ ଶିଶୁ ସନ୍ତାନ ଯୋଗଦେଇ ଥିଲେ।

● ବଦଳିଲେ ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ୍‌

## ଯୋଗଦେବେ ସତ୍ୟବ୍ରତ ଭୋଇ



**ବାଲେଶ୍ୱର, ୨୪।୧(ସମିସ):** ବୁଧବାର ଆଇପିଏସ ସ୍ତରରେ ବଡ ଅଦଳବଦଳ ହୋଇଛି। ବାଲେଶ୍ୱର ପୂର୍ବାଂଚଳ ଆଇଜି ହିମାଂଶୁ ଲାଲଙ୍କ ବଦଳି ହୋଇଛି। ସେ ଏଠାରେ ଦୀର୍ଘଦିନ କାର୍ଯ୍ୟରତ ଥିବା ବେଳେ ତାଙ୍କର ବଦଳି ଉତ୍ତରାଂଚଳ ଆଇଜି ଭାବେ ହୋଇଛି। ତାଙ୍କ ସ୍ଥାନରେ ଦକ୍ଷିଣାଂଚଳ ଆଇଜି ଭାବେ କାର୍ଯ୍ୟରତ ଥିବା ସତ୍ୟବ୍ରତ ଭୋଇଙ୍କର ବଦଳି ହୋଇଛି। ତେବେ ସେ ଏଠାରେ ପୂର୍ବାଂଚଳ ଆଇଜି ଭାବେ ଯୋଗଦେବେ।

# ବର୍ଷା ଯୋଗୁ ବଢ଼ିଲା ଶୀତ

**ବାଲେଶ୍ୱର, ୨୪।୧(ସମିସ):**

ଲଘୁଚାପଜନିତ ବର୍ଷା ପାଇଁ ବାଲେଶ୍ୱର ଜିଲ୍ଲାରେ ଶୀତର ପ୍ରକୋପ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଅଚାନକ ବଢ଼ିଛି ଶୀତର ପ୍ରକୋପ। ଗତ କିଛି ଦିନ ହେଲାଣି ପାଗ କୋହଲା କରୁଥିବା ବେଳେ ବର୍ଷା ମଧ୍ୟ ହେଉଛି। ଏହା ଫଳରେ ସକାଳ ଠାରୁ ରାତି ପର୍ଯ୍ୟନ୍ତ ଶୀତର ପ୍ରକୋପ ଅଧିକ ବଢ଼ିବାରେ ଲାଗିଛି। ଏହି ବଢୁଥିବା ଶୀତ ପାଇଁ ବୟସ୍କଙ୍କ ଚିନ୍ତା ବଢ଼ାଇ ଦେଇଥିବା ବେଳେ ରାସ୍ତା କଡରେ ଅସହାୟ ଭାବେ ପଡ଼ିରହିଥିବା ଲୋକଙ୍କ ସମସ୍ୟା ଅଧିକ ଦ୍ୱିଗୁଣ ହୋଇଯାଇଛି। ଏପରିକି କୁହୁଡି ଓ କାକର ପଡୁଥିବା ବେଳେ ଏବେ ବର୍ଷା ଲୋକଙ୍କୁ ଅଧିକ ଭୟଭୀତ କରିଛି। ଫଳରେ ଆସନ୍ତା ମାସ ପର୍ଯ୍ୟନ୍ତ ଏହି ଶୀତର ପ୍ରକୋପ ରହିବ ବୋଲି ବାଲେଶ୍ୱର ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହାସହ ହାଡଭଙ୍ଗା ଶୀତ ପଡ଼ିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସୂଚନା ଅନୁସାରେ, ୨୦୧୮ ଡିସେମ୍ବର ୨୮ରେ ଜିଲ୍ଲାର ସର୍ବନିମ୍ନ ତାପମାତ୍ରା ୭.୮ଡିଗ୍ରୀ ଥିବା ବେଳେ ୨୦୧୯ ଡିସେମ୍ବର ୩୦ରେ ତାହା ୭.୬ଡିଗ୍ରୀ ରହିଥିଲା। ଅନ୍ୟପଟେ ୨୦୨୦ମସିହା ଡିସେମ୍ବର ମାସ ଆରମ୍ଭରେ ଶୀତର ପ୍ରକୋପ ବିଶେଷ ଭାବେ ନଥିବା ବେଳେ ୨୦ତାରିଖ ପପର୍ଯ୍ୟନ୍ତ ୧୭ରୁ ୧୮ଡିଗ୍ରୀ ସେଲସିୟସ ରହିଆସୁଥିଲା। ହେଲେ୨୧ତାରିଖରେ ପାରଦ ଖସି ୧୧.୫ ଥିବା ବେଳେ୨୨ତାରିଖରେ ୧୧.୮, ୨୩ତାରିଖରେ୧୨.୨ ଡିଗ୍ରୀ ରହିଥିଲା। ସେହିପରି୨୪ତାରିଖରେ୧୨.୮ଡିଗ୍ରୀ ଥିବା ବେଳେ୨୫ତାରିଖରେ ୧୩.୭ଡିଗ୍ରୀ ରହିଥିଲା। ସେହପରି ୨୬ତାରିଖରେ ୧୩.୧ଡିଗ୍ରୀ ଥିବା ବେଳେ ୨୭ତାରିଖରେ ତାହା ୧୨ଡିଗ୍ରୀ ସେଲସିୟସ ରହିଛି। ଏହାଛଡା ଚଳିତ ବର୍ଷ ୧୫ତାରିଖରେ ଏହାର ପାରଦ ୧୪.୭ ଥିବା ବେଳେ ୧୬ତାରିଖରେ ୧୬.୮, ୧୭ତାରିଖରେ ୧୮.୨, ୧୮ତାରିଖରେ୧୬.୮ ରହିଥିବା ବେଳେ୧୯ତାରିଖରେ୧୬.୪, ୨୦ତାରିଖରେ୧୭.୧, ୨୧ତାରିଖରେ ୧୩.୩, ୨୨ତାରିଖରେ ୧୩.୧, ୨୩ତାରିଖରେ ୧୫.୯ ରହିଥିବା ବେଳେ ଆଜି ୧୫.୯ ରହିଛି। ଆଗାମୀ ଦିନରେ ଏହି ପାରଦ ଆହୁରି ୫ଡିଗ୍ରୀ ତଳୁକୁ ଖସିବାର ସମ୍ଭାବନା ରହିଛି ପାଣିପାଗ ବିଭାଗର ମୁଖ୍ୟ ମୋହନ ଦାସ ସୂଚନା ଦେଇଛନ୍ତି। ଅନ୍ୟପଟେ ୨୦୨୩ମସିହାରେ ଜିଲ୍ଲାରେ ସର୍ବନିମ୍ନ ପାରଦ ଜାନୁଆରୀ ୭ତାରିଖରେ ୯.୭ସେଲସିୟସ ରହିଥିଲା। ଚଳିତ ବର୍ଷ ଏହି ସଂଖ୍ୟା ଛୁଇଁବାର ଅଧିକ ସମ୍ଭାବନା ରହିଛି। କାରଣ ଲଘୁଚାପ ଜନିତ ବର୍ଷା ଫଳରେ ଏହି ପାରଦ ତଳୁକ ଖସିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ବିଶେଷ କରି ବାଲେଶ୍ୱର ଜିଲ୍ଲାକୁ ଗୋଟିଏ ପଟେ ସମୁଦ୍ର ଘେରିଥିବା ବେଳେ ଅନ୍ୟପଟେ ପାହାଡ ଘେରି ରହିଛି। ଫଳରେ ଶୀତର ଅନୁଭୂତ ଅଧିକ ହୋଇଥାଏ। ବିଶେଷ କରି ଡିସେମ୍ବର ମାସ ଶେଷ ସପ୍ତାହ ଠାରୁ ଜାନୁଆରୀ ମାସର ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ଶୀତର ପ୍ରକୋପ ଅଧିକ ହୋଇଥାଏ। ଚଳିତ ବର୍ଷ କିନ୍ତୁ ତାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଚଳିତ ବର୍ଷ ଏହି ଶୀତ ଜାନୁଆରୀ ଶେଷ ସୁଦ୍ଧ ଅଧିକ ରହିବ। ଏହି ଶୀତ ଏବେ ଲୋକମାନଙ୍କୁ ଅସହ୍ୟ କରିଛି। ବିଶେଷ କରି ବୟସ୍କ ଲୋକଙ୍କ ପାଇଁ ଏହା ବହୁ ସମସ୍ୟା ସୃଷ୍ଟି କରିବ। ସନ୍ଧ୍ୟାରେ ଅଧିକମାତ୍ରାରେ ଶୀତ ଅନୁଭୂତ ହେଉଥିବା ବେଳେ ଲୋକେ ନିଆଁ ଜାଳି ବସୁଥିବାର ଦେଖିବାକୁ ମିଳୁଛି। ଏପରିକି ସହର ଅପେକ୍ଷା ଗାଁ ଗହଳିରେ ଅଧିକ ଶୀତ ଅନୁଭୂତ ହେଉଛି। ବିଶେଷ କରି ରାସ୍ତା କଡରେ ଜୀବନ ବିତାଉଥିବା ଲୋକେ ଏବେ ବହୁ କଷ୍ଟରେ ରହୁଛନ୍ତି। ସେମାନେ ଘୋଡିବା ପାଇଁ କମ୍ବଳ ଖଣ୍ଡେ ପାଉନଥିବା ବେଳେ ଯିଏ ଯାହା ଦେଉଛନ୍ତି ସେଥିରେ ସେମାନେ ଚଳୁଛନ୍ତି। କିଛିଦିନ ଧରି ଶୀତର ଲହରୀ ବୃଦ୍ଧି ପାଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଏବେ ଶୀତବସ୍ତ୍ର ଦୋକାନରେ ଭିଡ ପରିଲକ୍ଷିତ ହେଉଛି। ଏନେଇ ଜଣେ ସହରବାସୀ ଧରମଜିତ ମହାନ୍ତିଙ୍କ କହିବା ଅନୁସାରେ, ଚଳିତ ବର୍ଷ ଶୀତର ପ୍ରକୋପ ବୃଦ୍ଧି ପାଉଛି। ଫଳରେ ଶୀତ ପ୍ରବଳ ଅନୁଭୂତ ହେଉଛି। ଲଘୁଚାପ ଜନିତ ବର୍ଷା ଓ କୋହଲା ପାଗ ପାଇଁ ଏହି ଶୀତ ଅଧିକ ବଢୁଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ସତର୍କ ହୋଇ ରହିଛୁ ବୋଲି କହିଛନ୍ତି।




## ବାଲେଶ୍ୱର ସଦର ପଞ୍ଚାୟତ ସମିତିର ପ୍ରଥମ ବୈଠକ

**ବାଲେଶ୍ୱର, ୨୪।୧(ସମିସ):** ଚଳିତ ବର୍ଷରେ ବାଲେଶ୍ୱର ସଦର ପଞ୍ଚାୟତ ସମିତିର ପ୍ରଥମ ବୈଠକ ବୁଧବାର ଦିନ ବ୍ଲକ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଦର ବିଧାୟକ ସ୍ୱରୂପ କୁମାର ଦାସ, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ସଦର ବ୍ଲକର ସଭାପତି ସୁନିତା ବେହେରା, ସଦର ବିଡ଼ିଓ ସମରଜିତ କର, ଏବିଡ଼ିଓ ଅଶୋକ କୁମାର ଦାଶ ଉପସ୍ଥିତ ରହି ସମସ୍ତ ପଞ୍ଚାୟତ ଗୁଡିକର ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ କରିବା ସହିତ ୨୦୨୩-୨୪ ଆର୍ଥିକ ବର୍ଷରେ ନୂତନ କାର୍ଯ୍ୟ କରିବା ବାବଦରେ ଆଲୋଚନା କରିଥିଲେ। ବୈଠକରେ ଉପସ୍ଥିତ ଥିବା ସରପଞ୍ଚ ମାନେ ଏନଆରଇଜିଏସ କାର୍ଯ୍ୟରେ ଅର୍ଥ ମିଳିବା ଏବଂ ପ୍ରତିମାସ କାହିଁକି ନିୟମିତ ବୈଠକ ହେଉ ନାହିଁ ବୋଲି ପ୍ରଶ୍ନ ଉଠାଇ ଅସନ୍ତୋଷ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଏନଆରଇଜିଏସ ଅର୍ଥ କିପରି ପାଇବେ, ତାହା ଉପରେ ବିଡ଼ିଓ କର ନିଜର ମତାମତ ରଖିଥିଲେ। ବିଧାୟକ ଶ୍ରୀ ଦାସ ଉପସ୍ଥିତ ସରପଞ୍ଚ ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା ଯୁବ ଓଡ଼ିଶା କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ବକ୍ତବ୍ୟରେ କହିଥିଲେ। ସେହିଭଳି ଜିଲ୍ଲାପରିଷଦ ସଭାପତି ଶ୍ରୀ ପ୍ରଧାନ, ସମିତି ବୈଠକକୁ ନିୟମିତ ପ୍ରତିମାସ କରିବା ପାଇଁ ସଦର ବିଡ଼ିଓ ଏବଂ ସମିତି ସଭାପତିଙ୍କୁ କହିଥିଲେ। ଜନ ସାଧାରଣ ସହଯୋଗର ହାତ ବଢ଼ାଇଲେ, ସମିତିର କାର୍ଯ୍ୟ ଠିକଠାକ ଭାବରେ ପରିଚାଳିତ ହେଇ ପାରିବ ବୋଲି ସମିତି ଅଧ୍ୟକ୍ଷା ସୁନିତା ବେହେରା ନିଜ ବକ୍ତବ୍ୟରେ କହିଥିଲେ। ତେବେ ଆଜିର ଏହି ବୈଠକରେ ପଞ୍ଚାୟତ ସମିତି ଅଦ୍ଧକ୍ଷା ସୁନିତା ବେହେରା ସଭାପତିତ୍ୱ କରିଥିଲାବେଳେ ଏଥିରେ ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ୩୭ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ହେଇ ନିଜନିଜ ପଞ୍ଚାୟତର ସମସ୍ୟା ଉପସ୍ଥାପନ କରିଥିଲେ।



## ସରକାର ବାବାଙ୍କ ଜୟନ୍ତୀରେ ରକ୍ତଦାନ ଶିବିର

**ବାଲେଶ୍ୱର, ୨୪।୧(ସମିସ):** ଭଦ୍ରକର ଧର୍ମଗୁରୁ ସୟଦ ୱାସିମ ଅଖତର କାଦ୍ରି ବା ଛୋଟ ସରକାର ବାବାଙ୍କ ଜୟନ୍ତୀ ଅବସରରେ ଅଖିଳ ଭାରତୀୟ ଦୁଃଖୀ ସମାଜ ବାଲେଶ୍ୱର ଶାଖା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ଦରଘା ମୈଦାନରେ ଆଜି ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ସଦର ବିଧାୟକ ସ୍ୱରୂପ ଦାସ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ପୌରାଧ୍ୟକ୍ଷା ସବିତା ସାହୁ, ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ରଞ୍ଜନ ବାଗ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ରକ୍ତଦାନ ଭଳି ସମାଜ କଲ୍ୟାଣ କାର୍ଯ୍ୟକ୍ରମ ମାଧ୍ୟମରେ ସମାଜ ସଂସ୍କାରକ ଛୋଟ ସରକାର ବାବାଙ୍କ ଜନ୍ମ ଦିବସକୁ ପାଳନ କରିବା ନିଷ୍ପତି ବେଶ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅତିଥିମାନେ କହିଥିଲେ। ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ ଡ. ବସନ୍ତ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଜିଲ୍ଲା ରକ୍ତଭଣ୍ଡାର ଓ କଟକ ରକ୍ତ ଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ। ଛୋଟ ସରକାର ବାବାଙ୍କ ଜୟନ୍ତୀ ଅବସରରେ ଅଖିଳ ଭାରତୀୟ ଦୁଃଖୀ ସମାଜ ବାଲେଶ୍ୱର ଶାଖା ପକ୍ଷରୁ ସକାଳେ ସହର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଖିଳ ଭାରତୀୟ ଦୁଃଖୀ ସମାଜ ପକ୍ଷରୁ ବାଲେଶ୍ୱର ସହର ସମେତ ସୋର, ଜଳେଶ୍ୱର ଓ ବାରିପଦାରେ ମଧ୍ୟ ଅନୁରୂପ ଭାବେ ରକ୍ତଦାନ ଶିବିର ଆୟୋଜନ ହୋଇଥିବା ସଙ୍ଗଠନର ଜିଲ୍ଲା ସଭାପତି ଶେଖ ଆୟୁବ ସୂଚନା ଦେଇଛନ୍ତି। ସଙ୍ଗଠନର ସମ୍ପାଦକ ନାତିକ ଖାନ, ସଦର ଶାଖା ସଭାପତି ଶେଖ ଅନସର ଓ ଟାଉନ ସଭାପତି ରଜାବ ଅଲ୍ଲୀଙ୍କ ନେତୃତ୍ୱରେ ଶେଖ ମେହେମୁଦ, ଶେଖ ଭାନୁ, ଶେଖ ଅସଲମ, ଶେଖ ଜାମିଲ, ଶେଖ ପପି, ଶେଖ ହାଫିଜ, ଶେଖ ଆଲାଉଦ୍ଦିନ, ମହମ୍ମଦ ହୁମାୟୁନ, ଶେଖ ଶବିର, ଶେଖ ଅସିଫ, ଶେକ ଏକୁନୁଦ୍ଦିନ, ହାଇଦର ଖାନ ପ୍ରମୁଖ ଯୋଗଦେଇ ଶିବିର ପରିଚାଳନା କରିଥିଲେ।



ଜିଲ୍ଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳନ ଉତ୍ସବ

# ଜଳର ଉତ୍ତମ ବିନିଯୋଗ ଉପରେ ଗୁରୁତ୍ୱାରୋପ



**ବାଲେଶ୍ୱର, ୨୪।୧(ସମିସ):**

ବାଲେଶ୍ୱର ଜିଲ୍ଲା ଜଳସମ୍ପଦ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଉତ୍ସବ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ଷୁଦ୍ର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୁଶିଲ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା କୃଷି ଅଧିକାରୀ ସରୋଜ କୁମାର ମହାପାତ୍ର ଯୋଗଦେଇଥିଲେ। କେବଳ ମାତ୍ର ପକ୍ଷ ପାଳନରେ ସଚେତନତା କାର୍ଯ୍ୟକ୍ରମକୁ ସୀମିତ ନ ରଖି ବର୍ଷତମାମ ବିଭିନ୍ନ ପାଣି ପଞ୍ଚାୟତର ଚାଷୀମାନଙ୍କୁ ଜଳର ଉତ୍ତମ ବିନିଯୋଗ, ଜଳ ସଂରକ୍ଷଣ, ଜଳର ଗୁଣବତ୍ତା, ନୂତନ ଜ୍ଞାନକୌଶଳର ପ୍ରୟୋଗ, ଶେଷ ମୁଣ୍ଡରେ ଥିବା ଚାଷୀଙ୍କ ଚାଷ ଜମିକୁ ଜଳଯୋଗାଣ, କେନାଲର ରକ୍ଷଣାବେକ୍ଷଣ ଉପରେ ପଦକ୍ଷେପ ନେବା ନିମନ୍ତେ ସଚେତନତା ସୃଷ୍ଟି କରିବା ଦିଗ ଉପରେ ଆଲୋଚନା କରିଥିଲେ।

ଏଥିରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ଉଦ୍ୟାନ ବିଭାଗ ଅଧିକାରୀ ପ୍ରଦୀପ କୁମାର ବଳ, ଜିଲ୍ଲା ଉଠାଜଳସେଚନର ସହକାରୀ ଅଧିକାରୀ ସୁରେଶ ଚନ୍ଦ୍ର ଦେ, ଜଳେଶ୍ୱର ଉଠାଜଳସେଚନର ଡିଭିଜନର ନିର୍ବାହୀଯନ୍ତ୍ରୀ ଅରବିନ୍ଦ ସାହୁ, ବାଲେଶ୍ୱର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସ୍ୱାଗତିକା ସାହୁ, ଡ୍ରେନେଜ ବିଭାଗର ମୁଖ୍ୟ ପ୍ରଣବ କୁମାର ନାୟକ, ଜିଲ୍ଲା କୃଷି ବିଭାଗର ତୁଷାରକାନ୍ତି ତୁଙ୍ଗ ପ୍ରମୁଖ ଯୋଗଦେଇ କୃଷି ପ୍ରଧାନ ରାଜ୍ୟ ଭାବେ ପରିଗଣିତ ଓଡ଼ିଶାରେ କୃଷକଙ୍କ ଅର୍ଥନୈତିକ ମାନ ବୃଦ୍ଧିପାଇଁ ମୁଖ୍ୟମନ୍ତ୍ରୀ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ବେଳେ କୃଷି ପାଇଁ ସଠିକ ଜଳସେଚନ ବ୍ୟବସ୍ଥା ଗ୍ରହଣ ସହିତ ଜଳର ଉତ୍ତମ ବିନିଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ବିଶେଷ କରି ଏହି ପକ୍ଷ ପାଳନ ଅବସରରେ କୃଷି ଓ ଶିଳ୍ପର ଆବଶ୍ୟକତା ଉପରେ ଆଲୋଚନା କରାଯିବା ସହ ୨୦୦୨ମସିହାରେ ଏହି ପାଣିପଞ୍ଚାୟତ ଗଠନ ହୋଇଥିଲା। ଏହି ପାଣି ପଞ୍ଚାୟତ ଦ୍ୱାରା ହେଉଥିବା ଲାଭ ଉପରେ ଆଲୋଚନା କରାଯିବା ସହ କେନାଲ ଗୁଡିକର ମରାମତି, ଚାଷୀମାନଙ୍କୁ ଆବଶ୍ୟକ ବିହନ, ସାର, ଔଷଧ, ଯାନ୍ତ୍ରିକ ଉପକରଣ ପ୍ରଦାନ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ବିଶେଷକରି ୧୯୯୫ରୁ ୨୦୦୨ ମଧ୍ୟରେ ରାଜ୍ୟରେ ୭ଶହ ଜଳ ବ୍ୟବହାରୀ ସଂଘ ଥିବା ଆଜି ଦିନରେ ତାହା ୩୯ ହଜାର ୨୮୯କୁ ବୃଦ୍ଧି ହୋଇଛି। ଏପରିକି ବୃହତ ଉଠାଜଳସେଚନ ପ୍ରକଳ୍ପରେ ପାଣି ପଞ୍ଚାୟତ ଗଠନର ବ୍ୟବସ୍ଥା ହୋଇଥିବାବେଳେ ପାଣି ପଞ୍ଚାୟତରେ ମହିଳାମାନେ ଅଂଶଗ୍ରହଣ ବୃଦ୍ଧି ପାଇଁ ଚାଷୀମାନଙ୍କ ପରିବାରର ମହିଳା ସଦସ୍ୟଙ୍କୁ ଏଥିରେ ସାମିଲ କରାଯାଇଛି। ଏହି ପାଣି ପଞ୍ଚାୟତ ଦ୍ୱାରା ଜଳ ସଂରକ୍ଷଣ, ଜଳର ପୁନଃ ବ୍ୟବହାର ସହିତ ଫସଲର ବିବିଧ କରଣ ଜରିଆରେ ଅଧିକ ପ୍ରକାର ଫସଲ ଉତ୍ପାଦନ, ଜଳର ସୁବ୍ୟବହାର ପାଇଁ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ, ସମାନ ଓ ନ୍ୟାୟଚିତ ଜଳ ପରିଚାଳାନା, ଜଳ ପରିଚାଳନା କ୍ଷେତ୍ରରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱ ଏବଂ ଜଳ ଆବଣ୍ଟନ କ୍ଷେତ୍ରରେ ସୃଷ୍ଟି ହେଉଥିବା ମତାନ୍ତର ଉପରେ ଆଲୋଚନା କରାଯାଇଥିଲା। ଏହାବ୍ୟତିତ ବର୍ତ୍ତମାନ ସ୍ଥିତିରେ ବର୍ଷା କମିଯାଉଛି। ଚାଷ ପାଇଁ ଆବଶ୍ୟକ ହେଉଥିବା ପରିମାଣର ବର୍ଷା ହେଉନାହିଁ। ଏଣୁ କମ୍ ଜଳରେ କିଭଳି ଭାବେ ଚାଷ କାର୍ଯ୍ୟ କରାଯାଇ ପାରିବ ଏ ନେଇ ସଚେତନତା ରଥ ଜିଲ୍ଲାର ବିଭିନ୍ନରେ ବୁଲି ଲୋକମାନଙ୍କୁ ସଚେତନ କରାଯାଉଛି। ଏହାଛଡା ଅଣୁ ଜଳସେଚନ, ଅଣଧାନ ଚାଷ ଦ୍ୱାରା କିପରି ଚାଷୀମାନେ ଲାଭାନ ହେଉଛନ୍ତି ତା ଉପରେ ଆଲୋଚନା ହୋଇଥିବାବେଳେ ଏହି ପାଣି ପଞ୍ଚାୟତ ଚାଷୀଙ୍କୁ କିପରି ଆତ୍ମନିର୍ଭରଶୀଳ କରିଛି ଏବଂ ସ୍ୱଳ୍ପ ବୃଷ୍ଟିରେ ଚାଷ ହେଉଥିବା ବେଳେ ଏହି ପାଣି ପଞ୍ଚାୟତ ଦ୍ୱାରା ଦାଦନକୁ କିପରି ଭାବେ ରୋକାଯାଇ ପାରିଛି ତା ଉପରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବରୁ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତାର ବିଜେତାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କ୍ଷୁଦ୍ର ଜଳସେଚନ ବିଭାଗର ସେକ୍ସନ ଅଫିସର କୃତିବାସ ଚନ୍ଦ୍ର ପଟ୍ଟନାୟକଙ୍କ ସଂଯୋଜନାରେ ଏହି ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ବୁଆଁଳ ପଞ୍ଚାୟତ ଗୁଡିଆ ଗ୍ରାମର ମା'ଭଗବତୀ ପାଣିପଞ୍ଚାୟତକୁ ଶ୍ରେଷ୍ଠ ପାଣିପଞ୍ଚାୟତ ଭାବେ ପୁରସ୍କୃତ କରାଯାଇଥିଲା। ଶେଷରେ ସଦର ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ ଯେ, ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଏକ ଜନ ସଚେତନତା ରଥ ଜାନୁଆରୀ ୧୬ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର୧୨ଟି ବ୍ଲକରେ ବିଭିନ୍ନ ଜଳସେଚନ ଡିଭିଜନ ଅଞ୍ଚଳ ଗସ୍ତ କରି ଚାଷୀମାନଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ପ୍ରସାର କରିବ।

## ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବାଲେଶ୍ୱର, ୨୪।୧(ସମିସ) :** ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ଶୋଭାରାମପୁରସ୍ଥିତ ବାଲେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜଗନ୍ନାଥ ସଂସ୍କୃତି ପ୍ରଚାର ପ୍ରସାର ଓ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନୂଆ-ଓ ଯୋଜନା ମାଧ୍ୟମରେ ଆୟୋଜିତ ଓଡିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ଅନୁଦା ପ୍ରସାଦ ଜେନା ପୌରୋହିତ୍ୟ କରିଥିଲେ। ଶିକ୍ଷା ବିଭାଗର ଅଧ୍ୟାପକ ତଥା ନୂଆ-ଓ ର ନୋଡାଲ ଅଫିସର ରତ୍ନାକର ମହାପାତ୍ର ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମର ନୋଡାଲ ଅଫିସର ତଥା ଓଡିଆ ଅଧ୍ୟାପିକା ବନିତା ମିଶ୍ର ଏହି କାର୍ଯ୍ୟକ୍ରମର ସମ୍ପୂର୍ଣ ବିବରଣୀ ପ୍ରଦାନ କରିଥିଲେ। ନୂଆ-ଓ କାର୍ଯ୍ୟକ୍ରମର ବାଲେଶ୍ୱର ଜିଲ୍ଲା ନୋଡାଲ୍ ଅଫିସର ତଥା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ସହକାରୀ ପ୍ରଫେସର ଡ. ସୁବ୍ରତ ରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ମୁଖ୍ୟବକ୍ତା କବି ଶ୍ରୀଦେବ ଏହି ଯୋଜନାକୁ ପ୍ରଶଂସା କରି କହିଥିଲେ, ସରକାରଙ୍କର ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ବହୁପୂର୍ବରୁ ଏହା ଆରମ୍ଭ ହୋଇଥିଲେ ଆମ ଓଡିଆ ଭାଷା ସାହିତ୍ୟ ଶିଖର ସ୍ତରରେ ପହଞ୍ଚି ପାରିଥାନ୍ତା।ଶେଷରେ ଇଂରାଜୀ ବିଭାଗର ପ୍ରାଧ୍ୟାପକ ବ୍ରଜକିଶୋର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଓଡିଆ ସାହିତ୍ୟ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର, ଟ୍ରଫି ଓ ନଗଦ ଅର୍ଥ ରାଶି ପୁରସ୍କାର ହିସାବରେ ପ୍ରଦାନ କରାଯାଇଥିଲା। ସମସ୍ତ ଶିକ୍ଷା ଓ ଅଣଶିକ୍ଷା କର୍ମଚାରୀ ତଥା ଛାତ୍ରଛାତ୍ରୀ ମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ସୀମାନ୍ତରୁ ଗଞ୍ଜେଇ ଜବତ, ବଙ୍ଗୀୟ ଯୁବକ ଗିରଫ

**ଚନ୍ଦନେଶ୍ୱର/ଜଳେଶ୍ୱର, ୨୪।୧(ସମିସ):** ବାଲେଶ୍ୱର ଜିଲ୍ଲା ତାଳସାରି ଥାନା ଦାଗା ବଡର ନିକଟରେ ଥିବା ନାକା ପଏଣ୍ଟ ରୁ ଏକ ଗଞ୍ଜେଇ ଭର୍ତ୍ତି ଆଟାଚି ସହ ମୋବାଇଲ୍ ଫୋନ୍ ଜବତ ସହିତ ଜଣେ ବଙ୍ଗୀୟ ଯୁବକ ଗିରଫ ହୋଇଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଲେ ଜଳେଶ୍ୱର ଏସଡିପିଓ ଦିଲ୍ଲୀପ କୁମାର ସାହୁ। ସୂଚନା ଅନୁସାରେ, ଗତ କାଲି ଦିନ ଗୋଟିଏ ସମୟରେ ଦାଗା ବଡର ରେ ଥିବା ନାକା ପ ଏଣ୍ଟ ନିକଟରେ ଦୁଇଜଣ ଯୁବକ ବସ୍ ରୁ ଓହ୍ଲାଇ ନାକା ପଏଣ୍ଟ ପାରି ହେଉଥିବା ସମୟରେ ପୁଲିସ ସନ୍ଦେହ କରିଥିଲା। ଯୁବକ ଦୁଇଜଣଙ୍କୁ ଅଟକ କରିବାକୁ ଚେଷ୍ଟା କରୁଥିବା ସମୟରେ ଯୁବକ ଦୁଇଜଣ ଦୌଡିବା ଆରମ୍ଭ କରିଥିଲେ। ସେଠାରେ ଥିବା ପୋଲିସ କର୍ମଚାରୀ ମାନେ କୌଶଳକ୍ରମେ ଜଣକୁ ଧରିବାରେ ସଫଳ ହୋଇଥିବା ବେଳେ ତା ନିକଟରୁ ଆଟାଚି କୁ ଜବତ କରିଥିଲେ। ତେବେ ଆଟାଚି ଭିତରେ ୬ କିଲୋ ୧୨୫ ଗ୍ରାମ ର ଗଞ୍ଜେଇ ଥିବା ବେଳେ ଯାହାର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ଏସଡିପିଓ ସୂଚନା ଦେଇଛନ୍ତି। ଆଜି ଦିନ ୧୧.୩୦ରେ ଜଳେଶ୍ୱର ଥାନା ପରିସରରେ ଏସଡିପିଓ ଙ୍କ ଦ୍ୱାରା ସାମ୍ବାଦିକ ସମ୍ମିଳନୀ ରେ ଆଲୋଚନା କରାଯାଇଥିଲା। ଗିରଫ ଯୁବକ ଜଣକ ହେଲେ ପଶ୍ଚିମବଙ୍ଗ ରାଜ୍ୟ ଦକ୍ଷିଣ ଚବିଶ ପ୍ରଗଣା ଜିଲ୍ଲା ମଗରାହାଟ ଥାନା ହୋଲୁଦବେରିଆ ଗ୍ରାମ ର ୨୦ ବର୍ଷ ର ଯୁବକ ସବୀର ହୁସେନ ମଣ୍ଡଳ ବୋଲି ଜଣାପଡ଼ିଛି। ତେବେ ତାଳସାରି ଥାନାରେ ୧୩/୨୪ ମୂଳେ ମାମଲା ରୁଜୁ ହେବା ସହିତ ମୁଖ୍ୟ ଅଭିଯୁକ୍ତକୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି ଏସଡିପିଓ। ଅନ୍ୟ ମାନଙ୍କ ମଧ୍ୟରେ ଏହି ସମୟରେ ଜଳେଶ୍ୱର ଥାନା ଆଇଆଇସି ରଞ୍ଜନ କୁମାର ସେଠୀ, ତାଳସାରୀ ସାମୁଦ୍ରିକ ଥାନା ଆଇଆଇସି ଏସ. ମୁର୍ମୁ ଓ ଅନ୍ୟ ପୋଲିସ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ଅଖିଳ ଭାରତୀୟ ଦୁଃଖୀ ସମାଜର ରକ୍ତଦାନ ଶିବିର

**ଜଳେଶ୍ୱର ବ୍ଲକ, ୨୪।୧(ସମିସ):** ଭଦ୍ରକର ସରକାର ବାବା-ମାମାଜାନଙ୍କ ଜନ୍ମ ଦିବସ ଅବସରରେ ଆଜି ଜଳେଶ୍ୱରର ଅଖିଳ ଭାରତୀୟ ଦୁଃଖି ସମାଜ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମକୁ ପୌରାଧକ୍ଷ ପ୍ରତୀପ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ରକ୍ତଦାନ ଶିବିରର ମୁଖ୍ୟପୁରୋଧା ସେକ୍ ଶ୍ୟାମସୁଦ୍ଦିନ, ସେକ୍ ସାଇଫୁଦ୍ଦିନ, ମିର ରହେମନ୍ ପ୍ରଚେଷ୍ଟାରେ ଏହି ରକ୍ତଦାନା ଶିବିର ଜଳେଶ୍ୱରର ଷ୍ଟେସନବଜାରରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମଧୁସୂଦନ ଦାସ, ଆଇନ୍‌ଜୀବୀ ଫରିଦ୍ ଅହମ୍ମଦ ଓ ଦିଲ୍ଲିପ ପରିଡ଼ା ଯୋଗ ଦେଇଥିଲେ। ବାଲେଶ୍ୱର ରକ୍ତଭଣ୍ଡାରର ଡାକ୍ତର ଡା. ବସନ୍ତ କୁମାର ଉପାଧ୍ୟାୟ ପ୍ରତ୍ୟେକଙ୍କ ସ୍ୱାସ୍ଥ୍ୟ ପରିକ୍ଷା କରିଥିବା ବେଳେ ସ୍ୱାତି ସୁଚିତ୍ରା ରାଜ, ଦେବାଶିଷ ଦତ୍ତ, ପଲ୍ଲଭି ମହାପାତ୍ର, ମୋନାଲିସା ମହାନ୍ତି, ଅଜୟ ମହାପାତ୍ର ଓ ସନ୍ତୋଷ ଜେନା ପ୍ରମୁଖ ରକ୍ତ ସଂଗ୍ରହରେ ସହାୟତା କରିଥିଲେ। ମୋଟ ୧୦୭ ରକ୍ତ ସଂଗୃହୀତ ହୋଇଥିଲା।

## କୁନି କୁନି ପିଲାଙ୍କ ଦ୍ୱାରା ଚିତ୍ରକଳା ପ୍ରଦର୍ଶନୀ




**ଚନ୍ଦନେଶ୍ୱର, ୨୪।୧(ସମିସ);** ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ଭୋଗରାଇ ବ୍ଲକ ଚନ୍ଦନେଶ୍ୱର ଆଜାଦ ଯୁବ ସଂଗଠନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ରୟାଲ ଆର୍ଟ ସ୍କୁଲ ଫୁଲବଣୀର ଅଧକ୍ଷ ରଣଜିତ ସେନାପତିଙ୍କ ଅଧକ୍ଷତାରେ କୁନି କୁନି ପିଲା ମାନଙ୍କ ଦ୍ୱାରା ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଏକ ଚିତ୍ରକଳା ପ୍ରତିଯୋଗିତା ସହିତ ସ୍ଥାନୀୟ ବିଭିନ୍ନ ବିଦ୍ୟାଳୟର ପିଲାମାନଙ୍କୁ ନେଇ 'ଜାତୀୟବୀର ନେତାଜୀ' ଶୀର୍ଷକ ଏକ ତର୍କ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଉପସଭାପତି ନିରାକାର ପାଣ୍ଡବ ସଞ୍ଚାଳନ କରିଥିବା ବେଳେ ମୁଖ୍ୟ ଅତିଥି ଶିକ୍ଷାବିତ ଶ୍ରୀପତି ସାଁ, ମୂଖ୍ୟ ବକ୍ତା ପ୍ରାଧାପକ ଅଚିନ୍ତ ଦାସ, ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ସରୋଜ ଖାଁ, ଧରଣୀଧର ସେନାପତି, କ୍ରିଷ୍ଣା ରାଣୀ ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ବକ୍ତବ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ପ୍ରତିଭାବାନ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁକୁମାର ସାହୁ ଅତିଥି ପରିଚୟ କରିଥିବା ବେଳେ ହରେକୃଷ୍ଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଗୁରୁତର ଆହତ ପ୍ରଧାନଶିକ୍ଷକଙ୍କ ମୃତ୍ୟୁ

**ଚନ୍ଦନେଶ୍ୱର, ୨୪।୧(ସମିସ)** ଭୋଗରାଇବ୍ଲକ ବାଡ଼ସରିଷାସ୍ଥିତ ଭୋଳାନାଥ ସରକାରୀ ଉଚ୍ଚବିଦ୍ୟାଳୟ କାର୍ଯ୍ୟରତ ପ୍ରଧାନଶିକ୍ଷକ ଅମର ଜେନାଙ୍କ ଆଜି ମୃତ୍ୟୁ ହୋଇଛି। ଶ୍ରୀ ଜେନା ଗତ ୧୫ତାରିଖ ଦିନ ମିଟିଂରେ ଯୋଗ ଦେବା ପାଇଁ ବାଲେଶ୍ୱର ଯାଇଥିଲା ବେଳେ ଗୁଡିଖାଲ ଠାରେ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେ ଓ ତାଙ୍କ ସହ ଅନ୍ୟଜଣେ ପ୍ରଧାନ ଶିକ୍ଷକ ଗୁରୁତର ଭାବେ ଆହତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହେଉଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସମେତ ଉପସ୍ଥିତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସ୍ତମ୍ଭିଭୂତ ହୋଇଯାଇଥିଲେ। ବିଦ୍ୟାଳୟ ତରଫରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଧାଶ୍ୟାମ ଦାସ, ପରିଚାଳନା କମିଟିର ସଭାପତି ପ୍ରଦୀପ ଧଡା, ପୂର୍ବତନ ପ୍ରଧାନ ଶିକ୍ଷକ ଡ. ସନ୍ତୋଷ ପାତ୍ର, ଓଷ୍ଟା ଶିକ୍ଷକ ସଂଘର ସଭାପତି ଶ୍ରୀନିବାସ ପ୍ରଧାନ, ସମ୍ପାଦକ ନଟରଞ୍ଜନ ଘଡାଇ, ଉତ୍ତର ଭୋଗରାଇ ଓଷ୍ଟା ଶିକ୍ଷକ ସଂଘର ସଭାପତି ଗୌରୀଶଙ୍କର ତ୍ରିପାଠୀ, ସମ୍ପାଦକ ପ୍ରଶାନ୍ତ ମହାନ୍ତି ପ୍ରମୁଖ ତାଙ୍କ ବାସ ଭବନ ରେ ଉପସ୍ଥିତ ରହି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ବସ୍ତାରେ ବିଜେଡିର ମିଶ୍ରଣ ପର୍ବ




**ବାଲିଆପାଳ, ୨୪।୧ (ସମିସ):** ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ବସ୍ତା ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରିଣୀ ସଭାନେତ୍ରୀ ସୁବାସିନୀ ଜେନାଙ୍କ ନେତୃତ୍ୱରେ ଅନ୍ୟ ଦଳର ଏକାଧିକ ନେତା ଏବଂ କର୍ମୀ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ବାଲିଆପାଳ ବ୍ଲକଛକ ସ୍ଥିତ ଶୁଭମ ଗେଷ୍ଟ ହାଉସ ପରିସରରେ ଆଜି ଏକ ମିଶ୍ରଣ ପର୍ବରେ ସାଉଡି ପଞ୍ଚାୟତ ଓ ବାଲିଆପାଳ ପଞ୍ଚାୟତର ବିଜେପି ଓ କଂଗ୍ରେସର ସୌମ୍ୟରଞ୍ଜନ ମଲ୍ଲିକ, ନକୁଳ ଜେନା, ଶିଶିର ମଲ୍ଲିକ, ଜଗବନ୍ଧୁ ଜେନା ପ୍ରମୁଖ ସେମାନଙ୍କର ବହୁ ସର୍ମଥକଙ୍କ ସହିତ ବିଜୁ ଜନତା ଦଳର ସାମିଲ ହୋଇଛନ୍ତି। ଶ୍ରୀମତୀ ଜେନା ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିବା ସହିତ ଏକଜୁଟ ହୋଇ ଦଳ ଓ ବସ୍ତା ନିର୍ବାଚନ ମଣ୍ଡଳୀ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। ଏହି ମିଶ୍ରଣ ପର୍ବରେ ବାଲିଆପାଳ ବ୍ଲକ ବିଜୁଜନତା ଦଳ ସଭାପତି ଗୋବିନ୍ଦ ପ୍ରସାଦ ଦାସ ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର ଜେନା ଯୋଗଦେଇ ଆଜି ଅନ୍ୟ ଦଳ ଛାଡି ବିଜେଡିରେ ଯୋଗ ଦେଇଥିବା ସମସ୍ତ ଅନ୍ୟ ଦଳର କର୍ମୀମାନଙ୍କୁ ସ୍ୱାଗତ କରିବା ସହ ବସ୍ତା ନିର୍ବାଚନ ମଣ୍ଡଳୀକୁ ସରସ ସୁନ୍ଦର କରି ଗଢି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ବିକାଶ ଧାରାକୁ ଏକାଠି ହୋଇ ତୃଣମୂଳ ସ୍ତର ପର୍ଯ୍ୟନ୍ତ ପହଞ୍ଚିବାକୁ ଆହ୍ୱାନ କରିଥିଲେ। ଏହି ମିଶ୍ରଣ ପର୍ବରେ ଅନ୍ୟ ମାନଙ୍କ ମଧ୍ୟରେ ବସ୍ତା ନିର୍ବାଚନ ମଣ୍ଡଳୀର ସହପର୍ଯ୍ୟବେକ୍ଷକ ରଣଜିତ ମହାପାତ୍ର, ଜିଲା ଉପସଭାପତି ଦେବ କୁମାର ଦେ, ବାଲିଆପାଳ ପଞ୍ଚାୟତ ସଭାପତି ରଘୁନାଥ ଜେନା, ସମିତି ସଭ୍ୟା ଝୁନାରାଣୀ ପାତ୍ର, ସାଉଡି ପଞ୍ଚାୟତ ସଦସ୍ୟ କମଳଲୋଚନ ମଲ୍ଲିକ, ଭାସ୍କର ଚନ୍ଦ୍ର ସାହୁ, ସଂଖ୍ୟାଲଘୁ ସମ୍ପ୍ରଦାୟର ବରିଷ୍ଠ ବିଜେଡି ନେତା ନାଜିର ଖାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ବାଲିଆପାଳ ବ୍ଲକ ଯୁବ ବିଜେଡି ସଭାପତି ସଂଗ୍ରାମ ପରିଡ଼ା, ଛାତ୍ର ବିଜେଡି ସଭାପତି ସୁଶାନ୍ତ ବେହେରାଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

● କୋର୍ଟ ଆଦେଶ କାର୍ଯ୍ୟକାରୀ କରୁନାହାନ୍ତି ଅତିରିକ୍ତ ଜିଲ୍ଲାପାଳ

## ୨୬ରେ ଆତ୍ମାହୁତି ଦେବାକୁ ଆରଆଇଙ୍କ ଚେତାବନୀ

**ଖଇରା, ୨୪।୧ (ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ତହସିଲ ଅନ୍ତର୍ଗତ ଖଇରା ରାଜସ୍ୱ ସର୍କଲର ନୀରିକ୍ଷକ ସୁବ୍ରତ କୁମାର ସିଂଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ୱେ ନ୍ୟାୟ ନ ଦେବା ପ୍ରତିବାଦରେ ଆସନ୍ତା ଜାନୁଆରୀ ୨୬ରେ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ସେ ଟୁଇଟ ଯୋଗେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ୨୦୧୫ ମସିହା ଏପ୍ରିଲ ୧୭ ତାରିଖରେ ସେ ନୀଳଗିରି ତହସିଲର ସନ୍ତରାଗଡ଼ିଆରେ ରାଜସ୍ୱ ନୀରିକ୍ଷକ ପଦବୀରେ ଥିବା ବେଳେ ବଦଳି ଆଦେଶ ନ ମାନିବା ଅଭିଯୋଗରେ ତତ୍କାଳୀନ ତହସିଲଦାର ତାଙ୍କୁ ନିଲମ୍ବିନ କରିଥିଲେ। ପ୍ରତିବାଦରେ ଶ୍ରୀ ସିଂ ହାଇକୋର୍ଟରେ ଆଶ୍ରୟ ନେଇଥିଲେ। ହାଇକୋର୍ଟ ୨୦୨୩ ମସିହା ଜୁଲାଇ ୩ ତାରିଖରେ ମାମଲା(୧୨୯୫/୧୮)ର ଶୁଣାଣି କରି ଉକ୍ତ ନିଲମ୍ବିନ ଆଦେଶକୁ ବାତିଲ କରିବା ସହ ଅତିରିକ୍ତ ଜିଲାପାଳଙ୍କୁ ଉକ୍ତ ପ୍ରସଙ୍ଗରେ ଠିକଭାବେ ବିଚାର କରି ଆଉଥରେ ନିର୍ଦ୍ଦେଶନାମା ଦେବା ପାଇଁ ଆଦେଶ ଦେଇଥିଲେ। ହେଲେ ୬ମାସ ଧରି ବାରମ୍ବାର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡୁଥିଲେ ହେଁ ତାଙ୍କୁ ନ୍ୟାୟ ମିଳିନାହିଁ। ଯାହାଫଳରେ ୨୦୧୫ରୁ ପୁରୁଣା ବେତନ ହାରରେ ଦରମା ପାଉଛନ୍ତି। ଏଥିପାଇଁ ପରିବାର ପୋଷଣ ସମ୍ଭବ ହେଉନାହିଁ ଏବଂ ବହୁମାନସିକ ଚାପ ଦେଇ ସେ ଗତି କରୁଥିବାର ଶ୍ରୀ ସିଂ ଅଭିଯୋଗ କରୁଛନ୍ତି। ଅତିରିକ୍ତ ଜିଲାପାଳ ସୁଧାକର ନାୟକଙ୍କୁ ଯୋଗାଯୋଗ ସମ୍ଭବ ହୋଇ ନାହିଁ।

## ବ୍ଲକସ୍ତରୀୟ ପ୍ରତିଯୋଗିତା

**ଭୋଗରାଇ, ୨୪।୧(ସମିସ) :** ଜାତୀୟ ବାଳିକା ଦିବସ ଓ ଆସନ୍ତା ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବ୍ଲକ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭୋଗରାଇ ବ୍ଲକର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୫ଟି ବର୍ଗରେ ୩ ଶହ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳଙ୍କ ନେତୃତ୍ୱରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା, ବିଆରସିସି ଋଷଭ କୁମାର ମହାପାତ୍ରଙ୍କ ସମେତ ସମସ୍ତ ୨୫ ଜଣ ସିଆରସିସି ଓ ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏହି ପ୍ରତିଯୋଗିତା ପରିଚାଳନା କରିଥିଲେ।

## ଅଖିଳ ଭାରତୀୟ ଦୁଃଖୀ ସମାଜ ପକ୍ଷରୁ ରକ୍ତଦାନ ଶିବିର

**ସୋର, ୨୪।୧(ସମିସ):** ସୋର ପୌର ପାଳିକା ଅନ୍ତର୍ଗତ ଟାଉନହଲରେ ହୁଜୁର ଛୋଟେ ସରକାର ବାବାଙ୍କ ଜନ୍ମ ଦିବସ ଅବସରରେ ଅଖିଳ ଭାରତୀୟ ଦୁଃଖୀ ସମାଜ ପକ୍ଷରୁ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରକୁ ସୋର ବିଧାୟକ ପର୍ଶୁରାମ ଧଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ସୋର ପୌରାଧକ୍ଷ ମାଧବ ଧଡ଼ା, ପୌର ଉପାଧକ୍ଷା ସସ୍ମିତା ଦାସ, ଯୁବନେତା ସୁବ୍ରତ ଧଡ଼ା, ପୂର୍ବତନ ନଗରପାଳ ବଙ୍କେଶ ବେହେରା, ପାରିଷଦ ରଞ୍ଜନ ଦାସ, ରାଜେନ୍ଦ୍ର ମହାନ୍ତି, ସାହେବ ଖାନ କାଦ୍ରୀ, ପୂର୍ବତନ ପାରିଷଦ ସେକ ସୁଲତାନ, ସେକ ରେହେମନ ପ୍ରମୁଖ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବା ସହିତ ନିଜ ନିଜର ବକ୍ତବ୍ୟ ରଖିଥିଲେ। ନୀଳଗିରି ଏବଂ ବାଲେଶ୍ୱର ରକ୍ତ ଭଣ୍ଡାରରୁ ଆସିଥିବା ଦୁଇଟି ଡାକ୍ତରୀ ଟିମ୍ ରକ୍ତଦାତାମାନଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରୁ ମୋଟ ୧୫୬ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଦୁଃଖୀ ସମାଜ ସଂଗଠନର ସଭାପତି ମୁସ୍ତାକିମ ଖାନ, ସମ୍ପାଦକ ସାହାଦତ ଖାନଙ୍କ ସମେତ ସଂଗଠନର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

# ବୃତ୍ତିଗତ ଶିକ୍ଷା ଅପେକ୍ଷା ସଂସ୍କାରିତ ଶିକ୍ଷା ଶ୍ରେୟସ୍କର

● ଆମ୍ବିଳିଅଠା ସରସ୍ୱତୀ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

**ଜଳେଶ୍ୱର ବ୍ଲକ, ୨୪।୧ (ସମିସ) :**

ଜଳେଶ୍ୱର ସହର ସନ୍ନିକଟ, ନଛିମପୁର ପଞ୍ଚାୟତ ଅଧୀନ ଆମ୍ବିଳିଅଠା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୧୦ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି।ମଙ୍ଗଳବାର ଅପରାହ୍ନରେ ଆୟୋଜିତ ବାର୍ଷିକ ଉତ୍ସବ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଆସନ ଅଳଙ୍କୃତ ପୂର୍ବକ ବ୍ଲକ ଅଧ୍ୟକ୍ଷ ମାନସ ଜେନା, କୋମଳ ମତିଙ୍କ ବୌଦ୍ଧିକ ଓ ମାନସିକ ବିକାଶ ଦିଗରେ ଶିଶୁ ବିଦ୍ୟା ମନ୍ଦିର ପ୍ରମୁଖ ଭୂମିକା ଗ୍ରହଣ କରୁଛି ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଏବିଓ ଅଜୟ ଜେନା କହିଲେ ବିଦ୍ୟା ମନ୍ଦିରର ଶିକ୍ଷାର୍ଥୀ ମାନେ ମେଧାବୃତ୍ତି ପରୀକ୍ଷାରେ ଅଧିକ ସଫଳ ହୋଇ ସରକାରୀ ପ୍ରୋତ୍ସାହନ ଲାଭ କରୁଛନ୍ତି। ମୁଖ୍ୟ ବକ୍ତା ଭାବେ ଶାଳିକୋଠା ସଂସ୍କୃତ ବିଦ୍ୟାଳୟର ଅଧକ୍ଷ ବାଗ୍ମୀ ବିବେକାନନ୍ଦ ସାହୁ ଯୋଗ ଦେଇ ଅଭିଭାଷଣ ରଖିଥିଲେ। ସମ୍ମାନୀତ ଅତିଥି ମଧ୍ୟରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଗିରି, ସିଆରସିସି ମାଖନ ଲାଲ ବେରା ଯୋଗଦେଇ ଶିଶୁଙ୍କ ଲାଗି, ବାପା ମାଁ ଅଧିକ ସମର୍ପିତ ଭାବ ରଖିବାକୁ ପରାମର୍ଶ ଦେଉଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ପାତ୍ର କୃତି ଶିକ୍ଷାର୍ଥୀଙ୍କୁ ଆର୍ଥିକ ପ୍ରତ୍ସାହନ ରାଶି ପ୍ରଦାନ କରିଥିଲେ। ଶିକ୍ଷକ ସାଗର ଶତପଥୀ ବିବରଣୀ ପାଠ କରିଥିବା ବେଳେ ଛାତ୍ରୀ ଦେବସ୍ମିତା ଦାସ, ଶୁଭଶ୍ରୀ ଜେନା ମଞ୍ଚ ଆହ୍ୱାନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ରବିନାରାୟଣ ପାତ୍ର ସଂଯୋଜନା ଓ ଧନ୍ୟବାଦ ଦେଇଥିଲେ। ଅପରାହ୍ନରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇ, ପୁରସ୍କାର ବିତରଣ ସହ ସନ୍ଧ୍ୟା ପର୍ଯ୍ୟନ୍ତ କ୍ଷୁଦ୍ର ନାଟକ, ଗୀତ ନାଚ ପରିବେଷଣ ହୋଇଥିଲା।




## ସୋର ମେଡିକାଲରେ ଟ୍ରେନ୍ ଯାତ୍ରୀଙ୍କ ମୃତ୍ୟୁ

**ସୋର, ୨୪।୧(ସମିସ):** ବୁଧବାର ମଧ୍ୟାହ୍ନରେ ଇଷ୍ଟକୋଷ୍ଟ ଟ୍ରେନ ଯୋଗେ ହାଇଦ୍ରାବାଦରୁ ଖଡ଼ଗପୁର ଅଭିମୁଖେ ଯାଉଥିବା ଜଣେ ଅସୁସ୍ଥ ଯୁବକଙ୍କର ସୋର ମେଡିକାଲରେ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ପଶ୍ଚିମବଙ୍ଗ ରାଜ୍ୟ ମାଲଦା ଜିଲ୍ଲା ଖୁଟାତାହା ଅଞ୍ଚଳର ଚିରଞ୍ଜିତ ମଣ୍ଡଳ(୨୭) ହାଇଦ୍ରାବାଦର ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ତାଙ୍କ ଦେହ ଅସୁସ୍ଥ ହେବାରୁ ସମ୍ପର୍କୀୟ ମାନେ ତାଙ୍କୁ ହାଇଦ୍ରାବାଦର କେୟାର ହସ୍ପିଟାଲରେ ଚିକିତ୍ସା କରି ଘରକୁ ଟ୍ରେନ ଯୋଗେ ନେଉଥିଲେ। ମାତ୍ର ସୋର ଷ୍ଟେସନ ନିକଟରେ ସେ ହଠାତ କଥାବାର୍ତ୍ତା କରିବା ବନ୍ଦ କରିଦେଇଥିଲେ। ଫଳରେ ସୋର ରେଳ ଷ୍ଟେସନରେ ଗାଡି ରହିବା ପରେ ସମ୍ପର୍କୀୟ ମାନେ ତାଙ୍କୁ ରେଳ କର୍ମଚାରୀଙ୍କ ସହାୟତାରେ ସୋର ଡାକ୍ତରଖାନାକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

● ପରକୀୟାପ୍ରୀତି ସନ୍ଦେହ

## ମହିଳାଙ୍କୁ ଗଛରେ ବାନ୍ଧିଲେ

**ସୋର, ୨୪।୧ (ସମିସ):** ସୋର ପୌରପାଳିକା ଅନ୍ତର୍ଗତ କମରପୁର ଗ୍ରାମରେ ପରକୀୟା ପ୍ରୀତି ସନ୍ଦେହରେ ମଙ୍ଗଳବାର ରାତିରେ ଜଣେ ମହିଳାଙ୍କୁ ଏକ ଗଛରେ ବାନ୍ଧି ଦେଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ବାହାନଗା ବ୍ଲକ ରୂପଖଣ୍ଡ ଅଞ୍ଚଳର ଜଣେ ଯୁବକ କମରପୁର ଅଞ୍ଚଳରେ ବିବାହ କରି ଏଠାରେ ରହୁଥିଲେ। କିନ୍ତୁ ସେହି ଯୁବକଙ୍କର ସୋର ଅଞ୍ଚଳର ଜଣେ ମହିଳାଙ୍କ ସହିତ ପ୍ରେମ ସମ୍ପର୍କ ରହିଥିଲା। ଫଳରେ ମଙ୍ଗଳବାର ରାତିରେ ସମ୍ପୃକ୍ତ ମହିଳାଙ୍କୁ ଯୁବକ ଜଣଙ୍କ ତାଙ୍କ ଘରକୁ ଡାକିଥିଲେ। ମହିଳା ଜଣଙ୍କ ସେଠାରେ ପହଞ୍ଚିବା ପରେ ଗ୍ରାମବାସୀ ସନ୍ଦେହରେ ମହିଳାଙ୍କୁ ଏକ ଗଛରେ ବାନ୍ଧି ରଖିବା ସହିତ ସୋର ପୁଲିସକୁ ଖବର ଦେଇଥିଲେ। ଖବରପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିଳା ଜଣଙ୍କୁ ଉଦ୍ଧାର କରି ଥାନାକୁ ଆଣି ଥିବା ବେଳେ ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## ରେଣୁପଦାରେ କୃଷ୍ଣଙ୍କ ୩୪ ଅବତାର ବେଶ

**ରୂପସା, ୨୪।୧ (ସମିସ):** ବସ୍ତା ବ୍ଲକ ମୁକୁଲୁସି ପଞ୍ଚାୟତ ରେଣୁପଦା ଗ୍ରାମରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ୩୪ ଅବତାର ବେଶ ଅନୁଷ୍ଠିତ ହୋଇ ଯାଇଛି। ଚଳିତ ମାସ ଗତ ୧୫ ତାରିଖରୁ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇ ୨୩ ତାରିଖରେ ଉଦଯାପନୀ ହୋଇଥିଲା। ଏଥିରେ ଜଗନ୍ନାଥ ଙ୍କ ସୁନାବେଶ ସହିତ କୃଷ୍ଣଙ୍କ ମୀନ ଅବତାର, କଚ୍ଛପ ଅବତାର, ବରାହ ଅବତାର, ନୃସିଂହ ଅବତାର, ବାମନ ଅବତାର, ପର୍ଶୁରାମ ଅବତାର, ବୁଦ୍ଧ, ବଳରାମ, କୃଷ୍ଣ, କଲକୀ ଅବତାର ଭଳି ଭବ୍ୟ ଦୁର୍ଲଭ ଅବତାର ସ୍ଥାନିତ ହୋଇ ପୂଜା ପାଇଥିଲେ। ଯାହାକୁ ଦେଖିବା ପାଇଁ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ବେଶ ଭିଡ଼ ଜମିଥିଲା। କମିଟିର ସଭାପତି ସୁଦର୍ଶନ ପ୍ରଧାନ, ସମ୍ପାଦକ୍ ରାଧା ଶ୍ୟାମ ଦାସ ଅଧିକାରୀ, ରବୀନ୍ଦ୍ର କୁମାର ସିଂହ, ରବୀନ୍ଦ୍ର ନାୟକ, ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ମାଧବ ପ୍ରଧାନ, ରମେଶ ଦାସ ଅଧିକାରୀ, ରାସ ବିହାରୀ ଦାସ ଅଧିକାରୀ, ଅନିରୁଦ୍ଧ ପ୍ରଧାନ, ଅକ୍ଷୟ ଦାସ ଅଧିକାରୀ, ପରମାନନ୍ଦ ଦାସ ଅଧିକାରୀଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ହଳଦୀପଦା ମହୋତ୍ସବର ପଞ୍ଚମ ସନ୍ଧ୍ୟା

**ରୂପସା, ୨୪।୧ (ସମିସ):** ବସ୍ତା ଥାନା ଅନ୍ତର୍ଗତ ହଳଦୀପଦା ମହୋତ୍ସବ କମିଟି ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ହଳଦୀପଦା ମହୋତ୍ସବର ପଞ୍ଚମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କମିଟି ସଭାପତି ଅଜୟ କୁମାର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଜେପି ଯୁବ ନେତା ମାନସ ଦତ୍ତ, ମୁଖ୍ୟ ବକ୍ତା ବରିଷ୍ଠ ବିଜେପି ନେତା ଗୌରାଙ୍ଗ ଦାସ ଯୋଗ ଦେଇ ମହୋତ୍ସବ ମାଧ୍ୟମରେ ରାଷ୍ଟ୍ର ବିକଶିତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ସାହିତ୍ୟିକ କାଳିକିଙ୍କର ଦାସ, ଏମପି ପ୍ରତିନିଧି ଶୁଭେଶ ନାୟକ, ସାମ୍ବାଦିକ ବାଞ୍ଛାନିଧି ଦେ ଓ ସର୍ବେଶ୍ୱର ଜେନା, ବିଜେପି ନେତା ସର୍ବେଶ୍ୱର ମହାନ୍ତି ପ୍ରମୁଖ ଯୋଗ ଦେଇ ମହୋତ୍ସବ ପ୍ରେମ ପ୍ରୀତିର ପ୍ରତୀକ ଏବଂ ସମ୍ପର୍କର ସେତୁ ସ୍ଥାପନ କରେ ବୋଲି କହିଥିଲେ। କମିଟି ସମ୍ପାଦକ ପ୍ରତାପ ଚନ୍ଦ୍ର ସାମଲ ବିବରଣୀ ପଠନ କରିଥିଲେ। ଯୁବ ପ୍ରତିଭା ଶ୍ରୀ ପ୍ରୀତମ ମଞ୍ଚ ସଂଯୋଜନା କରିଥିଲେ। ନୃତ୍ୟ ଶିଳ୍ପୀ ମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ହୋଇଥିଲା।

## ମନ୍ଦିରର ପ୍ରତିଷ୍ଠା ଉତ୍ସବ

**ନୀଳଗିରି, ୨୪।୧(ସମିସ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଦକ୍ଷିଣ ନରସିଂହପୁର ପଞ୍ଚାୟତ ଅଧୀନ ରାଜନଗର ଗ୍ରାମରେ ଆଜି ଶ୍ରୀ ଶ୍ରୀ ପଞ୍ଚମୁଖୀ ହନୁମାନ ବିଗ୍ରହ ଓ ମନ୍ଦିର ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପ୍ରତିଷ୍ଠା ଉତ୍ସବ ପାଳନ ହୋଇଯାଇଛି। ଅଢେଇ ଶହ ରୁ ଉର୍ଦ୍ଧ ଭକ୍ତ କଳସ ଯାତ୍ରା ରେ ଅଂଶ ଗ୍ରହଣ କରି ନଗର ପରିକ୍ରମା ପରେ ସ୍ଥାନୀୟ ମୁକ୍ତେଶ୍ୱର ମହାଦେବ ମନ୍ଦିର ପୁଷ୍କରିଣୀ ରୁ ଜଳାଭିଷେକ ପରେ ଭକ୍ତ ମାନେ ମନ୍ଦିର ନିକଟରେ ପହଞ୍ଚିଥିଲେ। ପ୍ରଥମ ଦିବସ ରେ ଅଧିବାସୀ, କାୟାଶୁଦ୍ଧି, ଅଙ୍କୁରାରୋପଣ, ଧ୍ୟାନାଧିବାସ, ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପ୍ରତିଷ୍ଠା ପରେ ବିଗ୍ରହ ପ୍ରବେଶ ଘଟ ଉତ୍ତଳନ, ହୋମ ଯଜ୍ଞ, ହନୁମାନ ଚାଳିଶା, ବେଦ ପାଠ, ସଂକୀର୍ତନ ହୋଇଥିଲା। ତିନି ଦିନ ଧରି ଦିବା ରାତ୍ର ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମୁଖ୍ୟ ଉଦ୍ୟୋକ୍ତା ମାନସ ବିନ୍ଧାଣିଙ୍କ ସହିତ ଗ୍ରାମର ଶତାଧିକ ମହିଳା ପୁରୁଷ ପ୍ରତିଷ୍ଠା ଉତ୍ସବ ରେ ପରିଚାଳନା ରେ ସହଯୋଗ କରିଥିଲେ।

## ମିଥ୍ୟା ମାମଲାରେ ଫସିଥିବା ଯୁବକ ନିର୍ଦ୍ଦୋଷରେ ଖଲାସ

**ଖନ୍ତାପଡ଼ା, ୨୪।୧(ସମିସ):** ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଅର୍ନ୍ତଗତ ବରୁଣସିଂ ପଞ୍ଚାୟତ, ପାଟରା ଗ୍ରାମ ଗଙ୍ଗାଧର ବାରିକ ଙ୍କର ଏକମାତ୍ର ପୁତ୍ର ଜିତେଶ କୁମାର ବାରିକ। ଜଣେ ଶିକ୍ଷିତ ଯୁବକ ହିସାବରେ ଘରେ ଆର୍ଥିକ ଅନାଟନ ଯୋଗୁଁ ଟିୟୁସନ କରି ଚଳୁଥିଲେ। ବରୁଣସିଂ ଗ୍ରାମ ବେହେରା ସାହି ଜଣଙ୍କ ଘରକୁ ଯାଇ ତାଙ୍କ ଝିଅକୁ ଟିୟୁସନ କରୁଥିଲେ। ସବୁଦିନ ଯାଇ ଟିୟୁସନ କରୁଥିବାରୁ ଗ୍ରାମର କିଛି ଯୁବକଙ୍କର ଇର୍ଷା ହୋଇଥିଲା। ଖଳ ପ୍ରକୃତିର ଯୁବକମାନେ ଇର୍ଷାପରାୟଣ ହୋଇ ଝିଅର ମାଆକୁ ଶିଖେଇ ଚାପ ପ୍ରୟୋଗ କରି ଖନ୍ତାପଡ଼ା ଥାନାରେ ଜିତେଶଙ୍କ ବିରୁଦ୍ଧରେ ମିଥ୍ୟା ଦୁଷ୍କର୍ମ କେସ ରୁଜୁ କରାଇଥିଲେ। ଫଳରେ ଖନ୍ତାପଡ଼ା ପୁଲିସ କେସ ନଂ ୨୧୨/୦୨୩ ମୂଳେ ଜିତେଶଙ୍କୁ ଗିରଫ କରି ସେପ୍ଟେମ୍ବର ମାସରେ କୋର୍ଟ ଚାଲାଣ କରିଥିଲେ। ତେବେ ଜିତେଶ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ।

## ୨୯ ରୁ ଜଳେଶ୍ୱର ମହୋତ୍ସବ

**ଜଳେଶ୍ୱର ବ୍ଲକ, ୨୪।୧(ସମିସ):** ୧୯ତମ ଜଳେଶ୍ୱର ମହୋତ୍ସବ ୨୯ ତାରିଖରୁ ଫେବୃଆରୀ ୬ ତାରିଖ ଯାଏ ହେବାକୁ ଥିବାରୁ ସେ ସମ୍ପର୍କରେ ଆଜି ଜଳେଶ୍ୱର ମହୋତ୍ସବ କମିଟି ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଭାଇଚାରାର ସହର ଜଳେଶ୍ୱର, ନିତ୍ୟ ନୂତନ କାର୍ଯ୍ୟକ୍ରମ ମଧ୍ୟରେ ପ୍ରତିଦିନ ମନୋରଞ୍ଜନଧର୍ମୀ ଲୁକ୍କାୟିତ ପ୍ରତିଭାର ବିକାଶ, ସଂସ୍କୃତି, ପରମ୍ପରା ମଧ୍ୟ ସୁନା, ବୋହୂ, ସୁନାଝିଅ, ସୁନା ଭାଉଜ, ଧାର୍ମିକ ସଭା, କବି ସମ୍ମିଳନୀ, କୃଷି ବିପଣୀ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା ହେବ ବୋଲି ସଭାପତି ଡ. ଅଜିତ୍ କୁମାର ମହାନ୍ତି ପ୍ରକାଶ କରିଛନ୍ତି। ୨୬ ତାରିଖରେ ପ୍ରତିବର୍ଷ ପରି ବ୍ଲକ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଓ ପ୍ୟାରେଡ ଓ ଗଣଦୌଡ, ବିଭିନ୍ନ ଶୋଭାଯାତ୍ରା, ରକ୍ତଦାନ ଶିବିର ଅନୁଷ୍ଠିତ ହେବାକୁ ଥିବା ବେଳେ ମନ୍ତ୍ରୀ ଅଶ୍ୱନୀ କୁମାର ପାତ୍ର, ଜିଲାପାଳ ଓ ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର ଜେନା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେବେବୋଲି ସିଦ୍ଧାନ୍ତ ହୋଇଛି। ଆଇଟିଆର ର ନିର୍ଦ୍ଦେଶକ, ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି, ପୂର୍ବତନ କୂଳପତି ଯୋଗ ଦେଉଥିବା ବେଳେ ନୂଆପଢ଼ୀକୁ କାର୍ଯ୍ୟକ୍ରମରେ ସାମିଲ କରିବାଲାଗି ସେମାନେ କହିଥିଲେ। ଦୀନକୃଷ୍ଣ ମଞ୍ଚରୁ ପ୍ରତିଦିନ ଏପରି କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ପାଦକ ସୁଶାନ୍ତ ଦାସ, ବରିଷ୍ଠ ଆଇନ୍‌ଜିବୀ ସତ୍ୟସୁନ୍ଦର ଦାସ, ଶିଶିର ହୁଇ, ଦିଲ୍ଲିପ ଗିରି, ସମୀର ପାତ୍ର, ଜିତାଂଶୁ ନନ୍ଦି, ଇଂ ରାମଚନ୍ଦ୍ର ସାହୁ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିବା ବେଳେ ଗୋବିନ୍ଦ ସାହୁ, ଗୋପାଳ ସାହୁ, ସୁବ୍ରତ ରଣା, ଉମେଶ ଚନ୍ଦ୍ର ସାହୁ ଓ ବଳିରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖପତ୍ର ଜଳେଶ୍ୱର ଦର୍ପଣ ଉନ୍ମୋଚନ ହେବା ସହିତ ଚଳିତବର୍ଷ ପରଲୋକ ହୋଇଥିବା ଜୟନାରାୟଣ ମହାନ୍ତି, ଅରୁଣ ବେଜ, ମାନସ କର, ଜଗଦୀଶ ରାଠୀ, ତଥା ଉପାନ୍ତ ଅଞ୍ଚଳରେ ଏପରି ମହୋତ୍ସବର ସୃଷ୍ଟିକର୍ତ୍ତା ପଶ୍ଚିମବଂଗର ଅଲୋକ ନନ୍ଦୀଙ୍କ ଜୀବନଚର୍ଯ୍ୟା ସ୍ଥାନୀତ ହେବ ବୋଲି କୁହାଯାଇଛି।

ଅଧୁରା ରହିଗଲା ସ୍ୱଦେଶ ପ୍ରତ୍ୟାବର୍ତ୍ତନ ସ୍ୱପ୍ନ

# ଖସିପଡ଼ିଲା ବିମାନ, ଜଳିଗଲେ ୬୫ ଯୁଦ୍ଧବନ୍ଦୀ

**ମସ୍କୋ,୨୪।୧(ଏଜେନ୍ସି)**

ରୁଷିଆ-ୟୁକ୍ରେନ ସୀମା ଅଞ୍ଚଳରେ ଏକ ବିମାନ ଦୁର୍ଘଟଣାରେ ୟୁକ୍ରେନର ୬୫ ଯୁଦ୍ଧବନ୍ଦୀଙ୍କ ମୃତ୍ୟୁ ହୋଇଛି। ଏଭଳି ଏକ ଭୟାନକ ଦୁର୍ଘଟଣା ବୁଧବାର ସକାଳେ ରୁଷିଆର ବେଲଗୋରୋଡ୍ ଅଞ୍ଚଳରେ ଘଟିଛି। ରୁଷିଆରୁ ଏକ ବିମାନରେ ଏହି ଯୁଦ୍ଧ ବନ୍ଦୀମାନଙ୍କୁ ପ୍ରତ୍ୟାର୍ପଣ ଲାଗି ନିଆଯାଉଥିବା ବେଳେ କୌଣସି କାରଣରୁ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡ଼ିଥିଲା। ପରେ ବିସ୍ଫୋରଣରେ ବିମାନଟି ସମ୍ପୂର୍ଣ୍ଣ ଜଳିଯାଇଥିଲା ବେଳେ ବିମାନ କର୍ମଚାରୀଙ୍କ ସହ ସମସ୍ତ ଯୁଦ୍ଧବନ୍ଦୀଙ୍କ ମୃତ୍ୟୁ ହୋଇଥିବା ରୁଷୀୟ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନା ଅନୁସାରେ ରୁଷ-ୟୁକ୍ରେନ ଯୁଦ୍ଧ ପ୍ରାୟ ଦୁଇ ବର୍ଷ ହେଲା ଚାଲିଥିଲା ବେଳେ ବିଗତରେ ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧବନ୍ଦୀମାନଙ୍କୁ ପରସ୍ପରକୁ ପ୍ରତ୍ୟାର୍ପଣ କରାଯାଇଛି। ଏହିକ୍ରମରେ ବୁଧବାର ୟୁକ୍ରେନର ୬୫ ଯୁଦ୍ଧବନ୍ଦୀଙ୍କୁ ନେଇ ରୁଷିଆ ସେନାର ପରିବହନକାରୀ ଇଲୁସିନ ଆଇଆଇ-୭୬ ବିମାନ ୟୁକ୍ରେନ ଅଭିମୁଖେ



ବାହାରିଥିଲା। ଏଥିରେ ୬୫ ଯୁଦ୍ଧବନ୍ଦୀଙ୍କ ବ୍ୟତୀତ ୬ ବିମାନ ପରିଚାଳନା ସଦସ୍ୟ ଏବଂ ଅନ୍ୟ ୩ ବ୍ୟକ୍ତି ଥିଲେ। କିନ୍ତୁ କୌଣସି କାରଣରୁ ଏହା ୟୁକ୍ରେନ ସୀମା ନିକଟରେ ରୁଷିଆର ବେଲଗୋରୋଡ୍ ଅଞ୍ଚଳରେ ଖସିପଡ଼ିଥିଲା। ପରେ ପରେ ଭୟାନକ ବିସ୍ଫୋରଣ ଘଟି ବିମାନଟି ସମ୍ପୂର୍ଣ୍ଣ ଜଳିଯାଇଥିବା ରୁଷୀୟ ଖବରଦାତା ଏଜେନ୍ସି ଆର୍ଆଇଏ ସୂଚନା ଦେଇଛି। ୟୁକ୍ରେନ ଯୁଦ୍ଧବନ୍ଦୀଙ୍କ ସମେତ ସମସ୍ତ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ଏହି ସଂସ୍ଥା ସ୍ପଷ୍ଟ କରିଛି। ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଏହି ଖବରକୁ ସ୍ପଷ୍ଟ କରାଯାଇଛି। ତେବେ ବିମାନ ଦୁର୍ଘଟଣାଗ୍ରସ୍ତ ହେବାର କାରଣ ସମ୍ପର୍କରେ କିଛି କୁହାଯାଇ ନାହିଁ। ସମସ୍ତ ଯାତ୍ରୀ ଜଳି ଯାଇଥିବାରୁ ସେମାନଙ୍କ ପରିଚୟ ମିଳିବା କଷ୍ଟକର ହୋଇପଡ଼ିଛି। ରୁଷିଆ ପ୍ରତିରକ୍ଷା ସେବା ସହ ଜଡ଼ିତ ଏକ ଚ୍ୟାନେଲ ଦ୍ୱାରା ବିମାନ ଦୁର୍ଘଟଣାର ଭିଡିଓକୁ ଟେଲିଗ୍ରାମରେ ଶେୟାର କରାଯାଇଛି। ଏଥିରେ ବିମାନଟି ତଳକୁ ଖସି ହଠାତ୍ ବିସ୍ଫୋରଣ ହୋଇଯାଉଥିବାର ଦେଖିବାକୁ ମିଳିଛି। ପ୍ରକାଶଯୋଗ୍ୟ ଯେ, ରୁଷ୍ର ଆଇଆଇ-୭୬ ମିଲିଟାରୀ ଟ୍ରାନ୍ସପୋର୍ଟ ବିମାନ ସେନା ପରିବହନ ସହିତ ସୈନ୍ୟ ଉପକରଣ ଏବଂ ଅସ୍ତ୍ରଶସ୍ତ୍ର ପରିବହନ ପାଇଁ ବ୍ୟବହାର କରାଯାଇଥାଏ। ଏଥିରେ ୫ ଜଣ କ୍ରୁ ସଦସ୍ୟଙ୍କ ସହିତ ୯୦ ଯାତ୍ରୀ ଯିବାର ସୁବିଧା ରହିଛି। କିନ୍ତୁ ଏହି ବିମାନ କାହିଁକି ଏବଂ କିଭଳି ଦୁର୍ଘଟଣାର ଶିକାର ହେଲା ତାହାକୁ ନେଇ ତର୍ଜମା ଆରମ୍ଭ ହୋଇଛି। ରୁଷିଆ ପ୍ରତିରକ୍ଷା ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏହାପୂର୍ବରୁ ଗତ ୨୨ ତାରିଖରେ ଆଫଗାନିସ୍ତାନରେ ରୁଷିଆର ଏକ ଯାତ୍ରୀବାହୀ ବିମାନ ଦୁର୍ଘଟଣାର ଶିକାର ହୋଇ ଧ୍ୱଂସ ହୋଇଯାଇଥିଲା।

● ପଶ୍ଚିମବଙ୍ଗରେ ପୁଣି ଆକ୍ସନରେ ଇଡି

## ୨୪ ସିଆର୍‌ପିଏଫ୍ ଗାଡ଼ି ସହ ଟିଏମ୍‌ସି ନେତାଙ୍କ ଘରେ ପହଞ୍ଚିଲା ଟିମ୍

**କୋଲକାତା, ୨୪।୧(ଏଜେନ୍ସି) :** କିଛି ଦିନର ବ୍ୟବଧାନରେ ପଶ୍ଚିମବଙ୍ଗରେ ପୁଣିଥରେ ଆକ୍ସନ ମୋଡକୁ ଆସିଛି ପୁଣି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି। ରାସନ ଦୁର୍ନୀତି ମାମଲାକୁ ନେଇ କିଛି ଦିନ ତଳେ ଇଡି ବିଭିନ୍ନ ଟିଏମସି ନେତାଙ୍କ ଘରେ ଚଢଉ କରିଥିଲା ବେଳେ ବୁଧବାର ପୁଣି ଚଢଉ ଆରମ୍ଭ କରିଛି। କିନ୍ତୁ ଏଥରକ ପୂର୍ଣ୍ଣ ସୁରକ୍ଷା ପ୍ରସ୍ତୁତି ସହ ଇଡି ଅଧିକାରୀମାନେ ପହଞ୍ଚିଥିବା ଦେଖାଯାଇଛି। ସିଆର୍‌ପିଏଫ୍ ୨୪ଟି ଗାଡି ସହ ଇଡି ଅଧିକାରୀମାନେ ଟିଏମ୍‌ସି ନେତାଙ୍କ ଘରେ ଚଢଉ ଆରମ୍ଭ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରାସନ ଦୁର୍ନୀତି ମାମଲାରେ ଯାଞ୍ଚ କରିବାକୁ ଇଡି ଅଧିକାରୀମାନେ ପୂର୍ବରୁ କିଛି ଟିଏମ୍‌ସି ନେତାଙ୍କ ଘରକୁ ଯାଇଥିଲା ବେଳେ ଆକ୍ରମଣର ଶିକାର ହୋଇଥିଲେ। ଟିଏମସି ସମର୍ଥକମାନେ ଆକ୍ରମଣ କରିବା ସହିତ ଅଧିକାରୀମାନଙ୍କ ଗାଡି ମଧ୍ୟ ଭାଙ୍ଗାରୁଜା କରିଥିଲେ। ଟିଏମସି ସ୍ଥାନୀୟ ନେତା ଶାହଜାହନ ଶେଖଙ୍କୁ ହାଜର ହେବା ପାଇଁ ନୋଟିସ ହୋଇଥିଲା । କିନ୍ତୁ ସେ ହାଜର ହୋଇନଥିଲେ । ଏହାପରେ ଗତ ୫ ତାରିଖରେ ଇଡି ଟିମ୍ ତାଙ୍କ ଘରେ ପହଞ୍ଚିଥିଲା । କିନ୍ତୁ ଏହି ସମୟରେ ସ୍ଥାନୀୟ ଅଞ୍ଚଳର ଶହ ଶହ ଲୋକ ଇଡି ଅଧିକାରୀମାନଙ୍କ ଉପରେ ଆକ୍ରମଣ କରିଥିଲେ। କିନ୍ତୁ ବୁଧବାର ଇଡି ଟିମ୍ ପୁଣି ଥରେ ଏହି ଟିଏମ୍‌ସି ନେତାଙ୍କ ଘରେ ଚଢଉ କରିଛି। ଏଥର ଇଡି ଟିମ୍ ସହ ୨୪ଟି ସିଆର୍‌ପିଏଫ୍ ଗାଡି ରହିଛି । ଯେଉଁଥିରେ ୧୨୦ରୁ ଅଧିକ ଯବାନ ସାମିଲ ରହିଛନ୍ତି । ଏହାସହିତ ସ୍ଥାନୀୟ ପୁଲିସକୁ ମଧ୍ୟ ଇଡି ଟିମ୍ ସତର୍କ କରାଇ ଦେଇଛି। ଇଡି ଅଧିକାରୀମାନେ ଶାହଜାହନଙ୍କ ଘରେ ପହଞ୍ଚି ଦୀର୍ଘ ସମୟ ଅପେକ୍ଷା କରିବା ପରେ ବି କେହି ବି କବାଟ ଖୋଲିନଥିଲେ । ଶେଷରେ କବାଟ ଭାଙ୍ଗି ଭିତରକୁ ପଶିଥିଲା ଇଡି ଟିମ୍ । ଏବେ ସେମାନେ ଛାନ୍‌ଭିନ୍ ଆରମ୍ଭ କରିଥିଲେ ହେଁ ଶାହଜାହନଙ୍କ ପତ୍ତା ମିଳିନାହିଁ ।

● ମଣିପୁରରେ ଯବାନଙ୍କ ଅଜବ କାଣ୍ଡ

## ୬ ସାଥୀଙ୍କୁ ଗୁଳିକରି ଆତ୍ମହତ୍ୟାକଲେ ଯବାନ

**ଇମ୍ଫାଲ, ୨୪।୧(ଏଜେନ୍ସି):** ମଣିପୁରରେ ମୁତୟନ ରହିଥିବା ଆସାମ ରାଇଫଲ୍ସର ଜଣେ ଯବାନଙ୍କ ଉନ୍ମତ୍ତକାଣ୍ଡ ବିଭିନ୍ନ ମହଲରେ ଉଦବେଗ ସୃଷ୍ଟି କରିଛି। ଆସାମ ରାଇଫଲ୍ସ (ଆର୍) ର ଜଣେ ଯବାନ ନିଜର ୬ ସାଥୀମାନଙ୍କ ଉପରେ ଗୁଳି ଚଳାଇବା ପରେ ନିଜକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ଏହି ଘଟଣାରେ ଆସାମ ରାଇଫଲ୍ସର ୬ ଜଣ ଯବାନ ଆହତ ହୋଇଛନ୍ତି। ସେମାନଙ୍କୁ ଚୁରାଚାନ୍ଦପୁରସ୍ଥିତ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଦକ୍ଷିଣ ମଣିପୁରରେ ରହିଥିବା ଆର୍ ବାଟାଲିଅନ୍ ପରିସରରେ ଏହି ଘଟଣା ବୁଧବାର ଘଟିଛି। ଆତ୍ମହତ୍ୟା କରିଥିବା ଯବାନ ଜଣକ ସ୍ଥାନୀୟ ବାସିନ୍ଦା ଏବଂ କୁକି ସଂପ୍ରଦାୟର ବୋଲି କୁହାଯାଉଛି। କିନ୍ତୁ ସେ ଯେଉଁମାନଙ୍କ ଉପରେ ଗୁଳି ଚଳାଇଥିଲେ ସେମାନେ ମେଇତି କିମ୍ବା ମଣିପୁରର ବାସିନ୍ଦା ନୁହନ୍ତି ବୋଲି ସ୍ଥାନୀୟ ଲୋକ କହିଛନ୍ତି। ତେବେ କେଉଁ କାରଣକୁ ନେଇ ଯବାନ ଜଣଙ୍କ ଏଭଳି କାଣ୍ଡ ଭିଆଇଲେ ତାହା ସ୍ପଷ୍ଟ ହୋଇ ନାହିଁ। ବର୍ତ୍ତମାନ ସେନା ପକ୍ଷରୁ ଏହି ଘଟଣାର ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ମଣିପୁର ହିଂସା ସହ ଏହାକୁ ଯୋଡା ନ ଯିବା ଉଚିତ ବୋଲି କୁହାଯାଇଛି।

● ଟିକାୟତଙ୍କ ଭାରତ ବନ୍ଦ ଧମକ

## ଜାନୁଆରୀ ୨୬ରେ ଟ୍ରାକ୍ଟର ରାଲି



**ନୂଆଦିଲ୍ଲୀ,୨୪।୧(ଏଜେନ୍ସି):** ଭାରତୀୟ କିଶାନ ୟୁନିଅନ (ବିକେୟୁ) ନେତା ରାକେଶ ଟିକାୟତ ପୁଣିଥରେ ଚାଷୀ ଆନ୍ଦୋଳନ ଧମକ ଦେଇଛନ୍ତି। ବୁଧବାର ଉତ୍ତରପ୍ରଦେଶର ମୁଜାଫରନଗରରେ ଚାଷୀ ପଞ୍ଚାୟତ ଶେଷ ହେବା ପରେ ସେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେବା ସହ ଜାନୁଆରୀ ୨୬ରେ ଭାରତ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି। ସରକାରଙ୍କ ପ୍ରତିଶ୍ରୁତି ମୁତାବକ ସୁବିଧା ମିଳୁ ନଥିବା ଏବଂ ଚାଷୀଙ୍କୁ ଦୁର୍ବଳ କରିବା ପାଇଁ ସରକାର କାର୍ଯ୍ୟ କରୁଥିବାରୁ କେନ୍ଦ୍ର ସରକାରଙ୍କ ବିରୋଧରେ ପୁଣିଥରେ ଚାଷୀ ମଞ୍ଚକୁ ଓହ୍ଲାଇବେ ବୋଲି ସେ କହିଛନ୍ତି। ବୁଧବାର ଅନୁଷ୍ଠିତ ଚାଷୀ ପଞ୍ଚାୟତରେ ଆଖୁ ମୂଲ୍ୟ, ମାଗଣା ବିଦ୍ୟୁତ ଏବଂ ଏମଏସପିକୁ ନେଇ ଆଲୋଚନା ହୋଇଥିଲା । ଏହିସବୁ ପ୍ରସଙ୍ଗକୁ ନେଇ ଟିକାୟତ ସରକାରଙ୍କ ଉପରେ ବର୍ଷିଥିଲେ । ଯଦି ସରକାର ତାଙ୍କ ପ୍ରତିଶ୍ରୁତି ପୂରଣ ନ କରନ୍ତି ତେବେ ଜାନୁଆରୀ ୨୬ରେ ଟ୍ରାକ୍ଟର ପଦଯାତ୍ରା କରାଯିବ। ଏହାପରେ ମିଳିତ କୃଷକ ମୋର୍ଚ୍ଚା ପକ୍ଷରୁ ୧୬ ଫେବୃଆରୀରେ ଭାରତ ବନ୍ଦ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ଏପରିକି ସରକାର ଯାହା କହିଥିଲେ ସେହି ଅନୁସାରେ କାର୍ଯ୍ୟ ନ କଲେ ଚାଷ ମଧ୍ୟ ବନ୍ଦ କରିବାକୁ ସେ ମହାପଞ୍ଚାୟତରେ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହା ପରେ ଅନେକ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

● ଜ୍ଞାନବାପୀ ମସଜିଦ ବିବାଦ

## ସାର୍ବଜନୀନ ହେବ ଏଏସ୍‌ଆଇ ସର୍ଭେ ରିପୋର୍ଟ

**ଲକ୍ଷ୍ନୌ,୨୪।୧(ଏଜେନ୍ସି):** ଜ୍ଞାନବାପୀ ମସଜିଦ ବିବାଦକୁ ନେଇ ନିକଟରେ ଭାରତୀୟ ପ୍ରତ୍ନତତ୍ତ୍ୱ ସଂସ୍ଥାନ(ଏଏସଆଇ) ଦ୍ୱାରା ସର୍ବେକ୍ଷଣ କରାଯାଇଥିଲା ବେଳେ ଏହି ସର୍ଭେ ରିପୋର୍ଟ ସବୁ ପକ୍ଷଙ୍କୁ ଦିଆଯିବ ବୋଲି ବୁଧବାର ଏଠାକାର ଫାଷ୍ଟ ଟ୍ରାକ୍ କୋର୍ଟ ସୂଚନା ଦେଇଛନ୍ତି। ମସଜିଦ୍ ପରିସରରେ ସର୍ଭେ ଶେଷ କରାଯିବା ପରେ ଏହି ରିପୋର୍ଟକୁ ସାର୍ବଜନୀନ କରିବାକୁ ଦାବି କରାଯାଇଥିଲା। ଏହି ପ୍ରସଙ୍ଗକୁ ନେଇ ବାରଣାସୀ କୋର୍ଟରେ ମଧ୍ୟ ମାମଲା ରୁଜୁ ହୋଇଥିଲା। ତେବେ ଏହାର ଶୁଣାଣି କରି କୋର୍ଟ ଉଭୟ ପକ୍ଷଙ୍କୁ ରିପୋର୍ଟ ଦିଆଯିବା ନେଇ ନିଷ୍ପତ୍ତି ଶୁଣାଇଛନ୍ତି। ଏଏସଆଇ ରିପୋର୍ଟ ନକଲ ଉଭୟ ପକ୍ଷଙ୍କୁ ଉପଲବ୍ଧ କରାଯିବ ବୋଲି ଜ୍ଞାନବ୍ୟାପୀ ମାମଲାର ହିନ୍ଦୁ ପକ୍ଷ ଓକିଲ ବିଷ୍ଣୁ ଶଙ୍କର ଜୈନ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏଏସଆଇ ଗୋଟିଏ ଦିନ ପୂର୍ବରୁ ସିଭିଲ ଜଜ୍ ସିନିୟର ଡିଭିଜନ ଫାଷ୍ଟ ଟ୍ରାକ୍ କୋର୍ଟରେ ଦାଖଲ କରିଥିଲା।

## କାର୍ ଦୁର୍ଘଟଣାରେ ମମତା ଆହତ



**କୋଲକାତା,୨୪।୧(ଏଜେନ୍ସି):** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ଏକ କାର ଦୁର୍ଘଟଣାରେ ଆହତ ହୋଇଛନ୍ତି । ସେ ବର୍ଦ୍ଧମାନ ଜିଲ୍ଲାରୁ ଏକ ବୈଠକ ସାରି ଫେରିବା ବେଳେ ଏହି ଦୁର୍ଘଟଣା ଘଟିଛି । ବର୍ଦ୍ଧମାନରୁ ସେ ହେଲିକପ୍ଟର ଯୋଗେ କୋଲକାତା ଫେରିବାକୁ ଥିଲେ ହେଁ ଖରାପ ପାଗ ଯୋଗୁଁ ଏହାକୁ ବାତିଲ କରାଯାଇଥିଲା। ଏହାପରେ ସେ ସଡ଼କପଥରେ କୋଲକାତା ଫେରୁଥିଲେ। କିନ୍ତୁ ମମତାଙ୍କ କାର୍ ଦ୍ରୁତ ଗତିରେ ଆସୁଥିଲା ବେଳେ କୌଣସି କାରଣକୁ ନେଇ ଡ୍ରାଇଭର ଅଚାନକ ବ୍ରେକ୍ ଲଗାଇଥିଲେ। ଏହାକୁ ନେଇ ମମତା ବାନାର୍ଜୀଙ୍କ ମୁଣ୍ଡ ସାମ୍ନା କାଚରେ ପିଟି ହୋଇ ଆଘାତ ଲାଗିଛି । ତାଙ୍କୁ କୋଲକାତାସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସିତ କରାଯାଉଥିବା କୁହାଯାଇଛି।

ଇଣ୍ଡିଆ ମେଣ୍ଟକୁ ଶକ୍ତ ଧକ୍କା

# ୨୦୨୪ ନିର୍ବାଚନ ଏକାକୀ ଲଢ଼ିବେ ଟିଏମ୍‌ସି ,ଆପ୍

**ନୂଆଦିଲ୍ଲୀ,୨୪।୧(ଏଜେନ୍ସି)**

୨୦୨୪ ନିର୍ବାଚନ ସମୟ ଯେତିକି ପାଖେଇ ଆସୁଛି ବିରୋଧୀ ଇଣ୍ଡିଆ ମେଣ୍ଟର ସମସ୍ୟା ସେତିକି ବଢିବାରେ ଲାଗିଛି। ସବୁଠୁ ବଡ଼ କଥା ହେଲା ଆସନ ବଣ୍ଟନ ବୁଝାମଣା ଏବେ ମଧ୍ୟ ସଦସ୍ୟ ଦଳ ମଧ୍ୟରେ କଣ୍ଟା ହୋଇ ରହିଯାଇଛି। ୨୦୨୪ ନିର୍ବାଚନରେ ମୋଦୀ ସରକାରକୁ ହଟାଇବା ଲାଗି ଏହି ମେଣ୍ଟ ପଣ କରିବା ସହିତ ନିଜ ନିଜ ମଧ୍ୟରେ ଆସନ ବାଣ୍ଟି ଯେକୌଣସି ମତେ ବିଜେପି ପ୍ରାର୍ଥୀଙ୍କୁ ହରାଇବାକୁ ଯୋଜନା କରିଥିଲା। ଏଥିପାଇଁ ବିଭିନ୍ନ ବୈଠକରେ ବରିଷ୍ଠ ନେତାମାନେ ଆଲୋଚନା ମଧ୍ୟ କରିଥିଲେ। କିନ୍ତୁ ଏହି ପ୍ରସଙ୍ଗକୁ ନେଇ ପ୍ରମୁଖ ଦଳ ମେଣ୍ଟରୁ ବିମୁଖ ହେବା ସହିତ ଇଣ୍ଡିଆ ମେଣ୍ଟର ସ୍ଥିତି ଦିନକୁ ଦିନ ବେହାଲ ହେବାରେ ଲାଗିଛି। ପୂର୍ବରୁ ଆସନ ବଣ୍ଟନକୁ ନେଇ ଉଦ୍ଧବ ଠାକରେ ଶିବସେନା ଗୋଷ୍ଠୀ ଠାରୁ ଆରମ୍ଭ କରି ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ଏବଂ ଜେଡିୟୁ ସୁପ୍ରିମୋ ନୀତୀଶ କୁମାର ଅସନ୍ତୋଷ ପ୍ରକାଶ କରି ଆସିଛନ୍ତି। ଏହାମଧ୍ୟରେ



ବୁଧବାର ମେଣ୍ଟର ଅନ୍ୟତମ ପ୍ରମୁଖ ସଦସ୍ୟ ମମତା ବାନାର୍ଜୀଙ୍କ ଟିଏମସି ମଧ୍ୟ ବଡ଼ ନିଷ୍ପତ୍ତି ନେଇଛି। ପଶ୍ଚିମବଙ୍ଗରେ ୨୦୨୪ ଲୋକସଭା ନିର୍ବାଚନ ଟିଏମସି ଏକାକୀ ଲଢିବ ବୋଲି ଦଳୀୟ ସୁପ୍ରିମୋ ମମତା ବାନାର୍ଜୀ କହିଛନ୍ତି। ସେ କହିଛନ୍ତି ଯେ, ଆସନ ବଣ୍ଟନକୁ ନେଇ ତାଙ୍କ ଦଳ ପୂର୍ବରୁ କଂଗ୍ରେସକୁ ଯେଉଁ ପ୍ରସ୍ତାବ ଦେଇଥିଲା ତାହାକୁ କଂଗ୍ରେସ ଅଗ୍ରାହ୍ୟ କରିଦେଇଥିଲା। ତେଣୁ ଟିଏମସି ଏକାକୀ ନିର୍ବାଚନ ଲଢିବ। ଆସନ ବଣ୍ଟନ ବୁଝାମଣାକୁ ସେ ନା ପସନ୍ଦ କରିବା ସହିତ ମେଣ୍ଟର ସାଂପ୍ରତିକ ସ୍ଥିତିକୁ ନେଇ ମଧ୍ୟ କ୍ଷୋଭ ବ୍ୟକ୍ତ କରିଛନ୍ତି। ତାଙ୍କ ଦଳ ଆସନ ବଣ୍ଟନ ପାଇଁ କଂଗ୍ରେସକୁ ଯେଉଁ ପ୍ରସ୍ତାବ ଦେଇଥିଲା ତାହାକୁ ଦଳ ବିଚାର କଲା ନାହିଁ। ଅନ୍ୟପକ୍ଷରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା ଭାରତ ଯୋଡୋ ଯାତ୍ରାକୁ ନେଇ ମଧ୍ୟ ତାଙ୍କୁ କିଛି ସୂଚନା ଦିଆଗଲା ନାହିଁ। ଏପରିକି ଏହି ଯାତ୍ରା ପଶ୍ଚିମବଙ୍ଗରେ ପ୍ରବେଶ କରିବାକୁ ଯାଉଥିଲେ ହେଁ ତାଙ୍କ ନିକଟରେ କିଛି ବି ଖବର ନାହିଁ। ତେଣୁ ମେଣ୍ଟରେ ଥାଇ ବି ତାଙ୍କର କିଛି ଲାଭ ନାହିଁ। ଏହି କାରଣରୁ ସେ ମେଣ୍ଟରୁ ଦୂରେଇ ଯିବାକୁ ଚାହୁଁଛନ୍ତି ବୋଲି ମମତା କହିଛନ୍ତି। ମମତାଙ୍କ ଏଭଳି ନିଷ୍ପତ୍ତିକୁ ନେଇ କଂଗ୍ରେସ ବିଚଳିତ ହୋଇପଡ଼ିଥିଲା ବେଳେ ସେ ଏଭଳି କରିବେ ବୋଲି ଆମକୁ ଜଣାଥିଲା ବୋଲି ୟୁବିଟି ନେତା ଉଦ୍ଧବ ଠାକରେ କହିଛନ୍ତି।

## ମମତାଙ୍କ ରାସ୍ତାରେ ଆପ୍



କେବଳ ମମତାଙ୍କ ଟିଏମସି ନୁହେଁ, ପଞ୍ଜାବରେ ଆମ ଆଦମୀ ପାର୍ଟି (ଆପ୍) ମଧ୍ୟ ଏକାକୀ ଲଢିବାକୁ ବୁଧବାର ଘୋଷଣା କରିଛି। ୨୦୨୪ ଲୋକସଭା ନିର୍ବାଚନରେ ଆପ୍ କାହା ସହିତ ମେଣ୍ଟ ନ କରି ଏକାକୀ ଲଢିବ ବୋଲି ମୁଖ୍ୟମନ୍ତ୍ରୀ ଭଗୱନ୍ତ ସିଂ ମାନ୍ ବୁଧବାର ଘୋଷଣା କରିଛନ୍ତି। ପୂର୍ବରୁ ଆପ୍ ଏବଂ କଂଗ୍ରେସ ମଧ୍ୟରେ ଆସନ ବଣ୍ଟାକୁ ନେଇ ବହୁବାର ଆଲୋଚନା କରାଯାଇଥିଲା। ପଞ୍ଜାବ ସମେତ ଦିଲ୍ଲୀ ଆସନକୁ ନେଇ ମଧ୍ୟ ଉଭୟ ଦଳର ନେତା ଆଲୋଚନା କରିଥିଲେ। କିନ୍ତୁ ଏଥିନେଇ କୌଣସି ନିର୍ଯ୍ୟାସ ବାହାରି ପାରି ନଥିଲା ବେଳେ ଏବେ ଆପ୍ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି। ଯଦି ପଞ୍ଜାବରେ ଆପ୍ ଏକାକୀ ପ୍ରତିଦ୍ୱନ୍ଦ୍ୱିତା କରେ ତେବେ ଦିଲ୍ଲୀରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହେବ, ଏହା ନିଶ୍ଚିତ ହୋଇଯାଇଛି। ଯଦି ଟିଏମସି ଏବଂ ଆପ୍ ଭଳି ଦୁଇ ପ୍ରମୁଖ ଦଳ ମେଣ୍ଟ ସହ ସାମିଲ ନହୋଇ ନିର୍ବାଚନ ଲଢିବେ ତେବେ ଅନ୍ୟ ସଦସ୍ୟ ଦଳ ମଧ୍ୟ ସମାନ ଆଭିମୁଖ୍ୟ ଗ୍ରହଣ କରିପାରନ୍ତି ବୋଲି ଏବେ ଠାରୁ ଆଶଙ୍କା ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ମେଣ୍ଟର ସ୍ଥିତି କ'ଣ ହେବ ବୋଲି ରାଜନୀତିକ ମହଲରେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି।

## ହାଇଦରାବାଦ୍‌ରୁ ମିଳିଲେ ବେଙ୍ଗାଲୁରୁ କୋଚିଂ ସେଣ୍ଟରରୁ ନିଖୋଜ ଛାତ୍ର

**ହାଇଦରାବାଦ୍,୨୪।୧(ଏଜେନ୍ସି)**

ବେଙ୍ଗାଲୁରୁରେ କୋଚିଂ ନେବାକୁ ଯାଇଥିବା ଜଣେ ୧୨ ବର୍ଷର ଛାତ୍ର ନିଖୋଜ ହେବା ପରେ ହାଇଦରାବାଦରେ ଠାବ ହେବା ଘଟଣା ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ କରିଛି। ବାଳକ ଜଣକ ତାଙ୍କ କୋଚିଂ ସେଣ୍ଟର ଛାଡି ଘରକୁ ଆସୁଥିବା ବେଳେ ନିଖୋଜ ହୋଇଥିଲେ। କିନ୍ତୁ ପ୍ରାୟ ୩ ଦିନ ପରେ ସଂପୃକ୍ତ ବାଳକଙ୍କୁ ହାଇଦରାବାଦର ଏକ ମେଟ୍ରୋ ଷ୍ଟେସନରୁ ଉଦ୍ଧାର କରାଯାଇଛି। ମିଳିଥିବା ଖବର ଅନୁସାରେ ,ବେଙ୍ଗାଲୁରୁର ଡିନ୍ସ ଏକାଡେମୀର ଛାତ୍ର ପରିନଭ ନିଖୋଜ ହୋଇ ଯାଇଛନ୍ତି ବୋଲି ଗତ ୨୧ ତାରିଖରେ ତାଙ୍କ ପରିବାର ଲୋକ ଥାନାରେ ରିପୋର୍ଟ କରିଥିଲେ। ସିସିଟିଭି



ଫୁଟେଜ ଅନୁଯାୟୀ ଏହି ବାଳକ ଜଣଙ୍କୁ ଶେଷଥର ପାଇଁ ମ୍ୟାଜେଷ୍ଟିକ୍ ବସ୍ ଷ୍ଟେସନରେ ଦେଖାଯାଇଥିଲା। ମାଜିଷ୍ଟିକ୍ ବସ୍ ଷ୍ଟେସନରୁ ପୁଲିସ ତାଙ୍କୁ ସିସିଟିଭି ଫୁଟେଜ୍ ମାଧ୍ୟମରେ ଟ୍ରାକ୍ କରିବାକୁ ଚେଷ୍ଟା କରିଥିଲା। ପରେ ପରେ ପରିନଭଙ୍କ ଫଟୋ ସୋସିଆଲ୍ ମିଡିଆରେ ପୋଷ୍ଟ କରାଯାଇଥିଲା। ବେଙ୍ଗାଲୁରୁର ଜଣେ ବ୍ୟକ୍ତି ହାଇଦରାବାଦ ଗସ୍ତରେ ଯାଇଥିଲା ବେଳେ ପରିନଭକୁ ମେଟ୍ରୋ ଷ୍ଟେସନରେ ଦେଖିଥିଲେ। ଏହାପରେ ପୁଲିସ୍‌କୁ ଖବର ଦିଆଯାଇ ପରନିଭଙ୍କୁ ତାଙ୍କ ପରିବାର ନିକଟରେ ହସ୍ତାନ୍ତର କରାଯାଇଥିଲା। ତେବେ ପରିନଭ କେମିତି ବେଙ୍ଗାଲୁରୁର ହାଇଦରାବାଦ୍ ଆସିଲା ତାହା ସ୍ପଷ୍ଟ ହୋଇ ନାହିଁ।

## ଆଜି ୧୪ତମ ଜାତୀୟ ଭୋଟର ଦିବସ

**ନୂଆଦିଲ୍ଲୀ,୨୪।୧(ଏଜେନ୍ସି):** ଆସନ୍ତାକାଲି ଦେଶବ୍ୟାପି ୧୪ତମ ଜାତୀୟ ଭୋଟର ଦିବସ ପାଳନ କରିବାକୁ ପ୍ରସ୍ତୁତି ହୋଇଛି। ଏଥିନେଇ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ନୂଆଦିଲ୍ଲୀ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ବୋଲି କାର୍ଯ୍ୟସୂଚୀ ରହିଛି। କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନରାମ ମେଘୱାଲଙ୍କ ସମେତ ମାଳଦ୍ୱୀପ, ଫିଲିପିନ୍ସ,ରୁଷିଆ,ଶ୍ରୀଲଙ୍କା, ଉଜବେକିସ୍ତାନ ଭଳି ବହୁ ବିଦେଶୀ ରାଷ୍ଟ୍ରର ନିର୍ବାଚନ ପରିଚାଳନା କ୍ଷେତ୍ରର ପ୍ରମୁଖ ବ୍ୟକ୍ତି ବିଶେଷ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ। ଚଳିତବର୍ଷ ଜାତୀୟ ଭୋଟର ଦିବସର ଅନୁଚିନ୍ତା ' ନଥିଙ୍ଗ ଲାଇକ୍ ଭୋଟିଂ, ଆଇ ଭୋଟ୍ ଫର ସିୟୋର' ରଖାଯାଇଛି। ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ଏହି ଦିବସକୁ ସ୍ୱତନ୍ତ୍ର ଭାବେ ପାଳନ କରିବାକୁ କୁହାଯାଇଛି।

ଅଯୋଧ୍ୟା ରାମ ମନ୍ଦିରରେ ଅଜବ ଘଟଣା

# ପ୍ରଭୁଙ୍କ ଦର୍ଶନ ପାଇଁ ଗର୍ଭଗୃହରେ ମାଙ୍କଡ଼

**ନୂଆଦିଲ୍ଲୀ,୨୪।୧(ଏଜେନ୍ସି):** ଅଯୋଧ୍ୟାରେ ନବ ନିର୍ମିତ ଶ୍ରୀରାମ ମନ୍ଦିରରେ ରାମଲଲ୍ଲାଙ୍କ ପ୍ରାଣ ପ୍ରତିଷ୍ଠା ବିଶ୍ୱସମାଜରେ ରାମ ଶ୍ରଦ୍ଧାଳୁଙ୍କୁ ବିମୋହିତ କରିଦେଇଛି। ଦୀର୍ଘ ୫୦୦ ବର୍ଷ ସଂଘର୍ଷର ପରେ ସନାତନ ଧର୍ମର ଆଧାର ଏବଂ ଭାରତୀୟଙ୍କ ଆଧାତ୍ମିକ ଚେତନାର ସ୍ପନ୍ଦନ ଭାବେ ପ୍ରଭୁ ରାମ ନିଜ ସ୍ଥାନରେ ବିରାଜମାନ ହେବା ସମସ୍ତଙ୍କୁ ହର୍ଷିତ କରିଛି। ଧନୀ, ଗରିବ ଏବଂ ସାଧାରଣ ଭକ୍ତଙ୍କ ଠାରୁ ଆରମ୍ଭ କରି ସାଧୁ ସନ୍ଥ ସମସ୍ତେ ଏହି ଭବ୍ୟ ଉତ୍ସବକୁ ଲୋତକ ଭରା ନୟନରେ ଅନୁଭବ କରିଛନ୍ତି। ସମସ୍ତଙ୍କ ମନ ଓ ପ୍ରାଣରେ ସେହି ରାମନାମର ଜୟଗାନ ଏବେ ଗୁଞ୍ଜରିତ ହେଉଥିବା ବେଳେ ପ୍ରଭୁ ରାମଙ୍କ ସେହି ଅମୀୟ ଝଲକ ପାଇବା ପାଇଁ ସମସ୍ତେ ଯେମିତି ବ୍ୟାକୁଳ ହୋଇପଡ଼ିଛନ୍ତି। ସେଥିପାଇଁ ଏବେ ଅଯୋଧ୍ୟାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେବାରେ ଲାଗିଛି। ସ୍ଥିତି ଏଭଳି ସ୍ତରରେ ପହଞ୍ଚିଛି ଯେ,ଭିଡ଼ ସମ୍ଭାଳିବା ପାଇଁ ପୁଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଛି। କିନ୍ତୁ ଏହାମଧ୍ୟରେ ଆଉ ଏକ ଅଲୌକିକ ଘଟଣା ଦେଖିବାକୁ ମିଳିଛି। ପ୍ରଭୁ ରାମଙ୍କ ଝଲକ ପାଇବା ପାଇଁ କେବଳ ସାଧାରଣ ଭକ୍ତ ନୁହନ୍ତି, ତାଙ୍କର ଦୀନ ସେବକ ଏବଂ ମହାନ ଭକ୍ତ ସ୍ୱୟଂ ହନୁମାନ ମଧ୍ୟ ରାମ ମନ୍ଦିରରେ ପହଞ୍ଚିଛନ୍ତି ବୋଲି କୁହାଯାଉଛି। ମଙ୍ଗଳବାର ସନ୍ଧ୍ୟାରେ ରାମ ମନ୍ଦିରରେ ଘଟିଥିବା ଏକ ଘଟଣାକୁ ନେଇ ଏଭଳି ଚର୍ଚ୍ଚା ଆରମ୍ଭ ହୋଇଛି।



ଗତ ସୋମବାର ପ୍ରଭୁ ରାମଙ୍କ ପ୍ରାଣ ପ୍ରତିଷ୍ଠା ହୋଇଥିଲା। କିନ୍ତୁ ଏହାର ଦିନକ ପରେ ଅର୍ଥାତ୍ ମଙ୍ଗଳବାର ସନ୍ଧ୍ୟା ୫.୩୦ରେ ଏକ ମାଙ୍କଡ଼ ମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିବା ଦେଖାଯାଇଥିଲା। ମନ୍ଦିରର ଦକ୍ଷିଣ ଦ୍ୱାର ଦେଇ ଏହି ମାଙ୍କଡ଼ ଗର୍ଭ ଗୃହରେ ପ୍ରବେଶ କରିବା ସହିତ ପୂର୍ବରୁ ପୂଜା ପାଉଥିବା ରାମଲାଲାଙ୍କ ମୂର୍ତ୍ତି ନିକଟରେ ବସି ରହିଥିଲା। କିନ୍ତୁ ମନ୍ଦିର ଭିତରେ ମାଙ୍କଡ଼ଟିକୁ ଦେଖି ସୁରକ୍ଷା କର୍ମୀମାନେ ଘାବରେଇ ଯାଇଥିଲେ। ମାଙ୍କଡଟି ନବ ସ୍ଥାପିତ ରାମଲାଲାଙ୍କ ନିକଟକୁ ଯାଇ ଯାଇ କାଳେ କୌଣସି କ୍ଷତି କରିବ ସେହି ଶୋଚନାରେ ସୁରକ୍ଷାକର୍ମୀମାନେ ସତର୍କ ହୋଇପଡ଼ିଥିଲେ। କିନ୍ତୁ ମାଙ୍କଡଟି ସେମାନଙ୍କୁ ଦେଖି ତୁରନ୍ତ ଉତ୍ତର ଦ୍ୱାର ଆଡକୁ ଚାଲି ଯାଇଥିଲା। କିନ୍ତୁ ସେତେବେଳେ ଉତ୍ତର ଦ୍ୱାର ବନ୍ଦ ଥିବାରୁ ମାଙ୍କଡ଼ଟି ପୂର୍ବ ଦ୍ୱାର ଦେଇ ଏବଂ କାହାର କୌଣସି କ୍ଷତି କରିବା ବିନା ବାହାରକୁ ଚାଲି ଯାଇଥିଲା। ଏହା ଦେଖି ସ୍ୱୟଂ ହନୁମାନ ପ୍ରଭୁ ଶ୍ରୀରାମଙ୍କୁ ଭେଟିବା ପାଇଁ ଆସିଥିବା କହିଛନ୍ତି ମନ୍ଦିରର ସୁରକ୍ଷା ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀ। ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ମଧ୍ୟ ଏହି ଖବର ଏକ୍ସରେ ସୂଚନା ଦିଆଯାଇଛି। ଟ୍ରଷ୍ଟ ପକ୍ଷରୁ କରାଯାଇଥିବା ପୋଷ୍ଟରେ ଲେଖାଯାଇଛି ଯେ, 'ଆଜି ସନ୍ଧ୍ୟା ପ୍ରାୟ ୫.୩୦ରେ ଏକ ମାଙ୍କଡ଼ ଦକ୍ଷିଣ ଦ୍ୱାର ଦେଇ ଗର୍ଭଗୃହରେ ପ୍ରବେଶ କରି ଉତ୍ସବ ମୂର୍ତ୍ତି ପାଖରେ ଯାଇ ପହଞ୍ଚିଥିଲା। ମାଙ୍କଡ଼ଟି ଉତ୍ସବ ମୂର୍ତ୍ତିକୁ ତଳେ ପକାଇ ଦେବ ବୋଲି ଆଶଙ୍କା କରି ବାହାରେ ମୁତୟନ ଥିବା ସୁରକ୍ଷା କର୍ମୀମାନେ ମାଙ୍କଡ଼କୁ ରୋକିବା ପାଇଁ ଦୌଡ଼ିଥିଲେ। କିନ୍ତୁ ମାଙ୍କଡ଼ ପୁଲିସକୁ ଆସିବା ଦେଖି ଶାନ୍ତ ଭାବରେ ଉତ୍ତର ଫାଟକ ଆଡକୁ ଚାଲି ଚାଲି ଯାଇଥିଲା। ଫାଟକ ବନ୍ଦ ଥିବାରୁ ସେ ପୂର୍ବ ଦିଗରେ ଥିବା ଫାଟକ ଆଡକୁ ଯାଇ ବାହାରକୁ ଚାଲି ଯାଇଥିଲା। ପୂର୍ବ ଦ୍ୱାରରେ ଭକ୍ତଙ୍କ ସମାଗମ ଥିଲେ ବି ସେ କାହାକୁ କ୍ଷତି ପହଞ୍ଚାଇ ନଥିଲା। ସୁରକ୍ଷା କର୍ମୀ କହିଛନ୍ତି ଯେ, ଆମକୁ ଲାଗିଲା ସତେ ଯେପରି ହନୁମାନଜୀ ନିଜେ ରାମଲଲ୍ଲାଙ୍କୁ ଦେଖିବାକୁ ଆସିଛନ୍ତି।"

ଅଯୋଧ୍ୟା ଅଭିମୁଖେ ଲକ୍ଷ ଲକ୍ଷ ଭକ୍ତଙ୍କ ସୁଅ

## ୧୦ ଦିନ ପର୍ଯ୍ୟନ୍ତ ଭିଭିଆଇପି ନ ଆସିବାକୁ ପରାମର୍ଶ

ଗତ ୨୨ ତାରିଖରେ ଅଯୋଧ୍ୟା ରାମ ମନ୍ଦିରରେ ରାମଲଲ୍ଲାଙ୍କ ପ୍ରାଣପ୍ରତିଷ୍ଠା ହେବା ପରେ ଏଠାକୁ ପ୍ରତିଦିନ ଲକ୍ଷ ଲକ୍ଷ ଭକ୍ତଙ୍କ ସୁଅ ଛୁଟିଛି। ପ୍ରାଣପ୍ରତିଷ୍ଠା ପରେ ସାଧାରଣ ଲୋକଙ୍କ ଦର୍ଶନ ନିମନ୍ତେ ଗତକାଲି ଠାରୁ ମନ୍ଦିର ଉନ୍ମୁକ୍ତ କରାଯିବା ପରେ ଭକ୍ତଙ୍କ ଭିଡ଼ ବଢିବାରେ ଲାଗିଛି। ସ୍ଥିତି ଏଭଳି ହୋଇଛି ଯେ, ଲୋକଙ୍କୁ ନିୟନ୍ତ୍ରଣ କରିବା କଷ୍ଟସାଧ ହୋଇପଡ଼ିଛି। କିନ୍ତୁ ରାମଲାଲାଙ୍କ ଝଲକ ପାଇବା ପାଇଁ ଦୂର ଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ଦର୍ଶନରୁ ବଞ୍ଚିତ କରିବା ମଧ୍ୟ ସମ୍ଭବ ହେଉ ନାହିଁ। ଏଭଳି ସ୍ଥିତିରେ ଏବେ କୌଣସି ଭିଭିଆଇପି ରାମଲାଲାଙ୍କ ଦର୍ଶନରେ ନ ଆସିବାକୁ ସରକାରୀ ସ୍ତରରେ ପରାମର୍ଶ ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ତାଙ୍କ ମନ୍ତ୍ରିମଣ୍ଡଳର ସମସ୍ତ ମନ୍ତ୍ରୀମାନଙ୍କୁ ଏବେ ଅଯୋଧ୍ୟା ନ ଯିବାକୁ ପରାମର୍ଶ ଦେଇଛନ୍ତି। ଅନ୍ତତଃ ଆଗାମୀ ୧୦ ଦିନ ଲାଗି ସେମାନେ ମନ୍ଦିର ଦର୍ଶନରେ ନ ଯାଆନ୍ତୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଉତ୍ତରପ୍ରଦେଶର ଯୋଗୀ ସରକାରଙ୍କ ପକ୍ଷରୁ ମଧ୍ୟ ସମାନ ପରାମର୍ଶ ଜାରି କରାଯାଇଛି। ବର୍ତ୍ତମାନ ସାଧାରଣ ଭକ୍ତଙ୍କୁ ଦର୍ଶନ ଲାଗି ସୁଯୋଗ ଦେବାକୁ କୁହାଯାଇଛି। ପ୍ରତ୍ୟେକ ସ୍ତରରେ ଭକ୍ତଙ୍କୁ ସୁରକ୍ଷା ଯୋଗାଇ ଦେବା ସହିତ ଶୃଙ୍ଖଳିତ ଭାବେ ଯେଭଳି ଦର୍ଶନ ସୁଯୋଗ ମିଳିବ ତାହାକୁ ନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ଯୋଗୀ ନିଜ ପ୍ରଶାସନକୁ କହିଛନ୍ତି। ଏନେଇ ସେ ବରିଷ୍ଠ ଅଧିକାରୀମାନଙ୍କ ସହ ବାରମ୍ବାର ବୈଠକ କରି ସ୍ଥିତି ସମୀକ୍ଷା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ,ଗତକାଲି ୫ଲକ୍ଷ ଲୋକ ଅଯୋଧ୍ୟାରେ ପହଞ୍ଚିବା ପରେ ଭିଡ଼ ନିୟନ୍ତ୍ରଣ କରିବା ଅସମ୍ଭାଳ ହୋଇପଡ଼ିଥିଲା। ସ୍ଥିତି ଅସମ୍ଭାଳ ହେବାରୁ କିଛି ସମୟ ପାଇଁ ଦର୍ଶନ ବନ୍ଦ କରାଯାଇ ପୁଲିସ ଭିଡକୁ ଆୟତ୍ତକୁ ନେଇଥିଲା।

ଯଦି ଦୟା ଏବଂ ଔଚିତ୍ୟ ମଧ୍ୟରୁ ଗୋଟିକୁ ବାଛିବାକୁ ପଡ଼େ, ତେବେ ଦୟା ହିଁ ଦେଖାନ୍ତୁ, ତାହା ସର୍ବଦା ଉଚିତ୍ ମାର୍ଗ ହେବ !
-ସତ୍ୟସାଇ ବାବା

ସକାଳ
THE SAKALA

# କାନାଡ଼ାରେ ବିଦେଶୀ ଛାତ୍ରଙ୍କ ଉଚ୍ଚଶିକ୍ଷା ମୋହଭଙ୍ଗ!

ଭାରତ-କାନାଡ଼ା ସମ୍ପର୍କ ଏବେ ଭଲ ନାହିଁ। ସେଠାକାର ସରକାର ଖାଲିସ୍ତାନୀ ଆତଙ୍କବାଦୀ ତଥା ଭାରତ ବିରୋଧୀ ତତ୍ତ୍ୱଙ୍କୁ ସୁରକ୍ଷା ଦେଉଥିବାରୁ ଏହାର ପ୍ରଭାବ ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରିଛି। ସେଠାକାର ଜଷ୍ଟିନ୍ ଟ୍ରୁଡ୍ରୋ ସରକାର ଆଗାମୀ ନିର୍ବାଚନକୁ ନଜରରେ ରଖି ଯେଉଁସବୁ ପଦକ୍ଷେପ ନେଉଛନ୍ତି, ସେଥିମଧ୍ୟରୁ କେତେକ ଭାରତର ସ୍ୱାର୍ଥ ବିରୋଧରେ ଯାଉଛି। କାନାଡ଼ାରେ ମଧ୍ୟ ଭାରତୀୟମାନେ ଅନେକ ସଂଖ୍ୟାରେ ବସବାସ କରୁଛନ୍ତି। କାନାଡ଼ାର ମୋଟ ଜନସଂଖ୍ୟାର ୨.୧୨ ଶତାଂଶ ଶିଖ ଏବଂ ଏମାନଙ୍କ ସଂଖ୍ୟା ପ୍ରାୟ ଆଠ ଲକ୍ଷ। ଅଣ୍ଟାରିଓ, ବ୍ରିଟିଶ କଲମ୍ବିଆ ଓ ଆଲବାଟା ପ୍ରଦେଶରେ ଶିଖଙ୍କ ସଂଖ୍ୟା ତୁଳନାତ୍ମକ ଭାବେ ଅଧିକ। ତେଣୁ ସେଦେଶର ନିର୍ବାଚନ ରାଜନୀତିକୁ ସେମାନେ ପ୍ରଭାବିତ କରିଥା'ନ୍ତି। ଅପରପକ୍ଷରେ କାନାଡ଼ାରେ ସାଢ଼େ ଆଠ ଲକ୍ଷରୁ ଅଧିକ ଭାରତୀୟ ହିନ୍ଦୁ ବସବାସ କରନ୍ତି। ଏହାଛଡ଼ା ଅନେକ ଭାରତୀୟ ମୁସଲମାନ ଓ ଖ୍ରୀଷ୍ଟିଆନ ମଧ୍ୟ ସେ ଦେଶର ସ୍ଥାୟୀ ବାସିନ୍ଦା ପାଲଟିଛନ୍ତି। ମୋଟାମୋଟି ଦେଖିଲେ କାନାଡ଼ାରେ ଭାରତୀୟ ଓ ଭାରତୀୟ ବଂଶୋଦ୍ଭବଙ୍କ ସଂଖ୍ୟା ପ୍ରାୟ ୨୦ ଲକ୍ଷ। କାନାଡ଼ା ଏକ ବିକଶିତ ରାଷ୍ଟ୍ର ଏବଂ ସେ ଦେଶର ବିକାଶରେ ଭାରତୀୟ ସମୁଦାୟଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି।

ଭାରତ-କାନାଡ଼ା ସମ୍ପର୍କରେ ଏବେ ତିକ୍ତତା ଓ ଭଟ୍ଟା ପଡ଼ିଥିବା ବେଳେ ସେଠା ସରକାରଙ୍କର ଆଉ ଏକ ନିଷ୍ପତ୍ତି ଆମ ଦେଶ ପାଇଁ ସମସ୍ୟା ସୃଷ୍ଟି କରିଛି। ସେ ଦେଶରେ ସୃଷ୍ଟ ଖାଦ୍ୟ ମୂଲ୍ୟସ୍ଫୀତି ଓ ଆବାସ ଅଭାବ ସମସ୍ୟାର ସମାଧାନ କରିବାକୁ କାନାଡ଼ା ସରକାର ବିଦେଶାଗତ ଛାତ୍ରଛାତ୍ରୀଙ୍କ ପାଇଁ ନୂଆ କଟକଣା ଲାଗୁ କରିଛନ୍ତି। କାନାଡ଼ା ସରକାର ଏହାକୁ ଏକ ଅସ୍ଥାୟୀ ପଦକ୍ଷେପ ବୋଲି କହୁଥିବା ବେଳେ ଏହା ଆଗାମୀ ଦୁଇବର୍ଷ ପାଇଁ ବଳବତ୍ତର ରହିବ। ଖାଦ୍ୟ ଓ ଆବାସ ଜନିତ ସମସ୍ୟା ନେଇ କାନାଡ଼ା ସରକାର ଏ ଯେଉଁ ଭିସା କଟକଣା ପଦକ୍ଷେପ ନେଇଛନ୍ତି ତାହା ସେ ଦେଶର ନାଗରିକଙ୍କ ସୁବିଧା ଓ ସ୍ୱାର୍ଥ ସୁରକ୍ଷା ଦୃଷ୍ଟିରୁ ଯଥାର୍ଥ ବୋଲି କୁହାଯାଇପାରେ, ତଥାପି କାନାଡ଼ାର ଏହି ନିଷ୍ପତ୍ତି ଫଳରେ ଭାରତୀୟ ବିଦ୍ୟାର୍ଥୀମାନେ ବିଶେଷ ପ୍ରଭାବିତ ହେବେ। ଅଟ୍ଟାୱାସ୍ଥିତ ଭାରତୀୟ ଉଚ୍ଚାୟୁକ୍ତଙ୍କ ତଥ୍ୟ ଅନୁସାରେ କାନାଡ଼ାର ବିଭିନ୍ନ ରାଜ୍ୟରେ ପ୍ରାୟ ୨.୩୦ ଲକ୍ଷ ଭାରତୀୟ ଛାତ୍ରଛାତ୍ରୀ ସ୍ନାତକ, ସ୍ନାତକୋତ୍ତର, ପିଏଚ୍‌ଡି ଏବଂ ଅନ୍ୟାନ୍ୟ ପାଠ୍ୟକ୍ରମରେ ନାମ ଲେଖାଇ ପଢୁଛନ୍ତି।

କାନାଡ଼ାର ନିଷ୍ପତ୍ତି ଅନୁସାରେ ଗତବର୍ଷ ତୁଳନାରେ ଚଳିତ ବର୍ଷ ବିଦେଶୀ ଛାତ୍ରଛାତ୍ରୀଙ୍କ ଭିସା ସଂଖ୍ୟା ୩୫ ଶତାଂଶ ହ୍ରାସ କରାଯାଇ ୩ ଲକ୍ଷ ୬୦ ହଜାରରେ ସୀମିତ କରାଯିବ। ପ୍ରତିବର୍ଷ ଭାରତରୁ କାନାଡ଼ାକୁ ଲକ୍ଷାଧିକ ବିଦ୍ୟାର୍ଥୀ ପାଠପଢ଼ିବାକୁ ଯାଆନ୍ତି। ଗତବର୍ଷ ୨ ଲକ୍ଷରୁ ଅଧିକ ବିଦ୍ୟାର୍ଥୀ ସେଠାକୁ ଯାଇଥିଲେ ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି। ଆହୁରି ମଧ୍ୟ ୨୦୧୩ ରୁ ୨୦୨୨ ମଧ୍ୟରେ କାନାଡ଼ାକୁ ଭାରତୀୟ ବିଦ୍ୟାର୍ଥୀଙ୍କ ଗମନ ସଂଖ୍ୟା ୨୬୦ ଶତାଂଶ ବଢ଼ିଛି। କାନାଡ଼ାର ମୋଟ ବିଦେଶୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାରତୀୟଙ୍କ ସଂଖ୍ୟା ପ୍ରାୟ ୪୦ ଶତାଂଶ। ସୁତରାଂ ଏବେ କାନାଡ଼ା ସରକାରଙ୍କ ନୂଆ ନୀତି ଆଶାୟୀ ଭାରତୀୟ ବିଦ୍ୟାର୍ଥୀଙ୍କ ପାଇଁ ନୂଆ ସମସ୍ୟା ସୃଷ୍ଟି କରିବ। ଆହୁରି ମଧ୍ୟ ନୂଆନୀତି ଫଳରେ ସେଠାରେ ବର୍ତ୍ତମାନ ପଢୁଥିବା ଭାରତୀୟ ଛାତ୍ରଛାତ୍ରୀମାନେ ମଧ୍ୟ ବିଭିନ୍ନ ଦିଗରୁ ଅସୁବିଧା ଭୋଗିବେ। ସେମାନଙ୍କୁ ଆବାସିକ ଓ ରାସନ ସୁବିଧା ପାଇଁ ସମ୍ପୃକ୍ତ ରାଜ୍ୟ ସରକାରଙ୍କଠାରୁ ନିର୍ଦ୍ଦିଷ୍ଟ ଅବଧି ନିମନ୍ତେ ଅନୁମତି ଦେବାକୁ ପଡ଼ିବ। ଆଉ ଏକ ଦୃଷ୍ଟିକୋଣରୁ ଦେଖିଲେ କାନାଡ଼ାରେ କ'ଣ ଅଛି କେଜାଣି, ସେଠାରେ ପାଠପଢ଼ିବାକୁ ଭାରତୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଅଦ୍ଭୁତ ଆକର୍ଷଣ ରହିଛି। ପାଠ ଶେଷ ପରେ ସେଠାରେ ନିଯୁକ୍ତି ତତ୍କାଳ ଉପଲବ୍ଧ ହେଉଥିବାରୁ ବୋଧହୁଏ ଭାରତୀୟ ବିଦ୍ୟାର୍ଥୀଙ୍କର ଏହି ଆକର୍ଷଣ ଅଧିକ। ଆମ ଭାରତୀୟ ଉଚ୍ଚ ଶିକ୍ଷା, ବିଶେଷତଃ ବୈଷୟିକ ଶିକ୍ଷା ବ୍ୟବସ୍ଥା ଏ ଯାଏଁ ବିଶ୍ୱସ୍ତରୀୟ ହୋଇପାରିନାହିଁ। ସେଥିପାଇଁ ବିଦେଶୀ ବିଶ୍ୱବିଦ୍ୟାଳୟକୁ ଭାରତରେ କ୍ୟାମ୍ପସ୍ ପ୍ରତିଷ୍ଠା କରିବାକୁ କେନ୍ଦ୍ର ସରକାର ଅନୁମତି ଦେଉଛନ୍ତି।

ତେବେ କାନାଡ଼ାରେ ସମ୍ପ୍ରତି ବେକାରୀ ବଢ଼ିବା ସହିତ ଖାଦ୍ୟ ଓ ଆବାସିକ ସମସ୍ୟା ଉତ୍କଟ ହୋଇଛି। ଏଭଳି ପରିସ୍ଥିତିରେ ଅଧିକ ଖର୍ଚ୍ଚାନ୍ତ ହୋଇ ସେଠାକୁ ଯିବା ଭାରତୀୟ ବିଦ୍ୟାର୍ଥୀଙ୍କ ପକ୍ଷେ ଉଚିତ ନୁହେଁ। ଅଧିକ ଖର୍ଚ୍ଚ କରି ପାଠ ପଢ଼ି ସାରିବା ପରେ ନିଯୁକ୍ତିର ଗ୍ୟାରେଣ୍ଟି ଏବେ ନାହିଁ। କାନାଡ଼ାର ବୈଦେଶିକ ମନ୍ତ୍ରୀ ସ୍ପଷ୍ଟ ଭାବେ ତାଙ୍କ ଦେଶର ବେକାରୀ, ଖାଦ୍ୟ ଓ ଆବାସିକ ସମସ୍ୟା କଥା ସୂଚାଇ ଦେଇଛନ୍ତି। ତେଣୁ ଏଥିରେ ବ୍ୟସ୍ତବିବ୍ରତ ନ ହୋଇ ବରଂ ଏହାକୁ ଏକ ପରୋକ୍ଷ ଆଶୀର୍ବାଦ ଭାବେ ଭାରତୀୟ ବିଦ୍ୟାର୍ଥୀ ଗ୍ରହଣ କରିବା ଉଚିତ। ଗୋଟିଏ ଦ୍ୱାର ବନ୍ଦ ହୋଇଗଲେ ସୁଯୋଗର ଅନ୍ୟ ଦ୍ୱାର ଖୋଲିଥାଏ। ଆମ ଭାରତୀୟ ଛାତ୍ରଛାତ୍ରୀମାନେ ମଧ୍ୟ ବହୁସଂଖ୍ୟାରେ ଆମେରିକା, ବ୍ରିଟେନ୍, ଅଷ୍ଟ୍ରେଲିଆ ଆଦି ଦେଶକୁ ଉଚ୍ଚ ତଥା ବୈଷୟିକ ଶିକ୍ଷା ପାଇଁ ଯାଇଥା'ନ୍ତି। ସେମାନଙ୍କ ସଂଖ୍ୟା ବାର୍ଷିକ ପ୍ରାୟ ୨ ଲକ୍ଷ। ସେଥିରୁ ଅଷ୍ଟ୍ରେଲିଆକୁ ପ୍ରାୟ ୯୦ ହଜାର ଓ ବ୍ରିଟେନ୍‌କୁ ୫୦ ହଜାରରୁ ଅଧିକ ବିଦ୍ୟାର୍ଥୀ ପ୍ରତିବର୍ଷ ଯାଆନ୍ତି। ଏ ସବୁ ଦେଶ ଉନ୍ନତ ଏବଂ ସେଠାକାର ଶିକ୍ଷା ବ୍ୟବସ୍ଥା ମଧ୍ୟ ବିଶ୍ୱସ୍ତରୀୟ। ତେଣୁ ବିଦେଶରେ ପଢ଼ିବାକୁ ଆଗ୍ରହୀ ଭାରତୀୟ ବିଦ୍ୟାର୍ଥୀମାନେ ଦୁଇବର୍ଷ ପାଇଁ କାନାଡ଼ା ମୋହ ପରିତ୍ୟାଗ କରି ଅନ୍ୟ ଦେଶକୁ ଗଲେ ବିଶେଷ କିଛି ଅସୁବିଧା ବୋଧହୁଏ ହେବ ନାହିଁ। ତେଣୁ ଏଭଳି ପରିସ୍ଥିତିରେ ନୂଆ ଲକ୍ଷ୍ୟସ୍ଥଳ ନିର୍ଦ୍ଧାରଣ କରିବା ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ ଉପଯୁକ୍ତ ହେବ। ବିଶେଷକରି ସେ ଦେଶର ଆଭ୍ୟନ୍ତରୀଣ ନିଷ୍ପତ୍ତିରେ ହସ୍ତକ୍ଷେପ କରିବା ବା ଏ ପ୍ରସଙ୍ଗରେ କୂଟନୈତିକ ଚାପ ପ୍ରୟୋଗ କରିବାର ଅବକାଶ ପ୍ରାୟ ନାହିଁ। ତେଣୁ ଆମ ପିଲାଙ୍କୁ ଅବସ୍ଥା ଦେଖି ବ୍ୟବସ୍ଥା କରିବାକୁ ପଡ଼ିବ।

# ସମଲେଶ୍ୱରୀ ପୀଠ ପରିକ୍ରମା ପ୍ରକଳ୍ପ



ଡକ୍ଟର ସମୀର କୁମାର ନନ୍ଦ
ଦେବଗଡ଼, ମୋ: ୯୪୩୭୨୧୮ ୯୧୭

'ସମ୍ବଲପୁରର ମାଟି ପାନି ଝର୍ସି ହୀରା ନୀଲା, ଜୟ ଜୟ ମାଁ ସମଲେଇ ଗୋ! ଧଏନ ଧଏନ ତୋର ଲୀଲା।'

ଆର୍ଯ୍ୟଭୂମି ଭାରତବର୍ଷରେ ଶକ୍ତି ପୂଜା ଅତୀବ ପୁରାତନ। ଅଖଣ୍ଡ ବିଶ୍ୱାସରେ ଦୈବୀ କୃପା ଲାଭ କରିବା, ସର୍ବୋପରି ଏହି କୃପା ଓ କରୁଣାରେ ସଫଳତା ପାଇବା ଭାରତୀୟ ଆଧ୍ୟାତ୍ମିକ ଚେତନା ଓ ମାର୍ଗକୁ ପରିପୁଷ୍ଟ କରି ଆସିଛି। ଶକ୍ତି ହିଁ ଆଦି, ମଧ୍ୟ ଓ ଅନ୍ତ। ସୃଷ୍ଟିର ପ୍ରାରମ୍ଭ ଗତି, ପ୍ରଗତି ଓ ଅଗ୍ରଗତିର ମୂଳତତ୍ତ୍ୱ ହେଉଛି ଶକ୍ତି। ମାତୃରୂପା ଶକ୍ତି ହିଁ ସତ୍, ଚିତ୍ ଆନନ୍ଦର ଉତ୍ସ। ତେଣୁ ଶକ୍ତିବାଦର ପରମ୍ପରା ଓଡ଼ିଶା ଭୂଖଣ୍ଡରେ ବହୁକାଳରୁ ପ୍ରଚଳିତ। ଏହିକ୍ରମରେ ଓଡ଼ିଶାର ଅନ୍ୟତମ ଶକ୍ତିପୀଠ ଐତିହାସିକ ସହର ସମ୍ବଲପୁର ନିଜର ଇତିହାସ, ଐତିହ୍ୟ, ସଂସ୍କୃତି ଓ ପରମ୍ପରା ପାଇଁ ବିଶ୍ୱଜନବିଦିତ।

ଭାଷା, ପର୍ବପର୍ବାଣି, ପୋଷାକ ପରିପାଟୀ, ଧର୍ମ, ସଙ୍ଗୀତ, ସାମାଜିକ ବ୍ୟବସ୍ଥା, ଲୋକକଳା, ବ୍ରତଓଷା ଓ ଉପାସନା ପାଇଁ ସମ୍ବଲପୁରର ସଂସ୍କୃତି ଜନାଦୃତ। ମନ୍ଦିରମାଳିନୀ ସମ୍ବଲପୁର ସହରରେ ୨୭ଟି ଜଗନ୍ନାଥ ମନ୍ଦିର ସମେତ ଅନେକ ଦେବୀପୀଠ ରହିଛି। ମହିମା ବିମଣ୍ଡିତ ସମ୍ବଲପୁର ସହର ଧାର୍ମିକ ପରମ୍ପରାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଆସିଛି।

ଓଡ଼ିଶାର ଶକ୍ତିପୀଠମାନଙ୍କ ମଧ୍ୟରୁ ସମ୍ବଲପୁରର 'ସମଲେଇ ପୀଠ' ଅନ୍ୟତମ। ଏହି ପୀଠରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ରୂପେ ମା' ସମଲେଶ୍ୱରୀ ବିରାଜିତା। କିମ୍ବଦନ୍ତୀ ଅନୁଯାୟୀ, ଷୋଡ଼ଶ ଶତାବ୍ଦୀରେ ସମ୍ବଲପୁରର ପ୍ରତିଷ୍ଠାତା ତଥା ଚୌହାଣ ବଂଶର ପ୍ରଥମ ରାଜା ବଳରାମ ଦେବ(୧୪୬୬-୧୫୭୮) ଏକଦା ନିଜର ଦୁର୍ଗ ସ୍ଥାପନ କରିବା ନିମନ୍ତେ ଉପଯୋଗୀ ସ୍ଥାନର ଅନୁସନ୍ଧାନରେ ହୁମା ପ୍ରଦେଶର ସର୍ବତ୍ର ବୁଲି ବୁଲି ମୃଗୟା କରିବାରେ ଲାଗିଲେ। ଦିନେ ଚାଉଁରପୁରରେ ନିଜର ଶିବିରରେ ଅବସ୍ଥାନ କରିବା ବେଳେ ସେ ଦେଖିଲେ ଯେ ତାଙ୍କ ଶିକାରୀ କୁକୁର ଗୋଟିଏ ଠେକୁଆକୁ ଗୋଡ଼ାଇବା ସମୟରେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଠେକୁଆ ପଛକୁ ବୁଲିପଡ଼ି ଓଲଟା କୁକୁରକୁ ଗୋଡ଼ାଇଲା। ରାଜା ଆଶ୍ଚର୍ଯ୍ୟ ହେଲେ ଏବଂ ସେ ସ୍ଥାନର କିଛି ଦୈବୀ ଶକ୍ତି ଅଛି ବୋଲି ଅନୁଭବ କଲେ। ସେହି ରାତିରେ ରାଜାଙ୍କୁ ସ୍ୱପ୍ନାଦେଶରେ ଦେବୀ କହିଲେ ଯେ ମୁଁ ଗୁମଦର୍ହରେ ଅଛି। ମୋତେ ନେଇ ନଦୀ ଆରପଟେ ଥିବା ଶିମୁଳୀ ଗଛ ତଳେ ସ୍ଥାପନ କରି ମନ୍ଦିରରେ ରଖ। ରାଜା ସେଠାରେ ମା'ଙ୍କୁ ସ୍ଥାପନା କରିବା ସହିତ ନିଜର ଦୁର୍ଗ ମଧ୍ୟ ସେଠାରେ ନିର୍ମାଣ କଲେ। ଶିମୁଳୀ ଗଛ ତଳେ ସ୍ଥାପନ ହୋଇଥିବାରୁ ଦେବୀଙ୍କୁ ସମଲେଇ ଓ ନିଜ ରାଜ୍ୟକୁ ସମ୍ବଲପୁର ବୋଲି ନାମକରଣ କଲେ ରାଜା ବଳରାମ ଦେବ। ସମ୍ବଲପୁର ଦୁର୍ଗ ଓ ମନ୍ଦିର ନିକଟରେ ସମ୍ବଲପୁର ନଗରୀ ଏହିପରି ପ୍ରତିଷ୍ଠା ହେଲା। ପାଟଣାରୁ ଆସିଥିବା ରାଜଗୁରୁ,





ପୁରୋହିତ, ମନ୍ତ୍ରୀ ଓ କର୍ମଚାରୀମାନେ ନଗରୀରେ ବାସ କଲେ।

ବର୍ତ୍ତମାନର ମନ୍ଦିର ସମ୍ବଲପୁରର ସପ୍ତମ ରାଜା ଛତ୍ର ସାଏଙ୍କ(୧୬୫୭-୧୬୯୫) ଦ୍ୱାରା ନିର୍ମିତ ହୋଇଥିଲା। ରାଜା ଦେଉଳକୁ ୪୦ ଖଣ୍ଡ ମୌଜା ସେବା ପୂଜା ନିମନ୍ତେ ଅର୍ପଣ କରିଥିଲେ ବୋଲି ଜଣାପଡ଼େ। ମହାନଦୀ କୂଳରେ ଅବସ୍ଥିତ ଏହି ଦେବୀପୀଠରେ ମା' ସମଲେଶ୍ୱରୀଙ୍କୁ ଜଗତଜନନୀ, ଆଦିଶକ୍ତି, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ରୂପରେ ବହୁକାଳରୁ ପୂଜା କରାଯାଉଛି। 'ରାୟ' ସଂଜ୍ଞାଧାରୀ କ୍ଷତ୍ରିୟ ସେବାୟତମାନଙ୍କ ଦ୍ୱାରା ଭୁବନେଶ୍ୱରୀ ମନ୍ତ୍ରରେ ମା'ଙ୍କର ପୂଜା ହୋଇଥାଏ। ପୂଜା ପାଇଁ କେବେ କୌଣସି ପୂଜକ ଭକ୍ତମାନଙ୍କଠାରୁ ଦକ୍ଷିଣା ଦାବି ନ କରିବା ଏହି ମନ୍ଦିରରେ ଏକ ଅନନ୍ୟ ପରମ୍ପରା। ସମ୍ବଲପୁର ଜିଲ୍ଲାର ପ୍ରାୟ ପ୍ରତି ଗ୍ରାମରେ ମା' ସମଲାଇ ଅଧିଷ୍ଠିତା।

ବର୍ତ୍ତମାନ ସାରା ରାଜ୍ୟରେ ଆଧ୍ୟାତ୍ମିକତାର ଅପୂର୍ବ ପରିବେଶ ସୃଷ୍ଟି ହୋଇଛି। ଶହ ଶହ ବର୍ଷତଳେ ତତ୍କାଳୀନ ରାଜାମାନଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ବିଭିନ୍ନ ଦେବସ୍ଥାନକୁ ରାଜ୍ୟ ସରକାରଙ୍କ ଦ୍ୱାରା ରୂପାନ୍ତରଣ କରାଯାଇ ଭବ୍ୟ ରୂପ ଦିଆଯାଉଛି। ଶ୍ରୀଜଗନ୍ନାଥ ମନ୍ଦିର ଓ ଶ୍ରୀଲିଙ୍ଗରାଜ ମନ୍ଦିରର ଉନ୍ନତିକରଣ ସହିତ ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ର ଆଧ୍ୟାତ୍ମିକ ଭାବାବେଗ ସହିତ ଜଡ଼ିତ ବିଶିଷ୍ଟ ତୀର୍ଥକ୍ଷେତ୍ର ମା' ସମଲେଶ୍ୱରୀ ମନ୍ଦିରର ରୂପାନ୍ତୀକରଣ ମଧ୍ୟ ରାଜ୍ୟ ସରକାର ଆନ୍ତରିକତାର ସହିତ କରିଛନ୍ତି। ୨୦୨୧ ମସିହାରେ ପ୍ରସ୍ତୁତ ପ୍ରାୟ ଚାରିଶହ କୋଟି ଟଙ୍କା ଅଟକଳରେ ଓ ଚାଳିଶ ଏକର ଜମି ଅଧିଗ୍ରହଣ କରାଯାଇ ସମଲେଶ୍ୱରୀ ମନ୍ଦିର ପାରିପାର୍ଶ୍ୱିକ ଅର୍ଥନୈତିକ ବିକାଶ ପରିକ୍ରମା ପ୍ରକଳ୍ପ(ସମଲେଇ ପ୍ରକଳ୍ପ) ପାଇଁ ସରକାରଙ୍କ ପ୍ରଚେଷ୍ଟା ଏବେ ପୂର୍ଣ୍ଣାଙ୍ଗ ରୂପ ନେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ମା'ଙ୍କର ମନ୍ଦିର ଓ ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ସହିତ ସ୍ଥାନୀୟ ଜନସାଧାରଣଙ୍କ ଅର୍ଥନୈତିକ ବିକାଶକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି। ଏତଦବ୍ୟତୀତ ଭକ୍ତ ଓ ପର୍ଯ୍ୟଟକମାନଙ୍କ ସ୍ୱାର୍ଥକୁ ମଧ୍ୟ ଅଗ୍ରାଧିକାର ଦିଆଯାଇଛି। ମନ୍ଦିରର ଚାରିଦିଗରେ ଚାରୋଟି ସୁନ୍ଦର ଦ୍ୱାର, ଭୋଗ ମଣ୍ଡପ, ଭକ୍ତମାନଙ୍କୁ ଧାଡ଼ିରେ ଛିଡ଼ା ହେବା ବ୍ୟବସ୍ଥା ଓ ପୂଜକମାନଙ୍କ ବିଶ୍ରାମ କକ୍ଷ ଏଥିରେ ଅନ୍ତର୍ଭୁକ୍ତ। ଏକାସାଥିରେ ମହାନଦୀର ଅବିରାମ ଜଳରାଶିର ପ୍ରାକୃତିକ ସୌନ୍ଦର୍ଯ୍ୟ ସହିତ ମନ୍ଦିର ପରିକ୍ରମା ପ୍ରକଳ୍ପର ଆକର୍ଷଣୀୟ ବିହଙ୍ଗମ ଦୃଶ୍ୟକୁ ଉପଭୋଗ କରିବା ନିମନ୍ତେ ମନ୍ଦିର ପାର୍ଶ୍ୱ ମହାନଦୀ କୂଳରେ ଏକ ୬୦ ଫୁଟ ଉଚ୍ଚତାର ପର୍ଯ୍ୟବେକ୍ଷଣ ଟାୱାର ନିର୍ମାଣ ହୋଇଛି, ଯାହାର କାନ୍ଥରେ ଘଡ଼ି ଲଗାଯାଇଛି। ମହାନଦୀ କୂଳରେ ଏକ ଚଲାପଥ ନିର୍ମାଣ ସହିତ ସମଗ୍ର ପ୍ରକଳ୍ପ ପରିସରରେ ଛାୟା ପ୍ରଦାନ ଏବଂ ପରିବେଶ ସନ୍ତୁଳନ ପାଇଁ ବହୁଳଭାବେ ସବୁଜିମା ସୃଷ୍ଟି ଲାଗି ଆବଶ୍ୟକୀୟ ପଦକ୍ଷେପ ନିଆଯାଇଛି।

ସମଲେଇ ପ୍ରକଳ୍ପର ଲୋକାର୍ପଣ କାର୍ଯ୍ୟକ୍ରମ ନିମନ୍ତେ ୯ ଦିନ ଧରି ଉତ୍ସବ ପାଳନ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜ୍ୟ ଓ ରାଜ୍ୟ ବାହାରର ପ୍ରାୟ ୨୦୦ ମନ୍ଦିର ଓ ଧାର୍ମିକ ଅନୁଷ୍ଠାନକୁ ନିମନ୍ତ୍ରଣ କରାଯାଇଛି। ସମସ୍ତଙ୍କ ଘରୁ ସିନ୍ଦୂର ଓ ନଡ଼ିଆ ଅଣାଯାଇ ମନ୍ଦିରରେ ଅର୍ପଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନ ଦିନ ମନ୍ଦିର ସମ୍ମୁଖ ସ୍ଥଳ ଓ ଚାରିଦ୍ୱାରରେ ପାଞ୍ଚଟି ଯଜ୍ଞ ମଣ୍ଡପରେ ହୋମ, ଚଣ୍ଡୀପାଠ ୩୦ ଜଣ ପଣ୍ଡିତଙ୍କ ଦ୍ୱାରା ସମ୍ପାଦନା କରାଯିବା ସହିତ ସନ୍ଧ୍ୟା ସମୟରେ ୧୪ଜଣ ପଣ୍ଡିତଙ୍କ ଦ୍ୱାରା ମହାନଦୀରେ ଆଳତିର ଆୟୋଜନ କରାଯାଇଛି। ଏଥିପାଇଁ ୩୫୦ମିଟରର ପ୍ଲାଟଫର୍ମ ତିଆରି କରାଯାଇଛି।

ପରିକ୍ରମା ପ୍ରକଳ୍ପର ରୂପାନ୍ତୀକରଣରେ ସମସ୍ତଙ୍କ ସାହାଯ୍ୟ, ସହଯୋଗ ଓ ସଦିଚ୍ଛା ହିଁ ଧାର୍ମିକ ପୀଠର ବିକାଶର ରାସ୍ତା ଆହୁରି ପ୍ରଶସ୍ତ କରିବ ଏବଂ ସ୍ୱପ୍ନ ସାକାର କରିବ। ସମଲେଶ୍ୱରୀଙ୍କ ମହିମା ଅଗଣିତ ଭକ୍ତଙ୍କୁ ଘଣ୍ଟ ଘୋଡ଼ାଇ ରଖିଛି। ଭକ୍ତି ଭାବରେ ବନ୍ଧା ଲକ୍ଷଲକ୍ଷ ଭକ୍ତ ମା'ଙ୍କର ଅଲୌକିକ ଚେତନାରେ ବିଶ୍ୱାସ କରିବା ସହିତ ସ୍ୱର୍ଗୀୟ ଅନୁଭବ, ଆଧ୍ୟାତ୍ମିକ ଅନୁଭୂତି ହିଁ ସାରା ରାଜ୍ୟକୁ ସମୃଦ୍ଧ ଓ ରୁଦ୍ଧିମନ୍ତ କରିପାରିଛି। ମା' ସମଲେଶ୍ୱରୀଙ୍କ ମାହାତ୍ମ୍ୟ ପ୍ରଚାର ଓ ପ୍ରସାର ଦିଗରେ ସରକାରଙ୍କ ଆନ୍ତରିକତା ବାସ୍ତବିକ ଉଲ୍ଲେଖନୀୟ। କୌଣସି ପ୍ରକଳ୍ପର ନବୀକରଣରେ ପ୍ରଭାବିତ ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀମାନଙ୍କ ବିସ୍ଥାପନ ଏକ ସମ୍ବେଦନଶୀଳ ବିଷୟ। ସାତପୁରୁଷର ଭିଟାମାଟି ସହିତ ଜଡ଼ିତ ଭାବାବେଗର ଶୂନ୍ୟସ୍ଥାନକୁ କୌଣସି ପ୍ରକାର ଆର୍ଥିକ ସହାୟତା ପୂରଣ କରିପାରେ ନାହିଁ। ତଥାପି ସରକାରଙ୍କ ଏହି ପ୍ରଚେଷ୍ଟା, ଯାହାକି ଜନସାଧାରଣ ଜୀବନକାଳ ମଧ୍ୟରେ କେବେ କଳ୍ପନା କରି ନ ଥିଲେ ତାହା ସର୍ବଦା ସଫଳ ହେଉଥିବାରୁ ସମସ୍ତେ ଆନନ୍ଦିତ, ସମର୍ପିତ ଓ ଉତ୍ସର୍ଗୀକୃତ ମନୋଭାବ ନେଇ ସମଲେଇ ପରିକ୍ରମା ପ୍ରକଳ୍ପର ସଫଳତା ପାଇଁ କାମନା କରୁଛନ୍ତି। ପ୍ରତ୍ୟେକ ଜିଲ୍ଲାରେ ଅବସ୍ଥିତ କୌଣସି ଏକ ବିଶିଷ୍ଟ ମନ୍ଦିରର ନବୀକରଣ ଯୋଜନା ସରକାର ହାତକୁ ନେଲେ ସାରା ରାଜ୍ୟର ଅପୂର୍ବ ଧାର୍ମିକ ବାତାବରଣ ଖେଳିଯିବା ସ୍ୱାଭାବିକ। ସରକାରଙ୍କ ଏହି ଯୋଜନା ରାଜ୍ୟବାସୀଙ୍କ ମନରେ ଶାନ୍ତି ଓ ଆଧ୍ୟାତ୍ମିକତାର ବାର୍ତ୍ତାକୁ ଉଜ୍ଜୀବିତ କରିବା ସହିତ ଭକ୍ତିଭାବନାକୁ ଅକ୍ଷୁଣ୍ଣ ରଖୁ ଏହା ହିଁ କାମନା।

# ଗଣପର୍ବ 'ପୁଷ୍‌ପୁନି'



ପ୍ରଭାତୀ ବିଶୋୟୀ
ନବରଙ୍ଗପୁର, ମୋ: ୯୪୩୭ ୯୦୨୦୯୧



ପ୍ରକୃତି କୋଳରେ ଜୀବନକୁ ଭରପୂର ଉପଭୋଗ କରୁଥିବା ଜନଜାତିଙ୍କ ମଧ୍ୟରେ ବିଭିନ୍ନ ପର୍ବପର୍ବାଣି ପାଳନର ବିଧିବିଧାନ ମଧ୍ୟ ଭିନ୍ନ। ଓଡ଼ିଶାରେ ବାଷଠି ପ୍ରକାର ଜନଜାତି ସମ୍ପ୍ରଦାୟ ବାସ କରନ୍ତି। ପଶ୍ଚିମ ଓଡ଼ିଶା ସମେତ ଅବିଭକ୍ତ କୋରାପୁଟ ଜିଲ୍ଲାରେ 'ପୌଷ ପୂର୍ଣ୍ଣମୀ' ବା 'ପୁଷ୍‌ପୁନି' ଆଦିବାସୀ ସଂସ୍କୃତିର ବାହକ ରୂପେ ବିବେଚିତ। ପୌଷ ପୂର୍ଣ୍ଣିମାକୁ 'ଦେବାଭିଷେକ ପୂର୍ଣ୍ଣିମା' ରୂପେ ମଧ୍ୟ ପାଳନ କରାଯାଏ। ବିହନବୁଣାଠାରୁ ଆରମ୍ଭ କରି ଫସଲ ଆମଦାନୀ ଯାଏଁ ଜନଜାତିଙ୍କର ପରବ ଲାଗି ରହିଥାଏ। 'ପୁଷ୍‌ପୁନି' କୃଷି ବର୍ଷ ସମାପ୍ତିର ଦିନ। ଯେଉଁମାନଙ୍କର ନିଜସ୍ୱ ଚାଷଜମି ନଥାଏ ସେମାନେ ସାହୁକାର ପାଖରେ ଚୁକ୍ତି କରି ମାସିଆରି ଦରମା ସୂତ୍ରରେ ଧାନ ଚାଉଳ ପାଇଥା'ନ୍ତି। ବର୍ଷକୁ ଦୁଇ ଖଣ୍ଡ ଧୋତି ଚାଦର ପାଆନ୍ତି। 'ପୁଷ୍‌ପୁନି' ଏହି କର୍ମଚୁକ୍ତିର ଶେଷ ଦିନ ରୂପେ ବିବେଚିତ। ତାହାପରେ ଆଗାମୀ ବର୍ଷ ପାଇଁ ଆଉ ଥରେ ଚୁକ୍ତି ହୁଏ।

'ପୁଷ୍‌ପୁନି' ବେଳକୁ ଘର ଘରେ ଧାନ କଟା, ବୁହା ଓ ରଖା କାମ ଶେଷ ହୋଇଯାଇଥାଏ। କ୍ଷେତ କାମ ଶେଷ ଓ ଘର ଧାନ ଭର୍ତ୍ତି। ଖାଇବା ଗଣ୍ଡାକ ପାଇଁ ଅନ୍ତତଃ ଚିନ୍ତା ନ ଥାଏ। ତେଣୁ ଚାଷୀମାନେ ଖୁସି ପାଳନ କରିବା ପାଇଁ 'ପୁଷ୍‌ପୁନି' ପର୍ବ ପାଳନ କରନ୍ତି। ଘରେ ଘରେ କ୍ଷୀରି, ପିଠା, ମାଛ, ମାଂସର ଆସର ଜମେ। ଏହି ଦିନ ହଳିଆ ଓ ସାହୁକାର ଉଭୟ ନିଶାପାଣିରେ ଏକାକାର ହୋଇଯା'ନ୍ତି। ବାଛବିଚାର ନ ଥାଏ। ନିଚ୍ଛକ ଆନନ୍ଦରେ ମସଗୁଲ ହେବାର ଦିନଟିଏ 'ପୁଷ୍‌ପୁନି'।

'ପୁଷ୍‌ପୁନି'ର ଏକ ନିଆରା ପରମ୍ପରା ବା ନାମଟିଏ ରହିଛି। ତାହା ହେଲା 'ଛେରଛେରା'। 'ପୁଷ୍‌ପୁନି' ବିନା 'ଛେରଛେରା' ନାହିଁ କି 'ଛେଉଛେରା' ବିନା 'ପୁଷ୍‌ପୁନି' ନାହିଁ। 'ପୁଷ୍‌ପୁନି'ର ସର୍ବଶ୍ରେଷ୍ଠ ଆକର୍ଷଣ ହେଲା 'ଛେରଛେରା'ର ମେଲାଣି ଗୀତ। ଏହି ଦିନ ଗାଁ ଗାଁରେ ଜନଜାତି ଘରର ଆବାଳବୃଦ୍ଧବନିତା ବାଜା, ମହୁରି, ଗୀତ, ନାଚ ସହ ଛେରଛେରା ଗୀତ ଗାଇ ଗାଇ ଗାଁ ପରିକ୍ରମା କରନ୍ତି। ପ୍ରତ୍ୟେକ ଗୃହସ୍ଥଙ୍କ ଘରେ ମେଲାଣି ମାଗି ପାଉଣା ଅସୁଲ କରନ୍ତି। ଜନଜାତି ସମ୍ପ୍ରଦାୟରେ ଚାନ୍ଦା ବ୍ୟବସ୍ଥା ଆଦୌ ନାହିଁ। କିନ୍ତୁ 'ପୁଷ୍‌ପୁନି'ର କଥା ନିଆରା। ଏଠି ନା ଥାଏ ଗ୍ରହୀତାର ଅନୁନୟ ନା ଥାଏ ଦାତାପଣିଆ। ଥାଏ କେବଳ ନିରୋଳା ଆନନ୍ଦ ଟିକକ। ବେଶୀ ଆକର୍ଷଣ କରେ ବିଭିନ୍ନ ପ୍ରକାର କୌତୁକିଆ ବେଶପୋଷାକ ଓ ଦେଶିଆ ନାଟ।

'ପୁଷ୍‌ପୁନି'ର ଆଉ ଏକ ଆକର୍ଷଣ ହେଲା ସ୍ତ୍ରୀ ଲୋକଙ୍କ ପାନିଆ ଝୁନିଆ ଗୀତ। ସନ୍ଧ୍ୟାରେ ସମସ୍ତେ ଦଳ ଦଳ ହୋଇ ସୁନ୍ଦର ପାରମ୍ପରିକ ଶାଢ଼ି ପିନ୍ଧି ମୁଣ୍ଡରେ ଖୋସା ପାରି ଫୁଲ ଚିପନା ମାରି ସୁନ୍ଦର ସଜ୍ଜିତ ହୋଇ ହାତରେ ଚାଙ୍ଗୁଡ଼ିଟିଏ ଧରି ହାତକୁ ହାତ ଧରି ଘରକୁ ଘର ବୁଲନ୍ତି। ସୁଲଳିତ କଣ୍ଠରେ ଅନେକ ମନମୋହକ ଲୋକଗୀତ ସେମାନଙ୍କ ଦେଶୀୟ ବୋଲିରେ ଗାଇଥା'ନ୍ତି। ସବୁଠୁ ବେଶୀ ବୋଲାଯାଉଥିବା ଗୀତ ମଧ୍ୟରେ ରହିଛି - 'ପାନିଆ ଝୁନିଆ ପାନିଆ ଝୁନିଆ, ମୁଠେକ ଚାଉଳ ଦିଆ, ଦେଲେ ଦିଆ ନଲେ ନାଇଁ ଯିବୁ ଆମର ପାରାରୁ...', 'ଆଜି ପୁନି କାଲି ପୁନି, ଛିଡ଼ାପଡ଼ା ତୁନାତୁନି, ଦିଆ ଗୋ ମା ଦିଅ...', 'ଛେରଛେର ଛେରଛେରା, ଇ ଘରର ବୁଢ଼ୀ କେନେ ଗଲା। ଲୁକି ଲୁକି ବୁଲସିଛେ, ତମକେ ଦେଖୀ କି ମକେ ଦେଖୀ, କେତେକ ଗର ଗର ହେସିଛେ, ଛେର ଛେର ଛେରଛେରା...', 'ଆପା ତୋ ଆପା, ମାଛ ମରା ଆପା, ଇ ଗାଁର ଭେଣ୍ଡିଆ ମନ କେ ବନ୍ଧେ ନେଇ ଆପା...'। ଏଠି 'ଛେର'ର ଅର୍ଥ 'ଦିଅ' ବୋଲି ବୁଝିବାକୁ ହେବ। 'ପୁଷ୍‌ପୁନି'ରେ ପ୍ରତ୍ୟେକଙ୍କ ଘରୁ ଖାଦ୍ୟ ଦ୍ରବ୍ୟ ଓ ଅର୍ଥ ସଂଗ୍ରହ କରାଯାଏ। ପରେ ଏହି 'ଛେରଛେରା' ଆଦାୟକୁ ଭାଗ କରାଯାଏ। ପ୍ରାୟତଃ ସମସ୍ତେ ମିଶି ଭୋଜିଭାତ କରନ୍ତି। 'ପୁଷ୍‌ପୁନି' ଦିନ ଗାଁର ବଡ଼ ବଡ଼ ଚାଷୀ ଓ ସାହୁକାର ଗାଁର ସେବକ ବୋଲାଉଥିବା ହଳିଆ, ମୂଲିଆ, ମହୁରିଆ, ଧୋବା, ଭଣ୍ଡାରୀ, ଲୋହାରମାନଙ୍କୁ ଚାଉଳ, କାନ୍ଦୁଲ, ମୁଗ, ଗୁଡ଼, ପନିପରିବା ଓ ପଇସା ଦେଇଥା'ନ୍ତି। 'ପୁଷ୍‌ପୁନି' ସାଧାରଣତଃ ତିଳ ବା ରାଶି ପକାଇ ପିଠା କରାଯାଇଥାଏ। ଚାଉଳଚୂନା ଖଳିରେ ରାଶି, ନଡ଼ିଆ ପୁର ଦେଇ ପିଠା କରାଯାଇଥାଏ।

ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶଯାତ୍ରା ମଧ୍ୟରେ ପୌଷ ଅଭିଷେକ ଅନ୍ୟତମ। 'ସ୍କନ୍ଦ ପୁରାଣ', 'ବାମଦେବ ସଂହିତା' ଓ 'ନୀଳାଦ୍ରି ମହୋଦୟ'ରେ 'ପୌଷ ପୂର୍ଣ୍ଣମୀ'କୁ 'ପୌଷ ଉତ୍ସବ', 'ଅଭିଷେକ ଉତ୍ସବ' ରୂପେ ବର୍ଣ୍ଣନା କରାଯାଇଛି। ବରାହ ମିହରଙ୍କ 'ବୃହଦ ସଂହିତା' ଅନୁଯାୟୀ, ଦେବା-ସୁର ଯୁଦ୍ଧରେ ଦେବଗଣ ପରାସ୍ତ ହେବା ପରେ ଏହାର ପ୍ରତିକାର ସ୍ୱରୂପ ଦେବଗୁରୁ ବୃହସ୍ପତି ପୌଷ ନକ୍ଷତ୍ର ଓ ତିଥି ଅନୁଯାୟୀ ଇନ୍ଦ୍ରଦେବଙ୍କୁ ଧ୍ୟାନ ଯୋଗେ ଅଭିଷିକ୍ତ କରାଇଥିଲେ। ଯ'ଦ୍ୱାରା କି ଦେବରାଜ ଇନ୍ଦ୍ରଙ୍କ ସମେତ ଦେବଗଣ ପୁନଶ୍ଚ ଶକ୍ତିଲାଭ କରି ଅସୁରଙ୍କୁ ପରାସ୍ତ କରିଥିଲେ। ତେଣ ଏହି ତିଥିରେ ରାଜାମାନଙ୍କ ମଧ୍ୟ ଅଭିଷେକ କରାଯାଇଥାଏ। କ୍ଷତ୍ରିୟ ରାଜାମାନେ ନୂଆ ପଇତା ପିନ୍ଧି ସିଂହାସନରେ ବସି ପ୍ରଜାଙ୍କୁ ଉପହାର ଭେଟି ଦିଅନ୍ତି। ଓଡ଼ିଆଙ୍କ ପ୍ରାଣ ଶ୍ରୀଜଗନ୍ନାଥଙ୍କ ପୌଷ ପୂର୍ଣ୍ଣମୀରେ ସ୍ୱତନ୍ତ୍ର ପୁଷ୍ପ ବେଶ ହୁଏ। ଏଥିରେ ବାଉଁଶ ପାତିଆ ସହ କୁନ୍ଦ ଫୁଲ, ରଜନୀଗନ୍ଧା ଫୁଲ ଲାଗି କରାଯାଏ। ଶ୍ରୀଜୀଉମାନେ ପୁଷ୍ପ ଧନୁ ସହ ଖଡ଼ଗ, ଢାଲ, ଶଙ୍ଖ, ଚକ୍ର, ଗଦା, ମୂଷଳ, ହଳ ଧାରଣ କରନ୍ତି। ଏହି ବେଶ ଦର୍ଶନରେ ପାପ କ୍ଷୟ ହୋଇ ପୁଣ୍ୟ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି। ହିନ୍ଦୁ ଧର୍ମରେ ପୌଷ ପୂର୍ଣ୍ଣିମାର ମହତ୍ତ୍ୱ ସ୍ୱତନ୍ତ୍ର। ସଂଗମ ଘାଟରେ କୁମ୍ଭ ମେଳାରେ ବୁଡ଼ ପକାଇବା ସହ କଳ୍ପବାସ, ମାଘ ସ୍ନାନ, ସୂର୍ଯ୍ୟ ଅର୍ଘ୍ୟ ଦେବା ଏହି ଦିନରୁ ଆରମ୍ଭ ହୁଏ। ଶାକ୍ତ ମତାନୁସାରେ ଏହି ଦିନ ଶାକମ୍ବରୀ ପୂର୍ଣ୍ଣିମା ରୂପେ ପାଳିତ ହୁଏ। ମା'ଦୁର୍ଗାଙ୍କ ପ୍ରତିରୂପ ଦେବୀ ଶାକମ୍ବରୀ ଶକ୍ତି ତଥା ସବୁଜିମାର ପ୍ରତୀକ। ପ୍ରଭୁ ଶ୍ରୀସତ୍ୟନାରାୟଣଙ୍କ ବ୍ରତପୂଜା ଏହିଦିନ ପ୍ରାୟତଃ ଅନେକ ସ୍ଥାନରେ ଅନୁଷ୍ଠିତ ହୋଇଥାଏ। ଏହିଦିନ ଦାନର ବିଶେଷ ମହତ୍ତ୍ୱ ରହିଛି।

ନାଚ ଗୀତର ଫୁଆରାରେ ଆନନ୍ଦ ବାଣ୍ଟି ଦେଇ 'ପୁଷ୍‌ପୁନି' ଚାଲିଯାଏ ଶୀତର କୁହୁଡ଼ିରେ ଆଗାମୀ ବର୍ଷକୁ ପୁଣି ଆସିବାର ପ୍ରତିଶ୍ରୁତି ଦେଇ। ବାସ୍ତବିକ ଏହା ଜନଜାତିଙ୍କର ଏକ ଗଣପର୍ବ, ଆନନ୍ଦର ପର୍ବ। ଏବେ ଆଧୁନିକତାର ସ୍ପର୍ଶରେ ଧୀରେ ଧୀରେ ହଜିଯିବାକୁ ବସିଲାଣି ସେହି ଅନନ୍ୟ ପରମ୍ପରାଗୁଡ଼ିକ। ଏବେ ରେକର୍ଡ ଡ୍ୟାନ୍ସ, ଆଲବମ୍ ଓ ସିନେମା ଗୀତରେ ମତୁଆଲା ହୋଇ କିଛି ଉଦ୍ଭଟ ନୃତ୍ୟ ଗୀତ 'ପୁଷ୍‌ପୁନି' ସଂସ୍କୃତି ଭିତରକୁ ପଶି ଆସିଛି। ସଂସ୍କୃତି ପ୍ରଦୀପରେ ପରମ୍ପରାର ସଳିତା ଦପ ଦପ ହେଉଛି ଯାହା। ସମ୍ପୂର୍ଣ୍ଣ ଲିଭିଯିବା ପୂର୍ବରୁ ଲୌକିକତାର ଇନ୍ଧନରେ ଏହାକୁ ସଦା ପ୍ରଜ୍ୱଳିତ କରିବାକୁ ପଡ଼ିବ।

## ଘୋଷଣା

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com



# ସମଲେଇ ପ୍ରକଳ୍ପ



ରାଜରାଜୁଡ଼ା ସମୟରୁ ମହାନଦୀ ତଟରେ ଶୈବ, ଶାକ୍ତ, ବୈଷ୍ଣବ ପୀଠଗୁଡ଼ିକ ରହିଆସିଛି । ତେଣୁକରି ଏହି ଅଞ୍ଚଳରେ ସର୍ବଦା ଭକ୍ତିମୟ ପରିବେଶ ରହିଥାଏ । ସନ୍ଧ୍ୟା ସମୟରେ ପ୍ରତିଦିନ ଏହି ପୀଠଗୁଡ଼ିକରେ ଶଙ୍ଖ, ଘଣ୍ଟ, ବିଭିନ୍ନ ବଜା ବଜାଇ ଆଳତି ହୋଇଆସୁଛି । ଶ୍ରଦ୍ଧାଳୁମାନେ ପ୍ରତ୍ୟହ ଆଳତି ଦର୍ଶନ କରୁଛନ୍ତି । ମହାନଦୀରେ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ଦିନରେ ଆଳତି ହୋଇଥାଏ । ଏଣିକି ବନାରସ ଗଙ୍ଗା ଓ ଅଯୋଧ୍ୟା ସରଯୂ ନଦୀରେ ଆଳତି ଭଳି ମହାନଦୀରେ ଆଳତି ହେବ । ସେ ନେଇ ଏକ ରିଭର ଭିୟୁ ପଏଣ୍ଟ ଓ ମହାନଦୀ ଆଳତି ଘାଟ ସମଲେଇ ପ୍ରକଳ୍ପରେ ରହିଛି । ଯାହାକି ସମଲେଇ ପ୍ରକଳ୍ପର ଏକ ଆକର୍ଷଣୀୟ ଅଂଶବିଶେଷ । ଏହା ପର୍ଯ୍ୟଟକମାନଙ୍କୁ ବେଶ୍ ଆକୃଷ୍ଟ କରିବ । ଅନ୍ୟପକ୍ଷରେ ପ୍ରକୃତିର ଏକ ଅମୂଲ୍ୟ ଉପାଦାନ ନଦୀ ସହିତ ଆମ ସମ୍ପର୍କ ବିଷୟରେ ବି ଆଗାମୀ ଯୁବପିଢ଼ି ଜାଣିପାରିବେ ।







ପ୍ରସ୍ତୁତି: ଶୁଭାଶିଷ

# ଆଧ୍ୟାତ୍ମିକ ଚେତନା ସହ ପ୍ରକୃତି ଉପାସନା

## ଶୋଭା ବଢ଼ାଇବ ମହାନଦୀ ତଟ ମନ୍ଦିରମାଳା

ସମ୍ବଲପୁର ମହାନଦୀ ତଟରେ ଏକାଧିକ ମନ୍ଦିର ରହିଛି । ମାଁ ସମଲେଇଙ୍କ ସହିତ ପାଟଣେଶ୍ୱରୀ, ବାଲିବନ୍ଧା ସୋମନାଥ ବାବା, ଝାଡୁଆପଡ଼ା ବ୍ରହ୍ମପୁରା, ଲୋକନାଥ ବାବା, ହନୁମାନ ମନ୍ଦିର, ନନ୍ଦପଡ଼ା ବମ୍ବରାଡ଼ ବାଲୁଙ୍କେଶ୍ୱର ବାବା, ଜଗନ୍ନାଥ ମନ୍ଦିର, ଅନନ୍ତଶଯ୍ୟା, ଗୋପଲଜୀ ମନ୍ଦିର, ବୁଢ଼ୀମା ମନ୍ଦିର, ମହାକାଳେଶ୍ୱର, ଗୁଡ଼େଶ୍ୱର ବାବା, ଦୁର୍ଗା ମନ୍ଦିର, କଣଲେଇ ଗୁଡ଼ି, କୈଶଲେଶ୍ୱର ବାବା, ଶୀତଳେଶ୍ୱର ବାବା, ମାଁ ଦଶମତି ମନ୍ଦିର, ଗାୟତ୍ରୀ ମନ୍ଦିର, ରାମଜୀ ମନ୍ଦିର, ରଘୁନାଥ ମନ୍ଦିର, ମାଁ ମାହେଶ୍ୱରୀ ମନ୍ଦିର, ଜଗନ୍ନାଥ ମନ୍ଦିର, ରାମ ମନ୍ଦିର, ହାଟପଡ଼ା ଜଗନ୍ନାଥ ମନ୍ଦିର, ପ୍ରାଚୀନ ହନୁମାନ ମନ୍ଦିର, ମାରୱାଡି ପଡ଼ା ବଡ଼ା ରାମମନ୍ଦିର, ରଘୁନାଥ ମନ୍ଦିର, ବାବା ବିଶ୍ୱନାଥ ମନ୍ଦିର, ଶୀତଳାମାତା ମନ୍ଦିର, ଦଲେଇପଡ଼ା ଜଗନ୍ନାଥ ମନ୍ଦିର, ଦୁର୍ଗାମନ୍ଦିର, ବାଟମଙ୍ଗଳା ମନ୍ଦିର, ଏସ୍ଏମ୍ସି ପରିସରରେ ଗୁପ୍ତେଶ୍ୱର ମହାଦେବ ମନ୍ଦିର, ବିନାଖଣ୍ଡିରେ ମାଉସୀ ମାଆ ମନ୍ଦିର ରହିଛି । ଗୁଡ଼େଶ୍ୱର ବାବାଙ୍କ ମନ୍ଦିରକୁ ବାଦ୍ ଦେଲେ ସମସ୍ତ ମନ୍ଦିର ଶତାଧିକ ବର୍ଷରୁ ରହିଛି । କେତେକ ମନ୍ଦିରରେ ସମୟ ଓ ଆବଶ୍ୟକ ଅନୁସାରେ ରୂପାନ୍ତର ହୋଇଛି । ସମଲେଇ ଦର୍ଶନ ପରେ ଶ୍ରଦ୍ଧାଳୁମାନେ ଏହି ମନ୍ଦିରଗୁଡିକର ମଧ୍ୟ ଦର୍ଶନ ଲାଭ କରିପାରିବେ ।

## ଯୁଗାନ୍ତକାରୀ ପ୍ରକଳ୍ପର ରୂପ ପାଇଛି

ଏହି ପ୍ରକଳ୍ପରେ ଚାରିଗୋଟି ପ୍ରାଥମିକ ଉଦ୍ଦେଶ୍ୟକୁ ସାକାର କରାଯାଇଅଛି । ମାଁ ସମଲେଶ୍ୱରୀଙ୍କ ମନ୍ଦିର ପରିସରର ଭବ୍ୟ ରୂପାନ୍ତରଣ ହୋଇଛି । ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଦିବ୍ୟ ଅନୁଭବ ପ୍ରାପ୍ତି ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି । ସମ୍ବଲପୁର ତଥା ଓଡ଼ିଶାର ପର୍ଯ୍ୟଟନ ଅର୍ଥନୀତି ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି । ମନ୍ଦିର ଚାରିପାର୍ଶ୍ୱରେ ଅନ୍ୟାନ୍ୟ ପ୍ରକଳ୍ପର ବିକାଶ ଓ ସ୍ଥାନୀୟ ଅଧିବାସୀଙ୍କ ଆର୍ଥିକ ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବ । ପ୍ରାୟ ୪୦ଏକର ପରିମିତ ଜମିରେ ମାଁ ସମଲେଶ୍ୱରୀଙ୍କ ମନ୍ଦିରର ଭବ୍ୟ ରୂପାନ୍ତରଣ ଘଟିଛି । ଚାରି ଦିଗରେ ଚାରିଗୋଟି ପ୍ରବେଶ ଦ୍ୱାର, ମନ୍ଦିର କାର୍ଯ୍ୟାଳୟ, ପୂଜକ ବିଶ୍ରାମାଳୟ ଆଦି ସମସ୍ତ ବ୍ୟବସ୍ଥା କରାଯାଇଛି । ମାଁ ସମଲେଶ୍ୱରୀଙ୍କ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଆଧ୍ୟାତ୍ମିକ ଅନୁଭବ ପାଇଁ ପ୍ରାୟ ଏକ କିଲୋମିଟର ଦୈର୍ଘ୍ୟର ପରିକ୍ରମା ପଥ ନିର୍ମାଣ ହୋଇଛି । ଏହାର ସନ୍ନିକଟରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁବିଧା ସଂକ୍ରାନ୍ତୀୟ ସମସ୍ତ ବ୍ୟବସ୍ଥା ଯେପରିକି ପାର୍କିଂ ସ୍ଥାନ, ପାନୀୟ ଜଳ, ଶୌଚାଳୟ, ସୂଚନା କେନ୍ଦ୍ର, ଜୋତାଷ୍ଟାଣ୍ଡ, ଭେଣ୍ଡିଂ ଜୋନ୍ ଆଦିର ବ୍ୟବସ୍ଥା ହୋଇଛି ।



## ଭବ୍ୟ ରୂପରେ ମାଁ ସମଲେଶ୍ୱରୀଙ୍କ ମନ୍ଦିର

ପଶ୍ଚିମ ଓଡ଼ିଶାର ଆରାଧ୍ୟ ଦେବୀ ଜଗଜ୍ଜନନୀ ମାଁ ସମଲେଶ୍ୱରୀଙ୍କ ସମଗ୍ର ରାଜ୍ୟ, ଦେଶ ତଥା ବିଦେଶରେ ରହିଥିବା ଅଗଣିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭାବାବେଗ ଓ ଭକ୍ତିକୁ କେନ୍ଦ୍ରରେ ରଖି ମାନନୀୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଚାଲିଥିବା ସମଲେଇ ପ୍ରକଳ୍ପ ଲୋକାର୍ପଣ ହେବାକୁ ଯାଉଛି । ମାଁ ସମଲେଶ୍ୱରୀଙ୍କ ଦିବ୍ୟ ମନ୍ଦିରର ଭବ୍ୟ ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସଂକଳ୍ପ ଓ ଆରମ୍ଭରୁ ହିଁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରକଳ୍ପ ଏକ ରେକର୍ଡ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଛି । ମାଁ ସମଲେଶ୍ୱରୀଙ୍କ ମନ୍ଦିର ରୂପାନ୍ତରଣ ପାଇଁ ୨୦୨୧ ମସିହା ଫେବ୍ରୁଆରୀ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ 'ସମଲେଇ ପ୍ରକଳ୍ପ'ର ସମସ୍ତ ଆନୁଷଙ୍ଗିକ ଦିଗ ଉପରେ ସବିଶେଷ ଆଲୋଚନା ହୋଇଥିଲା । ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସେହି ବୈଠକରେ ୫-ଟି ମାଧ୍ୟମରେ କିଭଳି ଭାବରେ ରେକର୍ଡ ସମୟ ମଧ୍ୟରେ 'ସମଲେଇ ପ୍ରକଳ୍ପ'ର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିବ, ସେ ଉପରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ତେଣୁ ଉକ୍ତ ବୈଠକରୁ ଏ ପର୍ଯ୍ୟନ୍ତ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହିଁ କାର୍ଯ୍ୟ ହୋଇଛି ।







## '୫-ଟି' ଅଧ୍ୟକ୍ଷଙ୍କ ତଦାରଖ, ରେକର୍ଡ ସମୟରେ ସମ୍ପୂର୍ଣ୍ଣ

ମହାନଦୀ ଘାଟର ରୂପାନ୍ତରଣ କରାଯାଇ ଘାଟରେ ଆଳତି ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି । ଏହି ମହାନଦୀ ଆଳତି ଦ୍ୱାରା ଭକ୍ତ ଓ ଶ୍ରଦ୍ଧାଳୁମାନେ ଏକ ସ୍ୱତନ୍ତ୍ର ଆଧ୍ୟାତ୍ମିକ ପରିବେଶ ପାଇପାରିବେ । ଏହାସହ ଭକ୍ତମାନେ ଯେପରି ମା'ଙ୍କ ମନ୍ଦିରରୁ ମହାନଦୀର ବିଭିନ୍ନ ଘାଟକୁ ଯାଇପାରିବେ, ସେଥିପାଇଁ ସ୍ୱତନ୍ତ୍ର ପଥ ନିର୍ମାଣ ହୋଇଛି । ମନ୍ଦିରର ଐତିହ୍ୟ ସହ ଜଡ଼ିତ ଶ୍ରୀଗୋପାଳଜୀ ମଠ ଓ ଅନ୍ୟ ସମସ୍ତ ଐତିହାସିକ ସ୍ଥାନକୁ ସମ୍ପୂର୍ଣ୍ଣ ସୁରକ୍ଷା ଓ ଭକ୍ତମାନଙ୍କ ଆଧ୍ୟାତ୍ମିକ ଭାବାବେଗକୁ କେନ୍ଦ୍ରରେ ରଖି ପ୍ରକଳ୍ପ କାର୍ଯ୍ୟ କରାଯାଇଛି । ମନ୍ଦିର ପାର୍ଶ୍ୱରୁ ରେଳ ଷ୍ଟେସନକୁ ରାସ୍ତା ପ୍ରଶସ୍ତୀକରଣ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇ ଯାନବାହନ ଚଳାଚଳ ଯେପରି ଭାବେ ବିନା ବାଧାରେ ହୋଇପାରିବ, ସେଥିପ୍ରତି ଧ୍ୟାନ ଦିଆଯାଇଛି । ୫-ଟି ରୂପାନ୍ତରଣ ମାଧ୍ୟମରେ ମାଁ ସମଲେଶ୍ୱରୀଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏହି ପ୍ରକଳ୍ପ ଏକ ରେକର୍ଡ ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇ ଲୋକାର୍ପଣ ହେବାକୁ ଯାଉଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଦକ୍ଷ ନେତୃତ୍ୱ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଗ୍ରାଉଣ୍ଡଜିରୋରୁ ପ୍ରାମାଣିକ ପରିଚାଳନା ପାଇଁ ସମଗ୍ର ଦେଶରେ ଏହି ପ୍ରକଳ୍ପ ଏକ ଉଦାହରଣ ହୋଇପାରିଛି ।



## ଘାଟରେ ଦଶ ମହାବିଦ୍ୟାର ପ୍ରତୀକ ସ୍ତମ୍ଭ ରହିବ

ମହାନଦୀ ରିଭର ଭିୟୁ ପଏଣ୍ଟ ଓ ମହାନଦୀ ଆଳତି ଘାଟ ବେଶ୍ ଆକର୍ଷଣୀୟ ହୋଇଛି । ମହାନଦୀ ଜଳରାଶିକୁ ଅତି ନିକଟରୁ ଭକ୍ତ ଓ ପର୍ଯ୍ୟଟକମାନେ ଦେଖିପାରିବେ । ଆଲୋକମାଳାରେ ସୁସଜ୍ଜିତ ହେବ । ଆଧ୍ୟାତ୍ମିକ ଅନୁଭୂତି ଓ ଆଳତି ପାଇଁ ଦଶ ମହାବିଦ୍ୟାର ପ୍ରତୀକ ସ୍ୱରୂପ ଦଶଗୋଟି ସ୍ତମ୍ଭ ନିର୍ମାଣ ହୋଇଛି । ମହାନଦୀକୁ ଯିବା ପାଇଁ ରାସ୍ତା ତିଆରି ହୋଇଛି । ଯାହା ମନ୍ଦିର ପରିସରରୁ ମହାନଦୀ ଗର୍ଭକୁ ଲାଗିଛି । ୩୫୦ ମିଟର ଲମ୍ବ ଓ ୧୦୦ ମିଟର ଦୈର୍ଘ୍ୟର ମହାନଦୀ ଘାଟ ନିର୍ମାଣ ହୋଇଛି । ବୃଦ୍ଧବୃଦ୍ଧାଙ୍କ ଯିବା ପାଇଁ ଉଭୟ ପଟେ ଲିଫ୍ଟ ବ୍ୟବସ୍ଥା କରାଯାଇଛି । ମନ୍ଦିର ପଟରୁ ୬ ଫୁଟ ଚଉଡ଼ାର ଫୁଟୱାକ୍ ତିଆରି ହୋଇଛି । ଫୁଲ ଗଛ ଦେଇ ସବୁଜ ପରିବେଶ ସୃଷ୍ଟି କରାଯିବ । ଓଡ଼ିଶାରେ ଏଭଳି ସ୍ଥାନ ପ୍ରଥମ ବୋଲି କୁହାଯାଉଛି । ମହାନଦୀ ଆଳତି ଦେଖିବା ସହ ସନ୍ଧ୍ୟା ସମୟରେ ପର୍ଯ୍ୟଟକମାନେ ମହାନଦୀର ମନଲୋଭା ଦୃଶ୍ୟ ଉପଭୋଗ କରିପାରିବେ ।





ଛାୟାଗୀତି

# ଗୀତ ଆକାଶର ନୂଆ ରଙ୍ଗ


ସୂର୍ଯ୍ୟ ଦେଓ

**ଷାଠିଏ ଦଶକର ଓଡ଼ିଆ ଚଳଚ୍ଚିତ୍ର ଗୀତ ରଚନାରେ ଯେତେକ ପରିବର୍ତ୍ତନ ଆସିଲା, ତାହା ବିଶେଷ ଭାବରେ ସଙ୍ଗୀତ ସଂଯୋଜନା ଦ୍ୱାରା ପ୍ରଭାବିତ ହେଲା । ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତର ବୈଷୟିକ ବିକାଶ ସ୍ୱରୂପ ଅଧିକ ବାଦ୍ୟଯନ୍ତ୍ର ବ୍ୟବହୃତ ହେଲା । ଏହି କାରଣରୁ ସଙ୍ଗୀତର ଲୟ ଗତି କ୍ରମେ ପୂର୍ବ ଦଶକ ଅପେକ୍ଷା ଦ୍ରୁତ ହେଲା । ଯେଣୁ ଏହି ସମୟ ସୀମାରେ ସାମାଜିକ ଓ ପାରିବାରିକ ସମସ୍ୟାକୁ ନେଇ ଓଡ଼ିଆ ଚଳଚ୍ଚିତ୍ରର କାହାଣୀ ରଚନା କରାଗଲା, ଅତଏବ ଚଳଚ୍ଚିତ୍ର ଗୀତ ମଧ୍ୟ ସେହି ଭାବରେ ପରିବର୍ତ୍ତିତ ହେଲା ।**

ଓଡ଼ିଆ ସାହିତ୍ୟକୁ ଚଳଚ୍ଚିତ୍ରରେ ରୂପାନ୍ତରଣ ପ୍ରକ୍ରିୟା ଆରମ୍ଭ ହୋଇସାରିଥିଲା ୧୯୫୮ର ଚଳଚ୍ଚିତ୍ର 'ମା'ରେ । ଷାଠିଏ ଦଶକରେ ଏହି ପ୍ରକ୍ରିୟା ଦ୍ରୁତତର ହେଲା । ୧୯୬୦ରୁ ୬୯ ପର୍ଯ୍ୟନ୍ତ ନିର୍ମିତ ହୋଇଥିଲା ୨୩ଟି ଚଳଚ୍ଚିତ୍ର ଏବଂ ସେଥିରୁ ୧୦ଟି ସାହିତ୍ୟର ଚଳଚ୍ଚିତ୍ର ରୂପାନ୍ତର ଭାବରେ ନିବେଦିତ ହୋଇଥିଲା । ସେହି ୧୦ଟି ରୂପାନ୍ତରଣରୁ ତିନିଟି ଆସିଥିଲା ବଙ୍ଗଳା ସାହିତ୍ୟରୁ ଓ ବାକିତକ ଓଡ଼ିଆ ସାହିତ୍ୟରୁ । ଶରତଚନ୍ଦ୍ର ଚାଟାର୍ଜୀଙ୍କ ବଙ୍ଗଳା ଉପନ୍ୟାସ 'ବିନ୍ଦୁର ଛେଲେ' ଅନୁପ୍ରେରଣାରେ 'ନୂଆବୋଉ', ଶୈଳଜାନନ୍ଦ ମୁଖୋପାଧ୍ୟାୟଙ୍କ ଉପନ୍ୟାସ 'ସହର ଥାକେ ଦୂର' ଅବଲମ୍ବନରେ 'ଲକ୍ଷ୍ମୀ', ଆଶାପୂର୍ଣ୍ଣା ଦେବୀଙ୍କ ଉପନ୍ୟାସ 'ଛାଡପତ୍ର' ଆଧାରିତ 'ସାଧନା' ଚଳଚ୍ଚିତ୍ର ଏହି ସମୟସୀମାରେ ପ୍ରସ୍ତୁତ ହୋଇଥିଲା । ଭଞ୍ଜକିଶୋର ପଟ୍ଟନାୟକଙ୍କ ନାଟକ 'ମାଣିକ ଯୋଡ଼ି', ବସନ୍ତ କୁମାରୀ ପଟ୍ଟନାୟକଙ୍କ ଉପନ୍ୟାସ 'ଅମଡ଼ା ବାଟ', କାହ୍ନୁଚରଣଙ୍କ ଉପନ୍ୟାସ 'ଅଭିନେତ୍ରୀ' ଓ 'କା', ଉପେନ୍ଦ୍ର କିଶୋର ଦାସଙ୍କ ଉପନ୍ୟାସ 'ମଲାଜହ୍ନ', ରାମଚନ୍ଦ୍ର ମିଶ୍ରଙ୍କ ନାଟକ 'ଭାଇ ଭାଉଜ' ଓ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଉପନ୍ୟାସ 'ମାଟିର ମଣିଷ'ର ଚଳଚ୍ଚିତ୍ର ରୂପାନ୍ତରଣ ମଧ୍ୟ ଓଡ଼ିଆ ଚଳଚ୍ଚିତ୍ର ଗୀତ ରଚନାକୁ ପ୍ରଭାବିତ କଲା । ମୂଳ କାହାଣୀ ସହ ଗୀତର ସଂଯୋଗ କ୍ରିୟାରେ ପରୀକ୍ଷାନିରୀକ୍ଷା ଧାରା ମଧ୍ୟ ଏହି ସମୟସୀମାରେ ଆରମ୍ଭ ହେଲା ।

କଳ୍ପନା ବିନ୍ୟାସର ଯେଉଁ ସ୍ୱଚ୍ଛନ୍ଦଧାରା ଗତ ପର୍ଯ୍ୟାୟର 'ମା' ଚଳଚ୍ଚିତ୍ରରୁ ଆରମ୍ଭ ହୋଇଥିଲା, ଏହି ପର୍ଯ୍ୟାୟର 'ଶ୍ରୀଲୋକନାଥ' ଚଳଚ୍ଚିତ୍ରରେ ସେହି ଧାରା ସହ ପ୍ରଥମ ପରୀକ୍ଷାନିରୀକ୍ଷା କରାଗଲା । ରଚନାରେ ପରୀକ୍ଷା ନିରୀକ୍ଷା ସହ ସଙ୍ଗୀତରେ ମଧ୍ୟ ନୂତନ ସୂତ୍ରର ସଂଯୋଜନା କରାଗଲା । ନରସିଂହ ମହାପାତ୍ରଙ୍କ ରଚିତ 'ଫୁଲ ରସିଆରେ/ ମନ ମୋର ଛୁଇଁ ଛୁଇଁ ଯା ଯା' ଏହି ସମୟସୀମାର ସବୁଠାରୁ ଲୋକପ୍ରିୟ ଗୀତ ଭାବରେ ଆଦୃତ ହୋଇଛି । ଅଦ୍ଭୁତ ଲୋକପ୍ରିୟତା ପଛରେ ଦୁଇଟି କାରଣ ରହିଛି । ପ୍ରଥମ ହେଉଛି ପୂର୍ବ ପର୍ଯ୍ୟାୟରେ କିଶୋର କବି ଶ୍ୟାମସୁନ୍ଦର ଦାସଙ୍କ ବ୍ୟବହୃତ ରଚନାରେ ଅର୍ଥବୋଧକୁ ଗୌଣ କରି ଭାବକୁ ପ୍ରତିଷ୍ଠା କରିବାର ବିଧି ଓ ଦ୍ୱିତୀୟ ହେଉଛି ସଂଗୀତ ନିର୍ଦ୍ଦେଶକ ବାଳକୃଷ୍ଣ ଦାଶଙ୍କ ଦ୍ୱାରା ଓଡ଼ିଶୀ ସ୍ୱର ଓ ତାଳର ପ୍ରୟୋଗ ।




ଗୀତିକାର ନରସିଂହ ମହାପାତ୍ର ଅର୍ଥବୋଧକୁ ଗୌଣ କରି ଭାବକୁ ପ୍ରତିଷ୍ଠା କରିବାର ବିଧିରେ 'ତୋ' ଲାଗି ବିକଶି ରହିଛି ଅନାଇ ଗୁଞ୍ଜନ ଦେଇ ଯା' ଯା' ଧାଡ଼ି ଯୋଡ଼ିଲାବେଳେ 'ନିଜକୁ ଫୁଲ ମନେ କରି ଭ୍ରମର ଗୁଞ୍ଜନକୁ ଆପେକ୍ଷା କରିବା' ପରି ବ୍ୟଞ୍ଜନା ଓ କଳ୍ପନା ପାରମ୍ପରିକ ରାଧାକୃଷ୍ଣ ଅପ୍ରାକୃତ ପ୍ରେମଲୀଳା ବୈଷ୍ଣବୀୟ କାବ୍ୟ କବିତା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଓଡ଼ିଆ ଜନମାନସ ସେହି କଳ୍ପନା ଓ ବ୍ୟଞ୍ଜନା ସହ ପୂର୍ବରୁ ପରିଚିତ ଥିଲେ । ଉଦାହରଣ ସ୍ୱରୂପ ଦନାଇ ଦାସଙ୍କ 'ଗୋପୀ ଭାଷା'ର କାବ୍ୟ ଦୃଷ୍ଟିକୁ ନିଆଯାଇପାରେ: କେ ବୋଲେ ଦେଖଗୋ ପରାଣ ସହି/ ଫୁଲ ଭିତରେ ଭ୍ରମର ଲୁଚଇ/ ଆମ୍ଭ ମେଳେ ଯେହ୍ନେ ନନ୍ଦ କହ୍ନାଇ/ ପୀରତି ବେଳେ ଦେହ ଲୁଚିଯାଇ । ଏହି ଦୃଷ୍ଟି ଯେବେ ଓଡ଼ିଆ ଚଳଚ୍ଚିତ୍ର ଗୀତକୁ ପ୍ରସାରିତ ହୋଇଛି, ଶୃଙ୍ଗାର ଓ ପ୍ରେମ ମଧ୍ୟରେ ଚିତ୍ର ବିନିମୟର ପ୍ରସ୍ତୁତି ବୈଷ୍ଣବୀୟ ଗୀତିକାରେ ଯାହା ଥିଲା, ଚଳଚ୍ଚିତ୍ର ଗୀତିକାରେ ମଧ୍ୟ ତାହା ରହିଛି । ■

## ଯଶ୍‌ଙ୍କ ସହ କରୀନାଙ୍କ କନ୍ନଡ଼ ଡେବ୍ୟୁ



ସାଉଥ୍ ସୁପରଷ୍ଟାର୍ ଯଶ୍‌ଙ୍କ ସହିତ କନ୍ନଡ଼ ଡେବ୍ୟୁ କରିବେ ବଲିଉଡ୍‌ର ଲୋକପ୍ରିୟ ତଥା ଚର୍ଚ୍ଚିତ ଅଭିନେତ୍ରୀ କରୀନା କପୁର । ଯାହାକୁ ନେଇ ଏବେ ରୀତିମତ ଚର୍ଚ୍ଚା ଚାଲିଛି । ଯଦି ଏହି କଥା ସତ ହୁଏ, ତେବେ ଏହା ହେବ କରୀନାଙ୍କ ପ୍ରଥମ କନ୍ନଡ଼ ଫିଲ୍ମ । ସେ 'ଟକ୍ସିକ୍' ସିନେମାରେ ଯଶ୍‌ଙ୍କ ସହ ପ୍ରଥମ ଥର ପାଇଁ ନଜର ଆସିବେ । ପ୍ରଥମେ ଶ୍ରୁତି ହାସନ ଏହି ସିନେମାରେ ଅଭିନୟ ଆସିଥାନ୍ତେ । କିନ୍ତୁ ଏବେ ଏହି ସିନେମା ପାଇଁ କରୀନା ପ୍ରଥମ ପସନ୍ଦ ଥିବା ଜଣାପଡ଼ିଛି । ତେଣୁ ଏବେ ଏହି ସିନେମାର ମୁଖ୍ୟ ଚରିତ୍ରରେ କରୀନା ଅଭିନୟ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଅନ୍ୟପଟେ ଆଗାମୀ ଦିନରେ ନିର୍ଦ୍ଦେଶିକା ଗୀତୁ ମୋହନଦାଶ ଓ ଯଶ୍ ସିନେମାରେ କରୀନାଙ୍କ ଉପସ୍ଥିତି ସମ୍ପର୍କରେ ଘୋଷଣା କରିପାରନ୍ତି ବୋଲି କୁହାଯାଉଛି । 'ଟକ୍ସିକ୍' ୨୦୨୫ ଏପ୍ରିଲ୍ ୧୦ରେ ପ୍ରେକ୍ଷାଳୟକୁ ଆସିବ । ■

ପରଦା ପଛର କାହାଣୀ

## ତିନି ପିଢ଼ିଙ୍କୁ ନେଇ ଫିଲ୍ମ କରିଥିଲେ ରାଜ୍ କପୁର



କେବଳ ଦେଶରେ ନୁହେଁ, ବିଦେଶରେ ବି ବେଶ୍ ଲୋକପ୍ରିୟ ଥିଲେ ଶୋ'ମ୍ୟାନ୍ ରାଜ୍ କପୁର । ସେ ତାଙ୍କ କ୍ୟାରିୟରରେ ବଲିଉଡ୍‌କୁ ଅନେକ କାଳଜୟୀ ସିନେମା ଭେଟି ଦେଇଛନ୍ତି । ୫୦-୬୦ ଦଶକରେ ତାଙ୍କ ଫିଲ୍ମ ଦେଖିବା ପାଇଁ ଦର୍ଶକଙ୍କ ଉତ୍କଣ୍ଠା ବଢ଼ିଯାଇଥିଲା । ତନ୍ମଧ୍ୟରେ ତାଙ୍କର ଗୋଟିଏ ଚଳଚ୍ଚିତ୍ର ଥିଲା 'ଆୱାରା' । ୧୯୫୧ରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମ ସେତେବେଳେ ବ୍ଲକ୍‌ବଷ୍ଟର ସାବ୍ୟସ୍ତ ହୋଇଥିଲା । ଏହି ଫିଲ୍ମକୁ ଦେଖି ବିଦେଶୀମାନେ ମଧ୍ୟ ରାଜ୍ କପୁରଙ୍କ ଫ୍ୟାନ୍ ବନିଯାଇଥିଲେ । 'ଆୱାରା' ଫିଲ୍ମଟି ଚୀନ୍‌ରେ ଖୁବ୍ ଲୋକପ୍ରିୟତା ହାସଲ କରିଥିଲା । ଏହି ଫିଲ୍ମ ଦେଖି ରୁଷୀୟ ଦର୍ଶକ ଏତେମାତ୍ରାରେ ପ୍ରଭାବିତ ହୋଇଥିଲେ ଯେ, ତାଙ୍କୁ ସେଠାରେ ସୁପର୍‌ଷ୍ଟାର୍ ମାନ୍ୟତା ମିଳିଥିଲା । ଏଯାବତ୍ କୌଣସି ବଲିଉଡ୍ ଷ୍ଟାର୍‌ଙ୍କୁ ରୁଷରୁ ଏପରି ସମ୍ମାନ ମିଳିନାହିଁ । କେବଳ ଫିଲ୍ମର କାହାଣୀ ନୁହେଁ ମୁକେଶଙ୍କ କଣ୍ଠରେ 'ଆୱାରା ହୁଁ' ଗୀତଟି ଜନମାନସରେ ବେଶ୍ ଚହଳ ପକାଇଥିଲା । ଫିଲ୍ମରେ ରାଜ୍‌କପୁରଙ୍କ ସହ ନର୍ଗିସ୍ ଦତ୍ତଙ୍କ ଯୋଡ଼ି ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା । ଏହି ଫିଲ୍ମ ସେହି ସମୟର ଥିଲା, ଯେତେବେଳେ ରାଜ୍ ଓ ନର୍ଗିସ୍‌ଙ୍କ ଯୋଡ଼ିକୁ ବଲିଉଡ୍‌ର ସଫଳ ଯୋଡ଼ି କୁହାଯାଉଥିଲା । ଉଭୟ ଏକାସାଙ୍ଗେ ୧୭ଟି ଫିଲ୍ମରେ ଅଭିନୟ କରିଥିଲେ । ଶୋମ୍ୟାନ୍‌ଙ୍କ କ୍ୟାରିୟର୍ ପାଇଁ 'ଆୱାରା' ଏକ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହୋଇଥିଲା । ତେବେ ଫିଲ୍ମର କାହାଣୀ ସେତେବେଳେ ଏକ ଭଲ ସନ୍ଦେଶ ଦେଇଥିଲା- ଜନ୍ମରୁ ଜଣେ ଅପରାଧୀ ହୋଇ ନ ଥାଏ, ପରିସ୍ଥିତି ତାକୁ ବାଧ୍ୟ କରିଥାଏ ଅପରାଧୀ ହେବାକୁ । ବିଶେଷକରି ଏହି ଫିଲ୍ମରେ ରାଜ୍ କପୁରଙ୍କ ତିନି ପିଢ଼ିଙ୍କୁ ଦେଖିବାକୁ ମିଳିଥିଲା । ଏହି ଫିଲ୍ମରେ ରାଜ୍ କପୁରଙ୍କ ପିତା ଭୂମିକାରେ ପୃଥ୍ୱୀରାଜ୍ କପୁର ଦେଖାଯାଇଥିଲେ । ଏଥିରେ ତାଙ୍କ ଜେଜେବାପା ବଶେଶ୍ୱରନାଥ କପୁର ମଧ୍ୟ ଜଜ୍ ଭୂମିକାରେ ଅଭିନୟ କରିଥିଲେ । ଅବଶ୍ୟ ତାଙ୍କ ଭୂମିକାଟି ବେଶ୍ ଛୋଟ ଥିଲା । ଶଶୀ କପୁର(ରାଜ୍ କପୁରଙ୍କ ଭାଇ) ମଧ୍ୟ ରାଜ୍ କପୁରଙ୍କ ପିଲାଦିନ ଭୂମିକାରେ ଅଭିନୟ କରିଥିଲେ । ଏହି ଫିଲ୍ମ ରାଜ୍ କପୁରଙ୍କୁ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଖ୍ୟାତି ଆଣି ଦେଇଥିଲା । ଗୋଟିଏ ଫିଲ୍ମରେ ତିନି ପିଢ଼ିଙ୍କୁ ଦେଖାଇବାର ରେକର୍ଡ ରାଜ୍‌କପୁରଙ୍କ ନାଁରେ ରହିଛି । ଏହାପରେ ୧୯୭୧ରେ ରାଜ୍ କପୁରଙ୍କ ବଡ଼ପୁଅ ରଣଧୀର କପୁର 'କଲ ଆଜ ଔର୍ କଲ'ରେ ତାଙ୍କର ତିନି ପିଢ଼ିଙ୍କୁ ଦେଖାଇଥିଲେ । ଏଥିରେ ରଣଧୀରଙ୍କ ପିତା ଭୂମିକାରେ ରାଜ୍‌କପୁର, ତାଙ୍କ ଜେଜେଙ୍କ ଭୂମିକାରେ ପୃଥ୍ୱୀରାଜ୍ କପୁର ଅଭିନୟ କରିଥିଲେ । ■

## କୋରିଓଗ୍ରାଫି ପାଇଁ ଗୀତ ସୁପରହିଟ୍













ଗୋଟିଏ ଚଳଚ୍ଚିତ୍ର ଗୀତର ସଫଳତା ପଛରେ ଅନେକଙ୍କ ଅବଦାନ ଥାଏ । ସେମାନଙ୍କ ମଧ୍ୟରେ ଜଣେ ହେଉଛନ୍ତି କୋରିଓଗ୍ରାଫର୍ । ଗୀତଟିରେ କଳାକାରଙ୍କ ନୃତ୍ୟାଭିନୟ କିପରି ଦର୍ଶକଙ୍କ ମନକୁ ଛୁଇଁ ପାରିବ, ସେଥିପାଇଁ ସେ ଯତ୍ନବାନ ଥାନ୍ତି । ବଲିଉଡ୍‌ର ଲୋକପ୍ରିୟ କୋରିଓଗ୍ରାଫର୍‌ଙ୍କ ବିଷୟରେ ଚର୍ଚ୍ଚା ହେଲେ ଏହାର ପରିସରକୁ ଚାଲି ଆସନ୍ତି ଫରାହ ଖାଁ । ସେ ଜଣେ ନିର୍ଦ୍ଦେଶିକା ମଧ୍ୟ । ଏଇ ଜାନୁଆରୀ ୯ ତାରିଖରେ ସେ ତାଙ୍କର ୫୯ତମ ଜନ୍ମଦିନ ପାଳନ କରିଛନ୍ତି । ବଲିଉଡ୍‌ର କିଛି ଗୀତ ଏଭଳି ରହିଛି, ଯାହାକି ତାଙ୍କ କୋରିଓଗ୍ରାଫି ପାଇଁ ବେଶ୍ ସୁପରହିଟ୍ ସାବ୍ୟସ୍ତ ହୋଇଛି । ■

**ଛୟାଁ ଛୟାଁ:** ୧୯୯୮ର 'ଦିଲ୍ ସେ' ଫିଲ୍ମରେ ଗୋଟିଏ ଗୀତ ଥିଲା 'ଛୟାଁ ଛୟାଁ...' । ଚଳନ୍ତା ଟ୍ରେନ୍ ଉପରେ ଶାହାରୁଖ୍‌ଙ୍କ ଛୟାଁ ଛୟାଁ ଗୀତଟିକୁ ଦର୍ଶକେ ଆଜି ବି ଭୁଲି ନାହାନ୍ତି । ଗୀତଟି ଏତେ ଲୋକପ୍ରିୟ ଯେ, ଏବେ ବି ଏହାକୁ ବାହାଘର ଆଦି ଉତ୍ସବରେ ବାଜୁଥିବା ଦେଖାଯାଏ । ଏହି ଗୀତଟି ପାଇଁ ଫରାହଙ୍କୁ ସର୍ବଶ୍ରେଷ୍ଠ କୋରିଓଗ୍ରାଫର ଭାବେ ଫିଲ୍ମ ଫେୟାର୍ ପୁରସ୍କାର ମିଳିଥିଲା ।

**ମୁନ୍ନି ବଦ୍‌ନାମ୍ ହୁଇ:** 'ଦବଙ୍ଗ'ର ସୁପର୍‌ହିଟ୍ ଗୀତ 'ମୁନ୍ନି ବଦନାମ୍ ହୁଇ' ଗୀତରେ ଫରାହ୍‌ଙ୍କ ସୁରହିଟ୍ କୋରିଓଗ୍ରାଫି ଦେଖିବାକୁ ମିଳିଥିଲା । ଏଥିରେ ମଲାଇକା ଅରୋରା ଜବରଦସ୍ତ ଡ୍ୟାନ୍ସ କରିଛନ୍ତି । ଏହି ଗୀତଟି ଲୋକଙ୍କୁ ନାଚିବାକୁ ବାଧ୍ୟ କରିଥାଏ ।

**ସିଲା କି ଜୱାନି:** 'ମାଇଁ ନେମ୍ ଇଜ୍ ସିଲା...ସିଲା କି ଜୱାନି' ହେଉଛି ଫିଲ୍ମ 'ତିସ୍ ମାର୍ ଖାନ୍'ର । ଏଥିରେ ନଜର ଆସିଥିଲେ କ୍ୟାଟ୍ରିନା । ଫରାହଙ୍କ ନିର୍ଦ୍ଦେଶିତ ଏହି ସିନେମାଟି ଫ୍ଲପ୍ ହୋଇଥିବା ବେଳେ ଡ୍ୟାନ୍ସ ଯୋଗୁଁ ଏହି ଗୀତଟି ସୁପରହିଟ୍ ହୋଇଥିଲା ।

**ପହଲା ନଶା:** ୧୯୯୩ରେ ଅମିର୍ ଖାନ୍‌ଙ୍କ ଅଭିନୀତ ଫିଲ୍ମ 'ଜୋ ଜିତା ୱହି ସିକନ୍ଦର୍'ର ଏହି ଗୀତଟିକୁ ବି ଲୋକେ ବେଶ୍ ପସନ୍ଦ କରିଥିଲେ । ଯଦିଓ କୋରିଓଗ୍ରାଫି ସାଦାସିଧା ଥିଲା, ତଥାପି ସେ ଏହି କୋରିଓଗ୍ରାଫି ମାଧ୍ୟମରେ ପ୍ରେମର ଦୁନିଆ ଖୁବ୍ ସୁନ୍ଦର ବୋଲି ଫରାହ ଦେଖାଇବାକୁ ଚେଷ୍ଟା କରିଥିଲେ ।

**ଏକ୍ ପଲ୍ କା ଜିନା:** ହୃତିକ୍ ରୋଶନଙ୍କ ଅଭିନୀତ 'କହୋ ନା ପ୍ୟାର୍ ହୈ' ସିନେମାର ଏହା ହେଉଛି ସୁପରହିଟ୍ ଗୀତ । ତେବେ ଗୀତଟି ବାଜିଲେ ଏବେ ବି ଏହାର ସେହି ସିଗ୍‌ନେଚର୍ ଡ୍ୟାନ୍ସ ଷ୍ଟେପ୍ କରିବାକୁ କେହି ଭୁଲି ନ ଥାନ୍ତି । କହିବାକୁ ଗଲେ, ରାତାରାତି ଏହି ଗୀତର କୋରିଓଗ୍ରାଫି ଫରାହ୍‌ଙ୍କୁ ଲୋକପ୍ରିୟ କରାଇବାରେ ସଫଳ ହୋଇଥିଲା । ସେହିପରି 'ଦେଶୀ ଗର୍ଲ', 'ରୁକ୍ ଯା ଓ ଦିଲ୍ ଦିୱାନେ', ଧୁମ୍ ତାନା' ଆଦି ଗୀତ ବି ତାଙ୍କ କୋରିଓଗ୍ରାଫିରେ ସାମିଲ ଅଛି । ■

## ଚର୍ଚ୍ଚାରେ ରକୁଲ୍‌ଙ୍କ ବାହାଘର

### ଅତିଥିଙ୍କ ପାଇଁ ରହିବ ସ୍ୱତନ୍ତ୍ର ନିୟମ



ବଲିଉଡ୍‌ର ଆଗଧାଡ଼ିର ଅଭିନେତ୍ରୀ ରକୁଲ୍ ପ୍ରୀତ ସିଂହ ଏବେ ତାଙ୍କ ବାହାଘରକୁ ନେଇ ଚର୍ଚ୍ଚାରେ ଅଛନ୍ତି । ସେ ତାଙ୍କର ବଏଫ୍ରେଣ୍ଡ ଜ୍ୟାକି ଭଗନାନିଙ୍କୁ ଦୀର୍ଘ ବର୍ଷ ଡେଟ୍ କରିବା ପରେ ଫେବୃଆରୀ ୨୨ରେ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି । ସେଥିପାଇଁ ଏବେ ତାଙ୍କ ବାହାଘରର ପ୍ରତିଟି କଥାକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି । ଦୁହିଁଙ୍କ ବାହାଘରରେ କେବଳ ପରିବାର ସଦସ୍ୟ ଓ କିଛି ଅନ୍ତରଙ୍ଗ ବନ୍ଧୁ ଯୋଗଦେବେ ବୋଲି କୁହାଯାଉଛି । ତା'ସହ ବାହାଘରକୁ ନେଇ ଅତିଥିଙ୍କ ପାଇଁ ସ୍ୱତନ୍ତ୍ର ନିୟମ ରହିବ ବୋଲି ମଧ୍ୟ ଆଲୋଚନା ହେଉଛି । ନିୟମ ଅନୁସାରେ ବାହାଘରରେ ଅତିଥିଙ୍କୁ ମୋବାଇଲ ବ୍ୟବହାରକୁ ମନା କରାଯାଇପାରେ । ଅନ୍ୟପଟେ ରକୁଲ ସାଉଥ୍ ସିନେମାରେ କାମ କରିଥିବା ବେଳେ ତାଙ୍କ ବାହାଘରରେ ବଲିଉଡ୍ ସମେତ ସାଉଥ୍ ଇଣ୍ଡଷ୍ଟ୍ରିର ଲୋକେ ମଧ୍ୟ ସାମିଲ ହେବେ । ସେହିପରି ବାହାଘରର ଥିମ୍ ଦୁହିଁଙ୍କ ଇଚ୍ଛାନୁସାରେ ରହିବ, ଯାହା ସେମାନଙ୍କ ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରୁଥିବ । ଏସବୁ ଦିଗକୁ ଦୃଷ୍ଟି ଦେଲେ ବାହାଘରରେ ସେମାନଙ୍କ ପସନ୍ଦ ଉପରେ ବିଶେଷ ଦୃଷ୍ଟି ଦିଆଯିବ । ■

# "ଆତ୍ମବିଶ୍ୱାସ ହିଁ ସଫଳତାର ମୂଳମନ୍ତ୍ର"



‘ମୁଁ ପ୍ରେମୀ ମୁଁ ପ୍ରେମୀ ପାଗଳ’, ‘ହେ ପ୍ରଭୁ ଦେଖା ଦେ’ ଫିଲ୍ମ ହେଉ କି ଡ୍ୟାନ୍ସ ରିଆଲିଟି, ସବୁଥିରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି । ‘ଲାଗୁଛି ହେଇଗଲା ପ୍ରେମ’, ‘କରେଣ୍ଟ’, ‘ଲାଜକୁଳୀ ଲତା’, ‘ହାଏରେ ହାଏ’ ଆଦି ମ୍ୟୁଜିକ୍ ଭିଡିଓରେ ସେ ଚମତ୍କାର ଅଭିନୟ କରିଛନ୍ତି । ଏକାଧାରାରେ ସେ ଜଣେ ନୃତ୍ୟଶିଳ୍ପୀ, କୋରିଓଗ୍ରାଫର ଓ ଅଭିନେତା । ବହୁମୁଖୀ ପ୍ରତିଭାର ଅଧିକାରୀ ଏହି ବ୍ୟକ୍ତିତ୍ୱ ଜଣକ ହେଉଛନ୍ତି ଓଡ଼ିଶାର ଲୋକପ୍ରିୟ ଡ୍ୟାନ୍ସିଂ ଷ୍ଟାର୍ ହରିହର ଦାଶ । ପ୍ରଥମ ଥର ପାଇଁ ସେ ଏବେ ଏକ ମେଗା ଧାରାବାହିକରେ ନଜର ଆସିଥିବାବେଳେ ଏଥିରେ ତାଙ୍କ ନାୟିକା ସାଜିଛନ୍ତି ଦେବିକା ଅରୁନ୍ଧତୀ । ନୂଆ କାହାଣୀରେ ଦର୍ଶକଙ୍କୁ ନୂଆ ଅନୁଭବ ଦେବାକୁ ହରିହର କେମିତି ନିଜକୁ ପ୍ରସ୍ତୁତ କରୁଛନ୍ତି, ଜାଣିବା ତାଙ୍କ ମୁହଁରୁ...

## ହରିହର ଦାଶ, ଅଭିନେତା

**ଫିଲ୍ମରୁ ମେଗାଧାରାବାହିକରେ ଅଭିନୟ କରିବାକୁ କାହିଁକି ଆଗ୍ରହ ପ୍ରକାଶ କଲେ?**

● ଡ୍ୟାନ୍ସ ପାଇଁ ବ୍ୟସ୍ତ ରହିଯାଉଥିଲି । ବହୁଦିନ ହେଲା ଆକ୍ଟିଂ ପ୍ରୋଜେକ୍ଟରେ କାମ କରିନଥିଲି । ତେଣୁ ମେଗାଧାରାବାହିକରେ ମୋ ପସନ୍ଦର ଚରିତ୍ର ମିଳିବାରୁ କାମ କରିଲି । ଏଥିରେ ମିଳିଥିବା ଚରିତ୍ର ମୋ ପାଇଁ ନିଆରା ଅନୁଭବ ଦେବ ।

**‘ଶ୍ରୀ’ ଧାରାବାହିକ ପାଇଁ କେମିତି ଅଫର୍ ମିଳିଥିଲା?**

● ଆର୍‌କେ ଚରିତ୍ର ମୋତେ ଭଲ ସୁଟ୍ କରିବ ବୋଲି ତନ୍ମୟ ମୋତେ ଫୋନ୍ କରିଥିଲେ । ‘ଶ୍ରୀ’ର କାହାଣୀ ମୋ ଚରିତ୍ର ଓ ଦି ଲାଇନ୍ ଡାଇଲଗ୍ ଶୁଣିବା ପରେ ଏହି ଚରିତ୍ରରେ କାମ କରିବାକୁ ଉଚିତ ମଣିଥିଲି ।

**‘ଶ୍ରୀ’ର ମୁଖ୍ୟ ଉଦ୍ଦେଶ୍ୟ କ’ଣ?**

● ‘ଶ୍ରୀ’ର ବିଭିନ୍ନ ଉଦ୍ଦେଶ୍ୟ ଥିଲେ ହେଁ, ସମ୍ପର୍କକୁ ଦୀର୍ଘ ସ୍ଥାୟୀ କରିବାର ଏହାର ମୂଳମନ୍ତ୍ର । ମା’ ଓ ମମତାର ଏକ ଭିନ୍ନ ପରିଚୟ । ଶ୍ରୀ ଚରିତ୍ରରେ ଦେବିକା ଦମ୍‌ଦାର୍ ଅଭିନୟ କରୁଛନ୍ତି ।

**ପ୍ରଥମେ କ୍ୟାମେରା ସାମ୍ନାରେ ଡାଇଲଗ୍ ଦେବାକୁ ଭୟ ଲାଗିଥିଲା କି?**

● ଫିଲ୍ମ କେମିତି ସୁଟିଂ ହୁଏ, କେମିତି ଡାଇଲଗ୍ କହିବାକୁ ହୁଏ, ତାହା ଜାଣିନଥିଲି । ତେଣୁ ୨୦୧୧ରେ କ୍ୟାମେରା ସାମ୍ନାରେ ଡାଇଲଗ୍ କହିବା ବେଳେ ମୋତେ ବହୁତ ନର୍ଭସ୍ ଲାଗିଥିଲା । ଏହା ପରେ ଅଭ୍ୟସ୍ତ ହୋଇଗଲି ।

**ଡ୍ୟାନ୍ସ ଆଉ ଧାରାବାହିକ ପ୍ଲାଟଫର୍ମରେ ଫରକ୍ କ’ଣ?**

● ନାଚ ମୁଖ୍ୟତଃ ଲାଇଭ୍ ଶୋ’ ଏବଂ ରିଆଲିଟି ଶୋ’ରେ ହୋଇଥାଏ । ଯେଉଁଠି କେବଳ ନାଚକୁ ଗୁରୁତ୍ୱ ଦିଆଯାଏ । କିନ୍ତୁ ଧାରାବାହିକ ଏମିତି ଏକ ପ୍ଲାଟଫର୍ମ, ଯେଉଁଠି ଦୀର୍ଘ ସମୟ ଯାଏଁ ଗୋଟିଏ ଚରିତ୍ରରେ ମଜି କାମ କରିବାକୁ ହୁଏ ।

**ଆର୍.କେ ଚରିତ୍ର ବିଷୟରେ କ’ଣ କହିବେ?**

● ପିଲାଟି ଦିନରୁ ଆର୍.କେ ନୃତ୍ୟଶିଳ୍ପୀ ହେବାକୁ ଇଚ୍ଛା କରିଛି । କିନ୍ତୁ ଏକ ଦୁର୍ଘଟଣା ପରେ ସେ ବ୍ୟବସାୟୀ ପାଲଟି ମାଲେସିଆ ପଳାଉଛି । ବିଦେଶରୁ ଫେରି ଆର୍.କେ ପାରିବାରିକ ସମ୍ପର୍କ କିପରି ମଜଭୁତ୍ ରଖିପାରିବ, ତା’ ସହ ଶ୍ରୀ ସହିତ ସମ୍ପର୍କ କିପରି ଆଗକୁ ବଢ଼ାଇବେ ତାହାକୁ ଗୁରୁତ୍ୱ ଦେଉଛନ୍ତି । ଏ ସବୁ ପାଇଁ ମିଠିର ପରମିଶନ୍ ନିହାତି ଦରକାର । ଆର୍.କେ ଚରିତ୍ର ମୋ କ୍ୟାରିୟର୍ ପାଇଁ ଏକ ମାଇଲଖୁଣ୍ଟ ହେବ ।

**ହରିହରରୁ ଆର.କେ ଚରିତ୍ର, କେମିତି ନିଜକୁ ବଦଳାଇଲେ?**

● ଆର୍.କେ ଚରିତ୍ର ପାଇଁ ନିଜକୁ ଅନେକ ପରିବର୍ତ୍ତନ କରିଛି । ଚେହେରା ହେଉ କି ପୋଷାକ ପିନ୍ଧା ଶୈଳୀ ସବୁକିଛିରେ ପରିବର୍ତ୍ତନ ଆସିଛି ।

**ଆପଣଙ୍କର ଆଗାମୀ ଫିଲ୍ମ କ’ଣ?**

● ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ କାର୍ଯ୍ୟକ୍ରମ ଚାଲିଛି । ଧାରାବାହିକ ପାଇଁ ଅଧିକ ସମୟ ଦେବାକୁ ପଡୁଛି । ତେବେ ‘ମେରିଆ’ ଫିଲ୍ମର ସୁଟିଂ ସରିଥିବାବେଳେ ଏହା ଦୁଇରୁ ତିନି ମାସ ମଧ୍ୟରେ ଫିଲ୍ମଟି ରିଲିଜ୍ ହେବ । ଏଥିରେ ମୋ ସହିତ କାମ କରିଛନ୍ତି ସୂର୍ଯ୍ୟମୟୀ, ପ୍ରିୟମ୍ୱଦା, ଚୌଧୁରୀ ବିକାଶ ଦାସ ପ୍ରମୁଖ । ଧାରାବାହିକ ହେଉ କି ଫିଲ୍ମ, ଭଲ ଚରିତ୍ର ମିଳିଲେ ମୁଁ ନିଶ୍ଚିତ କାମ କରିବି ।



**ହରିହରଙ୍କ ଫିଟ୍ ରହିବାର ମନ୍ତ୍ର?**

● ପୂର୍ବରୁ ସମୟ ଥିଲା, ନିୟମିତ ଡ୍ୟାନ୍ସ କ୍ଲାସ୍‌ରେ ଯୋଗଦେଇ ନିଜକୁ ଫିଟ୍ ରଖୁଥିଲି । ସମୟ ଅଭାବରୁ ଜିମ୍ ଯିବା ବନ୍ଦ କରିଦେଇଛି । କେବଳ ଘରେ ଯାହା ୱାର୍କଆଉଟ୍ କରୁଛି । ୱାର୍କଆଉଟ୍ ସହିତ ନିଜର ଖାଦ୍ୟପେୟ ଉପରେ ଗୁରୁତ୍ୱ ଦେବାକୁ ପଡ଼େ ।

**ଧର୍ମପତ୍ନୀଙ୍କ ସହଯୋଗ କିପରି ରହିଛି?**

● ସେ ଜଣେ ଡାକ୍ତର, ମୋର ଡାଏଟ୍‌ର ଧ୍ୟାନ ରଖନ୍ତି । କ’ଣ ଖାଇବି ନ ଖାଇବି, ସେନେଇ ତାଗିଦ୍ କରନ୍ତି । ଯେହେତୁ ପୂର୍ବରୁ କିଛି ପ୍ରୋଜେକ୍ଟରେ ଆମେ ମିଶି କାମ କରିଥିଲୁ । ତେଣୁ ସୁଟିଂରେ କେତେ ବ୍ୟସ୍ତ ଭିତରେ ମୁଁ କାମ କରୁଛି, କ’ଣ ସମସ୍ୟା ସାମ୍ନା କରିବାକୁ ପଡ଼େ, ସେ ସବୁ ସେ ଭଲ ଭାବେ ବୁଝନ୍ତି । କେବଳ ସେତିକି ନୁହେଁ, ଏବେ ସୁଟିଂକୁ ମୁଁ ସକାଳୁ ଯିବା ସମୟରେ ସେ ମୋ ପାଇଁ ଟିଫିନ୍ ତିଆରି ଦେଉଛନ୍ତି । ପ୍ରତି ସମୟରେ ସେ ମୋ ସହିତ ରହିଥାନ୍ତି ।

**ରିଆଲିଟି ଶୋ’ ଜରିଆରେ ଅଭିନୟକୁ ଆସିଥିବା ପିଲାଙ୍କୁ କ’ଣ କହିବେ?**

● ନିଜକୁ ଫିଟ୍ ରଖିବା ନିହାତି ଦରକାର । ନିଜର ଆତ୍ମବିଶ୍ୱାସ ସହିତ ଷ୍ଟାଇଲ୍ ଷ୍ଟେଟମେଣ୍ଟକୁ ଗୁରୁତ୍ୱ ଦେବା ଦିଅନ୍ତୁ । କାରଣ ନିଜର ଆତ୍ମବିଶ୍ୱାସ ହିଁ ସଫଳତାର ମୂଳମନ୍ତ୍ର । କେବଳ ଡ୍ୟାନ୍ସ କିମ୍ବା ଅଭିନୟରେ ବୁଡ଼ି ରହିବେ ତାହା ନୁହେଁ, ବରଂ ପ୍ରତିଯୋଗିତାମୂଳକ ସମୟରେ ଜଣେ କଳାକାର ଚରିତ୍ର ନିଭାଇବା ସହିତ ନାଚ ଶିଖିବା ନିହାତି ଦରକାର । ସେହିପରି ନାଚୁଥିଲେ ଅଭିନୟ ବୁଝିବା ଓ ଜାଣିବା ମଧ୍ୟ ସେତିକି ଜରୁରି । ନହେଲେ କାମ ଫର୍‌ଫେକ୍ଟ ହୋଇନଥାଏ ।

## ପ୍ରଥମ ପୋଷ୍ଟରରେ ପାର୍ବତୀ ଗିରିଙ୍କ ଜୀବନୀ



ପଞ୍ଚବଟୀ ପ୍ରଡକସନ୍ସ ଏବଂ ଉଶା ଉଜ୍ଜ୍ୱଳ ପ୍ରଡକ୍ସନ ନିବେଦିତ ନୂଆ ଓଡ଼ିଆ ଚଳଚ୍ଚିତ୍ର ‘ବଡ଼ମାଁ’ର ନିକଟରେ ପୋଷ୍ଟର ଓ ଗୀତ ରିଲିଜ୍ ହୋଇଛି । ଅବନୀ କୁମାର ମେହେରଙ୍କ ପ୍ରଯୋଜିତ ଏହି ସିନେମାର କାହାଣୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଜୀବନୀ ଉପରେ ଆଧାରିତ । ଏଥିରେ ପାର୍ବତୀ ଚରିତ୍ରରେ ନଜର ଆସିବେ କନକ ଉନସନା ଚୌଧୁରୀ । ଏହି ସିନେମାରେ ପାର୍ବତୀଙ୍କର ତିନିବର୍ଷ ବୟସରୁ ତାଙ୍କ ପିଲାଦିନର ଜୀବନଠୁ ଆରମ୍ଭ କରି ବିୟୋଗ ପର୍ଯ୍ୟନ୍ତ କାହାଣୀକୁ ସୁନ୍ଦର ଭାବେ ଚିତ୍ରାୟିତ କରାଯାଇଛି । ସିନେମାର ପରିକଳ୍ପନା, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନାରେ ଲିଟୁ ମହାନ୍ତି ଥିବା ବେଳେ ସହ-ନିର୍ଦ୍ଦେଶନାରେ ଅଛନ୍ତି ଦିବ୍ୟଜୀବନ ମହାପାତ୍ର ଓ ରାଜେନ୍ଦ୍ର କୁମାର ବାଗ । ଚଳଚ୍ଚିତ୍ରରେ ସଂଳାପ ରଚନା କରିଛନ୍ତି ପ୍ରଦୀପ୍ତ ରାୟ, ଅଶୋକ ବହିଦାର, ରାଜୀବ ଶଗରିଆ । ସେହପରି ପଦ୍ମଶ୍ରୀ ଡକ୍ଟର ହଳଧର ନାଗ, ଦୁର୍ଗାମାଧବ ପଣ୍ଡା, ପ୍ରଦୀପ୍ତ ରାୟ, ଚୂଡ଼ାମଣି ଚନ୍ଦନ ଗୀତ ରଚନା କରିଥିବା ବେଳେ ସୁମଧୁର ସଙ୍ଗୀତରେ ସଜାଇଛନ୍ତି ପଙ୍କଜ ଜାଲ । ବିଭିନ୍ନ ଗୀତରେ କଣ୍ଠଦାନ କରିଛନ୍ତି ପଙ୍କଜ ଜାଲ, ବିବେକାନନ୍ଦ ଜାଲ, ଶର୍ମିଷ୍ଠା ଜାଲ, ମାନସୀ ପାଣିଗ୍ରାହୀ, ପମି ମିଶ୍ର, ଶ୍ରୀଜା ବଡ଼ପଣ୍ଡା ଏବଂ ଅଂଶିକା ସିକନ୍ଦର । ଅନ୍ୟପଟେ ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ରରେ ନଜର ଆସିବେ ପୃଥ୍ୱୀରାଜ ନାୟକ, ଡ. ତପସ୍ୱିନୀ ଗୁରୁ, ସତ୍ୟନାରାୟଣ ପଣ୍ଡା ପ୍ରମୁଖ ।

## ନୂଆ ଧାରାବାହିକ: ‘ଶ୍ରୀ’ ଓ ‘ମଧୁର ସଂସାର’





ଜୀ-ସାର୍ଥକରେ ଜାନୁଆରୀ ୨୨ ତାରିଖରୁ ଦମ୍‌ଦାର୍ ଓ ପ୍ରେରଣାଦାୟୀ କାହାଣୀକୁ ନେଇ ଦୁଇଟି ମେଗା ଧାରାବାହିକ ‘ଶ୍ରୀ’ ଓ ‘ମଧୁର ସଂସାର’ର ଶୁଭାରମ୍ଭ ହୋଇଛି । ‘ମଧୁର ସଂସାର’ ସନ୍ଧ୍ୟା ୭ଟାରେ ପ୍ରସାରିତ ହେଉଛି । ଏହି ଧାରାବାହିକର ବିଭିନ୍ନ ଚରିତ୍ରରେ ନର୍ମଦା, ପ୍ରିୟଙ୍କା ପ୍ରମୁଖ କଳାକାର ଅଭିନୟ କରିଛନ୍ତି । ସେହିପରି ‘ଶ୍ରୀ’ ଧାରାବାହିକର ମୁଖ୍ୟ ଚରିତ୍ରରେ ଅରୁନ୍ଧତୀ ଓ ହରିହର ଦାଶ ନଜର ଆସିଛନ୍ତି । ଏହାବାଦ୍ ପ୍ରଦ୍ୟୁମ୍ନ ଲେଙ୍କା, ସୋମା ଭୌମିକ ପ୍ରମୁଖ ମଧ୍ୟ ଅଛନ୍ତି । ତେବେ ଏହି ଦୁଇଟି ମେଗାଧାରାବାହିକର କାହାଣୀ ଭିନ୍ନ ହୋଇଥିବାରୁ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା କରାଯାଉଛି ।

## ମହିଳା ଦିବସରେ ‘ତ୍ରିକନ୍ୟା’



ଅନ୍ତର୍ଜାତିକ ମହିଳା ଦିବସ ଅବସରରେ ଅର୍ଥାତ୍ ମାର୍ଚ୍ଚ ୮ ରେ ପ୍ରେକ୍ଷାଳୟକୁ ଆସିବ ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ନୂଆ ଓଡ଼ିଆ ସିନେମା ‘ତ୍ରିକନ୍ୟା’ । ଭିନ୍ନ ଭିନ୍ନ ସାମାଜିକ ଓ ଭୌଗୋଳିକ କ୍ଷେତ୍ରରୁ ଆସିଥିବା ତିନିଜଣ ମହିଳାଙ୍କ କାହାଣୀକୁ ନେଇ ଏହି ସିନେମା ଆଧାରିତ । ଏହାର ପ୍ରଯୋଜନାରେ ଅନୁପମ ପଟ୍ଟନାୟକ ଓ ବର୍ଷା ପଟ୍ଟନାୟକ ଥିବା ବେଳେ ସଂଳାପ ଚରଚନା କରିଛନ୍ତି ମାନସ ପଢ଼ିଆରୀ । ଚଳଚ୍ଚିତ୍ରର ବିଭିନ୍ନ ମୁଖ୍ୟ ଚରିତ୍ରରେ ଅଛନ୍ତି ମନୋଜ ମିଶ୍ର, ପାର୍ଥସାରଥି, ବର୍ଷା ପଟ୍ଟନାୟକ, ଶ୍ରଦ୍ଧା, ସୁକାନ୍ତ, ନିଭି ପ୍ରମୁଖ । ସେହିପରି ସିନେମାଟିକୁ ଦର୍ଶକେ ଖୁବ୍ ପସନ୍ଦ କରିବେ ବୋଲି ଏହାର ପୂରା ଟିମ୍ ବେଶ୍ ଆଶାବାଦୀ ଅଛି ।

## ‘ମୋ ବୋଉ ହାତରନ୍ଧା’ ଆରମ୍ଭ

‘ତରଙ୍ଗ’ ଚ୍ୟାନେଲରେ ଗତ ୨୧ ତାରିଖରୁ ଆରମ୍ଭ ହୋଇଛି ସେଲିବ୍ରିଟି କୁକିଂ ଶୋ’ ‘ମୋ ବୋଉ ହାତରନ୍ଧା’ । ପ୍ରତିଥର ଏହି ଶୋ’ରେ ବିଭିନ୍ନ ସେଲିବ୍ରିଟିଙ୍କ ଭିନ୍ନ ଭିନ୍ନ ପ୍ରକାର ରାନ୍ଧଣା ଦେଖିବାକୁ ମିଳିବ । ସେହିପରି କେବଳ ରାନ୍ଧଣା ନୁହେଁ, ଅନେକ କିଛି କଥା ମଧ୍ୟ ସେମାନଙ୍କ ସମ୍ପର୍କରେ ଜାଣିବାକୁ ମିଳିବ । ଶୋ’ଟି ପ୍ରତି ଶନିବାର ଓ ରବିବାର ସନ୍ଧ୍ୟା ୬ଟାରେ ପ୍ରସାରିତ ହେବ । ଏହାପୂର୍ବରୁ ‘ମୋ ବୋଉ ହାତରନ୍ଧା’ର ଦୁଇଟି ସିଜନ୍ ପ୍ରସାରିତ ହୋଇଥିବା ବେଳେ ତାହାକୁ ଦର୍ଶକୀୟ ଆଦୃତି ମଧ୍ୟ ମିଳିଥିଲା ।







## ‘ଶାନ୍ତି ଆପାର୍ଟମେଣ୍ଟ’ର ଟ୍ରେଲର ରିଲିଜ୍



ନିକଟରେ ମୁକ୍ତିଲାଭ ଅପେକ୍ଷାରେ ଥିବା ନୂଆ ଓଡ଼ିଆ ଚଳଚ୍ଚିତ୍ର ‘ଶାନ୍ତି ଆପାର୍ଟମେଣ୍ଟ’ର ଟ୍ରେଲର୍ ଓ ମ୍ୟୁଜିକ୍ ରିଲିଜ୍ ହୋଇଛି । ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଏହି ସିନେମାର କାହାଣୀ ଓ ଚିତ୍ରନାଟ୍ୟରେ ନିଜେ ଅଶ୍ୱିନୀ ଅଛନ୍ତି । ବିକ୍ରମ ଶଙ୍କରଙ୍କ ପ୍ରଯୋଜିତ ଉକ୍ତ ଚଳଚ୍ଚିତ୍ରର ସଂଳାପ ରଚନା କରିଛନ୍ତି ଡ.ଦୀପକ ଜେନା । ସେହିପରି ସଙ୍ଗୀତ ନିର୍ଦ୍ଦେଶନାରେ ସନ୍ଦୀପ ପଣ୍ଡା ଥିବା ବେଳେ ସିନେମାରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅନନ୍ୟା ଶ୍ରୀତମ ନନ୍ଦ, ଅର୍ପିତା ଚୌଧୁରୀ, ସ୍ୱୟମ୍ ପାଢ଼ୀ । ଅନ୍ୟପଟେ ସିନେମାର ବିଭିନ୍ନ ଚରିତ୍ରରେ ଶୁଭାଶିଷ, ରାଗିଣୀ, ଆଲିଆ, ଦ୍ୱୀପନ୍ୱିତ ଦାସମହାପାତ୍ର, ସନ୍ତୁ ପ୍ରସନ୍ନଜିତ, ଶକ୍ତି, ଅନୁଷ୍କା, ପ୍ରମୁଖ କଳାକାର ଅଭିନୟ କରିଛନ୍ତି । ତେବେ ସମ୍ପୂର୍ଣ୍ଣ ମୌଳିକ କାହାଣୀକୁ ନେଇ ପ୍ରସ୍ତୁତ ଏହି ସିନେମାଟିରେ ରହସ୍ୟ ଓ ରୋମାଞ୍ଚରେ ଭରପୂର । ତେଣୁ ଦର୍ଶକେ ଫିଲ୍ମଟିକୁ ବେଶ୍ ପସନ୍ଦ କରିବେ ବୋଲି ପ୍ରଯୋଜନା ଟିମ୍ ଆଶାବାଦୀ ଅଛି । ସିନେମାଟି ଫେବୃଆରୀ ୨ରେ ମୁକ୍ତିଲାଭ କରିବ ।

## ଟେଲିଭିଜନ୍ ପ୍ରିମିୟର୍ ‘ସିନ୍ଦୂର ଖେଳ’

ଆସନ୍ତା ୨୮ ତାରିଖ ସନ୍ଧ୍ୟା ୬ଟାରେ ତରଙ୍ଗ ଚ୍ୟାନେଲରେ ନୂଆ ଓଡ଼ିଆ ଚଳଚ୍ଚିତ୍ର ‘ସିନ୍ଦୂର ଖେଳ’ର ଟେଲିଭିଜନ୍ ପ୍ରିମିୟର୍ ହେବ । ରାଶେଷ ମହାନ୍ତି (ସିଲୁ) ନିର୍ଦ୍ଦେଶିତ ତଥା ମୀନାକ୍ଷୀ ଆର୍ଟସ୍ ପ୍ରଯୋଜିତ ଏହି ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଅମର, ନିକିତା ଏବଂ ସୁଚରିତା । ଏହାର ସଂଳାପ ରଚନାରେ ଜିତେନ୍ଦ୍ର ବରାଳ ଥିବା ବେଳେ କାହାଣୀ ଓ ଚିତ୍ରନାଟ୍ୟରେ ଅଛନ୍ତି ଦେବୀଦତ୍ତ ମହାନ୍ତି ଓ ବି. ଚନ୍ଦନ କୁମାର । ଡ.ନିର୍ମଳ ନାୟକ, ଶରଣାରବିନ୍ଦ, ସୂର୍ଯ୍ୟ ମହାପାତ୍ର ଗୀତ ଲେଖିଥିବା ବେଳେ ସଙ୍ଗୀତରେ ସଜାଇଛନ୍ତି ଗୁଡ୍‌ଲି ରଥ । ଚଳଚ୍ଚିତ୍ରର ଅନ୍ୟାନ୍ୟ ବିଭିନ୍ନ ଚରିତ୍ରରେ ଉଷସୀ ମିଶ୍ର, ତ୍ରିଭୁବନ ପଣ୍ଡା, ବାପି, ରାୟ, ଦୀପ୍ତି ପଣ୍ଡା ପ୍ରମୁଖ ଅଭିନୟ କରିଛନ୍ତି ।






# ହତ୍ୟାକାରୀ ମାଆ



ମାଆ
ଏକ ସୁନ୍ଦର ଶବ୍ଦ । ମାଆ ତା'ର ସନ୍ତାନକୁ ଅନ୍ତ ଫାଡ଼ି ଜନ୍ମ ଦେଇଥାଏ ଆଉ ସନ୍ତାନର କୁଆଁ କୁଆଁ ପ୍ରଥମ ସ୍ୱରରେ ବିହ୍ୱଳିତ ହୋଇଥାଏ । କୁହାଯାଏ ମାଆ କୋଳ ହିଁ ସନ୍ତାନ ପାଇଁ ଜଗତର ସବୁଠାରୁ ସୁରକ୍ଷିତ ସ୍ଥାନ ଆଉ ମାଆ ହେଉଛି ସନ୍ତାନର ସବୁଠାରୁ ବଡ଼ ସୁରକ୍ଷା କବଚ । କିନ୍ତୁ ଅନେକ ସମୟରେ ଯେଉଁ ମାଆ ଦଶମାସ ଦଶଦିନ ଛୁଆକୁ ନିଜ ଗର୍ଭରେ ରଖିଥାଏ ସେ ହିଁ ଛୁଆ ପାଇଁ ମୃତ୍ୟୁର କାରଣ ସାଜିଥାଏ । ଏମିତି ନିକଟ ଅତୀତରେ ଘଟିଥିବା କିଛି ଘଟଣାକୁ ନେଇ ଆମର ଉପସ୍ଥାପନା ।

## ଦମ୍ପତି କଳିରେ ସନ୍ତାନ ବଳି

**ଉଗ୍ର ରୂପ ନେଲା ସ୍ୱାମୀ-ସ୍ତ୍ରୀ ବିବାଦ । ଯେଉଁଥିପାଇଁ ସ୍ୱାମୀ ଉପରେ ରାଗ ଶୁଝିବାକୁ ଯାଇ ନିଜ ଜନ୍ମିତ ପୁତ୍ରକୁ ହତ୍ୟାକଲେ ଜଣେ ମହିଳା । ଏଭଳି ଘଟଣା ଘଟିଛି ଗୋଆର ଏକ ପଞ୍ଚତାରକା ହୋଟେଲ୍‌ରେ । ବେଙ୍ଗାଲୁରୁର ଆର୍ଟିଫିସିଆଲ୍ ଇଣ୍ଟଲେଜେନ୍ସି ତଥା ଏକ ପ୍ରତିଷ୍ଠିତ କମ୍ପାନୀର ସିଇଓ ସୂଚନା ସେଠ ଭିଆଇଛନ୍ତି ଏଭଳି ବୀଭତ୍ସ କାଣ୍ଡ । ଜଣେ ଉଚ୍ଚ ଶିକ୍ଷିତା ମହିଳା ନିଜର କୋମଳମତି ଶିଶୁପୁତ୍ରର ତଣ୍ଟିଚିପି ହତ୍ୟା କରିବା ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି ।** (ରିପୋର୍ଟ- ସିଦ୍ଧାର୍ଥ)



ଏଭଳି ଚର୍ଚ୍ଚାର ପରିଧିକୁ ଆସିଥିବା ମହିଳା ଜଣକ କୌଣସି ସାଧାରଣ ମହିଳା ନୁହନ୍ତି, ବରଂ ଏକ ଷ୍ଟାର୍ଟଅପ୍ କମ୍ପାନୀ ମାଇଣ୍ଡଫୁଲ୍ ଏଆଇ ଲ୍ୟାବର ପ୍ରତିଷ୍ଠାତା ତଥା ସିଇଓ । ସ୍ୱାମୀ ଭେଙ୍କଟରମଣ କେରଳର ବାସିନ୍ଦା ହୋଇଥିଲାବେଳେ ତାଙ୍କ ପତ୍ନୀ ସୂଚନା ପଶ୍ଚିମବଙ୍ଗର ବାସିନ୍ଦା ଥିଲେ । ୨୦୧୯ ରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା । କିନ୍ତୁ କୌଣସି କାରଣକୁ ନେଇ ୨୦୨୦ରେ ଉଭୟ ପତି ଓ ପତ୍ନୀଙ୍କ ବିବାହ ବିଚ୍ଛେଦ ହୋଇଯାଇଛି । କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ତାଙ୍କ ସ୍ୱାମୀ ତାଙ୍କ ପୁତ୍ର ସହ କେବଳ ରବିବାର ଦିନ ଭେଟ ହୋଇପାରିବେ । ଯାହାକୁ ସୂଚନା ଆଦୌ ବରଦାସ୍ତ କରିପାରୁ ନ ଥିଲେ । କି ସେ ମଧ୍ୟ ତାଙ୍କ ପୁଅକୁ ବାପ ସହିତ ନ ମିଶାଇବା ପାଇଁ ଚାହୁଁଥିଲେ । ଯେଉଁଥିପାଇଁ ସୂଚନା ଏ ହତ୍ୟାକାଣ୍ଡ ଘଟିଥିଲା ବୋଲି ପୁଲିସ ଅନୁମାନ କରୁଛି । ତେବେ ଜାନୁଆରୀ ୬ତାରିଖ ମହିଳା ଜଣଙ୍କ ନିଜ ସାଥିରେ ଶିଶୁ ପୁତ୍ରକୁ ଧରି ଗୋଆର କାଣ୍ଡୋଲିମ ସହରର ଏକ ଗେଷ୍ଟହାଉସ୍ ଆସିଥିଲେ । ସୂଚନାନୁଯାୟୀ, ସେ ୧୦ ଦିନ ମଧ୍ୟରେ ଗୋଆକୁ ୨ ଥର ଆସିଥିଲେ । ୩ ଡିସେମ୍ବର ଏକ ପଞ୍ଚତାରକା ହୋଟେଲକୁ ଆସି ନୂଆବର୍ଷ ପାଳନ କରି ସେ ଫେରି ଯାଇଥିଲେ । ପରେ ଜାନୁଆରୀ ୬ରେ ଗୋଆରେ ପହଞ୍ଚି ସେହି ଗେଷ୍ଟ ହାଉସରେ ରହିବା ସହ ୭ତାରିଖରେ ଘଟାଇଥିଲେ ଏଭଳି ନାରକୀୟ କାଣ୍ଡ । ସେ ଏକ ଧାରୁଆ ଅସ୍ତ୍ରରେ ଶିଶୁର ଗଳାକୁ କାଟି ହତ୍ୟା କରିବା ସହିତ ୨୨ଘଣ୍ଟା ପରେ ମୃତଦେହକୁ ଏକ ଟ୍ରଲି ବ୍ୟାଗରେ ଭର୍ତ୍ତି କରି ତା ଉପରେ ଶିଶୁର ଖେଳନା ଓ ନିଜର କିଛି କପଡ଼ା ରଖି ଏକ କ୍ୟାବରେ ବେଙ୍ଗାଲୁରୁ ଚାଲିଯାଇଥିଲେ । ମାତ୍ର ସେ ଯେତେବେଳେ ଗେଷ୍ଟହାଉସ ଛାଡ଼ିଥିଲେ ପୁଅ ସାଙ୍ଗରେ ନ ଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା । ସୂଚନା ରହୁଥିବା କୋଠରିକୁ ସଫା କରିବାକୁ ଯାଇଥିଲା ବେଳେ ରକ୍ତଛିଟା ଦେଖି ହୋଟେଲ୍ କର୍ମଚାରୀ ଚମକି ପଡ଼ିଥିଲେ । ଏ ନେଇ କଲାଙ୍ଗୁଟେ ପୁଲିସକୁ ଖବର ଦିଆଯାଇଥିଲା । ଘଟଣାସ୍ଥଳରେ ପୁଲିସ ପହଞ୍ଚି ଆରମ୍ଭ କରିଥିଲା ତଦନ୍ତ । ପୁଅକୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହେବା ପରେ ବେଙ୍ଗାଲୁରୁ ପୁଲିସକୁ ଖବର ଦିଆଯାଇଥିଲା । ସେ ଯାଉଥିବା କ୍ୟାବ ଚାଳକଙ୍କ ସହି ପୁଲିସ କଥା ହୋଇ ନିକଟସ୍ଥ ଥାନାକୁ ଆସିବାକୁ କହିଥିଲା ପୁଲିସ । କ୍ୟାବ ଚାଳକ ସୂଚନାଙ୍କ ସହ ଥାନାରେ ପହଞ୍ଚିଥିଲେ । ସେଠାରେ ହିଁ ସୂଚନାକୁ ଗିରଫ କରିଥିଲା ପୁଲିସ ଓ ପଦାକୁ ଆଣିଥିଲା ହତ୍ୟାକାଣ୍ଡର ପୂରା ଘଟଣା । ■



## ଯମଜ ଶିଶୁଙ୍କୁ ଜଳ ସମାଧି

**ବାହାଘରର ୧୦ବର୍ଷ ପରେ ଆଇଭିଏଫ ପଦ୍ଧତିରେ ଜନ୍ମହୋଇଥିଲେ ଯାଆଁଳା ଶିଶୁଙ୍କୁ । ତିନି ଭାଇଙ୍କର କୌଣସି ସନ୍ତାନ ନ ଥିବାରୁ କେବଳ ବାପା କି ମାଆ ନୁହେଁ; ପୂରା ପରିବାର ଧୁମ୍‌ଧାମ୍‌ରେ ପାଳିଥିଲେ ଏକୋଇଶିଆ ଉତ୍ସବ । ପିଲା ଦୁହିଁଙ୍କର ନାମକରଣ ବି କରାଯାଇଥିଲା । କିନ୍ତୁ କ'ଣ ହେଲା କେଜାଣି ବାଡ଼ିପଟ କୂଅରୁ ଉଦ୍ଧାର ହେଲା ତିନି ମାସର ଯମଜ ଶିଶୁଙ୍କ ମୃତଦେହ । କିଏ ଏବଂ କାହିଁକି ଏଭଳି କାଣ୍ଡ ଭିଆଇଲା ତାକୁ ନେଇ ପ୍ରତ୍ୟେକଙ୍କ ମନରେ ରହସ୍ୟ ଉଙ୍କି ମାରୁଥିବା ବେଳେ ଯମଜଙ୍କ ମାଆ ନିଜେ ପରିବାର ଲୋକଙ୍କ ଆଗରେ ନିଜର ଦୋଷ ସ୍ୱୀକାର କରିଥିଲା । କିନ୍ତୁ କାହିଁକି ଏଭଳି କାଣ୍ଡ ରଚିଲା ତାହା ଏବେ ବି ପ୍ରଶ୍ନବାଚୀ ଓ ରହସ୍ୟ ଘେରରେ ।**

ରିପୋର୍ଟ: ସଂଗ୍ରାମ, ବନମାଳୀ

ଗତ ୧୭ ତାରିଖ ବୁଧବାର ରାତିରେ ଘଟିଛି ଏଭଳି ଅଭାବନୀୟ ଘଟଣା । ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ଅନ୍ତର୍ଗତ ବସଲା ପଞ୍ଚାୟତର ମୁଣ୍ଡାଡିପ ଗାଁର ସୁନୀଲ ସାହୁ(୩୯) ନିକଟସ୍ଥ ବଡ଼ କାନ୍ତକୁଳ ଗାଁର ତପସ୍ୱିନୀ ସାହୁଙ୍କୁ ଗତ ୨୦୧୩ ମସିହାରେ ବୈଦିକ ରୀତିରେ ବିବାହ କରିଥିଲେ । କିନ୍ତୁ ବିବାହର ବହୁବର୍ଷ ପର୍ଯ୍ୟନ୍ତ ଦମ୍ପତିଙ୍କର ସନ୍ତାନଟିଏ ଜନ୍ମ ହେଉ ନ ଥିଲା । ଯାହା ଥିଲା ପୂରା ପରିବାର ପାଇଁ ଚିନ୍ତାର କାରଣ । ଡାକ୍ତରୀ ଚିକିତ୍ସା ପରେ ୧୦ ବର୍ଷ ପରେ ନଭେମ୍ବର ୧୧ ତାରିଖରେ ଆଇଭିଏଫ୍ ପଦ୍ଧତିରେ ତପସ୍ୱିନୀ ମାତୃତ୍ୱ ଲାଭ କଲେ । ଏକ ସଙ୍ଗେ ପୁଅ ଝିଅ ଦୁଇଟି ସନ୍ତାନକୁ ତପସ୍ୱିନୀ ଜନ୍ମ ଦେଲେ । ଦୀର୍ଘଦିନ ପରେ ପୂରିଲା ମାଆ କୋଳ । ଦୁଇରୁ ତିନିମାସ ଘରେ ରହିବାକୁ ପଡ଼ିବ ବୋଲି ଡାକ୍ତର ଦେଇଥିଲେ ପରାମର୍ଶ । ଏଥିପାଇଁ ତପସ୍ୱିନୀକୁ ବିଶ୍ରାମ ଦରକାର ହେଉଥିଲା । ଏପଟେ ସୁନୀଲଙ୍କ ପରିବାରରେ ବଡ଼ ଭାଇ ଅଲିଭା ସାହୁ, ମଝିଆ ଭାଇ ଅବନୀ ସାହୁ ଓ ମଝିଆ ଭାଉଜ ରୀତା ସାହୁ ରହୁଥିଲେ । ପରିବାରରେ ପ୍ରଥମ ଶିଶୁ ସନ୍ତାନ ଯୋଗୁଁ ଉଛୁଳି ପଡୁଥିଲା ଖୁସି ଆନନ୍ଦ । ତପସ୍ୱିନୀଙ୍କ ଯମଜ ଛୁଆ ଜନ୍ମ ପରେ ଘରର ସବୁ କାମଧନ୍ଦା, ରୋଷେଇ ବାସ, ସମସ୍ତଙ୍କ ସେବା ଯତ୍ନ ନିଅନ୍ତି ମଝିଆ ଯାଆ ରୀତା । ତପସ୍ୱିନୀଙ୍କ ସ୍ୱାମୀ ସୁନୀଲଙ୍କର ଜିନ୍ଦଲ କାରଖାନା ନିକଟ ବଜାରରେ ଚିକେନ୍ ଦୋକାନ ଅଛି । ତେବେ ବୁଧବାର ସନ୍ଧ୍ୟା ଥିଲା ପରିବାର ପାଇଁ କାଳ ସନ୍ଧ୍ୟା । ଘରେ ଦୁଇ ଯାଆ ଏବଂ ଯାଆଁଳା ଶିଶୁ ଥିଲେ । ବଡ଼ ଯାଆ ରୀତା ସାହି ଲୋକଙ୍କ ସହ ବାହାରେ କଥାବାର୍ତ୍ତା ହେଉଥିବା ବେଳେ କିଛି ସମୟ ପରେ ଘର ଦେଖନ୍ତି ତ ନିଦରେ ଶୋଇଥିବା ଦୁଇ ଶିଶୁ ନାହାନ୍ତି । ଖବର ପାଇ ପାଖ ପଡ଼ୋଶୀ ସମସ୍ତେ ଶିଶୁଙ୍କୁ ଖୋଜିବାରେ ଲାଗିଗଲେ । ସୁନୀଲ ଦୋକାନ ବନ୍ଦକରି ଘରରୁ ଛୁଟି ଆସିଲେ । ଶହ ଶହ ଗ୍ରାମବାସୀ ଆଖଆଖ ଅଞ୍ଚଳ ଅଣ୍ଡାଳିବାରେ ଲାଗି ପଡ଼ିଲେ । ଘର ପଛ ପାଖେ ଥିବା ଖୋଲା କୂଅରୁ ପ୍ରଥମେ ଶିଶୁକନ୍ୟା ଶ୍ରଦ୍ଧାର ମୃତଦେହକୁ ଉଦ୍ଧାର କରିଲେ ଗ୍ରାମବାସୀ । ଗୋଟିଏ ଶବ ମିଳିବାରୁ ଲୋକଙ୍କ ସନ୍ଦେହ ବଢ଼ିଲା । କୂଅରେ ପଶି ପାଣି ଭିତରୁ ଅନ୍ୟ ଶିଶୁ ପୁତ୍ର ସାଇର ମୃତଦେହ ଉଦ୍ଧାର କରିଥିଲେ ଗାଁ ଲୋକେ । ଦୁଇ ଶିଶୁଙ୍କ ମୃତଦେହକୁ ସଙ୍ଗେ ସଙ୍ଗେ ନିକଟସ୍ଥ ବନ୍ତଳା ସରକାରୀ ହସ୍ପିଟାଲକୁ ପରିବାର ଲୋକେ ନେଇଥିଲେ । ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ବନ୍ତଳା ପୁଲିସ ଗାଁ ରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ମିଛଧରା ଯନ୍ତ୍ର ସାହାଯ୍ୟରେ ସବୁ ଜଣାପଡ଼ିଯିବ ବୋଲି ପୁଲିସ ପକ୍ଷରୁ ସତର୍କ କରାଇଥିଲେ । କିନ୍ତୁ ସକାଳୁ ସକାଳୁ ସ୍ୱାମୀ ଓ ପରିବାର ଲୋକଙ୍କ ଆଗରେ ସମସ୍ତ ଦୋଷସ୍ୱୀକାର କରିଥିଲେ ତପସ୍ୱିନୀ । ଏ କଥା କାହାରିକୁ ନ କହି ଦୋଷ କ୍ଷମା କରିଦେବାକୁ ଅନୁରୋଧ କଲେ ତପସ୍ୱିନୀ । ଖବର ପାଇ ତପସ୍ୱିନୀଙ୍କୁ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛି ପୁଲିସ । କିନ୍ତୁ କାହିଁକି ଶିଶୁଙ୍କୁ ହତ୍ୟା କଲେ, ସେ ନେଇ ନା ପରିବାର ନା ପୁଲିସ କାହାରି ଆଗରେ ମୁହଁ ଖୋଲିନାହାନ୍ତି ତପସ୍ୱିନୀ । ଅପରପକ୍ଷେ ଏନେଇ ମୃତ ଶିଶୁଙ୍କ ବଡ଼ବାପା ଅଲିଭା ସାହୁ କହିଛନତି ବୋହୂ କାହିଁକି ଏଭଳି ଜଘନ୍ୟ କାଣ୍ଡ କଲା ଆମେ ବୁଝି ପାରୁନୁ । ଆମ ଗାଁର ଏ ଭଳି ଘଟଣା କେବେ ଘଟି ନଥିଲା ।ଏହା ଗାଁ ପାଇଁ ଦୁଃଖଦ ଘଟଣା । ଏଭଳି ହତ୍ୟାକାଣ୍ଡ ଘଟାଇଥିବା ମହିଳାଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ମିଳିବା ଦରକାର ବୋଲି କହିଛନ୍ତି ସ୍ଥାନୀୟ ସରପଞ୍ଚ ଚନ୍ଦନ ସାହୁ । ■



## ପୁଅ ହେଲାନି ବୋଲି ୩ ଝିଅଙ୍କୁ ମାରିଲା ମାଆ

**ଗୋଟିଏ ନୁହେଁ କି ଦୁଇଟି ନୁହେଁ ନିଜର ଜନ୍ମକଲା ତିନିତିନିଟା ଛୁଆଙ୍କୁ ମାରିଲା ମାଆ । ଘଟଣାଟି ଅନେକଙ୍କୁ ଆଶ୍ଚର୍ଯ୍ୟ ଲାଗିପାରେ । କିନ୍ତୁ ୨୦୦୮ ମସିହାରେ କେନ୍ଦ୍ରାପଡ଼ା ଜିଲ୍ଲା ସଦର ଥାନା ଅନ୍ତର୍ଗତ ଆୟବା ଅଞ୍ଚଳରେ ଘଟିଥିଲା ଏଭଳି ଘଟଣା । ଏହି ଅମାନୁଷିକ ଘଟଣାରେ ଅଭିଯୁକ୍ତ ମାଆକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୁଲିସ । ତେବେ ଘଟଣାକୁ ୧୫ବର୍ଷ ବିତି ଯାଇଥିଲେ ମଧ୍ୟ ଏଭଳି ନୃଶଂସକାଣ୍ଡ ପଛର କାରଣ ଖୋଜି ପାଇପାରିନି ପୁଲିସ କିମ୍ବା ପରିବାର ଲୋକେ ।**

ରିପୋର୍ଟ: ଦେବଦତ୍ତ ଦାଶ

କେନ୍ଦ୍ରାପଡ଼ା ଜିଲ୍ଲା ଆୟବାରେ ଘଟିଥିବା ହତ୍ୟାକାଣ୍ଡର ବିଭିନ୍ନ କଥା ଶୁଣିବାକୁ ମିଳୁଥିବା ବେଳେ ପୁଲିସ ସୂଚନା ମୁତାବକ ମହିଳାଙ୍କର ତିନି ତିନିଟି ଶିଶୁକନ୍ୟା ଜନ୍ମ ହେବାରୁ ମହିଳା ଜଣକ ଅସନ୍ତୁଷ୍ଟ ଥିଲେ । ପୁତ୍ର ସନ୍ତାନ ଜନ୍ମ ନ ହେବାରୁ ମହିଳାଙ୍କୁ କୁଆଡ଼େ ସାହିପଡ଼ିଶାଙ୍କଠାରୁ ଟାହିଟାପରା ଶୁଣିବାକୁ ପଡୁଥିଲା । ଫଳରେ ସ୍ୱାମୀ ଆଉ ଶାଶୂଶଶୁର ତାଙ୍କ ପ୍ରତି ଖୁସି ନ ଥିଲେ । ବାରମ୍ବାର କନ୍ୟା ସନ୍ତାନ ଜନ୍ମ ହେବାରୁ ୨୬ ବର୍ଷ ବୟସ୍କା ସୁଭଦ୍ରା ନିଜକୁ ଦୋଷୀ ଭାବି ଭିଆଇଥିଲେ ଏକ ବୀଭତ୍ସ ହତ୍ୟାକାଣ୍ଡ ।

ପୁଲିସ ସୂଚନା ମୁତାବକ, ପୁରୁଷୋତ୍ତମପୁର ମନୋଜ ଦାସଙ୍କ ପତ୍ନୀ ସୁଭଦ୍ରାଙ୍କ ପ୍ରଥମ ଦୁଇଟି କନ୍ୟା ସନ୍ତାନ ଜନ୍ମ ହୋଇଥିଲା । ଜଣଙ୍କୁ ଦୁଇ ବର୍ଷ ଏବଂ ଅନ୍ୟ ଜଣଙ୍କୁ ୭ ବର୍ଷ ହୋଇଥିଲା । ଏଥିପାଇଁ ପରିବାର ଲୋକେ ପୁତ୍ର ସନ୍ତାନଟିଏ ଚାହୁଁଥିଲେ । କିନ୍ତୁ ତୃତୀୟ ସନ୍ତାନଟି କନ୍ୟା ହେବାରୁ ପରିବାର ଲୋକେ ଅସନ୍ତୁଷ୍ଟ ଥିଲେ । ଏମିତି କି ପରିବାର ଲୋକେ ତାଙ୍କୁ ଗାଳିମନ୍ଦ କରୁଥିବା ପୁଲିସ ଆଗରେ ସୁଭଦ୍ରା କହିଥିଲେ । ଏଭଳିସ୍ଥଳେ ପୁନର୍ବାର ସାନ ଝିଅ ଜନ୍ମ ହେବାରୁ ସୁଭଦ୍ରା ମଧ୍ୟ ନିଜକୁ ଧିକ୍କାର କରିବାର ଆରମ୍ଭ କରିଥିଲେ । ସାନ ଝିଅକୁ ୬ ମାସ ହେବା ପରେ ସୁଭଦ୍ରା ପ୍ରଥମେ ତାକୁ ରାତି ଅଧରେ ତଣ୍ଟିଚିପି ହତ୍ୟା କରିଥିଲେ । ଯଦିବା ହତ୍ୟାକାଣ୍ଡର କାରଣ ସମ୍ପର୍କରେ ପରିବାର ଲୋକେ ଜାଣିପାରି ନ ଥିଲେ । କିନ୍ତୁ ପ୍ରଥମ ଘଟଣାର ୮ ଦିନ ପରେ ଅନ୍ୟ ଦୁଇ ଝିଅକୁ ପୋଖରୀରେ ବୁଡ଼ାଇ ନିର୍ମମ ଭାବେ ହତ୍ୟା କରିଥିଲେ ସୁଭଦ୍ରା । ପରେ ପତ୍ନୀଙ୍କ ବିରୋଧରେ ସଦର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ସ୍ୱାମୀ ମନୋଜ ଦାସ ।

ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ଦୁଇ ଶିଶୁକନ୍ୟାଙ୍କ ମୃତଦେହକୁ ଉଦ୍ଧାର କରିଥିଲା । ମୃତ ଦୁଇ ଶିଶୁଙ୍କ ନାମ ପଦ୍ମିନୀ ଏବଂ ସୁମିତ୍ରା ବୋଲି ସୂଚନା ମିଳିଥିଲା । ଗିରଫ ମହିଳା ସୁଭଦ୍ରା ପୁଲିସ ନିକଟରେ ନିଜର ଅପରାଧ ସ୍ୱୀକାର କରିଥିଲା । ପୁଲିସ ତଦନ୍ତ ଅନୁଯାୟୀ ସୁଭଦ୍ରା ପ୍ରଥମେ ଘରେ ଶୋଇଥିବା ୩ ବର୍ଷର ଝିଅ ସୁମିତ୍ରାକୁ ରାତିଅଧରେ କୋଳରେ ଉଠାଇ ନେଇ ପୋଖରୀରେ ବୁଡ଼ାଇ ଦେଇଥିଲା । ଶେଷ ଚିତ୍କାର ବାହାରକୁ ଆସିବା ପୂର୍ବରୁ ଜଳସମାଧି ନେଇଥିଲା ସୁମିତ୍ରା । ଏହାପରେ, ସେ ନିଜ ଘରକୁ ଫେରି ତାଙ୍କ ୭ ବର୍ଷର ଝିଅ ପଦ୍ମିନୀଙ୍କୁ ନିଦରୁ ଡାକିଲେ, ନିକଟସ୍ଥ ପୋଖରୀରେ ବୁଡ଼ି ଯାଉଥିବା ସାନ ଭଉଣୀକୁ ଦେଖିବା ପାଇଁ ଘଟଣାସ୍ଥଳକୁ ଯିବାକୁ ମା' ତାଙ୍କୁ କହିଥିଲେ । ଯେତେବେଳେ ପଦ୍ମିନୀ ତାଙ୍କ ସହ ଯିବାକୁ ମନା କରିଦେଇଥିଲା, ସେତେବେଳେ ସେ ତାକୁ ଜୋରଜବରଦସ୍ତ ଉଠାଇ ନେଇଥିଲେ । ପଦ୍ମିନୀକୁ ପୋଖରୀକୁ ହାତ ଧରି ଟାଣି ନେଇଥିଲେ ଏବଂ ପୋଖରୀ ଭିତରେ ଦୁଇ ଗୋଡ଼କୁ ଟାଣି ନେଇ ତାଙ୍କୁ ବୁଡ଼ାଇ ଦେଇଥିଲେ । ଗଭୀର ପାଣିରେ ତାଙ୍କର ଜୀବନ ଛାଡ଼ିଯିବାରୁ ସୁଭଦ୍ରା ନିଜ ଘରକୁ ଫେରି ଶାଶୂ ପାଖରେ ଶୋଇପଡ଼ିଥିଲେ ।

ବୁଧବାର ସକାଳେ ଯେତେବେଳେ ତାଙ୍କ ସ୍ୱାମୀ ମନୋଜ ଦାସ ଝିଅଙ୍କୁ ଖୋଜାଖୋଜି କରିଥିଲେ । ଏନେଇ ପତ୍ନୀଙ୍କୁ କେଉଁଠାରେ ଝିଅମାନେ ଅଛନ୍ତି ପଚାରିବାରୁ ସେ ତାଙ୍କ ଦୁଇ ଝିଅଙ୍କୁ ପୋଖରୀରେ ବୁଡ଼ାଇ ହତ୍ୟା କରିଥିବା କହିଥିଲେ । ତାଙ୍କର ସମସ୍ତ ଝିଅଙ୍କୁ ହତ୍ୟା କରିବା କାରଣ ପଚାରିବାରୁ ସେ ପୁତ୍ର ସନ୍ତାନ ପ୍ରସବ କରି ପାରି ନ ଥିବାରୁ ଏଭଳି କରିଥିବା କହିଥିଲେ । ଘଟଣାଟି ବିଜୁଳି ବେଗରେ ପ୍ରଚାର ହୋଇଥିବା ପରେ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା ଓ ଆରମ୍ଭ କରିଥିଲା ତଦନ୍ତ । ଅଭିଯୋଗ ଓ ପ୍ରାଥମିକ ଅନୁସନ୍ଧାନ ଅନୁଯାୟୀ ପୁଲିସ ସୁଭଦ୍ରାଙ୍କୁ ଗିରଫ କରି ଭାରତୀୟ ପେନାଲ କୋଡ୍‌ର ଧାରା ୩୦୨ ଏବଂ ୨୦୧ ଅନୁଯାୟୀ କେନ୍ଦ୍ରାପଡ଼ା ଏସ୍‌ଡିଜେଏମ କୋର୍ଟରେ ହାଜର କରାଇଥିଲା । ଯେଉଁଠାରେ ଜାମିନ ଆବେଦନ ଖାରଜ ହେବା ପରେ ମହିଳାଙ୍କୁ ଜେଲକୁ ପଠାଇ ଦିଆଯାଇଥିଲା ■



# ନିଶା ନିବାରଣ କେନ୍ଦ୍ରରେ ଅନ୍ତେବାସୀଙ୍କୁ ପିଟିପିଟି ହତ୍ୟା

**ମାଲିକ ଅଟକ, ନିଶା ନିବାରଣ କେନ୍ଦ୍ର ସିଲ୍**

**ସମସ୍ତ ଅନ୍ତେବାସୀଙ୍କ ପରିବାରକୁ ଗଲା ଖବର**

**ଭଦ୍ରକ, ୨୪।୧(ସମିସ):** ଭଦ୍ରକ ସହର ଉପକଣ୍ଠ ଚିଙ୍ଗୁଡ଼ିପୁର କେନାଲ ଛକ ନିକଟରେ ଥିବା ଘରୋଇ ନିଶା ନିବାରଣ କେନ୍ଦ୍ର(ବାସ୍ତବ ଇଣ୍ଡିଆ)ରେ ଜଣେ ଅନ୍ତେବାସୀଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ଚର୍ଚ୍ଚାର ବିଷୟ ହୋଇଛି। ମୃତକ ହେଲେ, ଯାଜପୁର ଜିଲ୍ଲା ସଦର ଥାନା ଅଧୀନ ବ୍ରାହ୍ମଣ ବଛପୁର ଗାଁର କେଦାରନାଥ ପରିଡ଼ା (୩୪)। ଏହି ଘଟଣାରେ ପୁଲିସ ଉକ୍ତ କେନ୍ଦ୍ରର ମାଲିକ ନିରଞ୍ଜନ ସାହୁଙ୍କୁ ଅଟକ ରଖିବା ସହ କେନ୍ଦ୍ରକୁ ସିଲ୍ କରିଦେଇଛି। ସୂଚନାନୁଯାୟୀ, ଗତ ଜାନୁଆରୀ ୪ ତାରିଖରେ କେଦାରନାଥଙ୍କୁ ତାଙ୍କ ପରିବାରଲୋକ ଏହି ନିଶାନିବାରଣ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିଛି ଦିନ ତଳେ ପରିବାରଲୋକେ ତାଙ୍କୁ ଦେଖା କରିବାକୁ ଆସିଥିବା ବେଳେ କେନ୍ଦ୍ରର କର୍ମଚାରୀମାନେ ତାଙ୍କୁ ସିଧାସଳଖ ଭେଟିବାକୁ ନ ଦେଇ ସିସିଟିଭି ଜରିଆରେ ଦେଖାଇଥିଲେ। ତେବେ ମଙ୍ଗଳବାର ସନ୍ଧ୍ୟାରେ କେଦାରନାଥ ଅସୁସ୍ଥ ହୋଇପଡ଼ିଥିବା ନେଇ କେନ୍ଦ୍ର ପକ୍ଷରୁ ତାଙ୍କ ପରିବାରଲୋକଙ୍କୁ ଖବର ଦିଆଯାଇଥିଲା। ପରେ ପୁଣି ନିଶା ନିବାରଣ କେନ୍ଦ୍ରର କର୍ମଚାରୀମାନେ ତାଙ୍କ ପରିବାରଲୋକଙ୍କୁ ଜଣାଇଥିଲେ ଯେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ମୃତ୍ୟୁ ଘଟିଛି। ତେବେ କେଦାରଙ୍କ ଶରୀରର ବିଭିନ୍ନ ସ୍ଥାନରେ ମାଡ଼ ଓ କ୍ଷତ ଚିହ୍ନ ଥିବାରୁ ତାଙ୍କୁ ପିଟି ପିଟି ହତ୍ୟା କରାଯାଇଛି ବୋଲି ମୃତକଙ୍କ ବଡ଼ଭାଇ ସୁଦର୍ଶନ ପରିଡ଼ା ଧାମନଗର ଥାନାରେ ଏତଲା ଦେଇଛନ୍ତି। ଖବର ପାଇ ଧାମନଗର ଏସ୍‌ଡିପିଓ ରମେଶ ସିଂ ଘଟଣାସ୍ଥଳରେ ପହଞ୍ଚି ଉକ୍ତ କେନ୍ଦ୍ରକୁ ସିଲ୍ କରିଛନ୍ତି। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛି।

ଅନ୍ୟପକ୍ଷରେ ଉକ୍ତ ନିଶା ନିବାରଣ କେନ୍ଦ୍ରର ସମସ୍ତ ଅନ୍ତେବାସୀଙ୍କ ପରିବାରକୁ ଖବର କରାଯାଇ ସେମାନଙ୍କ ସମ୍ପର୍କୀୟଙ୍କୁ ଘରକୁ ନେବାକୁ କୁହାଯାଇଥିବା ଜଣାଯାଇଛି। ଅନ୍ୟ ଅନ୍ତେବାସୀମାନେ ଅଭିଯୋଗ କରିଛନ୍ତି ଯେ, ବାସ୍ତବ ନିଶା ନିବାରଣ କେନ୍ଦ୍ରରେ ଅକଥନୀୟ ନିର୍ଯାତନା ଦେବା ସହ ସେମାନଙ୍କୁ ଖାଇବାକୁ ଦିଆଯାଉନାହିଁ।


## SALE

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

Ph.: 9437015112

## AFFIDAVIT

I Bichitra Nanda Das, S/o - Binod Kumar Das, Resident of Bamadeipur, Po-Kahal, Ps- Kakatpur, Dist-Puri, Pin- 752108, odisha. Declare by this affidavit No. 2658 dtd 24.01.2024 that now onwards I shall be known as **BICHITRA KUMAR DAS** for all future purposes.

## AFFIDAVIT

I Manju Singh, D/o- Shubh Narayan Singh, Resident of ward No- 47, Gandarpur Nua Sahi, Ps- Chauliaganj Dist - Cuttack, Pin - 753003, Odisha. Declare by this affidavit No. 56AA 107623 dated 25.07.2022 that now onwards I shall be known as **MANJU DEVI** for all future purposes

## AFFIDAVIT

I Sri Kalpataru Jena aged about 45 years S/o- Birendra Nath Jena of Vill/Po- Tentuligan, Ps- Badasahi, Dist.- Mayurbhanj, do hereby solemnly affirm & declare as under: That by virtue of this affidavit I do hereby declare that the name of my son have changed from MUKESH KUMAR JENA to SOUMYA RANJAN JENA, S/o Kalpataru Jena. He will be known as Soumya Ranjan Jena for all purposes.

## AFFIDAVIT

I, Mirja Emamuddin Baig, S/o-Late Mirza Razak Baig, resident of AT- Mogal Mohalla, Sayedpur, PO/PS- Binjharpur, Dist-Jajpur, Pin-755004, Odisha declare by this affidavit No.166, dated-24/01/2024 that now onwards I shall be known as **MIRZA EMAMUDDIN BAIG** for all future purposes.

## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. ELS-ANGL-OT-23-24-09

କାର୍ଯ୍ୟର ନାମ : ଇଲେକ୍ଟ୍ରିକ୍ ଲୋକୋ ସେଡ୍, ଅନୁଗୁଳ ଠାରେ ସଫେଇ କାର୍ଯ୍ୟ।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ): 45,62,314.32, EMD (ଟଙ୍କାରେ) : 91,300.00, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,540/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.01.02.2024ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 15.02.2024 ରିଖ 1500 ଘଡିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଉପଲବ୍ଧ ହେବ http://www.ireps.gov.in ରେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS), ଅନୁଗୁଳ

PR-1020/O/23-24


## ଅବଶିଷ୍ଟାଂଶ...

### ଭାଷା ହେଉଛି...

ଦରକାର ବୋଲି ସେ କହିଛନ୍ତି। ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ସତ୍ୟବାଦୀକୁ ଓଡ଼ିଆ ନବଜାଗରଣର ପୀଠ ଭାବେ ଉଲ୍ଲେଖକରି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଏହା କର୍ମଭୂମି ବୋଲି ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ସେ ଆଦି କବି ସାରଳା ଦାସଙ୍କୁ ପ୍ରଣାମ ଜଣାଇବା ସହ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସଂଗ୍ରାମ କରିଥିବା ବରପୁତ୍ରମାନଙ୍କୁ ସମ୍ମାନ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଯୋଗ ଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ କହିଛନ୍ତି ଯେ ଓଡ଼ିଆ ଭାଷା ଓ ଅସ୍ମିତାର ସୁରକ୍ଷା ପାଇଁ ଓଡ଼ିଆ ବିଶ୍ୱବିଦ୍ୟାଳୟ ହେଉଛି ମୁଖ୍ୟମନ୍ତ୍ରୀଙ୍କ ଏକ ବଡ଼ ଅବଦାନ। ଓଡ଼ିଆ ବିଶ୍ୱବିଦ୍ୟାଳୟ ଯୋଗୁ ଓଡ଼ିଆ ଭାଷା ଓ ସାହିତ୍ୟକୁ ଭଲ ପାଉଥିବା ଦେଶ ବିଦେଶରେ ରହୁଥିବା ଓଡ଼ିଆମାନେ ଖୁବ ଉତ୍ସାହିତ ବୋଲି ସେ କହିଛନ୍ତି। ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, କୁଳପତି ପ୍ରଫେସର ସବିତା ପ୍ରଧାନ ପ୍ରମୁଖ ସେମାନଙ୍କ ଅଭିଭାଷଣ ଦେଇଥିଲେ। ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିବା ବେଳେ କୁଳସଚିବ ରଶ୍ମୀରେଖା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ସୂଚନାଯୋଗ୍ୟ ଯେ ସତ୍ୟବାଦୀ ଠାରେ ୨୦୧୮ ଅକ୍ଟୋବର ୯ ତାରିଖରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ଶିଳାନ୍ୟାସ କରିଥିଲେ। ଆଜି ଏହାର ପ୍ରଥମ ପର୍ଯ୍ୟାୟ ଉଦ୍‌ଘାଟିତ ହୋଇଛି। ୯.୬୦ ଏକର ପରିମିତ ଅଞ୍ଚଳରେ ନିର୍ମିତ ଏହି ବିଶ୍ୱ ବିଦ୍ୟାଳୟକୁ ଅତ୍ୟାଧୁନିକ ସ୍ଥାପତ୍ୟ ଶୈଳୀ ଓ ଟେକ୍ନୋଲୋଜିରେ ନିର୍ମାଣ କରାଯାଇଛି। ପ୍ରଶାସନିକ ବିଲ୍ଡିଂରେ ସ୍ଥାପିତ ଓଡ଼ିଆ ବର୍ଣ୍ଣମାଳା ଅତୀବ ମନୋରମ ପରିଦୃଶ୍ୟ ହେଉଛି। ଏଥିରେ ସ୍କୁଲ ଅଫ୍ ଲର୍ଣ୍ଣିଂ, ଗ୍ରନ୍ଥାଗାର, ହଷ୍ଟେଲ, ରାଧାକୁଣ୍ଡ ପୁଷ୍କରିଣୀ, କାଫେଟେରିଆ, କୃତ୍ରିମ ଝରଣା ଇତ୍ୟାଦି ରହିଛି। ଏସବୁ ନିର୍ମାଣ ଅତ୍ୟନ୍ତ ଚିତାକର୍ଷକ ହୋଇଛି। ଏହା ସହିତ ମୁକ୍ତ ପରିବେଶରେ ପାଠ ପଢ଼ାର ବ୍ୟବସ୍ଥା ମଧ୍ୟ ଅଛି।

### ଦ୍ୱାରଶୁଣୀ ଘାଟିରୁ...

ଘାଟିମେଳା ପାଇଁ କିଛି ମାତ୍ରାରେ ଭିଡ଼ ଥିବା ବେଳେ କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ଯୋଗୁଁ ଏହି ଅଘଟଣ ଘଟିଥିବା କୁହାଯାଉଛି। ଖବର ପାଇ ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତା ଉଦ୍ଧାର କାର୍ଯ୍ୟ କରିଥିଲେ। ଆହତମାନଙ୍କୁ ତୁରନ୍ତ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଆହତମାନେ ହେଲେ କଟକର ନେମାଳ ଅଞ୍ଚଳର ରବି ସାମଲ (୪୮), ସଞ୍ଜୟ ବଳା (୪୫) ଓ ବସନ୍ତ କୁମାର ବଳା (୪୨), ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଭୁରୁଡିବଣିର ରାମଜିତ ମାରାଣ୍ଡି (୨୧), ଭୀମ କିସ୍କୁ(୧୮) ଓ ହରିଶଚନ୍ଦ୍ର ମାରାଣ୍ଡି (୩୦), ଝାଡ଼ଖଣ୍ଡ ଇଷ୍ଟ ସିଂହଭୂମ ଅଞ୍ଚଳର ରୂପଚାନ୍ଦ ମାରାଣ୍ଡି(୨୧) ଏବଂ ଖୁଣ୍ଟା ଅଞ୍ଚଳର ଜିତେନ୍ଦ୍ର ସିଂ (୨୦)। ଅନ୍ୟ ଜଣଙ୍କ ପରିଚୟ ମିଳିପାରିନାହିଁ। ଆହତଙ୍କ ମଧ୍ୟରୁ ୩ଜଣ ସୁସ୍ଥ ହୋଇଥିବା ବେଳେ ଅନ୍ୟମାନଙ୍କ ଚିକିତ୍ସା ଜାରି ରହିଥିବା ନେଇ ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅପରପକ୍ଷେ, ଦୁର୍ଘଟଣା ପରେ ଟ୍ରକ୍‌ର ଚାଳକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ରାସ୍ତା ଗମନାଗମନ ବାଧା ହଟାଇବା ପରେ ଉଭୟ ପାର୍ଶ୍ୱରେ ଅଟକି ଥିବା ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

ଅନ୍ୟପଟେ ଦ୍ୱାରଶୁଣୀ ଘାଟିର ପ୍ରଶସ୍ତୀକରଣ ନେଇ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ ବାରମ୍ବାର ପ୍ରତିଶ୍ରୁତି ଦେଉଥିବା ବେଳେ କୌଣସି ଫଳ ମିଳୁନାହିଁ। ଫଳରେ ବାରମ୍ବାର ଦୁର୍ଘଟଣା ଘଟିବା ସହିତ ବହୁ ଜୀବନହାନି ଘଟୁଛି। ପରିବେଶ ମନ୍ତ୍ରଣାଳୟର କ୍ଲିୟରାନ୍ସ ମିଳି ସାରିଥିବା ବେଳେ ଖୁବଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀ ଇଂ ଟୁଡୁ କହୁଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପତ୍ର ଆସିନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଫଳରେ ରାଜ୍ୟ ସରକାର ଘାଟି ରାସ୍ତାର ଏକ ବିକଳ୍ପ ସଡକ ବିଶୋଇ-ଶଙ୍ଖାଭଙ୍ଗା-ଚନ୍ଦନପୁର-ବାଙ୍ଗିରିପୋଷିର ନିର୍ମାଣ ଆରମ୍ଭ କରିଛନ୍ତି। ଏହାର ନିର୍ମାଣ ଶେଷ ହେଲେ ଦୁର୍ଘଟଣା କିଛି ମାତ୍ରାରେ ହ୍ରାସ ହେବ।

### ମନଗଢା ପ୍ରେସ୍ ରିଲିଜ୍...

କେନ୍ଦ୍ରୀୟ ରାଷ୍ଟ୍ରାୟତ ସଂସ୍ଥା ଇଡିସିଆଇଏଲ୍ (ଇଣ୍ଡିଆ) ଲିମିଟେଡ୍ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ କନିଷ୍ଠ ଶିକ୍ଷକ ନିଯୁକ୍ତି ନେଇ ସବୁ କିଛି ସ୍ପଷ୍ଟ କରାଯାଇଛି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ଟ୍ୱିଟ୍ କରି ଏହାକୁ ଅତ୍ୟନ୍ତ ପ୍ରାଞ୍ଜଳ ଭାବେ ସ୍ପଷ୍ଟ କରିଛି। ମାତ୍ର ଏକ ଅନୌପଚାରିକ, ଦସ୍ତଖତ ବିହୀନ ଓଡ଼ିଆ ପ୍ରେସ୍ ରିଲିଜ୍ (ସମ୍ଭବତଃ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଇଟି ସେଲ୍) ଦ୍ୱାରା ସତ୍ୟକୁ ବିଭ୍ରାନ୍ତ ଓ ମିଥ୍ୟା ପ୍ରମାଣିତ କରିବା ପାଇଁ ଭୁଲ ଭାବେ ପ୍ରସାରିତ କରାଯାଇଛି। ଶିକ୍ଷକ ନିଯୁକ୍ତି ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ରାଜନୀତି କରିବା ଏବଂ ମିଥ୍ୟା ଖବରକୁ ସମ୍ବେଦନଶୀଳ କରିବା ଆଶ୍ଚର୍ଯ୍ୟଜନକ। ଯେକୌଣସି ଉପାୟରେ ରାଜନୈତିକ ଫାଇଦା ଉଠାଇବାର ମାନସିକତାକୁ ଏହା ଦର୍ଶାଉଛି ବୋଲି ଉକ୍ତର ପାତ୍ର କହିଛନ୍ତି।

### ସୌମେନ୍ଦ୍ର ପ୍ରିୟଦର୍ଶୀ...

ଡା.ସନ୍ତୋଷ ବାଲାଙ୍କୁ ସିଏମ୍‌ଡି ଏବଂ ଓପିଏଚ୍‌ଡବ୍ଲ୍ୟୁସିର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ଏହି ଦାୟିତ୍ୱ ଆଇପିଏସ୍ ସଞ୍ଜିବ ପଣ୍ଡାଙ୍କ ଉପରେ ନ୍ୟସ୍ତ ଥିଲା। ଅନୁରୂପ ଭାବରେ ପୂର୍ବାଞ୍ଚଳ ରେଞ୍ଜ ଆଇଜି ହିମାଂଶୁ ଲାଲ୍‌ଙ୍କୁ ଉତ୍ତରାଞ୍ଚଳ ଆଇଜି ଭାବେ ବଦଳି କରାଯାଇଛି ଏବଂ ତାଙ୍କ ସ୍ଥାନରେ ଦକ୍ଷିଣାଞ୍ଚଳ ଆଇଜି ଭାବରେ କାର୍ଯ୍ୟରତ ସତ୍ୟବ୍ରତ ଭୋଇଙ୍କୁ ଅବସ୍ଥାପିତ କରାଯାଇଛି। ଉତ୍ତରାଞ୍ଚଳ ଆଇଜି ଦୀପକ କୁମାରଙ୍କୁ ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ସହ ଅନୁଗୋଳସ୍ଥିତ ପୁଲିସ ଟ୍ରେନିଂ କେନ୍ଦ୍ରର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଇଓଡବ୍ଲ୍ୟୁ ଓ ଏସ୍‌ଟିଏଫ୍ ଆଇଜି ଆଇପିଏସ୍ ଜୟନାରାୟଣ ପଙ୍କଜଙ୍କୁ ଦକ୍ଷିଣାଞ୍ଚଳ ଆଇଜି ସହ ଇଓଡବ୍ଲ୍ୟୁ ଓ ଏସ୍‌ଟିଏଫ୍‌ର ଅତିରିକ୍ତ ଦାୟିତ୍ୱ ମିଳିଛି। ପୁରୀ ଏସ୍‌ପି ଭାବେ କନୱର ବିଶାଲ ସିଂଙ୍କୁ କଟକ ଡିସିପି ଭାବେ ବଦଳି କରାଯାଇଛି ଏବଂ କଟକ ଡିସିପି ପିନାକ ମିଶ୍ରଙ୍କୁ ପୁରୀ ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି।

ପୁଲିସ ମୁଖ୍ୟାଳୟରେ ଏଆଇଜି ଭାବରେ କାର୍ଯ୍ୟରତ ବି. ଯୁଗଳ କିଶୋରଙ୍କୁ କେନ୍ଦ୍ରାପଡା ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି। କେନ୍ଦ୍ରାପଡା ଏସ୍‌ପି ଥିବା ମଡକର ସନ୍ଦୀପ ସଂପଦଙ୍କ ଢ଼େଙ୍କାନାଳ ଏସ୍‌ପି ରୂପେ ବଦଳି କରାଯାଇଛି। ରାୟଗଡା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ ପୁଲିସ ମୁଖ୍ୟାଳୟର ଏଆଇଜି ଭାବେ ନୂଆ ଦାୟିତ୍ୱ ମିଳିଛି ଓ ଢେଙ୍କାନାଳ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କୁ ସ୍ପେଶାଲ ବ୍ରାଞ୍ଚ ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି। ସୋନପୁର ଏସ୍‌ପି ଅମରେଶ କୁମାର ପଣ୍ଡାଙ୍କୁ ପୁଲିସ ମୁଖ୍ୟାଳୟର ଏଆଇଜି, ଦେବଗଡ଼ ଏସ୍‌ପି ପି.କେ ମିଶ୍ରଙ୍କୁ ଏସ୍‌ଆର୍‌ପି (ରେଳବାଇ ପୁଲିସ ଏସ୍‌ପି) ରାଉରକେଲା ଓ ସ୍ପେଶାଲ ବ୍ରାଞ୍ଚ ଏସ୍‌ପି ରାମପ୍ରସାଦ ସାହୁଙ୍କୁ ଦେବଗଡ ଏସ୍‌ପି ଭାବେ ବଦଳି କରାଯାଇଛି। ଅନୁରୂପ ଭାବରେ ଜୟପୁର ଏସ୍‌ଡିପିଓ ହରିଶ ବି.ସିଙ୍କୁ ରାୟଗଡା ଏସ୍‌ପି ଓ ବାଲିଗୁଡା ଏସ୍‌ଡିପିଓ ଯଶପ୍ରତାପ ଶ୍ରୀମଲ୍‌ଙ୍କୁ ସୋନପୁର ଏସ୍‌ପି ରୂପେ ବଦଳି କରାଯାଇଛି।

### ଶିମିଳିପାଳରେ ହେବ...

ବାଘକୁ ରଖାଯିବାକୁ ଯୋଜନା କରାଯାଇଛି। ତେବେ ଶିମିଳିପାଳ ଜଙ୍ଗଲ ମଧ୍ୟରେ ରହୁଥିବା କୌଣସି କଳାବାଘକୁ ଏଠାକୁ ଅଣାଯିବ ନାହିଁ ବୋଲି ପିସିସିଏଫ୍ ଶ୍ରୀ ନନ୍ଦ ସୂଚନା ଦେଇଛନ୍ତି। ଏହା ବ୍ୟତୀତ ଏହିଠାରେ ବାଘମାନଙ୍କ ଚିକିତ୍ସା ପାଇଁ ଏକ ଜାତୀୟସ୍ତରରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯିବ। ଯାହାଦ୍ୱାରା ଶିମିଳିପାଳ ସମେତ ରାଜ୍ୟର ସ୍ଥାନରେ ବାଘଙ୍କ ସ୍ୱାସ୍ଥ୍ୟ ଜନିତ ସମସ୍ୟା ହେଲେ ଏଠାରେ ଚିକିତ୍ସା ସମ୍ଭବ ହୋଇପାରିବ। ଗତ ୨୦୨୨ ମସିହାର କେନ୍ଦ୍ର ସରକାରଙ୍କ ବାଘ ଗଣନା ରିପୋର୍ଟ ଅନୁସାରେ ଶିମିଳିପାଳ ଅଭୟାରଣ୍ୟରେ ମୋଟ୍ ୧୮ଟି ମହାବଳ ବାଘ ଅଛନ୍ତି ଓ ତନ୍ମଧ୍ୟରୁ କଳାବାଘ ସଂଖ୍ୟା ୧୦। ଦେଶର ସମସ୍ତ କଳାବାଘ ଏହିଠାରେ ଥିବା ନେଇ ପୂର୍ବରୁ ବିଭାଗୀୟ ମନ୍ତ୍ରୀ ସଂସଦରେ ସୂଚନା ଦେଇଛନ୍ତି।

କଳାବାଘ ସଫାରୀ ଦ୍ୱାରା ରାଜ୍ୟ ବନ୍ୟପ୍ରାଣୀ ପର୍ଯ୍ୟଟନ ଶିଳ୍ପ ପାଇଁ ନୂଆ ଦିଗ ଖୋଲିବା ସହ ଅଧିକରୁ ଅଧିକ ପର୍ଯ୍ୟଟକ ଓଡ଼ିଶା ପ୍ରତି ଆକୃଷ୍ଟ ହେବେ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ଏହାସହିତ ଏହି ନିଷ୍ପତ୍ତି ଦ୍ୱାରା କଳାବାଘଙ୍କ ସମ୍ପର୍କରେ ଅଧିକ ଗବେଷଣା ସହ ଏହାର ସଂରକ୍ଷଣ ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରାଯାଇପାରିବ। କଳାବାଘ ସଫାରୀ ପାଇଁ ଏନ୍‌ଟିସିଏର୍ ପ୍ରାଥମିକ ଅନୁମତି ମିଳିଥିବା ବେଳେ 'ଇନ୍-ପ୍ରିନ୍ସପାଲ୍' ଅନୁମତି ଦେବାକୁ ଏନ୍‌ଟିସିଏ ଏକ କମିଟି ଗଠନ କରିବ। ଏହି କମିଟି ଚିହ୍ନିତ ଅଞ୍ଚଳ ପରିଦର୍ଶନ କରିବା ପରେ ଚୂଡ଼ାନ୍ତ ଅନୁମତି ପ୍ରଦାନ କରିବ। ସେହିପରି 'ସେଣ୍ଟ୍ରାଲ୍ ଜୁ ଅଥରିଟି'ଠାରୁ ମଧ୍ୟ ଏଥିପାଇଁ ଅନୁମତି ଆଣିବାକୁ ବନ ବିଭାଗ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡ଼ିଛି।


O-2286

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, JEYPORE
e-Procurement for Building works
Bid Identification No: EERWJYP – Online -18/2023-24

Letter No. 463 Date: 22.01.2024

01. Name of the work :: Building works
02. Total Number of works :: 11 (Eleven) Nos.
03. Approximate Estimated cost :: Rs. 33.75 Lakhs to Rs. 38.00 lakhs (approximately)
04. Class of Contractor : "C & B" Class
05. Period of Completion :: within 6 Months
06. Other Details

| Procurement Officer | Bid Identification No | Sl No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender/18/ RWD-JYP/2023-24 | Sl No.01 to 11 | 29.01.2024 at 11.00 A.M | 06.02.2024 upto 5.00 P.M | 05.02.2024 at 01.30 P.M | 07.02.2024 at 11.00 A.M |

Further details can be seen from the website www.tendersodisha.gov.in/nicgep/app

All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

*N.B. Any Addendum or Corrigendum will be available in the Website only.

Executive Engineer, Rural Works Division: Jeypore.

OIPR-25160/11/0019/2324



O-2281 Email id: eerw_titilagarh@yahoo.co.in

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION: TITILAGARH
e-Procurement Notice
IFB IDENTIFICATION NO. SETIG-online-10/2023-24

| | | | |
|---|---|---|---|
| 1. | Name of work | : | Building works |
| 2. | Total no of works | : | 01(One) nos. |
| 3. | Approximate Estimated Cost | : | Varies from Rs 5.17 lakhs |
| 4. | Time for completion | : | 01 (One) calendar months |
| 5. | Mode of Submission of tender | : | Tender should be submitted online in www.tenders.ori.nic.in |
| 6. | Other details are as follow | | As per TCN No.SETIG-online-10/2023-24 |

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| Superintending Engineer, R.W.Divn., Titilagarh | SETIG-online-10/2023-24 | 25.01.2024 at 11.00 A.M | 07.02.2024 upto 5.00PM | 06.02.2024 to 11.00AM | 08.02.2024 at 11.00A.M |

• Further details can be seen from the website www.tenders.ori.nic.in
• Any Corrigendum/Addendum will be displayed in the above e tender website only.

Sd/- Superintending Engineer
R.W. Division, Titilagarh

OIPR-25078/11/0011/2324



O-2282

By E_Mail/e-Despatch
E_Mail ID : serwcharipada@gmail.com
Ph-No-06792-261343/261344
Gangraj, Baripada

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BARIPADA
"e" Procurement Notice for Road Work
Identification No.- Online Tender- OMBADC N.C.B. No. 345 for 2023-24.
Letter No. 408 / Dt. 22.01.2024

1. Name of the work :- OMBADC Road Work in the District of Mayurbhanj for the year 2023-24.
2. Total No. of work :- 01 No. (One)
3. Estimated Cost :- Rs.206.96 Lakhs (approximately).
4. Eligible Class of Contractor :- As per annexure.
5. Period of Completion :- As per annexure.
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road On-line N.C.B. No.345 | Dt.25.01.2024 at 11.00 A.M. | Dt.08.02.2024 up to 5.00 P.M. | Dt.07.02.2024 up to 5.00 P.M. | Dt.09.02.2024 at 11.00 A.M. | Will be intimated later |

• Further details can be seen from the website: www.tendersodisha.gov.in.
• Any Corrigendum / Addendum will be displayed in the above e_tender website only.

Sd/-
Chief Construction Engineer,
R.W. Circle, Baripada.

OIPR-25130/11/0088/2324



OFFICE OF THE COLLECTOR & DISTRICT MAGISTRATE, BHADRAK
(Social Welfare Section)
Tender Notice No. 163 /SW, Dated 22.01.2024
**(Second Call)**

Sealed tenders for appointment of Transporting Agent for Bonth ICDS Project only in Bhadrak District are invited from the intending Registered Firms / Co-operative Societies/ authorized licensed Transporting Contractors/ Agents for undertaking transportation of Rice / Wheat from OSCSC Ltd. Godown, Charampa, Bhadrak / FCI depot, Ranital, Bhadrak to respective AWCs & WSHGs point under SNP Scheme for the period of till **31.12.2024.** The Registered Firms / Co- operative Societies / authorized licensed Transporting Contractors / Agents shall be made through two bid system i.e. Technical Bid (Annexure- I) and Price Bid (Annexure-II) separately. The Technically qualified Bidder Firms / Agents can only participate in the Price Bid.

The Tender paper can be obtained from the office of the DSWO, Bhadrak on payment of Rs. 5,000/- Rupees (Five Thousand) Only towards cost of the tender paper from date. **24.01.2024** during the office hour or any working day till **01:00 P.M. on dated. 07.02.2024.** In case the tender documents have been downloaded from the website, the tender documents fee of Rs 5000/- only must be deposited along with the Bid in the Form of a Demand Draft drawn on any nationalized Bank favouring DSWO, Bhadrak and payable at Bhadrak. The cost of tender paper is non-refundable. The tender shall be received by DSWO, Bhadrak till **01.00 P.M on date. 07.02.2024** by registered post / speed post or through sealed tender box kept in office of the DSWO, Bhadrak and will be opened on the same day i.e. on date. **07.02.2024** at **03:00 P.M.** by the tender Committee headed by Collector, Bhadrak or any officer authorized by the Collector in the Sadbhabana Sabhagruha Collectorate, Bhadrak in the presence of the Tender Committee members and Tenderers or their authorised representatives if they desires so. Similarly, the Financial Bid of those who qualified the technical bid will be opened on **dated. 08.02.2024 at 11:30 P.M.** in the Sadbhabana Sabhagruha, Collectorate, Bhadrak. The details regarding tender document are available in the website www.bhadrak.nic.in which can be downloaded.

Not withstanding anything else contained to the contrary in this tender document, Collector reserves right to cancel /withdrawn /modify or reject any or all the tenders without assigning any reason thereof.

1. Period of issue of Tender document: 24.01.2024 to 07.02.2024 by 01:00 PM
2. Last date of receipt of Sealed Bids on 07.02.2024 up to 01.00 P.M through Registered / Speed Post or through sealed tender box kept in office of the DSWO, Bhadrak.
3. Date and time for opening of
   (i) Technical Bid : On dated 07.02.2024 at 03:00 P.M
   (ii) Price Bid : On dated 08.02.2024 at 11:30 A.M

Collector & District Magistrate,
Bhadrak

OIPR-33029/11/0006/2324 g-146



A-1288

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
CENTRAL IRRIGATION CIRCLE, BHUBANESWAR
'e' Procurement Notice No. ACECIC-38/ 2023-24

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid Documents (Rs) | Class of Contractor | Bid Documents Available online for bidding | | Date of Opening of Technical Bid | Period of Completion of Work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACE, CIC, Bhubaneswar | KID-09/ 2023-24 | Improvement to Malaguni Right Embankment from Brahmanipatana to Ostapari. | 486.48 | 486500/- (On Line) | 10000/- (On Line) | "A" Class | 25.01.2024 At 10.00 Hours | 08.02.2024 At 17.00 Hours | 09.02.2024 At.11.00 Hours | 12 (Twelve Calendar Month) |
| | NGR-17/ 2023-24 | Cement Concrete Lining in Right Distributary of Kuanria Irrigation Project from RD.11.00 Km to RD.18.20 Km. | 837.36 | 837400/- (On Line) | 10000/- (On Line) | "A" & "Special" Class | 25.01.2024 At 10.00 Hours | 08.02.2024 At 17.00 Hours | 09.02.2024 At.11.00 Hours | 12 (Twelve Calendar Month) |

e-mail ID: -secic_dowr@yahoo.com

Further details conditions can be seen from Govt. website www.tenderodisha.gov.in

OIPR-32160/11/0046/2324

Additional Chief Engineer
Central Irrigation Circle



## ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ - ୨୦୨୪ ସକାଶେ ବରଗଡବାସିଙ୍କୁ ଓଡ଼ିଶା ମିଲେଟ୍ସ ମିଶନ ତରଫରୁ ଶୁଭେଚ୍ଛା

### ପ୍ରଗତି ପଥେ ଓଡ଼ିଶା ମିଲେଟ୍ସ ମିଶନ, ବରଗଡ

୧. ୨୦୧୯ ରେ ମାତ୍ର ୫ଟି ବ୍ଲକରେ ୮୦୦ ଚାଷୀ ୪୦୦ ହେକ୍ଟରରେ କ୍ଷୁଦ୍ର ଶସ୍ୟ ଚାଷ ହୋଇଥିବା ବେଳେ ଚଳିତ ବର୍ଷ ୧୦୦୦୦ରୁ ଅଧିକ ଚାଷୀ ଜଡିତ ହୋଇ ୮୭୩୬ ହେକ୍ଟର ରେ କ୍ଷ୍ୟୁଦ୍ର ଶସ୍ୟ ଚାଷ ହୋଇପାରିଛି।
୨. ଏକ ହେକ୍ଟର ପିଛା ମାଣ୍ଡିଆ ଚାଷୀ (ଶ୍ରୀ ପଦ୍ଧତି) ଟ. ୨୬,୫୦୦/-ରେ ୫ ବର୍ଷରେ ସରକାରୀ ପ୍ରୋତ୍ସାହନ ପାଇ ପାରୁଛନ୍ତି।
୩. ଚଳିତ ବର୍ଷ ମାଣ୍ଡିଆ କୁଇଣ୍ଟାଲ ପ୍ରତି ଟ. ୩,୮୪୬/- ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରାଯାଇଛି।
୪. ୧୪ଟି ମିଲେଟ ଟିଫିନ ସେଣ୍ଟର ଓ ୩ଟି ମିଲେଟ ଅନ-ହୁଇଲ ବରଗଡ ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି।
୫. ଚଳିତ ବର୍ଷ ମିଲେଟ କାଫେ ବରଗଡ ଗାନ୍ଧୀ ଛକ ଠାରେ ଶୁଭାରମ୍ଭ ହେବ।
୬. ମାଣ୍ଡିଆ ଖାଦ୍ୟର ରୁଚି ଲୋକଙ୍କ ମଧ୍ୟରେ ଆଣିବା ଓ ଖାଦ୍ୟ ଥାଳିକୁ ଫେରାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି।
୭. ବରଗଡ ଜିଲ୍ଲାରେ ୮ଟି ବ୍ଲକ ଯଥା: ଅମ୍ବାଭୋନା, ଭଟଲି, ସୋହେଲା, ବିଜେପୁର, ଗାଇସିଲେଟ, ପଦ୍ମପୁର, ପାଇକମାଳ ଓ ଝାରବନ୍ଧ କାର୍ଯ୍ୟକାରୀ କରୁଛି।
୮. ୬ଟି NGO ଓ ୭ଟି FPO ମିଲେଟ ମିଶନ ବରଗଡ ସହିତ ଜଡିତ ଅଛନ୍ତି।
୯. ଦୀର୍ଘ ୫ ବର୍ଷରେ ମୋଟ ୨୫୮୦୦ ଚାଷୀଙ୍କୁ ରବି ଓ ଖରିଫ ଋତୁ ପାଇଁ ମୋଟ ୮,୩୯,୨୪,୬୫୦/- DBT ମାଧ୍ୟମରେ ଦିଆଯାଇଛି।
୧୦. ବରଗଡ ଜଳବାୟୁ କୋଦ ମିଲେଟ ଚାଷ ପାଇଁ ଅତି ଉପଯୁକ୍ତ।
୧୧. ବରଗଡ ଚାଷୀ ଓ ସଚେତନ ଖାଉଟି କୋଦ ଚାଷ ଓ କୋଦ ଖାଦ୍ୟ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି।
୧୨. ଧନୁଯାତ୍ରା ପଲ୍ଲିଶ୍ରୀ ମେଳାରେ ଲାଗିଥିବା ଷ୍ଟଲ ଗୁଡିକରେ ମାଗଣା ଚାଷୀ ଭାଇ ଭଉଣୀଙ୍କୁ ଅପଘଟଣକାରି ଜୀବାଣୁ ବଣ୍ଟନ କରାଯାଇଛି।

ସା/- ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ,
ବରଗଡ



MM-423

## ଓଡ଼ିଶା ସରକାର
### ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ

### ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର : ୨୦୨୩-୨୪

ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ପରିବେଶ ସଂରକ୍ଷଣ ତଥା ପରିବେଶ ସମ୍ପର୍କରେ ଜନସଚେତନତା ସୃଷ୍ଟି କ୍ଷେତ୍ରରେ ରାଜ୍ୟର ଗ୍ରାମ / ଶିକ୍ଷାନୁଷ୍ଠାନ / ରେଜେଷ୍ଟ୍ରିଭୁକ୍ତ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କର ଅବଦାନକୁ ଉତ୍ସାହିତ କରିବା ପାଇଁ ଯଥାକ୍ରମେ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ଦିଆଯାଏ। ଆସନ୍ତା ୫ ଜୁନ୍, ୨୦୨୪ ବିଶ୍ୱ ପରିବେଶ ଦିବସରେ ପ୍ରତି ବ୍ଲକରୁ ଏକ ଗ୍ରାମ/ ଶିକ୍ଷାନୁଷ୍ଠାନ/ ରେଜେଷ୍ଟ୍ରିଭୁକ୍ତ ସଂସ୍ଥାକୁ ମାନପତ୍ର ସହ ଟ.୨୦,୦୦୦/- (କୋଡ଼ିଏ ହଜାର ଟଙ୍କା) "ପ୍ରକୃତି ମିତ୍ର" ପୁରସ୍କାର ଏବଂ ଜଣେ ବ୍ୟକ୍ତିଙ୍କୁ ମାନପତ୍ର ସହ ଟ.୧୦,୦୦୦/- (ଦଶ ହଜାର ଟଙ୍କା) "ପ୍ରକୃତି ବନ୍ଧୁ" ପୁରସ୍କାର ପ୍ରଦାନ କରାଯିବ। ମନୋନୟନ ଫର୍ମର ନମୁନା ତଥା ନିୟମାବଳୀ Centre for Environmental Studies (CES)ର Website www.cesodisha.orgରୁ ବା ସଂପୃକ୍ତ ଜିଲ୍ଲା ପରିବେଶ ସମିତିର ସମ୍ପାଦକ କିମ୍ବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ତା୦୧/୦୨/୨୦୨୪ରିଖରୁ ତା୨୮/୦୨/୨୦୨୪ରିଖ ମଧ୍ୟରେ ମିଳିପାରିବ। ନିର୍ଦ୍ଧାରିତ ଫର୍ମରେ ମନୋନୟନଗୁଡିକ ଆନୁସଙ୍ଗିକ ପ୍ରମାଣପତ୍ର ସହ ତା୨୮/୦୨/୨୦୨୪ରିଖ ସୁଦ୍ଧା ସମ୍ପୃକ୍ତ ଜିଲ୍ଲାପାଳ / ସମ୍ପାଦକ, ଜିଲ୍ଲା ପରିବେଶ ସମିତିଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ

OIPR-08135/11/0003/2324

## ବଜ୍ରକାପ୍ତା କାତି ଜବତ; ୨ ଗିରଫ

**ଠାକୁରମୁଣ୍ଡା,୨୪।୧(ସମିସ):** ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରୁ ବୁଧବାର ବନ କର୍ମଚାରୀମାନେ ସାଢ଼େ ୪ କେଜି ବଜ୍ରକାପ୍ତା କାତି ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ, ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ସାଲେଇବେଡା ପଞ୍ଚାୟତ ଖପରଖାଇ ଗ୍ରାମର କରାମ ହାଁସଦା (୪୫) ଓ ବଡ଼ମହୁଲଡ଼ିହା ଗ୍ରାମର ଡୁବରାଜ ଗାଗରାଇ(୫୨)। ବନ କର୍ମଚାରୀମାନେ ଗ୍ରାହକ ବେଶରେ ପହଞ୍ଚି ବେପାରୀଙ୍କ ସହ ମୂଲଚାଲ କରିବା ପରେ ସେମାନଙ୍କୁ ଗିରଫ କରିଥିଲେ। ସୂଚନା ଅନୁଯାୟୀ, ଜଙ୍ଗଲରୁ ବଜ୍ରକାପ୍ତା ଶିକାର କରି ପରେ କାତିକୁ ଖପରଖାଇ ଗ୍ରାମର କରାମ ହାଁସଦା ତାଙ୍କ ଘରେ ରଖିଥିବା କୌଣସି ସୂତ୍ରରୁ ବନବିଭାଗ ଖବର ପାଇଥିଲା। କରଞ୍ଜିଆ ଡିଏଫଓ ଶ୍ରୀକାନ୍ତ ନାୟକଙ୍କ ନିର୍ଦ୍ଦେଶକ୍ରମେ ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ କିଶୋର ପାଣିଗ୍ରାହୀ, ଫରେଷ୍ଟର ତପନ ମହାନ୍ତ, ନଳିନୀ ମହାନ୍ତ, ସିଂରାୟ ପୂର୍ତ୍ତିଙ୍କ ସମେତ ବନକର୍ମଚାରୀମାନେ କରାମ ହାଁସଦାଙ୍କ ଘରେ ଚଢ଼ଉ କରିଥିଲେ।

**ନିୟମ ମାନୁନାହାନ୍ତି ସ୍କୁଲ ବସ୍**

# କେତେ ସୁରକ୍ଷିତ ଛାତ୍ରଛାତ୍ରୀ?

**ଭୁବନେଶ୍ୱର,୨୪।୧(ସମିସ):** ବାରମ୍ବାର ଚେତାବନୀ ପରେ ମଧ ନିୟମ ମାନୁନାହାନ୍ତି ସ୍କୁଲ ବସ୍। ନା ବସ୍ ଆଗରେ ସ୍କୁଲର ନାମ ଓ ଫୋନ୍ ନମ୍ବର ଲେଖୁଛନ୍ତି ନା ଫିଟ୍‌ନେସ୍ ସାର୍ଟିଫିକେଟ୍ ନା ରୁଟ୍ ଚାର୍ଟ ଲଗାଉଛନ୍ତି। ୪୦ ଜାଗାରେ ୬୦ ଛାତ୍ରଛାତ୍ରୀଙ୍କୁ ଗୋଟିଏ ବସ୍‌ରେ ଖୁନ୍ଦିଖାନ୍ଦି ବୁହାଉଛନ୍ତି। ଖାଲି ସେତିକି ନୁହେଁ, ବସ୍‌ର ବେଗ ୫୦ କିମି ପ୍ରତି ଘଣ୍ଟା ଉପରକୁ ନ ଚଲାଇବାକୁ ନିୟମ ଥିବା ବେଳେ ଅନାୟାସରେ ଗାଡ଼ି କଣ୍ଟା ୬୦ ଟପି ଯାଉଛି। ବସ୍‌ରେ ଅଗ୍ନି ନିର୍ବାପକ ଯନ୍ତ୍ର ଓ ପ୍ରାଥମିକ ଚିକିତ୍ସା ବାକ୍ସ ମହଜୁଦ ରହିବା ତ ସ୍ୱପ୍ନ। ହେଲେ ଏସବୁର ତଦାରଖ କରିବାକୁ କେହି ନାହିଁ। ପରିବହନ ବିଭାଗ ପକ୍ଷରୁ ମଧ୍ୟ ରୀତିମତ ଯାଞ୍ଚ କରାଯାଉନାହିଁ। ଫଳରେ ଛାତ୍ରଛାତ୍ରୀଙ୍କ ପାଇଁ ଯାତାୟାତ ଦିନକୁ ଦିନ ବିପଜ୍ଜନକ ହେବାରେ ଲାଗିଛି। ଏହାକୁ ନେଇ ଅଭିଭାବକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। କିଛି ଅଭିଭାବକ ସାହସ କରି ଏ ସଂପର୍କରେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅବଗତ କରୁଥିବା ବେଳେ ଆଉ କିଛି, ପିଲାର ପାଠପଢ଼ା ପ୍ରଭାବିତ ହେବା ଭୟରେ ମୁହଁ ଖୋଲୁନାହାନ୍ତି। ତେବେ ରାଜ୍ୟର ବିଭିନ୍ନ ସ୍ଥାନରୁ ଏମିତି ପୁଳାପୁଳା ଅଭିଯୋଗ ଆସିବା ପରେ ଗତ ୩ ତାରିଖରେ ରାଜ୍ୟ ପରିବହନ ବିଭାଗ ପୁଣିଥରେ ସରକାରୀ ଓ ବେସରକାରୀ ସ୍କୁଲଗୁଡ଼ିକୁ ସତର୍କ କରାଇଛି। ସ୍କୁଲ ଛାତ୍ରଛାତ୍ରୀଙ୍କ ପରିବହନ ନେଇ ଥିବା ନିୟମ କଡ଼ାକଡ଼ି ପାଳନ କରିବା ପାଇଁ ଚେତାଇଛି। ଏହା ସତ୍ତ୍ୱେ ପରିସ୍ଥିତିରେ ବିଶେଷ ଫରକ୍ ପଡ଼ିନାହିଁ। ଯଥା ପୂର୍ବଂ ତଥା ପରଂ ନ୍ୟାୟରେ ଚାଲିଛି ଛାତ୍ରଛାତ୍ରୀଙ୍କୁ ପରିବହନ। ସ୍କୁଲ ବସ୍‌କୁ ବାଦ୍ ଦେଲେ ଛୋଟ ଭ୍ୟାନ୍, ଟେମ୍ପୁ, ଅଟୋରେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ପରିବହନ ବ୍ୟବସ୍ଥା ଆହୁରି ସାଂଘାତିକ। ଛାତ୍ରଛାତ୍ରୀଙ୍କୁ ଏମିତି ଖୁନ୍ଦିଖାନ୍ଦି ନିଆଯାଉଛି ଯେ ପବନ ଯିବାକୁ ବି ବାଟ ରହୁନି।

ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ପରିବହନ ବିଭାଗ ପକ୍ଷରୁ ହୋଇଥିବା ମାର୍ଗଦର୍ଶିକା ଅନୁଯାୟୀ, ଛାତ୍ରଛାତ୍ରୀଙ୍କୁ ନେବାଆଣିବା କରୁଥିବା ସ୍କୁଲ ବସ୍‌ର ଆଗରେ ଓ ପଛରେ 'ସ୍କୁଲ ବସ୍' ଲେଖା ରହିବ। ଘରୋଇ ବସ୍ ହୋଇଥଲେ, 'ଅନ୍ ସ୍କୁଲ ଡ୍ୟୁଟି' ଲେଖାଯିବ। ଉଭୟ ପାର୍ଶ୍ୱରେ ବିଦ୍ୟାଳୟର ନାମ ଓ ଫୋନ ନମ୍ବର ମଧ ରହିବ। ଏହାଦ୍ୱାରା ବସ୍‌ଟିକୁ ସହଜରେ ଚିହ୍ନଟ କରିହେବ। ଏହାସହ ବସ୍‌ରେ ଅଗ୍ନି ନିର୍ବାପକ ଯନ୍ତ୍ର ଓ ପ୍ରାଥମିକ ଚିକିତ୍ସା ବାକ୍ସ ରଖିବା ମଧ ବାଧ୍ୟତାମୂଳକ। ବସ୍ ଝରକାଗୁଡ଼ିକୁ ଲୁହା ଗ୍ରୀଲରେ ଆବଦ୍ଧ କରାଯିବ। ସେହିପରି

**ନିରନ୍ତର ଯାଞ୍ଚ କରୁନି ବିଭାଗ**



ସ୍କୁଲ ବସ୍‌ଗୁଡ଼ିକ ୫୦କିଲୋମିଟରରୁ ଅଧିକ ବେଗରେ ଯାତାୟାତ କରିପାରିବ ନାହିଁ ବୋଲି କୁହାଯାଇଛି। ବ୍ୟାଗ୍ ରଖିବାକୁ ଦୁଇଟି ସିଟ୍ ମଧ୍ୟରେ ବ୍ୟବଧାନ, ଭିତରେ ସିସିଟିଭି ଲଗାଇବା ସହ ବସ୍ କବାଟ ଭଲ ଭାବେ ଲକ୍ ହେଉଥିବା ଜରୁରୀ। ସ୍କୁଲ ବସ୍ କିମ୍ବା ଭ୍ୟାନ୍ ଚଳାଉଥିବା ଚାଳକଙ୍କ ବୈଧ ଲାଇସେନ୍ସ ସହ ୫ବର୍ଷ ଭାରୀଯାନ ଚଳାଇବାର ଅଭିଜ୍ଞତା ଥିବ। କଣ୍ଡକ୍ଟର ଓ ଡ୍ରାଇଭର ୟୁନିଫର୍ମ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ବସ୍ ଭିତରେ ଜଣେ ଶିକ୍ଷକ ରହି ଛାତ୍ରଛାତ୍ରୀଙ୍କ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ରହିଛି। ଏହାସହ ବାର୍ଷିକ ଫିଟନେସ୍ ସାର୍ଟିଫିକେଟ୍ ଓ ରୁଟ୍ ଚାର୍ଟ ବସ୍ ପଛରେ ଲଗାଇବା ଜରୁରୀ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି। ବସ ଡ୍ରାଇଭର ନିଯୁକ୍ତି ପୂର୍ବରୁ ତାଙ୍କ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ହାସଲ, କୌଣସି ମାମଲା ନଥିବ ଓ ଗୋଟିଏ ବସ୍‌ରେ ଦୁଇ ଜଣ ଲେଖାଏଁ ଡ୍ରାଇଭର ରହିବା ଆବଶ୍ୟକ। ହେଲେ ବହୁ ସ୍କୁଲ କର୍ତ୍ତୃପକ୍ଷ ଏ ଦିଗରେ କୋହଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହେଉଛି।

ଅପରପକ୍ଷେ, ଅନ୍ୟ ପରିବହନ ବ୍ୟବସ୍ଥା ଯେପରିକି ପେଟ୍ରୋଲ ଅଟୋରେ ୫ଜଣ, ଡିଜେଲ ଅଟୋରେ ୮, ଛୋଟ ଭ୍ୟାନରେ ୧୦ରୁ ୧୨ ଜଣ, ମିନି ବସ୍‌ରେ ୨୮ରୁ ୩୨ ଜଣ, ବଡ଼ ବସରେ ଡ୍ରାଇଭରଙ୍କ ସମେତ ୪୫ଜଣଙ୍କଠାରୁ ଅଧିକ ଛାତ୍ରଛାତ୍ରୀଙ୍କୁ ନ ନେବାକୁ ନିର୍ଦ୍ଦେଶାବଳୀ ରହିଛି। କିନ୍ତୁ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଏସବୁ ମାର୍ଗଦର୍ଶିକାର ଖୋଲା ଉଲ୍ଲଂଘନ କରାଯାଉଥିବା ପ୍ରତିଦିନ ସାମ୍ନାକୁ ଆସୁଛି। ତେଣୁ ପରିବହନ ବିଭାଗ ଓ ସ୍ଥାନୀୟ ପୁଲିସ୍ ପକ୍ଷରୁ ନିରନ୍ତର ଭାବେ ଏହାକୁ ଯାଞ୍ଚ କରିବା ସହ ନିୟମ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକ ମହଲରେ ଦାବି ହୋଇଛି।

## ଅବକାରୀ ଅଧୀକ୍ଷକ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୨୪।୧(ସମିସ):** ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟ ଅବକାରୀ ବିଭାଗରେ ଅଦଳବଦଳ ହୋଇଛି। ମୋଟ ୨୦ଜଣ ଅଧିକାରୀଙ୍କ ବଦଳି ନେଇ ଆଜି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କଟକ ଅବକାରୀ ଡେପୁଟି କମିସନର ଥିବା ରଜତ କୁମାର ପ୍ରହରାଜଙ୍କୁ ଅବକାରୀ ନିର୍ଦ୍ଦେଶାଳୟଙ୍କ କାର୍ଯ୍ୟାଳୟରେ ଡେପୁଟି କମିସନର୍ (ପଲିସି ଓ ଅପରେସନ) ଭାବେ ଅବସ୍ଥାପିତ କରାଯାଇଛି। ଭଦ୍ରକ ଅବକାରୀ ସୁପରିନ୍‌ଟେଣ୍ଡେଣ୍ଟ ପ୍ରଦୀପ୍ତ କୁମାର ଦାସଙ୍କୁ କେନ୍ଦୁଝର ଅବକାରୀ ସୁପରିନ୍‌ଟେଣ୍ଡେଣ୍ଟ, ଢେଙ୍କାନାଳ ଅବକାରୀ ସୁପରିନ୍‌ଟେଣ୍ଡେଣ୍ଟ ପ୍ରଦୀପ କୁମାର ପାଣିଗ୍ରାହୀଙ୍କୁ ବ୍ରହ୍ମପୁର ଅବକାରୀ ସୁପରିନ୍‌ଟେଣ୍ଡେଣ୍ଟ, ବୌଦ୍ଧ ଅବକାରୀ ସୁପରିନ୍‌ଟେଣ୍ଡେଣ୍ଟ କ୍ରିଷ୍ଣା ନାୟକଙ୍କୁ ଢେଙ୍କାନାଳ ଅବକାରୀ ସୁପରିନ୍‌ଟେଣ୍ଡେଣ୍ଟ ଓ ଜଗତସିଂହପୁର ଅବକାରୀ ସୁପରିନ୍‌ଟେଣ୍ଡେଣ୍ଟ ବୈଜୟନ୍ତୀ ପଣ୍ଡାଙ୍କୁ ଅବକାରୀ ନିର୍ଦ୍ଦେଶାଳୟଙ୍କ କାର୍ଯ୍ୟାଳୟରେ ଲିଗାଲ ଓ ଅଡିଟ ସେଲର ଅବକାରୀ ସୁପରିନ୍‌ଟେଣ୍ଡେଣ୍ଟ ଭାବେ ବଦଳି କରାଯାଇଛି।

ସେହିପରି ସୁନ୍ଦରଗଡ଼ ଅବକାରୀ ସୁପରିନ୍‌ଟେଣ୍ଡେଣ୍ଟ (ଇନଚାର୍ଜ) ଥିବା ନରୋତ୍ତମ ମିଶ୍ରଙ୍କୁ ଭଦ୍ରକ ଅବକାରୀ ସୁପରିଟେଣ୍ଡେଣ୍ଟ (ଇନଚାର୍ଜ) ଭାବେ ବଦଳି ହୋଇଛି। ଖୋର୍ଦ୍ଧା ଜିଲ୍ଲା ଅବକାରୀ କାର୍ଯ୍ୟାଳୟରେ ଥିବା ଡେପୁଟି ଅବକାରୀ ସୁପରିନ୍‌ଟେଣ୍ଡେଣ୍ଟ ସୁମିତ୍ରା ଓରାମଙ୍କୁ ଗଞ୍ଜାମ ଜିଲ୍ଲା ଅବକାରୀ କାର୍ଯ୍ୟାଳୟକୁ, ଗଞ୍ଜାମ ଜିଲ୍ଲା ଅବକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଡେପୁଟି ସୁପରିନ୍‌ଟେଣ୍ଡେଣ୍ଟ ଅଳକା ସୁନାଙ୍କୁ ଇଆଇ ଓ ଇବି ୟୁନିଟ-୨ କଟକକୁ ବଦଳି ହୋଇଛି।

ସ୍ପେଶାଲ ଏନଫୋର୍ସମେଣ୍ଟ ୟୁନିଟ/ ଇଲିଗାଲ ହବ ଆଠଗଡ଼ରେ କାର୍ଯ୍ୟରତ ଡେପୁଟି ଅବକାରୀ ସୁପରିନ୍‌ଟେଣ୍ଡେଣ୍ଟ ପ୍ରମୋଦ ପଣ୍ଡାଙ୍କୁ ସୁନ୍ଦରଗଡ଼ ଅବକାରୀ ସୁପରିନ୍‌ଟେଣ୍ଡେଣ୍ଟ (ଇନଚାର୍ଜ) ଓ ସ୍ପେଶାଲ ଏନଫୋର୍ସମେଣ୍ଟ ୟୁନିଟ/ ଇଲିଗାଲ ହବ ଭୁବନେଶ୍ୱରରେ କାର୍ଯ୍ୟରତ ଆଦ୍ୟାଶା ତ୍ରିପାଠୀଙ୍କୁ ସ୍ପେଶାଲ ଏନଫୋର୍ସମେଣ୍ଟ ୟୁନିଟ ଅନୁଗୁଳକୁ ବଦଳି କରାଯାଇଛି। ସ୍ପେଶାଲ ଏନଫୋର୍ସମେଣ୍ଟ ୟୁନିଟ/ଇଲିଗାଲ ହବ ତାଳଚେରରେ କାର୍ଯ୍ୟରତ ଆର୍ଯ୍ୟ ସଭ୍ୟତା ରାୟଙ୍କୁ ସ୍ପେଶାଲ ଏନଫୋର୍ସମେଣ୍ଟ ୟୁନିଟ ଭୁବନେଶ୍ୱର, ସ୍ପେଶାଲ ଏନଫୋର୍ସମେଣ୍ଟ ୟୁନିଟ/ଇଲିଗାଲ ହବ ଟିଟିଲାଗଡ଼ (ବଲାଙ୍ଗୀର)ରେ କାର୍ଯ୍ୟରତ ଦିବ୍ୟରଞ୍ଜନ ଦିପଙ୍କୁ ସ୍ପେଶାଲ ଏନଫୋର୍ସମେଣ୍ଟ ୟୁନିଟ କେନ୍ଦୁଝର, ସ୍ପେଶାଲ ଏନଫୋର୍ସମେଣ୍ଟ ୟୁନିଟ/ଇଲିଗାଲ ହବ ଜଳେଶ୍ୱର (ବାଲେଶ୍ୱର)ରେ କାର୍ଯ୍ୟରତ ହରିହର ଧଳଙ୍କୁ ସ୍ପେଶାଲ ଏନଫୋର୍ସମେଣ୍ଟ ୟୁନିଟ ବଲାଙ୍ଗୀର, ସ୍ପେଶାଲ ଏନଫୋର୍ସମେଣ୍ଟ ୟୁନିଟ/ଇଲିଗାଲ ହବ କ୍ଷେତ୍ରମୋହନ ଜଗଦୀଶ ଚନ୍ଦ୍ର ପେରେଇଙ୍କୁ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ବ୍ରହ୍ମପୁରକୁ, ସ୍ପେଶାଲ ଏନଫୋର୍ସମେଣ୍ଟ ୟୁନିଟ/ଇଲିଗାଲ ହବ ମାଲକାନଗିରିରେ କାର୍ଯ୍ୟରତ ସିଏଚ ତିରୁପତିଙ୍କୁ ସ୍ପେଶାଲ ଏନଫୋର୍ସମେଣ୍ଟ ୟୁନିଟ ବାଲେଶ୍ୱରକୁ ବଦଳି କରାଯାଇଛି।

ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ବ୍ରହ୍ମପୁରରେ କାର୍ଯ୍ୟରତ ଅସିତ କୁମାର ମଲ୍ଲିକଙ୍କୁ ସମ୍ବଲପୁର ଜିଲ୍ଲା ଅବକାରୀ କାର୍ଯ୍ୟାଳୟକୁ, ବଲାଙ୍ଗୀର ଜିଲ୍ଲା ଅବକାରୀ କାର୍ଯ୍ୟାଳୟର ଡେପୁଟି ସୁପରିନ୍‌ଟେଣ୍ଡେଣ୍ଟ ଟଙ୍କଧର ଭୋଇଙ୍କୁ ସ୍ପେଶାଲ ଏନଫୋର୍ସମେଣ୍ଟ ୟୁନିଟ ମାଲକାନଗିରିକୁ ବଦଳି କରାଯାଇଛି। ସେହିଭଳି ସମ୍ବଲପୁର ଜିଲ୍ଲା ଅବକାରୀ କାର୍ଯ୍ୟାଳୟର ଡେପୁଟି ସୁପରିନ୍‌ଟେଣ୍ଡେଣ୍ଟ ସଂଯୁକ୍ତା ମିର୍ଦ୍ଧାଙ୍କୁ ବଲାଙ୍ଗୀର ଜିଲ୍ଲା ଅବକାରୀ କାର୍ଯ୍ୟାଳୟକୁ ବଦଳି ହୋଇଛି। ସେହିଭଳି ଗୋପାଳପୁରସ୍ଥିତ ଏମଏସ ୟୁନାଇଟେଡ୍ ସ୍ପିରିଟ୍ ଲିମିଟେଡର ଅଫିସର ଇନଚାର୍ଜ ଶାନ୍ତି ମାରାଣ୍ଡିଙ୍କୁ ବୌଦ୍ଧ ଅବକାରୀ ସୁପରିନ୍‌ଟେଣ୍ଡେଣ୍ଟ (ଇନଚାର୍ଜ) ଭାବେ ବଦଳି କରାଯାଇଛି। ଅବକାରୀ ନିର୍ଦ୍ଦେଶାଳୟଙ୍କ କାର୍ଯ୍ୟାଳୟରେ ଅବକାରୀ ଡେପୁଟି କମିସନର (ଏନଫୋର୍ସମେଣ୍ଟ ଓ ରିଟେଲ ଅପରେସନସ) ରାମଚନ୍ଦ୍ର ମିଶ୍ରଙ୍କୁ ଅବକାରୀ ଡେପୁଟି କମିସନର (ଏନଫୋର୍ସମେଣ୍ଟ ଓ ରିଟେଲ ଅପରେସନସ) ଭାବେ ବଦଳି କରାଯାଇଛି। ଶ୍ରୀ ମିଶ୍ରଙ୍କୁ ଇଡିସି (ସିଡି) ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

■ '୫-ଟି' ଅଧ୍ୟକ୍ଷଙ୍କୁ ଭେଟି ଗୁହାରି କରିଥିଲେ ଅସହାୟ ବୃଦ୍ଧା

## ଦିନକ ମଧ୍ୟରେ ମିଳିଲା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା



**ପାରଳାଖେମୁଣ୍ଡି, ୨୪।୧(ସମିସ):** ମଙ୍ଗଳବାର ଦିନ ଗଜପତି ଜିଲ୍ଲା ଗସ୍ତରେ ଆସିଥିଲେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ସେ କାଶୀନଗରରେ ଆୟୋଜିତ ଜନସମାବେଶରେ ଯୋଗ ଦେବାପାଇଁ ଯାଉଥିବା ସମୟରେ କାଶୀନଗର ସହରର ୧ ନମ୍ବର ୱାର୍ଡ ଅନ୍ତର୍ଗତ ଦଳିତ ସାହି (ମାଳା ସାହି)ର ଜଣେ ବୃଦ୍ଧା ବି.ସନ୍ୟାସୀ ଆମ୍ମା (୬୦) ତାଙ୍କ କାର୍ ନିକଟକୁ ଯାଇ ଭେଟି ଗୁହାରି କରିଥିଲେ। କାର୍ଯ୍ୟବ୍ୟସ୍ତତାରେ ଶ୍ରୀ ପାଣ୍ଡିଆନ ଥିଲେ ମଧ ବୃଦ୍ଧାଙ୍କ କଥା ଶୁଣିଥିଲେ। ଏନେଇ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅବଗତ କରିଥିଲେ। ମୁଖ୍ୟମନ୍ତ୍ରୀ ତୁରନ୍ତ ବୃଦ୍ଧାଙ୍କୁ ସହାୟତା ରାଶି ପ୍ରଦାନ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ମଙ୍ଗଳବାର ବୃଦ୍ଧାଙ୍କ ତଥ୍ୟ ବାହାର କରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପ୍ରକାରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ତିରିଶି ହଜାର ଟଙ୍କା ପ୍ରଦାନ କରିଛନ୍ତି ଗଜପତି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବୀରେନ୍ଦ୍ର କୁମାର ଦାସ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ଡେପୁଟି କଲେକ୍ଟର ଜ୍ଞାନରଞ୍ଜନ ମାଝୀ, କାଶୀନଗର ଏନ୍‌ଏସି ନିର୍ବାହୀ ଅଧିକାରୀ ଭାଗବତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସହାୟତା ରାଶି ପାଇବା ପରେ ବି.ସନ୍ୟାସୀ ଆମ୍ମା ମୁଖ୍ୟମନ୍ତ୍ରୀ, '୫-ଟି' ଅଧ୍ୟକ୍ଷ, ଗଜପତି ଜିଲ୍ଲା ପ୍ରଶାସନ ଏବଂ କାଶୀନଗର ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ଧନ୍ୟବାଦ ଦେବା ସହ ଏପରି ତୁରନ୍ତ ସହାୟତା ରାଶି ପ୍ରଦାନ କରାଯିବ ବୋଲି ସେ କେବେବି ଭାବି ନ ଥିଲେ ବୋଲି କହିଛନ୍ତି।

ସୂଚନା ଯୋଗ୍ୟ ଯେ, ସନ୍ୟାସୀ ଆମ୍ମାଙ୍କ କେହି ନଥିବା ବେଳେ ସେ ଚାଳ ଘରେ ରହୁଛନ୍ତି। ସରକାରୀ ସହାୟତା ଭାବେ ତାଙ୍କୁ ୫କେଜି ଚାଉଳ ୫୦୦ଟଙ୍କା ଭତ୍ତା ମିଳୁଛି। ଗୁଜାରଣ ମେଣ୍ଟାଇବା ସମ୍ପର୍କରେ '୫-ଟି' ଅଧ୍ୟକ୍ଷଙ୍କୁ ଗୁହାରି କରିଥିଲେ।

● ପାରିବାରିକ କଳହର କରୁଣ ପରିଣତି

## ସ୍ତ୍ରୀକୁ ହତ୍ୟା କରି ସ୍ୱାମୀର ଆତ୍ମହତ୍ୟା

**ପଡ଼ିଆ, ୨୪।୧(ସମିସ):** ଧାରୁଆ ଅସ୍ତ୍ରରେ ସ୍ତ୍ରୀର ବେକ କାଟି ହତ୍ୟା କରିବା ପରେ ନିଜ ବେକ କାଟି ଆତ୍ମହତ୍ୟା କରିଛି ସ୍ୱାମୀ। ପାରିବାରିକ କଳହକୁ କେନ୍ଦ୍ର କରି ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ୍ ସଦର ମହକୁମା ଖ୍ରୀଷ୍ଟିଆନ ସାହିରେ ଏଭଳି ଏକ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମୃତ ଦମ୍ପତି ହେଲେ, ପେଦି ୱେନୁ କୁମାରୀ ଓ ତାଙ୍କ ସ୍ୱାମୀ ପେଦାରାପୁଡି ଡାନିଏଲ। ୪ବର୍ଷ ତଳେ ଆନ୍ଧ୍ରପ୍ରଦେଶର ଯୁବକ ପେଦାରାପୁଡି ଡାନିଏଲ ଓଡ଼ିଶାର ମାଲକାନଗିରି ଜିଲ୍ଲାର ପଡ଼ିଆ ଗାଁର ପେଦି ୱେନୁଙ୍କୁ ବୈଦିକ ରୀତିନୀତିରେ ପଡ଼ିଆ ଚର୍ଚ୍ଚରେ ବିବାହ କରିଥିଲ। ସେ ଆନ୍ଧ୍ରପ୍ରଦେଶରେ ରହି ରାଜମିସ୍ତ୍ରି କାମ କରୁଥିବାବେଳେ ସ୍ତ୍ରୀ ପେଦି ୱେନୁ ବାପଘରେ ଥିଲେ। ବୁଧବାର ସେ ଓଡ଼ିଶାରେ ଶଶୁର ଗାଁରେ ପହଞ୍ଚି ଅପରାହ୍ଣ ୨.୩୦ ବେଳେ ଏଭଳି ଅଭାବନୀୟ କାଣ୍ଡ ଭିଆଇଥିଲେ। ଘଟଣାସ୍ଥଳରେ ପଡ଼ିଆ ଥାନା ପୁଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।

## ୬୦ ହଜାର ଲାଞ୍ଚ ନେଇ ଧରାପଡ଼ିଲେ ୨ ଅଧିକାରୀ

**ବାସଭବନ ଓ ଭଡ଼ାଘରେ ଭିଜିଲାନ୍ସ ଚଢ଼ଉ**

**ବାରିପଦା/ବିଶୋଇ, ୨୪।୧ (ସମିସ):** ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ୍ ଦକ୍ଷତା ବିକାଶ ସଂଯୋଜକ ଓ ବ୍ଲକ ପ୍ରକଳ୍ପ ପରିଚାଳକ ୬୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ, ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ରାଜାପୋଖରୀ ଅଞ୍ଚଳର ଲକ୍ଷ୍ମଣ ବିଶ୍ୱାଳ ଓ ବାରିପଦା ସହର କାଳିକାପୁର ତୁଳସୀଚଉରା ଅଞ୍ଚଳର ପ୍ରଦ୍ୟୁକ୍ତି ରଞ୍ଜନ ଭୂୟାଁ।





ଏ ସଂକ୍ରାନ୍ତରେ ବାଲେଶ୍ୱର ଭିଜିଲାନ୍ସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଉଭୟଙ୍କ ନିକଟରୁ ରସାୟନବୋଳା ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଥିବା ବେଳେ ଉଭୟଙ୍କ ପୈତୃକ ବାସଭବନ ଓ ଭଡ଼ାଘରେ ଚଢ଼ଉ ଜାରି ରହିଛି। ସୂଚନାନୁସାରେ, ମିଶନ୍ ଶକ୍ତି ଅଧୀନରେ ଥିବା ଜଡ଼ିଆ ପଞ୍ଚାୟତ ଫେଡେରେସନ୍ (ଜିପିଏଲ୍‌ଏଫ୍)ର ବିଶୋଇ ବ୍ଲକ୍‌ରେ ୬ଜଣ କମ୍ୟୁନିଟି ରିସର୍ସପର୍ସନ-କମ-କମ୍ୟୁନିଟି ମୋବିଲାଇଜର୍ସ ଏବଂ ଜଣେ ମାଷ୍ଟର ବୁକ୍ କିପରଙ୍କୁ ନିଯୁକ୍ତି ବାବଦରେ ମୋଟାଅଙ୍କର ଲାଞ୍ଚ ମାଗିଥିଲେ ଏହାକୁ ନେଇ ଜଡିଆ ଗ୍ରାମାଞ୍ଚଳସ୍ତରୀୟ ଫେଡେରେସନ୍‌ର ସଭାପତି ଦେୱଳା କିସ୍କୁ ବାଲେଶ୍ୱର ଭିଜିଲାନ୍ସ ଏସପିଙ୍କ ନିକଟରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ, ଲାଞ୍ଚ ଟଙ୍କା ନେବା ପରେ ଶ୍ରୀ ଭୂୟାଁ ସମସ୍ତ ଟଙ୍କା ଗଣିଥିଲେ। ୩୦ ହଜାର ଟଙ୍କା ନିଜ ପ୍ୟାଣ୍ଟ ପକେଟ୍‌ରେ ରଖିବା ପରେ ଶ୍ରୀ ବିଶ୍ୱାଳଙ୍କୁ ଡାକି ଅବଶିଷ୍ଟ ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀ ଉଭୟଙ୍କୁ କାବୁ କରି ସମସ୍ତ ଟଙ୍କା ଜବତ କରିଥିଲେ। ପରେ ପ୍ରଦ୍ୟୁକ୍ତିଙ୍କ କାଳିକାପୁର ବାସଭବନ ଓ ଲକ୍ଷ୍ମଣଙ୍କ ରାଜାପୋଖରୀ ସ୍ଥିତ ପୈତୃକ ବାସଭବନ ଏବଂ ବିଶୋଇସ୍ଥିତ ଭଡ଼ାଘରେ ଚଢ଼ଉ କରାଯାଇଥିଲା ବୋଲି ଅତିରିକ୍ତ ଭିଜିଲାନ୍ସ ଏସ୍‌ପି ହରେକୃଷ୍ଣ ମାଝୀ ସୂଚନା ଦେଇଛନ୍ତି।

■ ଓଡ଼ିଶା-ମୋ ପରିବାର, ଜୀବନବିନ୍ଦୁର ଉଲ୍ଲେଖନୀୟ ସଫଳତା

## ୪୧ ମାସରେ ୪ ଲକ୍ଷ ୟୁନିଟ୍ ରକ୍ତ ସଂଗୃହୀତ

**ଭୁବନେଶ୍ୱର, ୨୪।୧(ସମିସ):** ଓଡ଼ିଶା-ମୋ ପରିବାର ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ୪୧ ମାସରେ ୪ଲକ୍ଷ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। କେବଳ ବର୍ଷ ୨୦୨୩ରେ ୧ଲକ୍ଷ ୟୁନିଟ୍‌ରୁ ଊର୍ଦ୍ଧ୍ୱ ରକ୍ତ

**୨୦୨୩ରେ ସଂଗୃହୀତ ହୋଇଛି ୧ ଲକ୍ଷରୁ ଊର୍ଦ୍ଧ୍ୱ ୟୁନିଟ୍**

ସଂଗୃହୀତ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିରମାନ ଆୟୋଜନ ହୋଇ ଏହି ରକ୍ତ ସଂଗ୍ରହ ହୋଇଛି। ରକ୍ତ ବିନା ଯେପରି ଓଡ଼ିଶାବାସୀଙ୍କ ଜୀବନ ବିପଦରେ ନପଡ଼ିବ; ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଗୁରୁତ୍ୱ ଦେଇଆସିଛନ୍ତି। ତାଙ୍କ ନେତୃତ୍ୱରେ ୨୦୨୦ ଅଗଷ୍ଟ ୯ରେ ଓଡ଼ିଶା-ମୋ ପରିବାର ଅଧୀନରେ 'ଜୀବନବିନ୍ଦୁ' କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରତିବର୍ଷ ରାଜ୍ୟବ୍ୟାପୀ ରକ୍ତଦାନ ଶିବିରମାନ ଆୟୋଜନ




କରାଯାଉଛି। ସମଗ୍ର ରକ୍ତଭଣ୍ଡାରଗୁଡ଼ିକରେ ଆବଶ୍ୟକ ଷ୍ଟକ୍ ବଜାୟ ରହିବା ପାଇଁ ମୁଖ୍ୟମନ୍ତ୍ରୀଙ୍କର ନିର୍ଦ୍ଦେଶ ରହିଛି। ଏହାକୁ ସଫଳ କରାଇବାରେ 'ଜୀବନବିନ୍ଦୁ' ଏକ ବଳିଷ୍ଠ ମାଧ୍ୟମ ସାଜିଛି। ମୁଖ୍ୟମନ୍ତ୍ରୀଙ୍କର ଏହି ସ୍ୱତନ୍ତ୍ର ପରିକଳ୍ପନା, ଓଡ଼ିଶା-ମୋ ପରିବାର, ସାଢ଼େ ଚାରିକୋଟି ଓଡ଼ିଆଙ୍କ ସେବାରେ ସର୍ବଦା ସମର୍ପିତ ହୋଇ ରହିଆସିଛି। ଫସି ରହିଥିବା ଶ୍ରମିକମାନଙ୍କୁ ବିଦେଶରୁ ସ୍ଥାନାନ୍ତରଣ ହେଉ କି ଡାକ୍ତରଖାନାଗୁଡ଼ିକରେ ବିଭିନ୍ନ ପ୍ରକାର ସହାୟତା ହେଉ; ମୁଖ୍ୟମନ୍ତ୍ରୀଙ୍କର ସମସ୍ତ ଜନ କଲ୍ୟାଣକାରୀ ଯୋଜନାରେ ସଂଯୋଜନା କରି ଲୋକମାନଙ୍କୁ ସାହାଯ୍ୟ ଯୋଗାଇ ଆସିଛି। ଏହି ରକ୍ତ ସଂଗ୍ରହ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଜୁ ଜନତା ଦଳର ବରିଷ୍ଠ ନେତୃବୃନ୍ଦ, ଦଳୀୟ କର୍ମୀ, ରାଜ୍ୟର ସମସ୍ତ ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ରକ୍ତଦାତାଙ୍କୁ ଓଡ଼ିଶା-ମୋ ପରିବାର ପକ୍ଷରୁ ଅଶେଷ କୃତଜ୍ଞତା ଜ୍ଞାପନ କରାଯାଇଛି।

## କଲେଜକୁ ନିଜ ଘର ଦାନକଲେ ଡାକ୍ତର

**ସମ୍ବଲପୁର, ୨୪।୧ (ସମିସ):** ସରକାରୀ ମହିଳା ମହାବିଦ୍ୟାଳୟକୁ ନିଜର ବାସଗୃହ ଦାନ କରି ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ସମ୍ବଲପୁରର ବରିଷ୍ଠ ଚିକିତ୍ସିକା ଡା. ନାରାୟଣୀ ପଣ୍ଡା। ସେ ପୂର୍ବରୁ ମହିଳା ମହାବିଦ୍ୟାଳୟକୁ ୨୦ଲକ୍ଷ ଟଙ୍କା 'ମୋ କଲେଜ' ପାଇଁ ପ୍ରଦାନ କରିଥିଲେ। ଏହାସହ ତାଙ୍କ ପ୍ରଦତ୍ତ ଅନ୍ୟ ପାଞ୍ଚ ଲକ୍ଷ ଟଙ୍କାର ଲବ୍ଧ ସୁଧକୁ ଅସହାୟ ଛାତ୍ରୀଙ୍କ ସହାୟତା ପାଇଁ ଉପଯୋଗ କରାଯିବ। ଡା. ପଣ୍ଡାଙ୍କ ପ୍ରଦତ୍ତ ଗୃହ ଉପର ମହଲାକୁ ଛାତ୍ରୀନିବାସ ଭାବରେ ବ୍ୟବହାର କରାଯିବ। ତାଙ୍କ ଅନ୍ତେ ସମଗ୍ର ଗୃହକୁ ଛାତ୍ରୀମାନେ ବ୍ୟବହାର କରିବାର ସୁଯୋଗ ପାଇବେ ବୋଲି ଡା. ପଣ୍ଡା ସମ୍ମତି ପ୍ରଦାନ କରିଛନ୍ତି। ଏଥିପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର୍ ରାଜଶ୍ରୀ ବରାଳ, ସମ୍ବଲପୁର ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶିକା ଡ. ପ୍ରଭାବତୀ ଗୁରୁ ଓ ଉପନିର୍ଦ୍ଦେଶକ ପ୍ରଫେସର୍ ଉମାଶଙ୍କର ଡା. ନାରାୟଣୀ ପଣ୍ଡାଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ପ୍ରକାଶଯୋଗ୍ୟ ଯେ ଡା. ପଣ୍ଡା ପୂର୍ବରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ଓ ସମ୍ବଲପୁର ସର୍ବସାଧାରଣ ଗ୍ରନ୍ଥାଗାରକୁ ବହୁ କିଛି ଦାନ କରିସାରିଛନ୍ତି।



**କନିଷ୍ଠ ଶିକ୍ଷକ ନିଯୁକ୍ତି ଅନିୟମିତତା ମାମଲାରେ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ**

## ଅନ୍ତରୀଣ ଅଙ୍କୁଶ ବଳବତ୍ତର

**କଟକ,୨୪।୧(ସମିସ):** ରାଜ୍ୟରେ କନିଷ୍ଠ ଶିକ୍ଷକ ନିଯୁକ୍ତି ଅନିୟମିତତା ଅଭିଯୋଗରେ ରୁଜୁ ମାମଲାର ଶୁଣାଣି ଆଜି ହାଇକୋର୍ଟରେ ହୋଇଥିବା ବେଳେ ପରବର୍ତ୍ତୀ ଶୁଣାଣି ଆସନ୍ତା ୩୦ ତାରିଖକୁ ଧାର୍ଯ୍ୟ ହୋଇଛି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ପୂର୍ବରୁ ଜାରି ଅନ୍ତରୀଣ ଅଙ୍କୁଶକୁ ବଳବତ୍ତର ରଖିଛନ୍ତି ହାଇକୋର୍ଟ। ଚିନ୍ତାମଣି ଭୂୟାଁ ଓ ଅନ୍ୟମାନଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ବିରଜାପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ଆଜି ରାଜ୍ୟ ସରକାରଙ୍କ



ପକ୍ଷରୁ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ ହୋଇଥିଲା। ଇତିମଧ୍ୟରେ ଜିଲ୍ଲାୱାରୀ ମେଧା ତାଲିକା ପ୍ରକାଶ କରାଯାଇଥିବା ନେଇ ସତ୍ୟପାଠରେ ଉଲ୍ଲେଖ କରାଯାଇଛି। ତେବେ ଅଦ୍ୟାବଧି ରାଜ୍ୟସ୍ତରୀୟ ତାଲିକାକୁ ଓସେପା ପକ୍ଷରୁ ପ୍ରତ୍ୟାହାର କରାଯାଇନଥିବା ଓ ନିର୍ଦ୍ଦିଷ୍ଟ କେତେକ ଜିଲ୍ଲାର ତାଲିକାରେ ଅନ୍ୟ ଜିଲ୍ଲାର ପ୍ରାର୍ଥୀଙ୍କୁ ସ୍ଥାନିତ କରାଯାଇଥିବା ନେଇ ଆବେଦନକାରୀ ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ପ୍ରକାଶଥାଉକି ଓସେପା ପକ୍ଷରୁ ୨୦ ହଜାର କନିଷ୍ଠ ଶିକ୍ଷକ ପଦରେ ନିଯୁକ୍ତି ପାଇଁ ଗତବର୍ଷ ସେପ୍ଟେମ୍ବର୧୩ରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୩ ଅକ୍ଟୋବର ୧୦ରେ ଆବେଦନର ଶେଷ ତାରିଖ ରହିଥିଲା। ଇତିମଧ୍ୟରେ ପରୀକ୍ଷା ଶେଷ ସହ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଥିଲେ ହେଁ ନିଯୁକ୍ତି ବିଜ୍ଞପ୍ତିର ନିୟମ ବା ସର୍ତ୍ତାବଳୀ ଆଧାରରେ ମେଧା ତାଲିକା ପ୍ରକାଶ କରାଯାଇ ନଥିବାରୁ ଏହାକୁ ଚ୍ୟାଲେଞ୍ଜ କରି କେତେକ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ୧୯ ତାରିଖରେ ହାଇକୋର୍ଟ ଏହାର ପ୍ରାରମ୍ଭିକ ଶୁଣାଣି କରି ଜାନୁଆରୀ ୨୪ ପର୍ଯ୍ୟନ୍ତ ଚୂଡାନ୍ତ ନିଯୁକ୍ତି ଉପରେ ଅଙ୍କୁଶ ଲଗାଇଥିଲେ। ଯାହା ପୁଣି ୩୦ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସମୀର ଦାସ ମାମଲା ପରିଚାଳନା କରୁଛନ୍ତି।

**'ମମତା'ର ସଫଳ ରୂପାୟନ ନେଇ ଦିନିକିଆ ସମ୍ମିଳନୀ**

## ୫୯ ଲକ୍ଷରୁ ଊର୍ଦ୍ଧ୍ୱ ଗର୍ଭବତୀ, ପ୍ରସୂତି ଉପକୃତ

**ଭୁବନେଶ୍ୱର, ୨୪।୧ (ସମିସ):** ମହିଳା ଓ ଶିଶୁ ବିକାଶ ବିଭାଗ ଓ ୟୁନିସେଫ୍‌ର ମିଳିତ ଆନୁକୂଲ୍ୟରେ 'ମମତା' ଯୋଜନାର ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସଫଳ ରୂପାୟନ ଉପରେ ବୁଧବାର ଏକଦିବସୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ 'ମମତା' ଯୋଜନାରେ ଓଡ଼ିଶାର ପ୍ରାୟ ୫୯ ଲକ୍ଷରୁ ଊର୍ଦ୍ଧ୍ୱ ଗର୍ଭବତୀ ଓ ପ୍ରସୁତି ମହିଳାଙ୍କୁ ସୁବିଧା ଯୋଗାଇ ଦିଆଯାଇଛି। ୨୮୮୭ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥରାଶି ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ହସ୍ତାନ୍ତର କରି ଏହା ଏକ ଆନ୍ଦୋଳନରେ ପରିଣତ ହୋଇଛି। ଏହା ଗର୍ଭବତୀ ମହିଳା,




ଶିଶୁ ଏବଂ ପ୍ରସୂତି ମା'ମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ସିଧାସଳଖ ସହାୟକ ହୋଇଛି। ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ ଆହୁରି କହିଥିଲେ ଯେ ଜାତୀୟ ପୁଷ୍ଟିକର ସୂଚକାଙ୍କରେ ଓଡ଼ିଶାର ପରିସ୍ଥିତି ବହୁତ ଭଲ ଅଛି।

ସମ୍ମିଳନୀରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନ ତଥା ସଚିବ ଶୁଭା ଶର୍ମା କହିଲେ ଯେ 'ମମତା' ଯୋଜନା କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ଓଡ଼ିଶାର ମହିଳା ଓ ଶିଶୁଙ୍କ ଜୀବନରେ ପୁଷ୍ଟିଧାରା ପରିବର୍ତ୍ତନ କରିବା ଦିଗରେ ଏହା ଏକ ସାମୂହିକ ପ୍ରୟାସ ଓ ମିଶନ। ମମତା ଯୋଜନାରେ ସମ୍ପୃକ୍ତ ସମସ୍ତ ଅଧିକାରୀ ତଥା କର୍ମଚାରୀଙ୍କୁ ସେ ଧନ୍ୟବାଦ ଦେବା ସହ ଏହି ସଫଳତାର ଧାରା ଆଗକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରେରଣା ଦେଇଥିଲେ।

ୟୁନିସେଫ୍, ଓଡ଼ିଶାର କ୍ଷେତ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମୀନା ସୋମ୍ ସ୍ୱାଗତ ଭାଷଣ ଦେବା ସହ ଏକ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ଗର୍ଭବତୀ ମହିଳା, ପ୍ରସୁତି ଓ ଶିଶୁମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ପ୍ରମୁଖ ଭୂମିକା ଗ୍ରହଣ କରେ ବୋଲି କହିଥିଲେ।

ସୂଚନାଯୋଗ୍ୟ ଯେ, ମାତୃ ଏବଂ ଶିଶୁ ମୃତ୍ୟୁହାର ହ୍ରାସ କରିବାର ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୦୧୧ ମସିହାରେ'ମମତା' ଯୋଜନା ଆରମ୍ଭ ହୋଇଥିଲା। ଗର୍ଭବତୀ ଓ ପ୍ରସୂତି ମା'ମାନଙ୍କର ଏବଂ ସେମାନଙ୍କ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଏବଂ ପୁଷ୍ଟିକର ସ୍ଥିତିକୁ ସୁଦୃଢ଼ କରି ମାତୃ ଓ ଶିଶୁହାର ହ୍ରାସ କରିବା କରିବା ଏହାର ମୂଳ ଉଦ୍ଦେଶ୍ୟ ଥିଲା। ଏହି ଯୋଜନାରେ ୨ଟି କିସ୍ତିରେ ମା' ମାନଙ୍କ ଜମା ଖାତାକୁ ୫୦୦୦ ଟଙ୍କା ଆର୍ଥିକ ସହାୟତା ହସ୍ତାନ୍ତର କରାଯାଏ।

ଏହି ସମ୍ମିଳନୀରେ ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ ମମତା ଯୋଜନା ଅନ୍ତର୍ଗତ ଏକ କଫି ଟେବୁଲ ବୁକ୍ ଉନ୍ମୋଚନ କରିଥିଲେ। ଏହାସହ ବିଭିନ୍ନ ରାଜ୍ୟରୁ ଆସିଥିବା ବିଶେଷଜ୍ଞମାନଙ୍କ ଦ୍ୱାରା ବିଭିନ୍ନ ପ୍ରସଙ୍ଗ ଯଥା ଗର୍ଭାବସ୍ଥା ସମୟରେ ଓଜନ ବୃଦ୍ଧି, ମହିଳାମାନଙ୍କ ପୁଷ୍ଟିରେ ଉନ୍ନତି ଆଣିବା ଦିଗରେ ଲିଙ୍ଗଗତ ଆଚରଣରେ ପରିବର୍ତ୍ତନ ଆଦି ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଭାଗର ଅତିରିକ୍ତ ସଚିବ ସମ୍ବିତ ନାୟକ ଧନ୍ୟବାଦ ଦେଇଥିଲେ।

# ବସ୍ତା ପଞ୍ଚାୟତ ସମିତି ବୈଠକରେ ହଟ୍ଟଗୋଳ

**ବସ୍ତା ବ୍ଲକ, ୨୪।୧ (ସମିସ) :**

ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକରେ ବୁଧବାର ଚତୁର୍ଥ ପଞ୍ଚାୟତ ସମିତି ବୈଠକ ସଭାଗୃହରେ ଅନୁଷ୍ଠିତ ହୋଇଛି। ବ୍ଲକ ଅଧକ୍ଷା ଅଞ୍ଜଳି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମନ୍ତ୍ରୀ ଅଶ୍ୱିନି ପାତ୍ର, ବିଧାୟକ ନିତ୍ୟାନନ୍ଦ ସାହୁ, ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ଉପାଧ୍ୟକ୍ଷ ଦିଲ୍ଲୀପ ଦାସ ମହାପାତ୍ର, ବିଡିଓ ମୋହିନୀ କୁମାର ନାୟକ, ଜିଲ୍ଲାପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ବୁଗୁଡ଼ି, ସୁଜତା ରଣୀ ଦଣ୍ଡପାଟ, ସହକାରୀ ଯନ୍ତ୍ରୀ କୁଇଲୁ ଟୁଡୁ ଯୋଗ ଦେଇଥିଲେ। ବୈଠକରେ ମହିଳା ଓ ଶିଶୁ ସମନ୍ୱିତ ବିଭାଗ, ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ, କୃଷି ବିଭାଗ ର ବ୍ୟାପକ ଦୁର୍ନୀତି ଅଭିଯୋଗ ଆସିବା ପରେ ଗୃହରେ ହଟ୍ଟଗୋଳ ହୋଇଥଲା। କଇନଗିରି ପଞ୍ଚାୟତର ଡୁବୁଲିଆ -୨ ଅଙ୍ଗନବାଡ଼ି କେନ୍ଦ୍ରରେ ପୂର୍ବତନ ସରପଞ୍ଚ ଓ ଅଙ୍ଗନବାଡ଼ି କର୍ମୀ ବେନିୟମ ଭବେ ପାସ ବୁକରୁ ଟଙ୍କା ଉଠାଇଥିବା ନେଇ ଗୃହରେ ଅଭିଯୋଗ ସ୍ଥାନୀୟ ସରପଞ୍ଚ ସୃଷ୍ଟି ଆକର୍ଷଣ କରି ଏହାକୁ ସିଡ଼ିପିଓ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ କରି ଥିଲେ। ଏଥି ସହ ଆଇ ସି ଡି ଏସ ବିଭାଗ ରେ ବହୁ ଦୁର୍ନୀତି ହେଉଥିବା ବେଳେ କୌଣସି ବୈଠକକୁ ସିଡିପିଓ ଜାଣିଶୁଣି ଆସୁନଥିବାରୁ ନିର୍ବାଚିତ ଜନପ୍ରତିନିଧି ଅସନ୍ତୋଷ ସହ ହଟ୍ଟଗୋଳ କରିଥିଲେ। ଏହି ବିଭାଗ ଉପରେ ଏକ ସ୍ୱତନ୍ତ୍ର ବୈଠକ କରି ଆଲୋଚନା ପାଇଁ ଜିଲ୍ଲାପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବୁଗୁଡି ବିଡିଓଙ୍କ ନିକଟରେ ଦାବି କରିଥିଲେ।

ସେହିପରି ରାଉତ ପଡ଼ା ପଞ୍ଚାୟତ ରେ ପାନୀୟ ଜଳ ଯୋଗାଣ ମିଶନରେ ଏକ ବୋରିଂ କରି ଠିକାଦାର ବିଲ୍ ଉଠାଇ ନେବା ପରେ ତାକୁ ଚଞ୍ଚକତା କରି ପୁଣି ତାହା ଖରାପ ଦର୍ଶାଇ ପୁଣି ବୋରିଂ କରି ଟଙ୍କା ହଡ଼ପ କରାଯାଇ ଥିବା ସମିତି ସଭ୍ୟ ହରେକୃଷ୍ଣ ପାଳ ଓ ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା ଅଭିଯୋଗ କରିଥିଲେ। ମାତ୍ର ବିଭାଗୀୟ ଅଧିକାରୀ ଏହାର ସନ୍ତୋଷ ଜନକ ଉତ୍ତର ଦେଇ ନ ପାରି ଏହା ପୂର୍ବତନ ଜେଇଙ୍କ ସମୟରେ ହୋଇଛି ବୋଲି ଗୃହକୁ ଜଣାଇଥିଲେ। ସେହିପରି କୃଷି ବିଭାଗରେ ମୁଗ, ମଟର, ବିରି, ଖସା ଆଦି ବିହନ ବଣ୍ଟନ ରେ ବ୍ୟାପକ ଅନିୟମିତତା ଓ କୃଷି ବିଭାଗ ଏ ନେଇ ଜନପ୍ରତିନିଧିଙ୍କୁ ସୂଚନା ନ ଦେବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। କୃଷି ଅଧିକାରୀ ବୈଠକ ରେ ଯୋଗ ଦେଇ ନଥିବାରୁ ଏହା ଉପରେ ଆଲୋଚନା ହୋଇ ପାରି ନଥିଲା। ପଞ୍ଚାୟତ ସମିତି ବୈଠକକୁ ହେୟ ଜ୍ଞାନ କରି ବିଭାଗୀୟ ଅଧିକାରୀ ମାନେ ନ ଆସି ତାଙ୍କ ପ୍ରତିନିଧିଙ୍କୁ ପଠାଇବାରୁ ଆଲୋଚନାରେ ବାଧକ ସାଜିଥିବାରୁ ଜନପ୍ରତିନିଧିଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବୈଠକରେ ତହସିଲଦାର, କୃଷି ଅଧିକାରୀ, ବିଦ୍ୟୁତ୍ ବିଭାଗ, ବସ୍ତା ଚିକିତ୍ସା ଅଧିକାରୀ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ବୈଠକ ଚାଲିଥିବା ବେଳେ ହଠାତ ବିଧାୟକ ନିତ୍ୟାନନ୍ଦ ସାହୁ ଅସୁସ୍ଥ ଅନୁଭବ କରିଥଲେ। ଫଳରେ କିଛି ସମୟ ପାଇଁ ବୈଠକ ବନ୍ଦ ହୋଇ ଯାଇଥିଲା। ନବରା ସରପଞ୍ଚ ଡ. ନଗେନ୍ଦ୍ର ସିଂହ ତୁରନ୍ତ ତାଙ୍କୁ ପ୍ରାରମ୍ଭିକ ଚିକିତ୍ସା କରିବା ପରେ ସେ ଟିକେ ସୁସ୍ଥ ଅନୁଭବ କରିବା ପରେ ସେ ଅଧିକ ଚିକିତ୍ସା ପାଇଁ ଘରକୁ ଯାଇଥିଲେ।




- ବହୁ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ
- ବୈଠକ ଚାଲିଥିବା ବେଳେ ବିଧାୟକ ଅସୁସ୍ଥ

# ସ୍ଥଗିତ ରହିଲା ବାହାନଗା ପଞ୍ଚାୟତ ସମିତି ବୈଠକ




**ଖନ୍ତାପଡ଼ା, ୨୪।୧(ସମିସ):** ବାହାନଗା ପଞ୍ଚାୟତ ସମିତି ଅଧକ୍ଷ ବିଶ୍ୱନାଥ ମିଶ୍ରଙ୍କ ଅଧକ୍ଷତାରେ ଆଜି ପଞ୍ଚମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ମାତ୍ର ବୈଠକ ଆରମ୍ଭ ରୁ ବିଭିନ୍ନ ପଞ୍ଚାୟତ ରୁ ଆସିଥିବା ସମିତି ସଭ୍ୟ ଓ ସରପଞ୍ଚ ବିଭିନ୍ନ ପ୍ରସଙ୍ଗ ଉଠାଇ ହୋହାଲ୍ଲା କରିଥିଲେ। ଗତ ପଞ୍ଚାୟତ ସମିତି ବୈଠକ ରେ ରିଜୁଲେସନ ରେ ସ୍ଥାନିତ ହୋଇଥିବା ସମିତି ସଭ୍ୟ ମାନଙ୍କ ପାଇଁ ବୈଠକ ଗୃହ, ଶୌଚାଳୟ, କାର୍ଯ୍ୟାଳୟରେ ଉପସ୍ଥିତ ଥିବା ସମୟରେ ଚୌକି ର ବ୍ୟବସ୍ଥା ଏ ପର୍ଯନ୍ତ କୌଣସି ଗୋଟିଏ ପୂରଣ ହୋଇନଥିବାରୁ ଏବଂ ବ୍ଲକ ରେ କାର୍ଯ୍ୟରତ କର୍ମଚାରୀ ମାନେ ସଭ୍ୟା ଓ ସଭ୍ୟ ମାନଙ୍କୁ କୌଣସି କଥା ନଜଣାଇ କାର୍ଯ୍ୟ କରୁଛନ୍ତି, ଏବଂ ଯେଉଁ ସବୁ ସ୍କୁଲ ମାନଙ୍କରେ କାର୍ଯ୍ୟ ହେଉଅଛି ଏବଂ ରାସ୍ତା ଘାଟ ମାନଙ୍କର ଉନ୍ନତି ମୂଳକ କାର୍ଯ୍ୟ ହେଉଛି ତାହା ଅତି ନିମ୍ନ କାର୍ଯ୍ୟ ହେଉଛି, ଏବଂ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟ ରେ ସରପଞ୍ଚ ଓ ସମିତି ସଭ୍ୟ ଙ୍କୁ ସମିଲି କରିବାକୁ ଦାବି କରି କିଛି ସରପଞ୍ଚ ଓ ସମିତି ସଭ୍ୟ ସଭା ଗୃହର ମଧ ଭାଗକୁ ଆସି ହୋହାଲ୍ଲା କରିଥିଲେ। ତେଣୁ ବାଧ୍ୟ ହୋଇ ଅଧକ୍ଷ ବିଶ୍ୱନାଥ ମିଶ୍ର ବୈଠକକୁ ସ୍ଥଗିତ କରିଥିଲେ ଏବଂ ପରବର୍ତୀ ବୈଠକ ଶୀଘ୍ର ଡକାଯିବ ବୋଲି ଘୋଷଣା କରିଥିଲେ। ଏହି ବୈଠକ ରେ ବିଡିଓ ରବୀନ୍ଦ୍ର କୁମାର ସେଠୀ, ଏବିଡ଼ିଓ ଶରତ ଚନ୍ଦ୍ର ମୁଦୁଲି, ଜିଲ୍ଲାପରିଷଦ ସଭ୍ୟ ଶଶୀର ଅଗସ୍ତି, ବିନପ୍ରଭା ଶିଅଳ, ନୀଳାମ୍ବର ମୋହାଳିକ, ଭାଇସି ଚେୟାରମ୍ୟାନ ବାସନ୍ତୀ ପତି, ବାଲେଶ୍ୱର ସାଂସଦ ପ୍ରତିନିଧି ବୈରାଗୀ ଚନ୍ଦ୍ର ବେହେରା, ଭଦ୍ରକ ସାଂସଦ ପ୍ରତିନିଧି ବିଜୟ କୁମାର ସାହୁ, ସମସ୍ତେ ବିଭାଗର ଯନ୍ତ୍ରୀ, ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ସଭା ଗୃହରେ ଉପସ୍ଥିତ ରହିଥିଲେ।

# ୩ ଦିନ ହେବ ରାଧାକାହ୍ନୁ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ସିମୁଳିଆ, ୨୪।୧ (ସମିସ):** ଚଳିତ ମାସରେ ନୂତନ କରି ରାଧାକାହ୍ନୁ ମନ୍ଦିରର ପ୍ରାଣ ପ୍ରତିଷ୍ଠା ନିମନ୍ତେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମଇତାପୁର ରୟାଲ ସ୍କୁଲ ପରିସରରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତର ମହାନ୍ତି ସାହିରେ ଶ୍ରୀ ଶ୍ରୀ ରାଧାକାହ୍ନୁ ମନ୍ଦିରର ବୈଦିକ ରିତିନୀତି ଅନୁଯାୟୀ ଦଧିନଉତି ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ୭୩ ଫୁଟର ଉଚ୍ଚତା ମନ୍ଦିରର ଚଳିତ ମାସ ୩୦, ୩୧ ଓ ଫେବୃୟାରୀ ୧ତାରିଖ ରାଧାକାହ୍ନୁ ମନ୍ଦିର ପ୍ରତିଷ୍ଠା ଉତ୍ସବ ମଦନମୋହନ ପଡ଼ିଆରେ ବଡ ଧୁମଧାମରେ ପାଳନ ହେବାକୁ ଥିବାବେଳେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇ ତିନିଦିନ ବ୍ୟାପି ହେବାକୁ ଥିବା କାର୍ଯ୍ୟକ୍ରମର ସୂଚନା ଦିଆଯାଇଥିଲା। ମଙ୍ଗଳବାର ଦିନ ଅଧିବାସ ଓ ଯଜ୍ଞ, ବୁଧବାର ମନ୍ଦିର ପ୍ରତିଷ୍ଠା ଓ ଗୁରୁବାର ଦିନ ପୂର୍ଣ୍ଣାହୁତି ହେବା ସହ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରତିଦିନ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ଦିବସ ବ୍ୟାପି କାର୍ଯ୍ୟକ୍ରମ ହେବା ସହ ଓଡ଼ିଶା।।ର ସୁନାମ ଧନ୍ୟ କଳାକାରଙ୍କ ଦ୍ୱାରା ଭଜନ ସଂନ୍ଧ୍ୟା ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ତଥା ଜନସାଧାରଣ ଯୋଗଦେବା ନିମନ୍ତେ ମନ୍ଦିର ପରିଚାଳନାର ମୁଖ୍ୟ ଡ.ବିଷ୍ଣୁମୋହନ ମହାନ୍ତି ନିବେଦନ କରିଛନ୍ତି। ଏହି ଅବସରରେ ରୟାଲ ସ୍କୁଲର ନିର୍ଦ୍ଦେଶକ ପଦ୍ମଲୋଚନ ଦାଶ ଓ କିରଣ ଧଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

**ସୋର, ୨୪।୧(ସମିସ):** ସୋର ବ୍ଲକ ସରସଙ୍ଗ ପଞ୍ଚାୟତ ସରସଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ସୋର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥ ଠଭାବେ ବିଧାୟକ ପର୍ଶୁରାମ ଧଡ଼ା ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ଆଶା, ଭରସା ନେଇ ପରିକଳ୍ପନା କରିଥିବା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ପାଲଟିଥିବା ତାଙ୍କ ବକ୍ତବ୍ୟରେ କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଜୟନ୍ତ ସ୍ୱାଇଁ, ବ୍ଲକ ଅଧକ୍ଷା ଅନୁସୂୟା ମଳିକ, ସରପଞ୍ଚ କରୁଣାକର ଖୁଣ୍ଟିଆ, ମହିଳା ନେତ୍ରୀ ରଶ୍ମିତା ସାହୁ ଯୋଗଦେଇ କାର୍ଯ୍ୟକ୍ରମ ବାବଦରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି, ସମ୍ପାଦକ, ସଦସ୍ୟାଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।



## ‘ନୂଆ -ଓ’ ସାହିତ୍ୟ ପ୍ରତିଯୋଗିତା

# ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନାଚକ୍ର







ଭୋଗରାଇ, ୨୪।୧ (ସମିସ) : ଜଗନ୍ନାଥ ସଂସ୍କୃତି ସମଗ୍ର ବିଶ୍ୱବାସୀଙ୍କୁ ଜାତି ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏକତା ସୂତ୍ରରେ ବାନ୍ଧି ରଖିବା ସହ ଶାନ୍ତି, ମୈତ୍ରୀ ଓ ପ୍ରୀତିର ବାର୍ତ୍ତା ବାଣ୍ଟି ଆସୁଛି। ସେଇଥି ପାଇଁ ସମଗ୍ର ବିଶ୍ୱରେ ଓଡ଼ିଶା ଜଗନ୍ନାଥ ଦେଶ ଭାବେ ପରିଚିତ ବୋଲି ଭୋଗରାଇ ବ୍ଲକର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ବାରବାଟିଆ ସ୍ଥିତ ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ‘ନୂଆ-ଓ’ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା’ କାର୍ଯ୍ୟକ୍ରମର ଉଦଯାପନୀ ସଭାରେ ମତପ୍ରକାଶ ପାଇଛି। ବାରବାଟିଆ ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ଖଟୁଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ସଭାରେ ଅଧ୍ୟାପକ ବିଜୟ କୁମାର ପ୍ରଧାନ ମଞ୍ଚ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ନିବେଦିତା ମହାନ୍ତି, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ମୃତ୍ୟୁଞ୍ଜୟ ପାତ୍ର, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପ୍ରଦୀପ କୁମାର ପରିଡ଼ା ପ୍ରମୁଖ ଯୋଗ ଦେଇ ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧ୍ୟାପକ ସୁକାନ୍ତ ଶେଖର ପାତ୍ର ଅତିଥି ପରିଚୟ ସହିତ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପିକା ଦୀପାଳି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ରାଜେଶ ବଟବ୍ୟାଳ, ଅଧ୍ୟାପିକା ରାଜଶ୍ରୀ ଦତ୍ତ, କଲ୍ୟାଣୀ ମାହାନା ଓ ଅଞ୍ଜନା ପଲେଇ, ଡେମନଷ୍ଟ୍ରେଟର ସଞ୍ଜିବ କୁମାର ହାତୀ, ଅଣଶିକ୍ଷକ କର୍ମଚାରୀ ଅଜିତ କୁମାର ପାତ୍ର, ରଞ୍ଜନ ଆଚାର୍ଯ୍ୟ, ଶୁଭେନ୍ଦୁ ନାୟକ, ମହମ୍ମଦ ହନିଫ ଖାଁ, ସୁରେନ୍ଦ୍ର ନାଥ ସାହୁ ଓ ହରିଶଙ୍କର ଦତ୍ତ ସହଯୋଗ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ଅନୁଷ୍ଠିତ ବିଭିନ୍ନ ୧୨ଟି ପ୍ରତିଯୋଗିତାରେ ପ୍ରତ୍ୟେକ ବିଭାଗରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା।

ସିମୁଳିଆ : ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅନ୍ତର୍ଗତ କ୍ଷୀରକୋଣା ଗୋପପ୍ରାଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କ୍ଷୀରକୋଣାଠାରେ ଓଡିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ସିଂଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମର ଅଧିକାରୀ ତଥା ଓଡିଆ ଅଧ୍ୟାପକ ପଦ୍ମ ଲୋଚନ ନାୟକ ମଞ୍ଚ ଆହ୍ୱାନ କରିବା ସହ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ନାଟ୍ୟକାର ପୁରୁଷୋତ୍ତମ ବେହେରା, ମୁଖ୍ୟବକ୍ତାଭାବେ ପଣ୍ଡିତ ଦୟାନିଧି ପତ୍ରୀ, ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ପାଣିଗ୍ରାହୀ ଓ ଅନ୍ତର୍ଯ୍ୟାମୀ ପ୍ରଧାନ ଯୋଗ ଦେଇ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ପ୍ରମୋଦ ଜେନା, ବ୍ୟୋମକେଶ ବିଶ୍ୱାଳ, ପ୍ରଫୁଲ୍ଲ ନାୟକ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଅଧ୍ୟାପିକା ସୁଜାତା ବିଶ୍ୱାଳ, ଭରତ ଚନ୍ଦ୍ର ପ୍ରଧାନ ଓ କର୍ମଚାରୀ ସହଯୋଗ କରିଥିଲେ। ଗଣିତ ଅଧ୍ୟାପକ ମାନଓ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ବାହାନଗା** : ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଅଭଣା ସ୍ଥିତ ବେଳାଭୂମି ମହାବିଦ୍ୟାଳୟ ଓ ବେଳାଭୂମି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ‘ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି‘ ବିଷୟକୁ ନେଇ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ପାଠ ଚକ୍ରକୁ ମହାବିଦ୍ୟାଳୟର ଅଧକ୍ଷ ଅଜୟ କୁମାର ପାଢ଼ୀ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରତିଷ୍ଠିତ ସ୍ତମ୍ଭକାର ଓ ସାହିତ୍ୟିକ ଡ଼. ପ୍ରଫୁଲ୍ଲ କୁମାର ସାହୁ ନିଜ ବକ୍ତବ୍ୟରେ ଜଗନ୍ନାଥ ସଂସ୍କୃତିର ବିଶେଷତ୍ୱକୁ ସମାନତା, ସମୃଦ୍ଧି ଓ ସମାନତା ଭିତ୍ତିରେ 'ଶ୍ରୀ' ତ୍ୱର ସାର୍ଥକତା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଗାଳ୍ପିକ ରଜନୀକାନ୍ତ ମହାନ୍ତି ଯୋଗ ଦେଇ ସାହିତ୍ୟର ସଂସ୍କୃତି ସହ ସମ୍ପର୍କ, ଜଗନ୍ନାଥଙ୍କ ବଡ଼ତ୍ୱର ମହିମା ପ୍ରତିପାଦନ ସହ ସାହିତ୍ୟ କିପରି ଜୀବନବୋଧର ଅନନ୍ୟ ଅନୁଭବ ତାହା ତାଙ୍କ ବକ୍ତବ୍ୟ ମାଧ୍ୟମରେ ସୂଚାଇଥିଲେ। ଅଧ୍ୟାପକ ଡ଼. ପ୍ରଶାନ୍ତ କୁମାର ରାଉତ ଅତିଥିପରିଚୟ ପ୍ରଦାନ କରିବାସହ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ଅଶୋକ କୁମାର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟାପିକା ବିଦ୍ୟା ଭାରତୀ ପଣ୍ଡା, ମଧୁସ୍ମିତା ମହାନ୍ତି, ଅଧ୍ୟାପକ ରଞ୍ଜିତ ବେହେରା, ସୌମ୍ୟ ସରଣ ପଣ୍ଡା, ରବୀନ୍ଦ୍ର ଦାଶ, ବସନ୍ତ ସନ୍ଧିବିଗ୍ରଙ୍କ ସହ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

**ଖଇରା** : ଖଇରା ବ୍ଲକ ସାରଡାଙ୍ଗ ଗ୍ରାମ ପଞ୍ଚାୟତ ଅଧୀନ ଅଲିପୁରସ୍ଥିତ ଶ୍ୟାମରାଇ ସଂସ୍କୃତ ମହାବିଦ୍ୟାଳୟରେ ଜଗନ୍ନାଥ ସଂସ୍କୃତି ଆଲୋଚନା ଏବଂ ଭାଷା ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇ ଯାଇଛି। ଅଧକ୍ଷ ଶ୍ରୀଧର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତି ପ୍ରଚାରକ ରମଣି ରଞ୍ଜନ ନାୟକ ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରଧାନ ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସ୍କନ୍ଦ ପୁରାଣ ଓ ଭାଗବତ ର ବିଭିନ୍ନ ପଂକ୍ତି ଆଧାରରେ ଜଗନ୍ନାଥ ମନ୍ଦିର ଇତିହାସ ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ପ୍ରସାଦ ରାଉତ, ସଂସ୍କୃତ ଶିକ୍ଷକ ଗଣେଷ ପ୍ରସାଦ ପଣ୍ଡା, ସିଆସସିସି ଲମ୍ବୋଦର ନନ୍ଦ, ବଞ୍ଚାକଳ୍ପ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ରାଜେନ୍ଦ୍ର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଓଡିଆ ଭାଷାର ସୁରକ୍ଷା ଉପରେ ମତ ଦେଇଥିଲେ। ନୋଡାଲ ଅଫିସର ନିରଞ୍ଜନ କୁମାର ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗିଙ୍କୁ ମାନପତ୍ର, କପ ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଶିକ୍ଷକ ଭାସ୍କର ପୃଷ୍ଟି, ନିରଞ୍ଜନ ସାମଲ, ରବୀନ୍ଦ୍ର ଦାସ ଓ ଡମ୍ବରୁଧର ମହାନ୍ତି ଓ ଅଧ୍ୟାପକ ଉମାକାନ୍ତ ନାୟକ, ପ୍ରଶାନ୍ତ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ବେହେରା ଓ ରବୀନ୍ଦ୍ର ପତ୍ରୀ, ଅଧ୍ୟାପିକା ଲତାଞ୍ଜଳୀ ଦାସ, କର୍ମଚାରୀ ଦୁଷ୍ମନ୍ତ ଲେଙ୍କା, ମଣିଭଦ୍ର ମହାନ୍ତି, ନୀଳାମ୍ବର ବେହେରା ପରିଚାଳନାରେ ସହଯୋଗ କରିଥିଲେ।

**ସୋର:** ଅନନ୍ତପୁର ସାରସ୍ୱତ ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ‘ନୂଆ - ଓ‘ ଏବଂ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି ର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ ଏକ ଆଲୋଚନା ଚକ୍ର ମହାବିଦ୍ୟାଳୟର ଅଧକ୍ଷ ଡ଼. ଡମ୍ବରୁଧର ଭୋଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରର ଶୀର୍ଷକ ‘ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ‘। ଉକ୍ତ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ବିଷୟ ବିଶାରଦ ତଥା ଓଡିଆ ଭାଷା ସାହିତ୍ୟ ବିଭାଗର ପ୍ରାଧ୍ୟାପକ ଓ ଏହି ମହାବିଦ୍ୟାଳୟ ର ପୂର୍ବତନ ଅଧକ୍ଷ ଅଭୟ କୁମାର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଓଡ଼ିଆ ଭାଷାର ଅତୀତ, ଭବିଷ୍ୟତ ଓ ବର୍ତ୍ତମାନ ଉପରେ ବକ୍ତବ୍ୟ ରଖଥିଲେ। ମଞ୍ଚାସିନ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଭାଷା ସାହିତ୍ୟର ନୋଡାଲ ଅଫିସର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପିକା ମାନସି ଦାସ, ଅଧ୍ୟାପିକା ସ୍ୱପ୍ନା ରାଣୀ ଜେନା ଓଡ଼ିଆ ଭାଷାର ସରଳ, ସାବଳୀଳତା ଉପରେ ଆଲୋକପାତ କରିଥିଲେ। ଇଂରାଜୀ ବିଭାଗର ପ୍ରାଧ୍ୟାପକ ହରିହର ଦାସ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଦର୍ଶନ ବିଭାଗ ର ଅଧ୍ୟାପିକା ରଶ୍ମି ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅଧ୍ୟାପକ ମାନସ କୁମାର ପଣ୍ଡା ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। କ୍ଷିତୀଶ ଜେନା, ଲମ୍ବୋଦର ଭୋଇ, ଗୟାଧର ମଲ୍ଲିକ, ଅଜୟ ପରିଡ଼ା, ବିକ୍ରମ କେଶରୀ ମହାପାତ୍ର, ଅଧ୍ୟାପିକା ସେବତୀ ପୁହାଣ, ମାନସୀ ଦାସ, ଗୋପୀନାଥ ଦାଶ, ଅନିତା ରାଣୀ ଦାଶ, ରଶ୍ମିତା ବାରିକ, କବିତା ପଣ୍ଡା, ଅନିନ୍ଦିତା ମହାନ୍ତି, ତନ୍ମୟୀ ଜେନା, ପ୍ରଶାନ୍ତ ନାୟକ, ଅଭୟ ପତୀ, ଗୌରାଙ୍ଗ ଦାସ, ସୁଶ୍ରୀରଞ୍ଜନ ଦାସ, ବିପ୍ଳବ ପଣ୍ଡା, ରାକେଶ ପୁହାଣ ଏବଂ ଅନ୍ୟମାନେ ସହଯୋଗ କରିଥିଲେ।

**ରାଜଘାଟ** : ବସ୍ତା ବ୍ଲକ ଅନ୍ତର୍ଗତ ରାଧାନାଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପାଉଁଶ କୁଲି ପରିସରରେ ଭାରପ୍ରାପ୍ତ ଅଧକ୍ଷ ଅଶୋକ କୁମାର ସାହୁଙ୍କ ସଭାପତିତ୍ୱରେ ‘ନୂଆ ଓ ‘ ଯୁବ ଓଡ଼ିଶା, ନବୀନ ଓଡ଼ିଶା‘ ଆନୁକୂଲ୍ୟରେ ଓଡିଆ ଭାଷା, ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚକ ଭାବରେ ରାଜ୍ୟ ଓଷ୍ଟାର ପ୍ରାକ୍ତନ ସଭାପତି ଇନ୍ଦୁମାଧବ ମହାନ୍ତି, ପ୍ରାକ୍ତନ ଶିକ୍ଷକ ନେତା ରମେଶ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ନନ୍ଦ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ମନୋଜ କୁମାର ସାମଲ ଓ ବରିଷ୍ଠ ଅଧ୍ୟାପକ ଶ୍ରୀହରି ଚରଣ ସାହୁ ଯୋଗଦେଇ ବିଭିନ୍ନ ଗଳ୍ପ, ଲୋକକଥା, କାବ୍ୟ କବିତା, ପୁରାଣକଥା ସହିତ ଜଗନ୍ନାଥ ସଂସ୍କୃତି ପରମ୍ପରା ଉପରେ ବିସ୍ତୃତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି। କୃତି ପ୍ରତିଯୋଗୀ ଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ। ଅଧ୍ୟାପକ ଅବିନାଶ ପାତ୍ର ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଚନ୍ଦ୍ରକାନ୍ତ ଘଡେଇ ଧନ୍ୟବାଦ ଅର୍ପଣ କରିଥିଲେ।







ସକାଳ
THE SAKALA



### ଜିଲ୍ଲାରେ ମହିଳା ଓ ଶିଶୁ ବିକାଶ ଯୋଜନା ଦିଗହରା

# ଅନିୟମିତତା ମଧ୍ୟରେ ଚାଲିଛି ଅଧିକାଂଶ ଅଙ୍ଗନବାଡ଼ି

**ବାଲେଶ୍ୱର, ୨୪।୧(ସମିସ):** ମହିଳା ଓ ଶିଶୁ ମାନଙ୍କ ବିକାଶ ପାଇଁ ଓଡ଼ିଶା ସରକାର ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରସ୍ତୁତ କରି ସେ ବାବଦରେ ପର୍ଯ୍ୟାପ୍ତ ଅର୍ଥ ବ୍ୟୟ ବରାଦ କରୁଛନ୍ତି। ଶିଶୁମାନଙ୍କର ମାନସିକ ଶାରୀରିକ ଓ ବୌଦ୍ଧିକ ବିକାଶ ପାଇଁ ବିଭିନ୍ନ ଗ୍ରାମରେ ଅଙ୍ଗନବାଡି କେନ୍ଦ୍ର ଖୋଲା ଯାଇଛି। ତଳ ସ୍ତରରେ ଅଙ୍ଗନବାଡ଼ି କର୍ମୀ ମାନେହିଁ ଯୋଜନାର ସଫଳ ରୂପାୟନ ପାଇଁ କାର୍ଯ୍ୟ କରିଥାନ୍ତି। ସେଥିପାଇଁ ୱାର୍ଡ ସଭ୍ୟଙ୍କ ସହ ସେମାନଙ୍କ ଯୁଗ୍ମ ଜମା ଖାତାକୁ ସରକାରଙ୍କ ତରଫରୁ ପର୍ଯ୍ୟାପ୍ତ ପରିମାଣ ଅର୍ଥ ପ୍ରଦାନ କରାଯାଇ ଥାଏ। ଜିଲ୍ଲାର ଅନ୍ୟାନ୍ୟ ବ୍ଲକରେ ଏହା ମୋଟାମୋଟି ଭାବେ କାର୍ଯ୍ୟ କରୁଥିଲାବେଳେ ସଦର ବ୍ଲକରେ କିନ୍ତୁ ଉପରିସ୍ଥ ଅଧିକାରୀ ମାନଙ୍କର ତତ୍ତ୍ୱାବଧାନ ଓ ପର୍ଯ୍ୟାଲୋଚନା ଅଭାବରୁ ସମନ୍ୱିତ ଶିଶୁ ବିକାଶ ଯୋଜନା ଦିଶାହୀନ ହେଇ ପଡ଼ିଛି। ତେବେ ବାଲେଶ୍ୱର ଜିଲ୍ଲାରେ ୧୫ଟି ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପ ଅଧୀନରେ ୪୦୮୦ଟି ଅଙ୍ଗନବାଡି କେନ୍ଦ୍ର କାର୍ଯ୍ୟ କରୁଛି। ସେହିଭଳି ସଦର ବ୍ଲକ ଅଧୀନରେ ସଦର-୧ ଓ ସଦର-ଗ୍ରାମାଞ୍ଚଳ ନାମରେ ଦୁଇଟି ଆଇସିଡିଏସ ପ୍ରକଳ୍ପ କାର୍ଯ୍ୟ କରୁଅଛି। ସଦର-୧ପ୍ରକଳ୍ପ ଅଧୀନରେ ୮ଟି ସେକ୍ଟର ଓ୨୦୨ଟି ଅଙ୍ଗନବାଡି କେନ୍ଦ୍ର କାର୍ଯ୍ୟ କରୁଥିଲାବେଳେ ସଦର-ଗ୍ରାମାଞ୍ଚଳ ପ୍ରକଳ୍ପ ଅଧୀନରେ ୧୦ଟି ସେକ୍ଟର ଓ ୨୦୦ଟି ଅଙ୍ଗନବାଡି କେନ୍ଦ୍ର କାର୍ଯ୍ୟ କରୁଛି। ମାତ୍ର ବିଡ଼ମ୍ବନାର ବିଷୟଯେ ଉଭୟ ପ୍ରକଳ୍ପର ମୁଷ୍ଟିମେୟ କର୍ମୀ ସେମାନଙ୍କ ସଂଘୀୟ ନେତୃତ୍ୱର ଛତ୍ରଛାୟା ତଳେ ରହି ଯୋଜନା ବାବଦ ସରକାରୀ ଅର୍ଥକୁ ହରିଲୁଟ କରୁଥିବାର ଅନୁଧ୍ୟାନରୁ ଜଣାଯାଇଛି। ଦୁଇଟି ପ୍ରକଳ୍ପ ଅଧୀନରେ ଥିବା ଅଙ୍ଗନବାଡି କେନ୍ଦ୍ର ଗୁଡିକର ନିଜସ୍ୱ ଗୃହ ନଥିବା ଯୋଗୁଁ କର୍ମୀମାନେ ନିଜନିଜ ଘରେ କେନ୍ଦ୍ର ପରିଚାଳନା କରୁଛନ୍ତି। ତେଣୁ ଅନିୟମିତତାର ମାତ୍ରାଧିକ ବୃଦ୍ଧି ଘଟିଛି। ଯେପରିକି, କର୍ମୀମାନେ ବିଳମ୍ବରେ କେନ୍ଦ୍ର ଖୋଲୁଛନ୍ତି ଓ ଶୀଘ୍ର ବନ୍ଦ କରି ଦେଉଛନ୍ତି। ପ୍ରାକ୍ ବିଦ୍ୟାଳୟ ଉପାସ୍ଥାନ ଖାତାରେ ପିଲାଙ୍କ ସଂଖ୍ୟା ଅଧିକ ଦର୍ଶାଇ ସରକାରୀ ଅର୍ଥ ହଡ଼ପ କରୁଛନ୍ତି। କର୍ମୀ ମାନଙ୍କର ଯୁଗ୍ମ ଜମା ଖାତାକୁ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ଅର୍ଥକୁ ସମ୍ପୂର୍ଣ୍ଣ ବିନିଯୋଗ ନ କରି ଆତ୍ମସାତ କରାଯାଉଛି। ପିଲାଙ୍କ ଓଜନ ଠିକ୍ ସମୟରେ ଓ ଠିକ୍ ଭାବେ ନିଆନଯାଇ ମିଥ୍ୟା ତଥ୍ୟ ସରକାରଙ୍କୁ ପ୍ରଦାନ କରାଯାଉଛି। ପ୍ରାକ୍ ବିଦ୍ୟାଳୟରେ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ପାଠପଢ଼ା ହେଉନାହିଁ। କେନ୍ଦ୍ରରେ ସ୍ୱଚ୍ଛତା ବଜାୟ ରହୁନାହିଁ। ରନ୍ଧନ ପାଇଁ ରିଫାଇନ ତେଲ ବଦଳରେ ନିମ୍ନମାନର ପାମୋଲିନ ତେଲ ବ୍ୟବହାର କରାଯାଉଛି। ଅଣ୍ଡା ସଠିକ ଭାବେ ହିତାଧିକାରୀମାନଙ୍କୁ ଦିଆଯାଉ ନାହିଁ। ପ୍ରାକ୍ ବିଦ୍ୟାଳୟର ପିଲାମାନଙ୍କୁ ୟୁନିଫର୍ମ ଯୋଗାଣରେ ଠିକାଦାରଙ୍କ ସହ ସଲାସୁତୁରା କରି କର୍ମୀ ମାନେ କମିଶନି ନେଉଥିବା ଅଭିଯୋଗ ହେଉଛି। କ୍ଷେତ୍ର ପରିଦର୍ଶିକା କିମ୍ବା ସିଡିପିଓ କ୍ଷେତ୍ର ପରିଦର୍ଶନରେ ଗଲେ ଅଙ୍ଗନବାଡି କର୍ମୀ ମାନଙ୍କ ନେତୃତ୍ୱ ତରଫରୁ ଧମକ ମିଳୁଛି। କେନ୍ଦ୍ରର ଖାତାପତ୍ର ଠିକ ଭାବେ ପୂରଣ କରାଯାଉ ନାହିଁ। ୱାର୍ଡସଭ୍ୟଙ୍କୁ ହାତଗୁଂଜା ଦେଇ କର୍ମୀମାନେ ବ୍ୟାଙ୍କର ଯୁଗ୍ମ ଜମା ଖାତାରୁ ଟଙ୍କା ଉଠାଣ କରି ସିଂହ ଭାଗ ଅର୍ଥ ହଡପ କରୁଛନ୍ତି। କେନ୍ଦ୍ର ଗୁଡିକର ଯାଞ୍ଚ ପାଇଁ ଯାଞ୍ଚ କମିଟି ଓ ମାତୃ ମଙ୍ଗଳ କମିଟି ଥିଲେ ସୁଦ୍ଧା, ଏହି ସବୁ କମିଟି କେବଳ କାଗଜ କଲମରେ ସୀମିତ ରହିଛି। ମୁଷ୍ଟିମେୟ କର୍ମୀ ସେମାନଙ୍କ ନେତୃତ୍ୱ ଦ୍ୱାରା ପରିଚାଳିତ ହେଇ ଉପରିସ୍ଥ ଅଧିକାରୀଙ୍କୁ ବେଖାତିର କରୁଛନ୍ତି। ଉପରିସ୍ଥ ଅଧିକାରୀ ନିୟମିତ କିମ୍ବା ହଠାତ କେନ୍ଦ୍ର ପରିଦର୍ଶନ କଲେ, କର୍ମୀମାନଙ୍କ ନେତୃତ୍ୱମାନେ ଉତକ୍ଷିପ୍ତ ହେଇ ଆକ୍ରୋଶ ମୂଳକ ଭାବେ ସେହି ଅଧିକାରୀଙ୍କ ବିରୋଧରେ ମିଥ୍ୟା ଓ ଭିତ୍ତିହୀନ ଅଭିଯୋଗମାନ ଆଣି ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ସେମାନଙ୍କ ମୁହଁ ବନ୍ଦ କରି ଦିଆଯାଉଛି। ଏହିଭଳି ଘଟଣା ସଦର-୧ ଆସିଡିଏସ ପ୍ରକଳ୍ପର ପୂର୍ବତନ ସିଡିପିଓ ଯୁଥିକାରାଣୀ ରାୟଙ୍କ କ୍ଷେତ୍ରରେ ଘଟିଥିବାର ଅନୁଧ୍ୟାନରୁ ଜଣାଯାଇଛି। ଏହି ସବୁ ଅନିୟମିତତା କରୁଥିବା ଅଙ୍ଗନୱାଡ଼ି କେନ୍ଦ୍ର ଗୁଡିକୁ ଶ୍ରୀମତୀ ରାୟ ନିୟମିତ ପରିଦର୍ଶନ କରିବା ଦ୍ୱାରା କର୍ମୀ ମାନଙ୍କ ନେତୃତ୍ୱ ମାନେ ଉତ୍କ୍ଷିପ୍ତ ହେଇ ସିଡିପିଓଙ୍କ ବିରୁଦ୍ଧରେ ତଥ୍ୟ ବିହୀନ ଓ କପୋଳକଳ୍ପିତ ଅଭିଯୋଗମାନ ଆଣିଥିଲେ। ଯୋଜନା ମୁତାବକ ଏହି ଅଭିଯୋଗ ଗୁଡିକ ଉପରେ ସ୍ଥାନୀୟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଅଭିଯୋଗର ସତ୍ୟାସତ୍ୟ ନ ବୁଝି, ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହେଇ କର୍ମୀମାନଙ୍କ ସପକ୍ଷରେ ଏକ ତଥ୍ୟ ଓ ପ୍ରମାଣ ବିହୀନ ତଦନ୍ତ ରିପୋର୍ଟ ବିଭାଗକୁ ପଠାଇ ଦେଇଥିଲେ। ବିଭାଗ ଏହି ରିପୋର୍ଟକୁ ଉପଯୁକ୍ତ ଭାବେ ତର୍ଜମା ନକରି କିମ୍ବା ଶ୍ରୀମତୀ ରାୟଙ୍କୁ ତାଙ୍କ ନିଜ ପକ୍ଷ ରଖିବାକୁ ସୁଯୋଗ ନ ଦେଇ ନିଲମ୍ବନ କରିଥିଲେ ଏବଂ ତାଙ୍କ ମୁଖ୍ୟାଳୟ ଭୁବନେଶ୍ୱର ଉପଜିଲ୍ଲାପାଳଙ୍କ ଅଫିସରେ ସ୍ଥିର କରିଥିଲେ। ଏହିଭଳି ଜିଲ୍ଲାର ଅଧିକାଂଶ ସୁପରଭାଇଜର ଓ ସିଡିପିଓମାନେ ଅଙ୍ଗନବାଡି କର୍ମୀମାନଙ୍କ ଦ୍ୱାରା ଷଡଯନ୍ତ୍ର ଓ ଆକ୍ରୋଶର ଶିକାର ହେବା ଭୟରେ ନିୟମିତ କେନ୍ଦ୍ର ପରିଦର୍ଶନରେ ଯାଉ ନ ଥିବା ଚର୍ଚ୍ଚା ହେଉଛି।

## ଅସହାୟ ମହିଳାଙ୍କୁ ସହାୟତା ଦେଲେ ଆଦର୍ଶ ଯୁବ ପରିଷଦ

**ସୋର, ୨୪।୧(ସମିସ):** ସୋର ପୌରପାଳିକା ଅନ୍ତର୍ଗତ ଏକ ନମ୍ବର ୱାର୍ଡ ମାଟିଆପଲା ଗ୍ରାମର କରୁଣାକର ପ୍ରଧାନ ଟିବି ରୋଗରେ ଦୀର୍ଘଦିନ ଆକ୍ରାନ୍ତହୋଇ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ଅସହାୟ ପଡ଼ିଛନ୍ତି ଗୌରୀ ପ୍ରଧାନ। ଗୌରୀ ଜଣେ ମାନସିକ ବିକୃତ ମହିଳା ହୋଇଥିବା ବେଳେ ତାଙ୍କର ଚାରୋଟି ସନ୍ତାନ ଅଛନ୍ତି ସେଥିମଧ୍ୟରୁ ୩ ଜଣ ଦିବ୍ୟାଙ୍ଗ। ସ୍ୱାମୀଙ୍କ ମୃତ୍ୟୁ ପରେ ଘରେ ଦୁଇ ଓଳି ପେଟ ଭରି ଖାଇବା ସମ୍ଭବ ହୋଇପାରୁ ନାହିଁ। ସ୍ୱାମୀଙ୍କର ଏକାଦଶାହ କର୍ମ ପାଇଁ ମଧ୍ୟ ଅକ୍ଷମ ଥିବା ଖବରପାଇ ପରିଷଦର ସଦସ୍ୟମାନେ ଏହି ଅସହାୟ ପରିବାର ନିକଟରେ ପହଞ୍ଚି ତାଙ୍କୁ ଆଶ୍ୱାସନା ଦେବା ସହିତ ସ୍ୱାମୀଙ୍କ କ୍ରିୟାକର୍ମ ପାଇଁ ୬ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହ ଏକ ମାସର ରାସନ ସାମଗ୍ରୀ ପ୍ରଦାନ କରିଥିଲେ। ଏଭଳି ଅଭାବଗ୍ରସ୍ତ ଅସହାୟ ପରିବାରକୁ ସହାୟତା ପାଇଁ ପରିଷଦ ତରଫରୁ ସରକାରଙ୍କୁ ନିବେଦନ କରାଯାଇଛି।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



**ଜଳେଶ୍ୱର ବ୍ଲକ, ୨୪।୧ (ସମିସ) :** ଜଳେଶ୍ୱର ବ୍ଲକ ଅନ୍ତର୍ଗତ କ୍ଷୀରୋଦ ପ୍ରସାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୋଟସାହିର ବାର୍ଷିକ କ୍ରୀଡ଼ା ଉତ୍ସବ ୨୦୨୪ ଅନୁଷ୍ଠିତ ହୋଇ ଯାଇଛି। ସହକାରୀ ଶିକ୍ଷକ ବୁଦ୍ଧଦେବ ଜେନାଙ୍କ ମଞ୍ଚ ଆହ୍ୱାନରେ ପ୍ରଥମ ଅଧିବେଶନ ପୂର୍ବାହ୍ନ ୧୦ଘଟିକା ସମୟରେ ଉଦଘାଟନ ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧିର କୁମାର କରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ବ୍ଲକ ଗୋଷ୍ଠୀ ସହ ଶିକ୍ଷାଧିକାରିଣୀ ଜ୍ୟୋସ୍ନାରାଣୀ ପ୍ରଧାନ ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ବ୍ଲକର ପୂର୍ବତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କପିଳେଶ୍ୱର ମହାନ୍ତି, ପରିଚାଳନା କମିଟିର ସଭାପତି ମନୋରଞ୍ଜନ ବେହେରା ଓ ଆଲୁମିନି କମିଟି ସଭାପତି ଉଦ୍ୟୁତ୍ କୁମାର ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଅପରାହ୍ନ ୨ଘଟିକା ସମୟରେ ଉଦଯାପନୀ ସଭାରେ ପ୍ରଧାନ ଶିକ୍ଷକ ସୁଧିର କୁମାର କରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ନୀଳକଣ୍ଠ ଖଣ୍ଡା ଉପସ୍ଥିତ ଥିଲେ।ଛାତ୍ରଛାତ୍ରୀ ମାନଙ୍କ ମୁଖ୍ୟ ଅତିଥି ଭାବେ କପିଳେଶ୍ୱର ମହାନ୍ତି, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଭୂପତି କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ରହି କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ପ୍ରତିବର୍ଷ ବାର୍ଷିକ ଉତ୍ସବରେ ଅବସରପ୍ରାପ୍ତ ଉଦ୍ୟାନବିତ୍ ରଞ୍ଜନ କୁମାର ଦାସ ମହାପାତ୍ର ତାଙ୍କ ପିତାଙ୍କ ସ୍ୱର୍ଗତ ଉମେଶ ଚନ୍ଦ୍ର ଦାସ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ୨୦୨୩/୨୪ ବର୍ଷ ଅଷ୍ଟମ ଶ୍ରେଣୀରେ ଅଧିକ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ନିତ୍ୟାନନ୍ଦ ପରିଡ଼ାଙ୍କୁ ନଗଦ ଆକାରରେ ୨୪୦୦ ଟଙ୍କା ଓ ଦ୍ୱିତୀୟ ସ୍ଥାନ ଅଧିକାର ଛାତ୍ରୀ ଲଭଲି ଦାସଙ୍କୁ ୧୬୦୦ଟଙ୍କା ପ୍ରଦାନ କରିଥିଲେ। ଏହା ସହ ଜାମପୁର ଗ୍ରାମର ଭୀମ ଚରଣ ଜେନା ମେଧାବୀ ହରିଜନ ଛାତ୍ରୀ ଶ୍ରାବଣୀ ମାଝିଙ୍କୁ ୫୦୦ ଟଙ୍କା ଓ ତତସହିତ ଅବସରପ୍ରାପ୍ତ ସହକାରୀ ଶିକ୍ଷକ କାଳି କିଙ୍କର ଦାସ ମହାପାତ୍ର ତାଙ୍କ ପିତା ସ୍କୁଲ ପ୍ରତିଷ୍ଠାତା ସ୍ୱର୍ଗତ ମହେଶ୍ୱର ଦାସ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ଯାଏଁ ୭୦୦ ଟଙ୍କା କରି, ଚତୁର୍ଥ, ପଞ୍ଚମ, ୧୦୦୦ ଟଙ୍କା ଓ ଷଷ୍ଠ, ସପ୍ତମ ଶ୍ରେଣୀ, ୧୫୦୦ଟଙ୍କା ଓ ଅଷ୍ଟମ ଶ୍ରେଣୀର ଛାତ୍ରଙ୍କୁ ୨୦୦୦ଟଙ୍କା ମଞ୍ଚାସିନ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରା ଯାଇଥିଲା।ଶେଷରେ ସହକାରୀ ଶିକ୍ଷକ ନିଶିକାନ୍ତ ପାଣିଗ୍ରାହୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ସାଧାରଣତନ୍ତ୍ର ଦିବସ ପାଇଁ ଶେଷ ହେଲା ଅଭ୍ୟାସ ପରେଡ

# ଭାଗନେବେ ବିଭିନ୍ନ ସ୍କୁଲ, କଲେଜ ସମେତ ୪୫ଟି ଟ୍ରୁପ୍

**ବାଲେଶ୍ୱର, ୨୪।୧(ସମିସ):** ୭୫ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସହରର ରିଜର୍ଭ ପୁଲିସ ପଡ଼ିଆରେ ଅଭ୍ୟାସ ପରେଡ ଶେଷ ହୋଇଛି। ଗତ୨୨ତାରିଖରୁ ଆରମ୍ଭ ହୋଇଥିବା ଏହି ପାରେଡ ଆଜି ରିଜର୍ଭ ପୁଲିସ ପଡ଼ିଆ ଠାରେ ଶେଷ ହୋଇଛି। ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସରେ ବିଶେଷ କରି ବାଲେଶ୍ୱର ରିଜର୍ଭ ପୁଲିସ, ହୋମଗାର୍ଡ ଆଦିଙ୍କ ସମେତ ସହର ଓ ଉପକଣ୍ଠ ଅଞ୍ଚଳର ବିଭିନ୍ନ ସ୍କୁଲ କଲେଜର ଏନସିସି ଓ ଅଣ ଏନସିସି ଏବଂ ପୁଲିସ ବ୍ୟାଣ୍ଡ ଟ୍ରୁପଙ୍କୁ ମିଶାଇ ମୋଟ ୪୫ଟି ଟିମ ଏହି ସାଧାରଣତନ୍ତ୍ର ଦିବସର ଫାଇନାଲ ପରେଡରେ ଅଂଶଗ୍ରହଣ ପାଇଁ ମନୋନିତ ହୋଇଛନ୍ତି। ଏହି ଅଭ୍ୟାସ ପରେଡ ଗତ୨୨, ୨୩, ୨୪ ତାରିଖ ୩ ଦିନ ଧରି ଚାଲିଥିଲା। ଆଜି ସକାଳେ ଏହାର ଚୂଡ଼ାନ୍ତ ରିହଲସାର୍ଲ ଅନୁଷ୍ଠିତ ହୋଇଯାଇଛି। ଏହି ଦିନମାନଙ୍କରେ ହୋଇଥିବା ପ୍ୟାରେଡର ରିହେଲସେଲ ପ୍ୟାରେଡ କମାଣ୍ଡର ବୀରେନ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହାଛଡା ଏହି ଅଭ୍ୟାସ ପ୍ୟାରେଡକୁ ଦ୍ୱିତୀୟ କମାଣ୍ଡର ଜନାର୍ଦ୍ଦନ ନାୟକ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଭବାନୀଶଙ୍କର ଭୂୟାଁଙ୍କ ସମେତ ବିଭାଗର କର୍ମଚାରୀମାନେ ପରିଚାଳନା କରିଥିଲେ। ଚଳିତବର୍ଷ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ପଡ଼ିଆ ସମତୁଲ କରିବା, ପ୍ୟାରେଡ ଟିମକୁ ବିଭିନ୍ନ ସ୍କୁଲରୁ ନେବା ଆଣିବା ଏମିତିକି ନିରାପତା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ଜିଲ୍ଲା ପୁଲିସ ସମେତ ବିଭିନ୍ନ ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଚିଛି। ତେବେ୨୬ ତାରିଖ ସକାଳ ୮ ଟା ୩୦ରେ ସହରର ରିଜର୍ଭ ପୁଲିସ ଲାଇନ ପଡ଼ିଆରେ ଜିଲ୍ଲାସ୍ତରୀୟ ଉତ୍ସବରେ ମୁଖ୍ୟଅତିଥି ଭାବେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭଗର ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ ଓ ସାମୂହିକ ପରେଡର ଅଭିବାଦନ ଗ୍ରହଣ କରିବେ। ପାରେଡ ପରେ ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ବିଶେଷକରି ଏଥିରେ ୫ଟି ସାଂସ୍କୃତିକ ଦଳ ଯୋଗଦେଇ ସେମାନଙ୍କ କଳାପ୍ରଦର୍ଶନ କରିବା ସହ ବିଭିନ୍ନ ବିଭାଗୀୟ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ମଧ୍ୟ ହେବ। ପରେ ମୁଖ୍ୟଅତିଥିଙ୍କ ଦ୍ୱାରା ବିଭିନ୍ନ ବର୍ଗର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଉଲ୍ଲେଖନୀୟ କାର୍ଯ୍ୟ ଦକ୍ଷତା ପାଇଁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଆଦି କାର୍ଯ୍ୟକ୍ରମ ରହିଛି ବୋଲି ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭୂୟାଁ ସୂଚନା ଦେଇଛନ୍ତି।

### ● ଓଲମରା ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

## 'ନୂଆ-ଓ' ଓଡ଼ିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମର ଉଦ୍‌ଯାପନୀ



**ରାଇବଣିଆ, ୨୪।୧(ସମିସ):** ଜଳେଶ୍ୱର ବ୍ଲକ ଓଲମରା ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସ ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧ୍ୟକ୍ଷ ଅମରେନ୍ଦ୍ର ନାଥ ଦତ୍ତ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଇଂରାଜୀ ବିଭାଗର ଅଧ୍ୟାପକ ଦେବବ୍ରତ ପ୍ରଧାନ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଓ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ସହିତ ରାଇବଣିଆ ଦୁର୍ଗ ବିଷୟରେ ଆଲୋଚନା କରିଥିଲେ। ନୋଡାଲ ଅଫିସର ରମାକାନ୍ତ ଦେ ପରିଚାଳନା ଦାୟିତ୍ୱରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ଦର୍ଶନ ଶାସ୍ତ୍ର ବିଭାଗର ଅଧ୍ୟାପକ ମୁରଲୀଧର ମହାନ୍ତି, ଅର୍ଥଶାସ୍ତ୍ର ଅଧ୍ୟାପକ ଦୈତାରୀ ପ୍ରସାଦଦେ, ଇତିହାସ ଅଧ୍ୟାପକ ଜ୍ଞାନେନ୍ଦ୍ର ନାଥ ରଣା ଲାଇବେରିଆନ ମଦନ କୁମାର ନାୟକ କ୍ରୀଡ଼ା ଶିକ୍ଷକ ଧନଞ୍ଜୟ ଦତ୍ତ, କନିଷ୍ଠ କିରାଣି ପ୍ରବୀର୍ ପ୍ରାମାଣିକ, ପିଅନ କବିତା ସେନାପତି, ସନ୍ତୋଷ ପାତ୍ର, କୃଷ୍ଣମୋହନ ଜେନା, ଜୟଦେବ ସେନ, ସେକ ଆବୁନାସାର ପ୍ରମୁଖ। ପରିଶେଷରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଆନୁକୂଲ୍ୟରେ ଓଡ଼ିଆ ସଂସ୍କୃତି ଓ ଭାଷା ସାହିତ୍ୟ ଉପରେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି, ମାନପତ୍ର ଓ ପ୍ରଶଂସାପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ଜାତୀୟ ମତଦାତା ଦିବସ ଆଜି

# ବଢ଼ିଛନ୍ତି ୧୬ ହଜାରରୁ ଅଧିକ ଯୁବ ଭୋଟର

**ବସ୍ତା ବ୍ଲକ, ୨୪।୧ (ସମିସ):** ଗଣତନ୍ତ୍ର ରାଷ୍ଟ୍ରରେ ସରକାର ଗଢ଼ିବା ପାଇଁ ମତଦାନ କରିବା ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର। ୧୮ ବର୍ଷରୁ ଊର୍ଦ୍ଧ୍ୱ ଯୁବ ଭୋଟରଙ୍କୁ ଯୋଡିବା ସହ ସେମାନଙ୍କୁ ମତଦାନ ପାଇ ସଚେତନ କରିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। ପୂର୍ବରୁ ମତଦାନ ସାବ୍ୟସ୍ତ କରି ନିଜ ପସନ୍ଦ ର ପ୍ରତିନିଧି ଙ୍କୁ ଚୟନ ପାଇ ନିର୍ବାଚନରେ ବାଲଟ ପେପର ବ୍ୟବହାର କରାଯାଉଥିଲା। ଏବେ ସାଧାରଣ ନିର୍ବାଚନରେ ଇଲୋକ୍ଟ୍ରୋନିକ୍ସ ଭୋଟିଂ ମେସିନ (ଇଭିଏମ୍) ବ୍ୟବହାର କରାଯାଉଛି। ଯାହା ଭୋଟ ଗଣତି ପାଇଁ ସହଜ ଓ କମ୍ ସମୟ ମଧ୍ୟରେ ଫଳ ପ୍ରକାଶ ପାଇ ପାରୁଛି। ଯୁବ ଭୋଟର କିପରି ଇଭିଏମ୍‌ରେ ଭୋଟ ଦେବେ ସେ ନେଇ ସରକାରଙ୍କ ପକ୍ଷରୁ ସଚେତନତା ରଥ ସମସ୍ତ ପଞ୍ଚାୟତ ବୁଲୁଥିବା ଦେଖିବାକୁ ମିଳିଛି। ନିର୍ବାଚନ ରେ କିପରି ମତଦାନ ହାର ବଢ଼ିବ ସେ ଦିଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଟରଙ୍କୁ ସଚେତନ କରାଯାଇଛି। ଚଳିତ ବର୍ଷ ୧ ତାରିଖ ସୁଦ୍ଧା ବାଲେଶ୍ୱର ଜିଲ୍ଲା ବସ୍ତା ନିର୍ବାଚନ ମଣ୍ଡଳୀରେ ୧୬ ହଜାରରୁ ଅଧିକ ଯୁବ ଭୋଟର ସାମିଲ ହୋଇ ଥିବା ଜଣାପଡ଼ିଛି। ବସ୍ତା ନିର୍ବାଚନ ମଣ୍ଡଳୀ ଓଡ଼ିଶାର ୩୭ ନମ୍ବର ବିଧାନସଭା କ୍ଷେତ୍ର। ୨୦୧୯ ସାଧାରଣ ନିର୍ବାଚନ ରେ ବସ୍ତା ନିର୍ବାଚନ ମଣ୍ଡଳୀ ରେ ମୋଟ ୨ ଲକ୍ଷ ୨୬ ହଜାର ୪୭୩ ଜଣ ଭୋଟର ତାଲିକାରେ ରହିଥିଲେ। ସେମାନଙ୍କ ମଧ୍ୟରେ ୧ ଲକ୍ଷ ୧୬ ହଜାର ୬୦୧ ଜଣ ପୁରୁଷ ଭୋଟର ଥିବା ବେଳେ ୧ ଲକ୍ଷ ୯ ହଜାର ୮୨୯ ଜଣ ମହିଳା ଓ ୭ ଜଣ ଅନ୍ୟାନ୍ୟ ଭୋଟର ରହିଥିଲେ। ଏହି ଭୋଟରମାନେ ୨୪୮ ଟି ମତଦାନ କେନ୍ଦ୍ର ରେ ସେମାନଙ୍କର ମତଦାନ ସାବ୍ୟସ୍ତ କରି ଥିଲେ। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୧ ଜାନୁଆରୀ ୨୦୨୪ ସୁଦ୍ଧା ଏହି ନିର୍ବାଚନ ମଣ୍ଡଳୀରେ ମୋଟ ଭୋଟର ୨ ଲକ୍ଷ ୪୨ ହଜାର ୫୦୩ ଥିବା ବେଳେ ସେଥିମଧ୍ୟରୁ ୧ ଲକ୍ଷ ୨୪ ହଜାର ୮୧୧ ଜଣ ପୁରୁଷ, ୧ ଲକ୍ଷ ୧୭ ହଜାର ୬୮୪ ଜଣ ମହିଳା ଓ ୮ ଜଣ ଅନ୍ୟାନ୍ୟ ଅଛନ୍ତି। ତେବେ ୧୬ ହଜାର ୩୦ ଜଣ ନୂତନ ଭୋଟର ସାମିଲ ହୋଇ ଥିବା ବେଳେ ଦୁଇଟି ନୂତନ ମତଦାନ କେନ୍ଦ୍ର ବୃଦ୍ଧି ପାଇ ୨୫୦ ହୋଇଛି। ବସ୍ତା ବ୍ଲକ ର ୩୧ ଟି ପଞ୍ଚାୟତ ମଧ୍ୟରୁ ୧୭ ଟି ପଞ୍ଚାୟତ ବସ୍ତା ଓ ୧୪ ଟି ପଞ୍ଚାୟତ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ରେ ରହିଛି। ବସ୍ତା ବ୍ଲକରେ ମୋଟ ୧ ଲକ୍ଷ ୪୮ ହଜାର ୮୨୭ ଜଣ ଭୋଟର ଅଛନ୍ତି। ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ବସ୍ତା ବ୍ଲକ ଅନ୍ତର୍ଗତ ୧୪ ଟି ପଞ୍ଚାୟତର ୬୯ ମତଦାନ କେନ୍ଦ୍ର ରେ ୬୮ ହଜାର ୨୭୨ ଜଣ ଭୋଟର ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୩୫ ହଜାର ୧୨୨ ଜଣ ପୁରୁଷ, ୩୩ ହଜାର ୧୪୭ ଜଣ ମହିଳା ଓ ୩ ଜଣ ସମଲିଙ୍ଗି ଭୋଟର ଅଛନ୍ତି। ସେହିପରି ଅନ୍ୟ ୧୭ ଟି ପଞ୍ଚାୟତରେ ୮୭ ମତଦାନ କେନ୍ଦ୍ର ରେ ୮୦ ହଜାର ୫୫୫ ଜଣ ଭୋଟର ମଧ୍ୟରୁ ୪୧ ହଜାର ୩୪୭ ପୁରୁଷ, ୩୯ ହଜାର ୨୦୩ ଜଣ ମହିଳା ଓ ୫ ଜଣ ଅନ୍ୟାନ୍ୟ ଭୋଟର ଅଛନ୍ତି। ସେହିପରି ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଆପାଳ ବ୍ଲକ ରେ ମୋଟ ୧ ଲକ୍ଷ ୬୧ ହଜାର ୯୪୮ ଭୋଟର ମଧ୍ୟରୁ ୮୩ ହଜାର ୪୬୪ ପୁରୁଷ ଓ ୭୮ ହଜାର ୪୮୪ ଜଣ ମହିଳା ଭୋଟର ତାଲିକା ଭୁକ୍ତ ହୋଇଛନ୍ତି। ଆସନ୍ତା ନିର୍ବାଚନରେ ମହତ୍ତ୍ୱପୂର୍ଣ୍ଣ ଭୂମିକାରେ ନୂଆ ଯୁବ ଭୋଟର ରହିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଶାନ୍ତି ଦିବ୍ୟାଙ୍ଗ ସଙ୍ଘର ସପ୍ତମ ବାର୍ଷିକ ଉତ୍ସବ



**ସୋର, ୨୪ ।୧(ସମିସ):** ୧୨୮ ତମ ନେତାଜୀ ଜୟନ୍ତୀରେ ସୋର ନଟାପଡ଼ାସ୍ଥିତ ଶାନ୍ତି ଦିବ୍ୟାଙ୍ଗ ସଙ୍ଘର ସପ୍ତମ ବାର୍ଷିକ ଉତ୍ସବ ପୂଜ୍ୟପୂଜା ସଂସଦ ସେବା ସଙ୍ଗଠନର ସମ୍ପାଦକ ଅଜୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥ ଠଭାବେ ଏଲ୍ଆଇସି ସୋର ଶାଖା ପରିଚାଳକ ପଦ୍ମଲୋଚନ ଦାସ ଯୋଗଦେଇ ଦିବ୍ୟାଙ୍ଗମାନେ ସମାଜରେ ଅବହେଳିତ କିମ୍ବା ଉପେକ୍ଷିତ ନୁହଁନ୍ତି ବୋଲି ମତପୋଷଣ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ନିତ୍ୟାନନ୍ଦ କର ଯୋଗଦେଇ ଦିବ୍ୟାଙ୍ଗମାନେ ହେଉଛନ୍ତି ଭଗବାନଙ୍କ ସନ୍ତାନ, ସରକାର ସହାୟତା ବଳରେ ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହୋଇ ବହୁ ଉଚ୍ଚ ପଦପଦବୀରେ ରହି ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ମତପୋଷଣ କରିଥିଲେ। ଏହି ଅବସରରେ ଏଲ୍ଆଇସି ସୋର ଶାଖା ତରଫରୁ ଦିବ୍ୟାଙ୍ଗ ଭାଇଭଉଣୀ ମାନଙ୍କୁ କମ୍ବଳ ବଣ୍ଟନ ବଣ୍ଟନ କରାଯାଇଥିଲା। ସର୍ବଶେଷରେ ଶାନ୍ତି ଦିବ୍ୟାଙ୍ଗ ଆଶ୍ରମ ସଭାପତି ଅଣାକାର ନାୟକ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରଘୁନାଥ କଲ୍‌ଚୁରାଲ କ୍ଲବର କଳାକାରଙ୍କ ସଫଳତା



**ଶ୍ରଦ୍ଧାପୁର, ୨୪।୧(ସମିସ):** ଭୋଗରାଇ ବ୍ଲକ କାନ୍ଠଥଭଉଁରୀ ପଞ୍ଚାୟତ ରଣସିଂହପୁର ରଘୁନାଥ କାଲଚୁରାଲ କ୍ଲବ ଦ୍ୱାରା ପବିତ୍ର ଭବ୍ୟ ଦିବ୍ୟ ଶ୍ରୀରାମଙ୍କ ପ୍ରତିଷ୍ଠା ଦିବସ ଅବସରରେ କଟକର ସାଂସ୍କୃତିକ ଭବନଠାରେ କଳାକାରମାନଙ୍କ ଦ୍ୱାରା ଏକ ଲଘୁ ନାଟକ ଛାଇ ଆଲୁଅ ମଞ୍ଚସ୍ଥ କରାଯାଇଅଛି। ଭୁବନ ଚନ୍ଦ୍ର ପାତ୍ରଙ୍କ ପ୍ରଯୋଜନା, ଭଗିରଥ ଚାନ୍ଦଙ୍କ ନିର୍ଦ୍ଦେଶନା, ସ୍ୱର ପ୍ରଫୁଲ୍ଲ ବାରିକ ଓ ନୃତ୍ୟ ଦେବସ୍ମିତା ପ୍ରଧାନଙ୍କ ଦ୍ୱାରା ନାଟକ ହୋଇଥିଲା। ନଗେନ୍ଦ୍ର ନାଥ ଦିଣ୍ଡା ହାସ୍ୟ ଅଭିନୟରେ ପ୍ରଥମ ପୁରସ୍କାର, ନାୟକ ଭୂମିକାରେ ଭଗିରଥ ଚାନ୍ଦ ପ୍ରଥମ ପୁରସ୍କାର, ମା' ଭୂମିକାରେ ସୁଭଦ୍ରା ମାଝୀ ପ୍ରଥମ ପୁରସ୍କାର, ଗୌରାଙ୍ଗ ଗିରି, ଶଶିକାନ୍ତ ପ୍ରଧାନ, ଆଶିଷ ପ୍ରଧାନ, କ୍ରିଷ୍ଣା ଜେନା, ବିଜୟ କୁମାର ମହାନ୍ତି, ଲମ୍ବୋଦର ଜେନା ଓ ସୀମା ଅଭିନୟ କରି ସଫଳତା ହାସଲ କରି ଦ୍ୱିତୀୟ ହୋଇଛନ୍ତି। ଏହି ସଫଳତା ପାଇଁ ଆମ ଜିଲ୍ଲା, ବ୍ଲକ, ପଞ୍ଚାୟତ, ଗାଁ ଓ କ୍ଲବର ସମ୍ମାନ, ଗୌରବ ସୃଷ୍ଟି କରିଛନ୍ତି।

### ● ତାରାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

## 'ଉତ୍ତମ ଗୁଣବତ୍ତା ବିଶିଷ୍ଟ ଶିକ୍ଷାୟତନ ମନ୍ଦିର ସଦୃଶ'

ଭୋଗରାଇ, ୨୪।୧ (ସମିସ) : ଅଭିଭାବକ, ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉତ୍ତମ ସମନ୍ୱୟ ହିଁ ଗୋଟିଏ ଶିକ୍ଷାୟତନର ଗୁଣବତ୍ତା ବୃଦ୍ଧି କରେ। ଉତ୍ତମ ଗୁଣବତ୍ତା ବିଶିଷ୍ଟ ଶିକ୍ଷାୟତନ ଏକ ଆଦର୍ଶ ମନ୍ଦିରରେ ପରିଣତ ହୋଇଥାଏ ବୋଲି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ନିମାତପୁର ପଞ୍ଚାୟତ ଅନ୍ତର୍ଗତ ତାରାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମତପ୍ରକାଶ ପାଇଛି। ପ୍ରଧାନ ଶିକ୍ଷକ ମହେଶ୍ୱର ମଣ୍ଡଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ସତ୍ୟଶିବ ଦାସ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ



ଭବିଷ୍ୟତ ପାଇଁ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଜଳେଶ୍ୱର ଦୀନକୃଷ୍ଣ ମହାବିଦ୍ୟାଳୟର ପ୍ରାଧ୍ୟାପକ କେଦାର ନାଥ ମହାନ୍ତି ଯୋଗଦେଇ ଅଭିଭାବକ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁ-ସମନ୍ୱୟ ହିଁ ମନ୍ଦିର ସଦୃଶ ଆଦର୍ଶ ଶିକ୍ଷାନୁଷ୍ଠାନ ଗଢି ତୋଳିବାରେ ସହାୟକ ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉତ୍ସବ କୁମାର କର ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ନିବେଦିତା ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀପତି ସାଁ, ସିଆରସିସି ଅଶୋକ ଦାସ, ନିମାତପୁର ସରପଞ୍ଚ ରାଜେନ୍ଦ୍ର ଦଳେଇ, ପଞ୍ଚାୟତ ସମିତି ସଦସ୍ୟ ଭଗବାନ ରଣା, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରବୀନ୍ଦ୍ର ରଣା, ଅବସରପ୍ରାପ୍ତ ଶିକ୍ଷକ ଦୀପକ ଜେନା ଓ ଅମୂଲ୍ୟ ପଣ୍ଡା, ସମାଜସେବୀ ହରିଶ ପରିଡ଼ା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ସହକାରୀ ଶିକ୍ଷକ ଧନଞ୍ଜୟ ପରିଡ଼ା ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ବିଦ୍ୟାଳୟର ଛାତ୍ରୀ ମାନେ ବେଦପାଠ ଓ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଲୋପାମୁଦ୍ରା ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶିକ୍ଷକ ତପନ ଉପାଧ୍ୟାୟ, ପ୍ରାଣକୃଷ୍ଣ ଦେ, ଅନୁପମ ସାହୁ, ଶକ୍ତିଧର ପରିଡ଼ା ଓ ଶୁଭ୍ରକାନ୍ତ ଜେନା, ଶିକ୍ଷୟିତ୍ରୀ ମନ୍ଦାକିନୀ ଜେନା, ମାମି ସାହୁ, ସବିତା ମଣ୍ଡଳ, ତୁମି ନାୟକ, ବାସନ୍ତୀ ଦଳାଇ, ଗୀତାରାଣୀ ଦାସ, ସୁଶାନ୍ତ ସେଠୀ, ସ୍ୱର୍ଣ୍ଣମୟୀ ରଣା ଓ ଇତିଶ୍ରୀ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ଉପ ସଭାପତି ଅଞ୍ଜଳି ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଗଞ୍ଜେଇ ବିକ୍ରି ଅଭିଯୋଗରେ ଯୁବକ ଗିରଫ

**ତୁରୁମୁଙ୍ଗା, ୨୪ ।୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଅବକାରୀ ବିଭାଗ ପକ୍ଷରୁ ବୁଧବାର ସାହାରପଡ଼ା ବ୍ଲକ ଅଞ୍ଚଳରେ ଚଢ଼ଉ କରାଯାଇ ଦୁବେଇପେଣ୍ଠ ଗ୍ରାମରୁ ଜଣେ ଯୁବକକୁ ଗିରଫକରି କୋର୍ଟ ଚାଲାଣ କରାଯାଇଛି । ଗିରଫ ଯୁବକ ହେଲେ ଭରଦ୍ୱାଜ ଖଟୁଆ (୨୧) ତାଙ୍କ ଠାରୁ ୧ କେଜି ୩ଶହ ଗ୍ରାମ ଗଞ୍ଜେଇ ଜବତ ହୋଇଛି । ଏହି ଚଢ଼ଉ ପାଟଣା ଅବକାରୀ ଅଧିକାରୀ ପ୍ରୀୟମ୍ବିତା ଓଝାଙ୍କ ସହ ସଞ୍ଜିତ କୁମାର ସ୍ୱାଇଁ, ସୁରେଶ ଚନ୍ଦ୍ର ବେହେରା ଓ ସୁନା ରାମ ଟୁଡୁ ପ୍ରମୁଖ ସାମିଲ ଥିଲେ ।

## ଗଦୁଆଁ ବାରାକ୍‌ରେ ଗଜସାଥୀ ତାଲିମ କାର୍ଯ୍ୟକ୍ରମ

**ଆନନ୍ଦପୁର, ୨୪ ।୧(ସମିସ):** ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡର ଗଦୁଆଁ ଆଣ୍ଟିପୋଚିଂ ବାରାକରେ ଦେଓଗାଁ ବନାଞ୍ଚଳସ୍ତରୀୟ ଗଜସାଥୀ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଦେଓଗାଁ ବନଅଧିକାରୀ ଉମାକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ଏସସିଏଫ ଶ୍ରୀକାନ୍ତ ବେହେରା, ବାରିପଦା ଆଞ୍ଚଳିକ ବନ କାର୍ଯ୍ୟାଳୟ ଏସସିଏଫ୍ ନିବେଦିତା ନାଏକ ଯୋଗଦେଇ ଥିଲେ । ଜଙ୍ଗଲରେ ଶିକାରୀମାନଙ୍କ ଅବାଧ ପ୍ରବେଶକୁ ନିଶେଧ କରିବା ସହିତ ହାତୀ ମାନଙ୍କର ଗତିବିଧି ଲକ୍ଷ୍ୟ କରିବା ପାଇଁ ଏହି ଶିବିରରେ ତାଲିମ ଦିଆଯାଇଥିଲା । ବନାଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳରେ ଥିବା ବିଦ୍ୟୁତ ଖୁଣ୍ଟଗୁଡ଼ିକ ଉପରେ ନଜର ରଖିବା ସହିତ ବନ୍ୟଜନ୍ତୁଙ୍କ ଚଲାପଥ ରେ ବାଧା ସୃଷ୍ଟି ନହେବା ପାଇଁ ଆବଶକୀୟ ପଦକ୍ଷେପ ନେବାକୁ ଏହି ଶିବିରରେ କର୍ମଚାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବନପାଳ ଶ୍ୟାମସୁନ୍ଦର ସାହୁ, ମଙ୍ଗୁଲୁ ସା, ବନ କର୍ମଚାରୀ ଧୀରେନ୍ଦ୍ର ପାତ୍ର, ଜ୍ୟୋତି ମାଝୀ, ବନ୍ଦିତା ଦାସ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଓ ଗଜସାଥୀମାନେ ଏହି ଶିବିରରେ ଯୋଗ ଦେଇଥିଲେ ।

## ‘ଜୀବନ ଘାତକ ତମାଖୁ’ ସଚେତନତା କାର୍ଯ୍ୟକ୍ରମ

**ଚମ୍ପୁଆ, ୨୪ ।୧(ସମିସ):** ଚମ୍ପୁଆ ଶିକ୍ଷା ନଗରୀ ସ୍ଥିତ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ବୁଧବାର ଜୀବନ ଘାତକ ତମାଖୁ ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡା. ଉମାକାନ୍ତ ସାହୁ ଏବଂ ଦନ୍ତ ଚିକିତ୍ସକ ଡା. ଚିରଞ୍ଜିବୀ ଚୌଧୁରୀ ଯୋଗଦେଇ ତମାଖୁର ଭୟାଭୟତା ଓ କିଭଳି ଜୀବନ ଘାତକ ତା ଉପରେ ତଥ୍ୟ ଭିତ୍ତିକ ଆଲୋଚନା କରିଥିଲେ । ତମାଖୁ ସେବନ ଦ୍ୱାରା କ୍ୟାନସର, ହାର୍ଟ, ପାକସ୍ଥଳୀ ଫୁସଫୁସ ଓ ମସ୍ତିଷ୍କ ଭୀଷଣ ଭାବରେ କ୍ଷତିଗ୍ରସ୍ତ ହୋଇଥାଏ, ସେ ବିଷୟରେ ସଚେତନ କରାଇଥିଲେ । ଏହି କାରଣରୁ ପ୍ରତିବର୍ଷ ଭାରତରେ ପ୍ରାୟତଃ ୮ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଯାଉଥିବା ସର୍ବେକ୍ଷଣରେ ଜଣାପଡ଼ିଛି ବୋଲି କହିଥିଲେ । ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ବି.କେ.ଭାରତୀ ଉପାଧ୍ୟକ୍ଷ ଅଭିକ ମଣ୍ଡଳ ଏବଂ ଅଫିସ ମ୍ୟାନେଜର ଦୈତାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ତମାଖୁମୁକ୍ତ ସମାଜ ପାଇଁ ପଦଯାତ୍ରା

**ଆନନ୍ଦପୁର, ୨୪ ।୧(ସମିସ):** ସମାଜକୁ ତମାଖୁମୁକ୍ତ କରିବା ପାଇଁ ଆଜି ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଛି । ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ପକ୍ଷରୁ ଆୟୋଜିତ ଏହି ପଦଯାତ୍ରାରେ ଜନାର୍ଦ୍ଦନପୁର ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଖପରାଖାଇ ଯୁବକ ସଂଘର କର୍ମକର୍ତ୍ତା ଓ ସଦସ୍ୟ ଓ ସ୍ଥାନୀୟ ଯୁବଛାତ୍ର ଗୋଷ୍ଠୀ ସାମିଲ ହୋଇଥିଲେ । ଏହି ପଦଯାତ୍ରା ବିଦ୍ୟାଳୟ ପରିସରରୁ ବାହାରି, ଖପରାଖାଇ, ଜନାର୍ଦ୍ଦନପୁର ଶାସନ, ଜଅଁରା, ସୁଡୁସୁଡିଆ ଅଞ୍ଚଳ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲା । ପରେ ଆୟୋଜିତ ସଚେତନତା ଆଲୋଚନାଚକ୍ରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମିଶ୍ର ସଂଯୋଜନା କରିଥିଲେ । ଡାକ୍ତର ପ୍ରକାଶ ଚନ୍ଦ୍ର ଚିନାରା, ଖପରାଖାଇ ଯୁବକସଂଘ ର ସମ୍ପାଦକ ସରିତେନ୍ଦୁ ପାଣିଗ୍ରାହୀ ଯୋଗ ଦେଇ ତମାଖୁ ବର୍ଜନକରି ସୁସ୍ଥ ସମାଜ ଗଠନ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତିରଞ୍ଜନ ମହାପାତ୍ର, ଶେଷନାଗ ମିଶ୍ର, ସୌମ୍ୟରଞ୍ଜନ ମହାପାତ୍ର, ଅବନୀ ମହାପାତ୍ର, ସୁରେନ୍ଦ୍ର ହୋତା, ପ୍ରଭାସ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ସମ୍ବନ୍ଧୀୟ ସଚେତନତା

**କେନ୍ଦୁଝର, ୨୪ ।୧(ସମିସ):** ଜିଲ୍ଲା ଆଇନସେବା ପ୍ରାଧିକରଣ, କେନ୍ଦୁଝର ଆୟୋଜନରେ ସଦର ବ୍ଲକ ସଭାଗୃହଠାରେ ନାଗରିକ ମାନଙ୍କ ପାଇଁ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ସମ୍ବନ୍ଧୀୟ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ଅଶୋକ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପ୍ରାଧିକରଣ ସଚିବ ମାମି ବେହେରା ଆଇନସେବା ପ୍ରାଧିକରଣ ମାଧ୍ୟମରେ କାର୍ଯ୍ୟକାରୀ ବିଭିନ୍ନ କାର୍ଯ୍ୟମାନ ଉଲ୍ଲେଖ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉପଖଣ୍ଡୀୟ ବିଚାରପତି ସୁମିତ୍ରା କୁମାରୀ ଦାସ, ପ୍ରଥମଶ୍ରେଣୀ କନିଷ୍ଠ ବିଚାରପତି ଅମ୍ବିକେଶ ପାଣିଗ୍ରାହୀ, ଶିବାନୀ ମହାପାତ୍ର, ୨ୟ ଶ୍ରେଣୀ କନିଷ୍ଠ ବିଚାରପତି ଆଦ୍ୟାଶା ମିଶ୍ର ମଞ୍ଚାସୀନ ଥିବାବେଳେ ପ୍ରାଧିକରଣ ସଦସ୍ୟ ତଥା ତଦାଶା ସମ୍ପାଦକ ଅକ୍ଷୟ କୁମାର ଚକ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ପାନେଲ ଅଧିବକ୍ତା ସୁନୀଲ କୁମାର ମହାନ୍ତ ଅଭିଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପାନେଲ ଅଧିବକ୍ତା, ପାରା ଆଇନ ସ୍ୱେଚ୍ଛାସେବୀ, ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା, ବ୍ୟାଙ୍କ ମିତ୍ର ଏବଂ ପ୍ରାଧିକରଣର କର୍ମଚାରୀ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଷ୍ଟ୍ରବେରୀ ଚାଷକରି ଚର୍ଚ୍ଚାରେ ୩ ମହିଳା

# ୭୦ କ୍ୱିଣ୍ଟାଲ ଉତ୍ପାଦନ ଲକ୍ଷ୍ୟ

**କେନ୍ଦୁଝର, ୨୪ ।୧(ସମିସ)**





କେନ୍ଦୁଝର ଜିଲ୍ଲାର ମହିଳା ଚାଷୀମାନେ ପନିପରିବା ଚାଷ, ଫଳ ଚାଷ, ମାଣ୍ଡିଆ ଚାଷରେ ବିଶେଷ ସଫଳତା ପାଇସାରିଥିବାବେଳେ ଏବେ ଜିଲ୍ଲାର ତିନିଜଣ ମହିଳା ଚାଷୀ ଷ୍ଟ୍ରବେରୀ ଚାଷକରି ଲକ୍ଷପତି ହେବା ଆଡ଼କୁ ଅଗ୍ରସର ହେଉଛନ୍ତି । ତେଲକୋଇ ବ୍ଲକ ଅଞ୍ଚଳର ତିନିଜଣ ମହିଳାଚାଷୀ ଷ୍ଟ୍ରବେରୀ ଚାଷ କରିଛନ୍ତି । ସେମାନେ ହେଲେ ମମତା ବିଶ୍ୱାଳ, ଇନ୍ଦୁମତୀ ମହାନ୍ତ ଏବଂ ପାର୍ବତୀ ମହାନ୍ତ । ଷ୍ଟ୍ରବେରୀ ଏକ ଦାମୀଫଳ ହୋଇଥିବାବେଳେ କେନ୍ଦୁଝର ଜିଲ୍ଲାର ତେଲକୋଇ ବ୍ଲକ ଅଞ୍ଚଳରେ ଏହି ଚାଷରେ ସଫଳତା ମିଳିବ ବୋଲି ନୂଆ ଆଶା ସଞ୍ଚାର କରିଛି । ପ୍ରଶାସନ ଏବଂ ଜିଲ୍ଲା ଖଣିଜ ପାଣ୍ଠି ସହାୟତାରେ ଏପିସି ପ୍ରକଳ୍ପ ଜରିଆରେ ଉକ୍ତ ମହିଳା ଚାଷୀ ଷ୍ଟ୍ରବେରୀ ଚାଷରୁ ଭଲ ରୋଜଗାର କରିବେ ବୋଲି କୁହାଯାଉଛି । ତେଲକୋଇ ବ୍ଲକର ରାଇସୁଆଁ ପଞ୍ଚାୟତରେ ଥିବା ମାର୍ଗା ଗାଁରେ ୧ ଏକର ଜମିରେ ଏହି ଷ୍ଟ୍ରବେରୀ ଚାଷ କରାଯାଇଥିବା ଜଣାପଡ଼ିଛି । ଏପିସି ପ୍ରକଳ୍ପର କୃଷି ବିଶେଷଜ୍ଞମାନଙ୍କର ମାର୍ଗଦର୍ଶନରେ ଭୁବନେଶ୍ୱରର ଏକ ନର୍ସରୀରୁ ୨୦ ହଜାର ଷ୍ଟ୍ରବେରୀ ଚାରା ଆଣି ମମତା ବିଶ୍ୱାଳ, ଇନ୍ଦୁମତୀ ମହାନ୍ତ ଏବଂ ପାର୍ବତୀ ମହାନ୍ତ ମଲଚିଂ ପଦ୍ଧତିରେ ଏହା ଲଗାଇଛନ୍ତି । ସେ ଅଞ୍ଚଳରେ ଷ୍ଟ୍ରବେରୀ ଚାଷରେ ସଫଳତା ମିଳିବକିନାହିଁ ଆଶଙ୍କା ମଧ୍ୟରେ ସେମାନେ ଏହି ଚାଷ କରିଥିଲେ । ବର୍ତ୍ତମାନରୁ ସେମାନେ ଭଲ ସଫଳତା ପାଇବେ ବୋଲି ଦେଖାଗଲାଣି । ଏବେଠାରୁ ଅମଳ ଆରମ୍ଭ ହେଲାଣି । ଆଗାମୀ ୪/୫ ମାସ ଭିତରେ ଲଗାଇଥିବା ୨୦ ହଜାର ଚାରାରୁ ୬୦/୭୦ କ୍ୱିଣ୍ଟାଲ ଷ୍ଟ୍ରବେରୀ ଅମଳ କରିବେ ବୋଲି ଦେଖାଗଲାଣି । ଏବେ ଗୋଟିଏ ଗଛରେ ୬/୮ଟି ଲେଖାଏଁ ଷ୍ଟ୍ରବେରୀଫଳ ଦେଖାଯାଉଥିବାବେଳେ ଆହୁରୀ ଫଳ ଆସିବାକୁ ଯାଉଛି ।

କିଛିକିଛି ଚାରାରେ ଷ୍ଟ୍ରବେରୀ ନାଲି ହୋଇ ମନଲୋଭା ଦେଖାଗଲାଣି । ପରୀକ୍ଷା ମୂଳକ ଭାବେ ଏହାକୁ ତୋଳା ଯାଇସାରିଥିବାବେଳେ ଲୋକଙ୍କ ମଧ୍ୟରେ ଏହି ଫଳ ଖାଇବାର ଅନେକ ଆଗ୍ରହ ଦେଖାଯାଉଛି । ବର୍ତ୍ତମାନ ଏହାର କେଜି ପ୍ରତି ୨୫୦ରୁ ୩୦୦ ଟଙ୍କା ବୋଲି କୁହାଯାଉଥିବାବେଳେ ଶୀତ ଋତୁ ଯେତିକି ସରିଆସିବ ଏହାର ମୂଲ୍ୟ ମଧ୍ୟ ବଢ଼ିବ ବୋଲି ଆଲୋଚନା ହେଉଛି । ଷ୍ଟ୍ରବେରୀ ଚାଷ କରିବାରେ ସହାୟତା ଯୋଗାଇବା, ରୋଗପୋକ ଦାଉରୁ ଫସଲକୁ ସୁରକ୍ଷା ଦେବା, ପିଓପି ଗାଇଡାନ୍ସ ଆର୍ଥିକ ମାନଦଣ୍ଡ ବୃଦ୍ଧି ହେବାକୁ ଯାଉଛି ।

## ଅଯୋଧ୍ୟାରେ ଶିବେଶ ମିଶ୍ରଙ୍କ ଚିତ୍ରକଳା ମନୋନୀତ






**ଆନନ୍ଦପୁର, ୨୪ ।୧(ସମିସ)**

ଅଯୋଧ୍ୟାରେ ଶ୍ରୀରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ସମାରୋହ ଉପଲକ୍ଷେ ଭବ୍ୟରାମକଥା ଚିତ୍ରକଳା ପ୍ରଦର୍ଶନୀ ପାଇଁ ସୁନ୍ଦର ଚିତ୍ରକଳା ପ୍ରସ୍ତୁତ କରିଥିବା ଆନନ୍ଦପୁର ଅଞ୍ଚଳର କଳା ଶିକ୍ଷକ ଶିବେଶ ଚନ୍ଦ୍ରମିଶ୍ରଙ୍କ ଚିତ୍ରକଳା ମନୋନୀତ ହୋଇଥିବାରୁ କେନ୍ଦୁଝର ଜିଲ୍ଲାର ଚିତ୍ରଶିଳ୍ପୀ ମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଭାରତୀୟ ସ୍ୱଦେଶ ସଂସ୍ଥାନ ପକ୍ଷରୁ ଅଯୋଧ୍ୟାର କଳାଭବନଠାରେ ଶ୍ରୀରାମଚନ୍ଦ୍ର ମହାପ୍ରଭୁଙ୍କ ପ୍ରକଟ ଲୀଳା ଓ ତାଙ୍କ ବୈଶିଷ୍ଟ୍ୟ ଉପରେ ଆଧାରିତ ଚିତ୍ରକଳା ପ୍ରଦର୍ଶନ ପାଇଁ ଏକ ମେଳାର ଆୟୋଜନ କରାଯାଇଛି । ଏଥିରେ ଭାରତବର୍ଷର କୋଣ ଅନୁକୋଣରୁ ଚିତ୍ରଶିଳ୍ପୀମାନେ ନିଜ ନିଜର ପ୍ରସ୍ତୁତ ଚିତ୍ରକଳା ପଠାଇଥିବାବେଳେ ଆନନ୍ଦପୁର ବଡ଼ଦାଣ୍ଡ ଶାସନ ନିବାସୀ ଶିକ୍ଷକ ସ୍ୱର୍ଗତ ଗିରିଶ ଚନ୍ଦ୍ର ମିଶ୍ରଙ୍କ ପୁଅ ସିବେଶଙ୍କ ଚିତ୍ରକଳା ଉକ୍ତ ମୁଖପତ୍ରରେ ସ୍ଥାନ ପାଇଥିବାରୁ ଆନନ୍ଦପୁର ଅଞ୍ଚଳବାସୀ ଉତ୍ସାହିତ ହୋଇଥିବା ଜଣାଯାଇଛି । କଳା ଶିକ୍ଷକ ଶ୍ରୀ ମିଶ୍ର ବର୍ତ୍ତମାନ କେନ୍ଦୁଝର ଡିଏଭି ପବ୍ଲିକ ସ୍କୁଲରେ କଳାଶିକ୍ଷକ ଭାବେ କାର୍ଯ୍ୟରତ ଥିବାବେଳେ ଏପରି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ମିଳୁଥିବା ଜଣାଯାଇଛି ।

## ଆନନ୍ଦପୁରରେ ବିକଶିତ ଭାରତ ସଂକଳ୍ପ ଯାତ୍ରା

**ଆନନ୍ଦପୁର, ୨୪ ।୧(ସମିସ):** ବିକଶିତ ଭାରତ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମ ପାଇଁ ଆନନ୍ଦପୁରରେ ଏକ ସଚେତନତା ସମାରୋହ ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ପୌରପାଳିକା କଲ୍ୟାଣମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ ଅଧ୍ୟକ୍ଷତା କରିଥିଲେ । ପୌରପାଳିକା ଗୋଷ୍ଠୀ ସଂଗଠିକା ରାଜଶ୍ରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ପୌରଅଧ୍ୟକ୍ଷା ରଜନୀରାଣୀ ଖଟୁଆ, ଉପାଧ୍ୟକ୍ଷ ଦୂର୍ଗାଚରଣ ଦଳେଇ ସଂକଳ୍ପ ଯାତ୍ରାର ନୋଡାଲ ଅଧିକାରୀ ପାର୍ଥସାରଥୀ ମଲିକ ଯୋଗ ଦେଇଥିଲେ । ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାର ଡା. ତପନ କୁମାର ପଣ୍ଡା, ସ୍ୱଳ୍ପ ସଞ୍ଚୟ ଅଧିକାରୀ ଲୋପାମୁଦ୍ରା ପଣ୍ଡା, ଉଜ୍ଜ୍ୱଳା ଗ୍ୟାସ ସଂଯୋଜକ ଗୌରାଙ୍ଗ ଚରଣ ବାରିକ ବିଭିନ୍ନ ଜନକଲ୍ୟାଣ ଯୋଜନାର ଉପାଦେୟତା ସମ୍ପର୍କରେ ଟିପଣୀ ଦେଇଥିଲେ । କାର୍ଯ୍ୟକ୍ରମକୁ ପୌରକର୍ମଚାରୀ ସେକ ଆଲାମ, ଆର୍ଯ୍ୟ ଦେବବ୍ରତ ସାମଲ ପରିଚାଳନା କରିଥିବାବେଳେ ସ୍ୱୟଂ ସହାୟିକା ଗୋଷ୍ଠୀ, ଜଳସାଥୀ, ସ୍ୱଚ୍ଛସାଥୀ, ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ ସଦସ୍ୟା ପୁଷ୍ପାରାଣୀ ସିହ୍ନା, ଜୟନ୍ତୀ ଜେନା, ସତ୍ୟଭାମା ସାହୁ, କନକଲତା ସାହୁ, କବିତା ରାଜ, କିରଣବାଳା ମିଶ୍ର, ଅନୁପମା ସାହୁ, ସରୋଜିନୀ ଜେନା, ମିନତୀ ବାରିକ, ଶ୍ରଦ୍ଧାଳି ସାହୁ, ଜଳସାଥୀ ବବିତା ପତି, ମମତା ସିଂ ପ୍ରମୁଖ ସହଯୋଗ କରିଥିଲେ ।




## ସାହାରପଡ଼ା ଫାଣ୍ଡି ଅଧିକାରୀଙ୍କ ବଦଳି

**ତୁରୁମୁଙ୍ଗା, ୨୪ ।୧(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡ଼ା ଫାଣ୍ଡି ଅଧିକାରୀ ଶିବ ଶଙ୍କର ଆଲଦାଙ୍କ ବାମେବାରୀ ଥାନାକୁ ବଦଳି ହୋଇଛି । ଏନେଇ ଜିଲ୍ଲା ପୁଲିସ କାର୍ଯ୍ୟାଳୟରୁ ବୁଧବାର ଚିଠି ନମ୍ବର ୬୪/୨୪ ରେ ନିର୍ଦ୍ଦେଶ ଜାରି ହୋଇଛି । ବୁଧବାର ୮ ଜଣ ସବ୍ ଇନିସ୍ପେକ୍ଟରଙ୍କ ବଦଳି ହୋଇଛି । ଅନ୍ୟପଟେ ଉଭୟ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ସୀମାନ୍ତରେ ଥିବା ସାହାରପଡ଼ା ଫାଣ୍ଡି ଅଧିକାରୀଙ୍କ ବଦଳି ପରେ ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ ।

### ■ ସାଇଁକୁଳ ହିଙ୍ଗୁଳା କପ୍ ଫୁଟବଲ୍

## ଭଞ୍ଜନଗରକୁ ହରାଇ ୟଙ୍ଗ୍ ଉତ୍କଳ କଟକ ବିଜୟୀ

**ଘଷିପୁରା, ୨୪ ।୧(ସମିସ)**

ଘଷିପୁରା ବ୍ଲକ ଅଧୀନ ସାଇଁକୁଳ ହିଙ୍ଗୁଳା ଆଥ୍‌ଲେଟିକ ଆସୋସିଏସନ୍‌ପକ୍ଷରୁ ପତିତପାବନ ମହାବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତହିଙ୍ଗୁଳାକପ୍‌ଫୁଟବଲଟୁର୍ଣ୍ଣାମେଣ୍ଟରେ ଆଜି ଅନୁଷ୍ଠିତ ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ୍‌ରେ ୟଙ୍ଗ ଉତ୍କଳ କଟକ ଭଞ୍ଜନଗର ଗଞ୍ଜାମ ଟିମ୍ କୁ ୪-୧ଗୋଲରେ ପରାସ୍ତ କରି ବିଜୟୀ ହୋଇଛି । ପରିଚାଳନାରେ ରେଫରି ଭାବେ ମାନସ ବିଶ୍ୱାଳ, ରାମଚନ୍ଦ୍ର ବେସ୍ରା, ସୁଶାନ୍ତ ସିଂ, ଗଗନବିହାରୀ ପରିଡ଼ା ସହଯୋଗ କରିଥିଲେ । କ୍ଲବର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ସମ୍ପାଦକ ମାର୍କଣ୍ଡ ସାମଲ, ଶତ୍ରୁଘ୍ନ ବେହେରା, ଗୋପୀନାଥ ସ୍ୱାଇଁ, ବିପିନି ବିହାରୀ ଚକ୍ର, ହିମାଦ୍ରିନାଥ ଜେନା, ନନ୍ଦକିଶୋର ବେହେରା, ବିପିନ ବିହାରୀ ମହାନ୍ତି, ସୁରଥ ପାଢ଼ୀ, ରଙ୍ଗାଧର ସାହୁ, ବିଜୟ ଜେନା, ରବୀନ୍ଦ୍ର ତ୍ରିପାଠୀ, ହାଡିବନ୍ଧୁ ପରିଡ଼ା, ଚୈତନ୍ୟ ଦେହୁରୀ, ପ୍ରଭାକର ପରିଡ଼ା, ଚନ୍ଦ୍ରଶେଖର ବେହେରା, ଆଲୋକ ଦାସ, ଶିବ ମହାରଣା, ଜଗବନ୍ଧୁ ପରିଡ଼ା, ତ୍ରିଲୋଚନ ପରିଡ଼ା, ମାନସ ପରିଡ଼ାଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।



### ମାଟି ଅତଡ଼ା ଧସି ଶ୍ରମିକଙ୍କ ମୃତ୍ୟୁ ଘଟଣା

# ମୃତକଙ୍କ ପରିବାରକୁ ୧୦ ଲକ୍ଷ ଲେଖାଏଁ କ୍ଷତିପୂରଣ ଘୋଷଣା

**ଯୋଡ଼ା, ୨୪ ।୧(ସମିସ)**



ମଙ୍ଗଳବାର ଅପରାହ୍ଣରେ ଯୋଡ଼ା ସହରଦେଇ ଯାଇଥିବା ଫ୍ଲାଏ ଓଭରରେ କମାରଯୋଡ଼ା ତାରିଣୀ ଛକ ନିକଟରେ ଏକ ଡ୍ରେନ ନିର୍ମାଣ ନିମନ୍ତେ ମାଟି ଖୋଳା ସମୟରେ ମାଟି ଅତଡ଼ା ଧସି ୨ଜଣ ଶ୍ରମିକ ଏଥିରେ ପୋତି ହୋଇ ପ୍ରାଣ ହରାଇଥିଲେ । ଏ ନେଇ ଯୋଡ଼ା ସହରରେ ଉତ୍ତେଜନା ଦେଖାଦେଇଥିବା ବେଳେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ନିର୍ଦ୍ଦେଶକ୍ରମେ ଏକ ୪ ଜଣିଆ କମିଟି ଗଠନ କରାଯାଇ ବୁଧବାର ଦିନ କମିଟିର ନିଷ୍ପତ୍ତି କ୍ରମେ ଯୋଡ଼ା ପୌରପାଳିକା ସଭା ଗୃହରେ ପ୍ରତି ମୃତକଙ୍କ ପରିବାରକୁ ଠିକା ସଂସ୍ଥା ଚେଭ୍‌ରକ୍ସ କମ୍ପାନୀ ପକ୍ଷରୁ ୧୦ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହା ସହିତ ୨ଟି ପରିବାରଙ୍କ ନିମନ୍ତେ ୨ ବଖରା ଗୃହ ନିର୍ମାଣ ଏବଂ କମ୍ପାନୀର ଗ୍ରୁପ ବିମା ବାବଦକୁ ବିମା ରାଶି ପ୍ରଦାନ କରାଯିବ ବୋଲି କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି । ଏହି କମିଟିରେ ଚମ୍ପୁଆ ଉପଜିଲ୍ଲାପାଳ ସୁକାନ୍ତ ମାଝୀ, ବଡବିଲ ତହସିଲଦାର ଡି.ଏସ. ଶୁଭଦର୍ଶୀ ଜୋଶୀ, ଯୋଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ଲୋକେଶ ସାହୁ, ନିର୍ବାହୀ ଅଧିକାରୀ ଅଭିଶେକ ପଣ୍ଡା, ଉପନଗରପାଳ ସନ୍ଧ୍ୟା ପାତ୍ର ଏବଂ ୧ନଂ ୱାର୍ଡ କାଉନସିଲର ପ୍ରତିନିଧି ବାବୁଆ ବାନା ପ୍ରମୁଖ ଉପସ୍ଥିତ ରହିଥିଲେ । ଠିକା ସଂସ୍ଥା ଚେଭରକ୍ସ ପକ୍ଷରୁ ସହକାରୀ ସାଧାରଣ ପରିଚାଳକ ସୁଦିପ ମୁଖାର୍ଜୀ ଏବଂ ଇଂଜିନିୟର ସୌମ୍ୟସେଖର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ ।

ରଣାଶାଳ ଠାରୁ ବାମେବାରୀ ଯାଇଥିବା ବିଜୁ ପଟ୍ଟନାୟକ ରାଜ୍ୟପଥ ଉପରେ ରଣାଶାଳ ଠାରୁ ବାଂଶପାଣି ପର୍ଯ୍ୟନ୍ତ ଏକ ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁଛି । ଏହି ଫ୍ଲାଏ ଓଭରର ଉଭୟ ପାର୍ଶ୍ୱରେ ରାସ୍ତା ଏବଂ ଡ୍ରେନ ନିର୍ମାଣ କାର୍ଯ୍ୟ ଚାଲୁଥିବାବେଳେ କମାରଯୋଡ଼ା ନିକଟରେ ଏକ ପାଣି ପାଇପ ଲାଇନକୁ ସାଇଜ କରିବା ନିମନ୍ତେ ୫ଜଣ ଶ୍ରମିକ ଏକ ୧୫ ଫୁଟ ଗର୍ତ୍ତ ମଧ୍ୟରେ ପ୍ରବେଶ କରି କାର୍ଯ୍ୟ କରୁଥିଲେ । ଏହି ସମୟରେ ହଠାତ୍ ମାଟି ଅତଡାଟି ଧସି ଯାଇଥିଲା । ଫଳରେ୨ଜଣଶ୍ରମିକ ଚାପିହୋଇ ମାଟି ତଳେ ରହିଯାଇଥିଲେ । ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେବା ବେଳକୁ ସେମାନଙ୍କର ପ୍ରାଣବାୟୁ ଉଡିଯାଇଥିଲା । ମୃତକ ୨ଜଣ ଶ୍ରମିକ ହେଲେ ଚରଣ ଲୋହାର ଓ ଅର୍ଜ୍ଜୁନ ଲୋହାର । ସେମାନଙ୍କର ଘର ଯୋଡ଼ା ପୌରପାଳିକା ଅଧୀନ ତଳକ ହାଟିଂରେ ବୋଲି ଜଣାପଡ଼ିଛି । ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଏକ କମିଟି ବୁଧବାର ଏହାର ସମାଧାନ କରିଥିବା ଜଣାପଡ଼ିଛି ।

## ‘ନୂଆ ଓ’ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ




**ତୁରୁମୁଙ୍ଗା, ୨୪ ।୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗାସ୍ଥିତ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫ ଦିନ ଧରି ଚାଲିଥିବା ନୂଆ ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱସ୍ଥମା ଗିରିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ତଥା ଲର୍ଡ ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିମ୍ବାଧର ବେହେରା ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବରେ ଜଙ୍ଘିରା ମହାପାଟ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟର ବିଭାଗ ପ୍ରାଧ୍ୟାପକ ଡ. ଲୋକନାଥ ସାହୁ ଯୋଗଦେଇ ଥିଲେ । ମୁଖ୍ୟଅତିଥି ଡ. ବେହେରା ଜଗନ୍ନାଥ ତତ୍ୱ ଏବଂ ତନ୍ତ୍ର ସାହିତ୍ୟ ଉପରେ ଏକ ସାରଗର୍ଭକ ବକ୍ତୃତା ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବରେ ନୂଆ ଓଡ଼ିଶା ଯୁବ ଓଡ଼ିଶାର ସଂଯୋଜକ ପ୍ରାଧ୍ୟାପକ ଯତୀନ୍ଦ୍ର କୁମାର ମିଶ୍ର ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଅଧ୍ୟାପିକା ଅନ୍ନପୂର୍ଣ୍ଣା ମିଶ୍ର, ସୋନାଲିକା ବାରିକ୍, ଅଧ୍ୟାପକ ପ୍ରଭଞ୍ଜନ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ନୋଡାଲ ଅଫିସର ପ୍ରାଧ୍ୟାପକ ମହେଶ କୁମାର କୁମାର ଚାଟାର୍ଜୀ ପରିଚାଳନା କରିଥିବାବେଳେ ଡେମନଷ୍ଟ୍ରେଟର ସୁଧାଂଶୁ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରଣଜୀ ଦଳକୁ ଫେରିଲେ ବିପ୍ଳବ



କଟକ, ୨୪।୧(ସମିସ): ଚଳିତ ରଣଜୀ ଟ୍ରଫିର ୪ର୍ଥ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଆସନ୍ତା ୨୬ରୁ ଆରମ୍ଭ ହେବ। ଟାଙ୍ଗୀସ୍ଥିତ ଡ୍ରିମସ ଗ୍ରାଉଣ୍ଡରେ ଘରୋଇ ଓଡ଼ିଶା ଦଳ ହିମାଚଳପ୍ରଦେଶକୁ ଭେଟିବ। ପ୍ରତିଯୋଗିତାରେ ତିଷ୍ଠି ରହିବା ନିମନ୍ତେ ଓଡ଼ିଶା ପାଇଁ ଏହି ମ୍ୟାଚ୍‌ରେ ପଏଣ୍ଟ ହାସଲ କରିବା ନିହାତି ଜରୁରୀ ହୋଇପଡ଼ିଛି। ତେବେ ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ ଯୋଗୁଁ ଓଡ଼ିଶା ଇତି ମଧ୍ୟରେ ୨ଟି ପରାଜୟର ସମ୍ମୁଖୀନ ହୋଇ ସାରିଛି। ଘରୋଇ ଡ୍ରିମସ ଗ୍ରାଉଣ୍ଡରେ ଅନୁଷ୍ଠିତ ଅନ୍ତିମ ମ୍ୟାଚ୍‌ରେ ସଂଘର୍ଷ କରି ଜମ୍ମୁ ଓ କାଶ୍ମୀରଠାରୁ ହାରିଛି। ଏଣୁ ଦଳର ବ୍ୟାଟିଂ ଲାଇନଅପକୁ ସୁଦୃଢ଼ କରିବାକୁ ଉଦ୍ୟମ କରିଛି ଓଡ଼ିଶା କ୍ରିକେଟ ଆସୋସିଏସନ। ପୂର୍ବତନ ଅଧିନାୟକ ତଥା ଅଭିଜ୍ଞ ଖେଳାଳି ବିପ୍ଳବ ସାମନ୍ତରାୟଙ୍କୁ ରାଜ୍ୟ ରଣଜୀ ଦଳରେ ସାମିଲ କରାଯାଇଛି। ଉଭୟ ବ୍ୟାଟିଂ ଓ ବୋଲିଂର ଦକ୍ଷତା ରଖିଥିବା ବିପ୍ଳବ ଦଳ ପାଇଁ ଉପଯୋଗୀ ହେବେ ବୋଲି ଅନୁମାନ କରାଯାଉଛି। ଏହାଛଡ଼ା ସ୍ୱସ୍ତିକ ସାମଲ ମଧ୍ୟ ଦଳରେ ସାମିଲ ହୋଇଛନ୍ତି। ପୂର୍ବରୁ ଦଳରେ ସ୍ଥାନ ପାଇଥିବା ଅନ୍ୟ ସମସ୍ତ ଖେଳାଳି ଅପରିବର୍ତ୍ତିତ ରହିଛନ୍ତି।

● ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## କିଟ୍ ପୁରୁଷ ରଗ୍‌ବୀ ଦଳର ଯୋଗ୍ୟତା




ଭୁବନେଶ୍ୱର, ୨୪।୧ (ସମିସ): ମୋହାଲିସ୍ଥିତ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ରଗ୍‌ବୀ ଚାମ୍ପିଅନସିପ୍ (ପୁରୁଷ ଓ ମହିଳା) ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପୁରୁଷ-୭ ଇଭେଣ୍ଟ ଫାଇନାଲରେ ଆୟୋଜକ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ନିକଟରୁ ହାରି କିଟ୍ ବିଶ୍ୱବିଦ୍ୟାଳୟ ରନର୍ସଅପ୍ ହୋଇ ରୌପ୍ୟପଦକରେ ସନ୍ତୁଷ୍ଟ ରହିଛି। ଏଥିସହ କିଟ୍ ଦଳ ଆଗାମୀ ୪ର୍ଥ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ସଫଳତା ଲାଗି ସାଂସଦ ଅଚ୍ୟୁତ ସାମନ୍ତ କିଟ୍ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

● ସିକେ ନାଇଡୁ ଟ୍ରଫି ମ୍ୟାଚ୍ ଡ୍ର'

## ତ୍ରିପୁରାକୁ ୩; ଓଡ଼ିଶାକୁ ୧ ପଏଣ୍ଟ

କଟକ, ୨୪।୧(ସମିସ): ଅଗରତାଲାର ପୁଲିସ ଟ୍ରେନିଂ ଏକାଡେମୀ ଗ୍ରାଉଣ୍ଡରେ ଘରୋଇ ତ୍ରିପୁରା ଓ ଓଡ଼ିଶା ମଧ୍ୟରେ ଚାଲିଥିବା ସି.କେ. ନାଇଡୁ ଟ୍ରଫି ଅମୀମାଂସିତ ରହିଛି। ଖରାପ ଆଲୋକ ଯୋଗୁଁ ବୁଧବାର ଅନ୍ତିମ ଦିବସର ଖେଳ ବାଧାପ୍ରାପ୍ତ ହୋଇଥିଲା। ଲଗାତାର ଦୁଇଟି ପରାଜୟ ପରେ ୩ୟ ମ୍ୟାଚ୍‌କୁ ପାଳି ପଛୁଆ ଭିତ୍ତିରେ ଅମୀମାଂସିତ ରଖି ଓଡ଼ିଶା ୧ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ତ୍ରିପୁରା ପାଳି ଅଗ୍ରଣୀ ସହ ୩ ପଏଣ୍ଟ ହାତେଇ ନେଇଛି।

ପ୍ରକାଶଯୋଗ୍ୟ, ୧୦୩ ରନ ପଛୁଆ ରହି ଦ୍ୱିତୀୟ ପାଳି ବ୍ୟାଟିଂ କରୁଥିବା ଓଡ଼ିଶା ମଙ୍ଗଳବାର ଷ୍ଟମ୍ପ ଅପସାରଣ ସୁଦ୍ଧା ଗୋଟିଏ ୱିକେଟ ହରାଇ ୯ ରନ କରିଥିଲା। ରଘୁନାଥ ମଲ୍ଲ ୩ ରନରେ ଆଉଟ ହୋଇଥିବା ବେଳେ ଓମ ଟି ମୁଣ୍ଡେ ୬ ରନ ଏବଂ ଅଭିନବ ନନ୍ଦ ଶୂନରେ ଅପରାଜିତ ଥିଲେ। ବୁଧବାର ଆଉ ୩ ୱିକେଟ ହରାଇ ଓଡ଼ିଶା ୧୪୪ ରନ ସଂଗ୍ରହ କରିଥିବାବେଳେ ମ୍ୟାଚ୍‌କୁ ଡ୍ର ଘୋଷଣା କରାଯାଇଥିଲା। ଓମ ସର୍ବାଧିକ ୪୬ ରନ କରିଥିଲେ। ଓଡ଼ିଶାର ପ୍ରଥମ ପାଳି ୧୨୬ ରନ ଜବାବରେ ତ୍ରିପୁରା ପ୍ରଥମ ପାଳିରେ ସମସ୍ତ ୱିକେଟ ହରାଇ ୨୨୯ ରନ କରିଥିଲା।

● ତମାଣ୍ଡୋ ପ୍ରିମିୟର୍ ଲିଗ୍

## ଆଇଆର୍‌ସିକୁ ହରାଇଲା କୁମାରବସ୍ତ

ଭୁବନେଶ୍ୱର, ୨୪।୧ (ସମିସ): ତମାଣ୍ଡୋ ପ୍ରିମିୟର୍ ଲିଗ୍‌ରେ ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ରାଇଜିଂଷ୍ଟାର୍ କୁମାରବସ୍ତ ୭ ୱିକେଟ୍‌ରେ ସୁଧାନଗର ଆଇଆର୍‌ସି ଭିଲେଜ (ଭୁବନେଶ୍ୱର)କୁ ପରାସ୍ତ କରିଛି। ଏହି ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ଆଇଆର୍‌ସି ଭିଲେଜ ଦଳ ୬ ୱିକେଟ୍‌ରେ ୧୪୪ ରନ କରିଥିଲା। ଦଳ ପକ୍ଷରୁ ସୌରଭ ଦାସ ୩୪ ରନ କରିଥିଲେ। ପ୍ରତିପକ୍ଷ କୁମାରବସ୍ତର ଅସୀମାନନ୍ଦ ଦଳବେହେରା ୩ ଓ ଏମ୍‌ଡି ସୁଲେମାନ ୨ଟି ୱିକେଟ୍ ନେଇଥିଲେ। ଜବାବରେ କୁମାରବସ୍ତ ଉତ୍ତମ ମହାନ୍ତିଙ୍କ ଦ୍ରୁତ ୫୧ ରନ (୨୨ ବଲ) ସହାୟତାରେ ୪୪ ବଲ୍ ଓ ୭ ୱିକେଟ୍ ବଳକା ଥାଇ ସହଜରେ ଲକ୍ଷ୍ୟ ହାସଲ କରିନେଇଥିଲା। ଆୟୋଜକ ତମାଣ୍ଡୋ କ୍ରିକେଟ୍ କ୍ଲବର ଉପସଭାପତି ଅନିରୁଦ୍ଧ ବେହେରା ଅସୀମାନନ୍ଦଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ବାବଦକୁ ଏକ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ମ୍ୟାଚକୁ ଅବିନାଶ ପଟ୍ଟନାୟକ ଓ ରତିକାନ୍ତ ପଟ୍ଟନାୟକ ପରିଚାଳନା କରିଥିଲେ। ଗୁରୁବାର ଇଗଲ୍ ସ୍ପୋର୍ଟିଂ (ମେଣ୍ଢାଶାଳ) ଓ ରାଇଜିଂଷ୍ଟାର୍ (କୁମାରବସ୍ତ) ମଧ୍ୟରେ ଲିଗ୍ ମ୍ୟାଚ୍ ଖେଳାଯିବ।




● ଦ୍ୱିତୀୟ ଅନ୍ ଅଫିସିଆଲ ଟେଷ୍ଟ

## ପ୍ରଥମ ଦିନରେ ଭାରତ-ଏ ପ୍ରଭାବୀ

ଅହମ୍ମଦାବାଦ୍, ୨୪।୧(ଏଜେନ୍ସି): ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ବୁଧବାରଠାରୁ ଭାରତ-ଏ ଓ ଭ୍ରମଣକାରୀ ଇଂଲଣ୍ଡ ଲାୟନ୍ସ ମଧ୍ୟରେ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଏହି ୪ ଦିନିଆ ମ୍ୟାଚ୍‌ରେ ଇଂଲଣ୍ଡ ଟସ୍ ଜିତି ଇଂଲଣ୍ଡ ପ୍ରଥମ ପାଳିରେ ୫୨.୪ ଓଭରରେ ୧୫୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ପ୍ରଥମ ପାଳି ଆରମ୍ଭ କରି ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୩୨ ଓଭରରେ ବିନା କ୍ଷତିରେ ୧୫୦ ରନ ସଂଗ୍ରହ କରି ମାତ୍ର ୨ ରନ ପଛରେ ପଡ଼ିଛି। ଭାରତର ଦୁଇ ଓପନର ଦେବଦତ୍ତ ପଡ଼ିକାଲ ଓ ଅଭିମନ୍ୟୁ ଈଶ୍ୱରନ ଦମ୍‌ଦାର ପ୍ରଦର୍ଶନ କରି ଯଥାକ୍ରମେ ୫୩ ଓ ୯୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି। ଦୁଇ ଓପନର ଅପରାଜିତ ରହିବା ସହ ୧୫୦ ରନର ଅପରାଜିତ ଭାଗୀଦାରି ସ୍ଥାପନ କରି ଇଂଲଣ୍ଡ ବୋଲରଙ୍କୁ ନିରାଶ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ତରଫରୁ ଓଲିଭର ପ୍ରାଇସ୍ ୪୮, ବ୍ରାଇଣ୍ଡନ କାର୍ସ ୩୧ ରନ କରିଥିବା ବେଳେ ବୋଲିଂରେ ଭାରତ ତରଫରୁ ଆକାଶ ଦୀପ ସର୍ବାଧିକ ୪, ଯଶ ଦୟାଲ ଓ ୱାଶିଂଟନ ସୁନ୍ଦର ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ହକି

# ସମ୍ବଲପୁର ଚାମ୍ପିଅନ୍, କିଟ୍ ୪ର୍ଥ

ଭୁବନେଶ୍ୱର, ୨୪।୧ (ସମିସ): ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ଆନୁକୂଲ୍ୟରେ କିଟ୍‌ରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃଜୋନ ମହିଳା ହକି ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗତ ୨୧ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ପୂର୍ବାଞ୍ଚଳର ୨୨ଟି ବିଶ୍ୱବିଦ୍ୟାଳୟର ୪୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ଏଥିରେ ପଏଣ୍ଟ ଆଧାରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଚାମ୍ପିଅନ ହୋଇଛି। ସେହିଭଳି ବୀର ବାହାଦୂର ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ (ଉତ୍ତରପ୍ରଦେଶ), ରାଞ୍ଚି ବିଶ୍ୱବିଦ୍ୟାଳୟ ଓ କିଟ୍ ବିଶ୍ୱବିଦ୍ୟାଳୟ ଯଥାକ୍ରମେ ୨ୟରୁ ୪ର୍ଥ ସ୍ଥାନ ମଧ୍ୟରେ ରହିଛନ୍ତି। ଶ୍ରେଷ୍ଠ-୪ରେ ରହିଥିବା ଏହି ବିଶ୍ୱବିଦ୍ୟାଳୟ ଜାନୁଆରୀ ୨୮ରୁ ପୁଣେରେ ଆରମ୍ଭ ହେବାକୁ ଥିବା ସର୍ବଭାରତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।




ଉଦ୍‌ଯାପନୀ ଉତ୍ସବରେ ବ୍ରିଜ କିଶୋର ପ୍ରସାଦ (ଏଆଇୟୁ ପର୍ଯ୍ୟବେକ୍ଷକ), କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ଲଲାଟେନ୍ଦୁ ମିଶ୍ର ଓ ରଶ୍ମିତା ମହାନ୍ତି ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଜାତୀୟ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିଥିବା ସମସ୍ତ ୪ ବିଶ୍ୱବିଦ୍ୟାଳୟକୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ସାଂସଦ ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

ଉଲ୍ଲେଖଯୋଗ୍ୟ, ସର୍ବଭାରତୀୟ ପ୍ରତିଯୋଗିତାରେ ଦେଶର ୪ଟି ଜୋନ୍ ଯଥା ପୂର୍ବାଞ୍ଚଳ, ପଶ୍ଚିମାଞ୍ଚଳ, ଦକ୍ଷିଣାଞ୍ଚଳ ଓ ଉତ୍ତରାଞ୍ଚଳର ୧୬ଟି ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିବେ।

# ସୂର୍ଯ୍ୟ ବର୍ଷର ଶ୍ରେଷ୍ଠ ଟି-୨୦ କ୍ରିକେଟର




ଦୁବାଇ, ୨୪।୧(ଏଜେନ୍ସି): ୩୬୦ ଡିଗ୍ରୀ ବ୍ୟାଟର ଭାବେ ଜଣାଶୁଣା ଥିବା ଭାରତର ସୂର୍ଯ୍ୟ କୁମାର ଯାଦବ ୨୦୨୩ ବର୍ଷ ପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଶ୍ରେଷ୍ଠ ଟି-୨୦ କ୍ରିକେଟର (ଟି-୨୦ କ୍ରିକେଟର ଅଫ୍ ଦି ଇୟର) ବିବେଚିତ ହୋଇଛନ୍ତି। କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ସେ ଏହି ପୁରସ୍କାର ହାସଲ କରିଛନ୍ତି। ପୂର୍ବରୁ ୨୦୨୨ରେ ମଧ୍ୟ ସେ ଏହି ପୁରସ୍କାର ହାସଲ କରିଥିଲେ। ୨୦୨୩ରେ ସୂର୍ଯ୍ୟ ୧୮ଟି ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳି ୧୭ଟି ପାଳରୁ ୪୮.୮୬ ହାରରେ ଓ ୧୫୫.୯୫ ଷ୍ଟ୍ରାଇକ୍ ରେଟ୍‌ରେ ମୋଟ୍ ୭୩୩ ରନ ସଂଗ୍ରହ କରିଥିଲେ। ଏହି ବର୍ଷ ସେ ଦୁଇଟି ଶତକ ମଧ୍ୟ ହାସଲ କରିଥିଲେ। ସୋମବାର ଆଇସିସି ଟି-୨୦ ଅଫ୍ ଦି ଟିମ୍ ଅଫ୍ ଦି ଇୟର ଘୋଷଣା କରିଥିଲା ଓ ସୂର୍ଯ୍ୟଙ୍କୁ ଅଧିନାୟକ ମନୋନିତ କରିଥିଲା। ସେହିପରି ରଚିନ ରବୀନ୍ଦ୍ର ଶ୍ରେଷ୍ଠ ଉଦୀୟମାନ ଖେଳାଳିଭାବେ ପୁରସ୍କୃତ ହୋଇଛନ୍ତି। ମହିଳା ବିଭାଗରେ ୱେଷ୍ଟଇଣ୍ଡିଜ୍ ଅଧିନାୟିକା ହେଲି ମାଥ୍ୟୁସ୍ ୨୦୨୩ର ଶ୍ରେଷ୍ଠ ମହିଳା କ୍ରିକେଟର ବିବେଚିତ ହୋଇଛନ୍ତି।

## CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB: SCIENCE

**SECTION-A**

1. A substance 'X' is used in white-washing and is obtained by heating limestone in the absence of air. Identify 'X'.
(a) $CaOCl_2$ (b) $Ca(OH)_2$ (c) $CaO$ (d) $CaCO_3$
2. In peas, a pure tall plant is crossed with a pure dwarf plant. The ratio of tall to dwarf in $F_2$ generation will be
(a) 1:3 (b) 2:1 (c) 3:1 (d) 1:1
3. The spinal cord originates from
(a) Cerebrum (b) Cerebellum (c) Pons (d) Medulla
4. A few drops of iodine solution were added to rice water. The solution turned blue black. This indicates that rice water contains
(a) Proteins (b) Fats (c) Starch (d) Glucose
5. The breakdown of pyruvate to give carbon dioxide, water and energy takes place in
(a) Cytoplasm (b) Mitochondria (c) Golgi body (d) Nucleus
6. The plant hormone that inhibits growth
(a) Auxin (b) Gibberellin (c) Cytokinin (d) Abscisic acid
7. In terms of acidic strength, which one of the following is in the correct increasing order?
(a) Water < Acetic acid < Hydrochloric acid
(b) Water < Hydrochloric acid < Acetic acid
(c) Acetic acid < Water < Hydrochloric acid
(d) Hydrochloric acid < Water < Acetic acid
8. Sodium carbonate is a basic salt because it is a salt of a
(a) strong acid and strong base (b) weak acid and weak base
(c) strong acid and weak base (d) weak acid and strong base
9. Which of the following oxide(s) of iron would be obtained on prolonged reaction of iron with steam?
(a) $FeO$ (b) $Fe_2O_3$ (c) $Fe_3O_4$ (d) $Fe_2O_3$ and $Fe_2O_4$
10. Amalgam is an alloy of
(a) Copper and Tin (b) Mercury (c) Lead and Tin (d) Copper and Zinc
11. A current of 1A is drawn by a filament of an electric bulb. The number of electrons passing through a cross section of the filament in 16 seconds is
(a) $10^{20}$ (b) $10^{16}$ (c) $10^{18}$ (d) $10^{23}$
12. The magnetic field lines inside a current carrying solenoid, are
(a) along the axis and are parallel to each other
(b) perpendicular to the axis and equidistance from each other
(c) circular and they do not intersect each other
(d) circular at the ends but they are parallel to the axis inside the solenoid.
13. Which of the following will undergo addition reactions?
(a) $CH_4$ (b) $C_3H_8$ (c) $C_2H_6$ (d) $C_2H_4$
14. The IUPAC name of $CH_3-\underset{CH_3}{\overset{CH_3}{\underset{|}{\overset{|}{C}}}}-CH_2-CH_3$ is
(a) 2-ethyl-2-methyl propane (b) 2, 2-demethyl butane
(c) 1,1,1-trimethyl propane (d) 2, 2-methyl butane
15. In human females, an even that reflects onset of reproductive phase is
(a) Growth of body (b) Menstruation (c) Change in voice (d) Growth of body hair
16. Which statement shows the interaction of an abiotic component with a biotic component?
(a) A grasshopper feeding on a leaf (b) Rain water running down into the lake
(c) An earthworm making the burrow in the soil
(d) A mouse fighting with another mouse for food

**Assertion & Reason:**
(a) Both A and R are true and R is the correct explanation of A.
(b) Both A and R are true but R is not the correct explanation of A.
(c) A is true but R is false.
(d) A is false and R is true.

17. **Assertion(A):** The height of an object is always considered positive.
**Reason(R):** An object is always placed above the principal axis in this upward direction.
18. **Assertion (A):** Highly reactive metals are obtained by electrolytic reduction.
**Reason (R):** In the electrolytic reduction, metal is deposited at the cathode.
19. **Assertion (A):** The opening and closing of stomatal pore is a function of guard cells.
**Reason (R):** Stomatal pores are the site for exchange of gases.
20. **Assertion (A):** A geneticist crossed a pea plant having violet flowers with a pea plant having white flowers. He got all violet flowers in $F_1$ generation.
**Reason (R):** White colour gene is not passed on to the next generation.

**SECTION – B (2 Marks)**

21. (i) List the parts of the human eye that control the amount of light entering into it. Explain how they perform this function.
(ii) Write the function of retina in human eye.
22. (i) Name the reproductive and non-reproductive parts of bread mould (Rhizopus).
(ii) List any two advantages of vegetative propagation.
23. Observe the given figure and answer the questions that follow:




(i) Identify the gas X .
(ii) Write the chemical reaction involved.
(iii) Which type of chemical reaction is taking place?
(iv) is it an exothermic reaction or an endothermic reaction?
24. What are strong and weak acids? In the following list of acids, separate strong acids from weak acids. Hydrochloric acid, citric acid, acetic acid, nitric acid, formic acid, sulphuric acid.

**SECTION-C (3 Marks)**

25. In the following food chain, only 2J of energy was available to the peacocks. How much energy would have been present in Grass? Justify your answer. Grass → Grass Hopper → Frog → Snake → Peacock.
26. Two resistors with resistance 10 Ω and 15 Ω are to be connected to a battery of emf 12 V so as to obtain:
(i) minimum current
(ii) maximum current Describe the mode of connecting the resistances in each case. Calculate the strength of the total current in the circuit in each case.
27. During electrolysis of brine, a gas G is liberated at anode. When this gas G is passed through slaked lime, a compound C is formed, which is used for disinfecting drinking water. (i) Write formula of G and C . (ii) State the chemical equation involved. (iii) What is common name of compound C ? Give its chemical name.
28. Nervous and hormonal systems together perform the function of control and coordination in human beings. Justify this statement with the help of an example.
29. (i) State the relation correlating the electric current flowing in a conductor and the voltage applied across it. Also draw a graph to show this relationship.
(ii) Find the resistance of a conductor if the electric current flowing through it is 0.35 A when the potential difference across it is 1.4 V.

**SECTION-D (5 Marks)**

30. (i) Draw a diagram of human excretory system and label on it the following parts:
(a) Kidney (b) Ureter (c) Urinary bladder (d) Urethra
(ii) Write one main function each of the labelled parts.
31. State reason for the following statements:
(i) Tap water conducts electricity whereas distilled water does not.
(ii) Dry hydrogen chloride gas does not turn blue litmus red whereas dil. HCl does.
(iii) During summer season, a milkman usually adds a very small amount of baking soda to fresh milk.
(iv) For dilution of acid, acid is added to water and not water into acid.
(v) Ammonia is a base but does not contain hydroxyl group.

**SECTION-E (4 Marks)**

32. **Read the given text and answer the following questions:**
The female reproductive system includes the ovaries, fallopian tubes, uterus, vagina and mammary glands. These organs are involved in the production and transportation of gametes and the production of sex hormones. The female reproductive system also facilitates the fertilisation of ova by sperm and supports the development of offspring during pregnancy and infancy.




(i) In which part does:
(a) fertilisation take place
(b) foetus develop
(ii) Which structures in human female are equivalent to the following structures in the male ?
(a) Testes
(b) Vas deferens
In each case say in what respect the structures are equivalent ?
33. **Read the given text and answer the following questions:**
A student was asked to perform an experiment to study the force on a current carrying conductor in a magnetic field. He took a small aluminium rod AB , a strong horse-shoe magnet, some connecting wires, a battery and a switch and connected them as shown. He observed that on passing current, the rod gets displaced. On reversing the direction of current, the direction of displacement also gets reversed. On the basis of your understanding of this phenomenon, answer the following questions:




(i) Why does the rod get displaced on passing current through it?
(ii) State the rule that determines the direction of the force on the conductor AB
(iii) (a) If the U shaped magnet is held vertically and the aluminium rod is suspended horizontally with its end B towards due north, then on passing current through the rod from B to A as shown, in which direction will the rod be displaced?
(b) Name any two devices that use current carrying conductors and magnetic field.

***** *All the Best...*

**ANSWER KEY**

| | | | | | | | | | |
|---|---|---|---|---|---|---|---|---|---|
| 1(c) | 2(d) | 3(d) | 4(c) | 5(b) | 6(d) | 7(a) | 8(d) | 9(c) | 10(b) |
| 11(a) | 12(a) | 13(d) | 14(b) | 15(b) | 16(c) | 17(a) | 18 (b) | 19 (b) | 20 (c) |

ePaper : sakalaepaper.com Twitter : SakalaNews
News Portal : thesakala.in Instagram : sakalanews
Facebook : SakalaNews Youtube : @SakalaNews

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in



## ଆଜିର ରାଶିଫଳ

**ମେଷ:** ଭାବିଥିବା କାମ ପୂରା କରିବେ। ବନ୍ଧୁଙ୍କ ସହଯୋଗ ମିଳିବ। ଆଇନଜୀବୀଙ୍କୁ ଶୁଭଫଳ ମିଳିବ। ନୂଆ କାମ ଆରମ୍ଭ କରିବାକୁ ଇଚ୍ଛା କରିବେ। ଅର୍ଥପ୍ରାପ୍ତି ଯୋଗ ଅଛି। ବରିଷ୍ଠ ଅଧିକାରୀଙ୍କ ସହ ଭେଟ ହେବ।

**ବୃଷ:** ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ। ଅଫିସ୍ କାମ ସୁଚାରୁରୂପେ ତୁଲାଇବେ। ଜୀବନସାଥୀଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଛାତ୍ରଛାତ୍ରୀମାନେ ପଢ଼ାରେ କୃତକାର୍ଯ୍ୟ ହେବେ। ମନ ଖୁସି ରହିବ।

**ମିଥୁନ:** ଅଫିସ୍‌ରେ ନୂଆ ଦାୟିତ୍ୱ ମିଳିବ। ଘର ପାଇଁ ନୂଆ ଜିନିଷ କିଣିବେ। ବ୍ୟବସାୟରେ ଲାଭ ହେବ। ମାର୍କେଟିଂ ସହ ଜଡ଼ିତ ଲୋକଙ୍କୁ ସଫଳତା ମିଳିବ। ନବବିବାହିତା ଦମ୍ପତି ଦୂର ସ୍ଥାନକୁ ବୁଲିବାକୁ ଯିବେ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବାପାମାଆଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବିରୋଧୀ କାମରେ ବାଧା ଦେବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ।

**ସିଂହ:** ଭାଇଭଉଣୀଙ୍କ ସାହାଯ୍ୟ ମିଳିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ସମୟ ପୂର୍ବରୁ କାମ ପୂରା କରିବେ। ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ହେବ। ଜୀବନସାଥୀଙ୍କ ସହ ସୁନ୍ଦର ସମୟ ଅତିବାହିତ କରିବେ।

**କନ୍ୟା:** ଯାତ୍ରାରୁ ଲାଭ ହେବ। କୌଣସି କାର୍ଯ୍ୟକୁ ପୂରା କରିବାରେ ପଡ଼ୋଶୀ ସହାୟତା କରିବେ। ମହିଳାମାନେ କର୍ମଚଞ୍ଚଳ ରହିବେ। ଆଧ୍ୟାତ୍ମିକ ପ୍ରତି ରୁଚି ବଢ଼ିବ। ଦାମ୍ପତ୍ୟ ଜୀବନରେ ଖୁସି ବଜାୟ ରହିବ।

**ତୁଳା:** ଆର୍ଥିକ ସ୍ଥିତି ମଜଭୁତ ହେବ। ପାରିବାରିକ ସମସ୍ୟା ଦେଖା ଦେବ। ଯାନବାହନ ଚାଳନା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ।

**ବିଛା:** ମାନସିକ ଚିନ୍ତା ଦୂର ହେବ। ସମାଜସେବା ଲାଗି ସମ୍ମାନିତ ହେବେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ସମ୍ବନ୍ଧ ମଜଭୁତ ହେବ। ନୂଆ କାମ ଶିଖିବାର ଅବସର ଜୁଟିବ।

**ଧନୁ:** ବ୍ୟବସାୟରେ ଉନ୍ନତି ଘଟିବ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ମନ ପ୍ରସନ୍ନ ରହିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀ ସମ୍ମାନିତ କରିବେ। ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ।

**ମକର:** କାମ ବୋଝ ଅଧିକ ରହିବ। କୋର୍ଟ କଚେରୀ ମାମଲାରେ ସଫଳତା ମିଳିବ। ପରିବାରକୁ ନେଇ କୌଣସି ବଡ଼ ନିଷ୍ପତ୍ତି ନେବେ। କ୍ୟାରିୟରକୁ ଆଗକୁ ନେବା ପାଇଁ ନୂଆ ସୁଯୋଗ ମିଳିବ।

**କୁମ୍ଭ:** ଶୁଭ ଖବର ମିଳିବ। ଘରକୁ ଅତିଥିଙ୍କ ଆଗମନ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ। ମହିଳା ବନ୍ଧୁଙ୍କ ସହଯୋଗ ମିଳିବ।

**ମୀନ:** ସ୍ୱଭାବରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଛାତ୍ରଛାତ୍ରୀମାନେ ଖେଳକୁଦ ଓ ମନୋରଞ୍ଜନରେ ସମୟ ଅତିବାହିତ କରିବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ।

## ଆଜିର ଐତିହ୍ୟ

- ୧୭୫୫: ମସ୍କୋ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୮୮୦: କେଶବ ଚନ୍ଦ୍ର ସେନଙ୍କ ଦ୍ୱାରା ଭାରତୀୟ ବ୍ରାହ୍ମ ସମାଜର ପ୍ରତିଷ୍ଠା।
- ୧୮୮୧: ଆଲେକ୍‌ଜାଣ୍ଡର ଗ୍ରାହମ୍ ବେଲ୍ ଓ ଥମ୍ସ ଆଲ୍‌ଭା ଏଡିସନ୍‌ଙ୍କ ଦ୍ୱାରା ଓରିଏଣ୍ଟାଲ ଟେଲିଫୋନ୍ କମ୍ପାନି ପ୍ରତିଷ୍ଠା।
- ୧୯୮୦: ମଦର ଟେରେସାଙ୍କୁ ଭାରତ ରତ୍ନ ପ୍ରଦାନ।
- ୨୦୦୪- ମହାକାଶଯାନ ଅପର୍ଚୁନିଟି ମଙ୍ଗଳଗ୍ରହରେ ସଫଳତା ପୂର୍ବକ ଅବତରଣ କଲା।



## ଜାତୀୟ ମତଦାତା ଦିବସ

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକଙ୍କ ହାତରେ ସବୁଠାରୁ କ୍ଷମତାଶାଳୀ ଅସ୍ତ୍ର ହେଉଛି ମତଦାନ। ଭାରତ ପରି ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ମତଦାନର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ପ୍ରତି ପାଞ୍ଚ ବର୍ଷରେ ଥରେ ନାଗରିକମାନେ ଏହି ଅସ୍ତ୍ରକୁ ବ୍ୟବହାର କରି ଗଣତନ୍ତ୍ରକୁ ମଜଭୁତ୍ କରିବାରେ ସହାୟକ ହୁଅନ୍ତି। ନିର୍ବାଚନ କମିସନର ପ୍ରତିଷ୍ଠା ଦିବସ ଜାନୁଆରୀ ୨୫ ତାରିଖକୁ ଜାତୀୟ ମତଦାତା ଦିବସ ଭାବେ ପାଳନ କରାଯାଏ । ୨୦୧୧ରେ ପ୍ରଥମ ଥର ପାଇଁ ଜାନୁଆରୀ ୨୫ ତାରିଖକୁ ଜାତୀୟ ମତଦାତା ଦିବସ ଭାବେ ପାଳନ କରାଯିବା ସହ ପ୍ରତ୍ୟେକ ବର୍ଷ ଏହି ଦିନଟିକୁ ଭୋଟରମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି ଦିବସ ପାଳନର ଉଦ୍ଦେଶ୍ୟ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ ସାଧାରଣ ନାଗରିକ ବିଶେଷ କରି ଯୁବବର୍ଗର ଭୋଟରଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା । ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ଘୋଷିତ ହୋଇଥିଲା, ଏହାର ପୂର୍ବଦିନ ଅର୍ଥାତ ଜାନୁଆରୀ ୨୫ତାରିଖ ଦିନ ନିର୍ବାଚନ କମିସନ ପ୍ରତିଷ୍ଠା କରାଯାଇଥିଲା । ଏହାସହ ୨୧ ବର୍ଷରୁ ଅଧିକ ପ୍ରତ୍ୟେକ ନାଗରିକଙ୍କୁ (ଉଭୟ ସ୍ତ୍ରୀ ଓ ପୁରୁଷ) ମତଦାନ ଅଧିକାର ମିଳିଲା । ୧୯୮୮ ମସିହାରେ ସମ୍ବିଧାନ ସଂଶୋଧନ କରାଯାଇ ମତଦାତାଙ୍କ ବୟସ ସୀମା ୨୧ରୁ ୧୮କୁ ଖସାଇ ଦିଆଗଲା । ସ୍ୱାଧୀନ ଭାରତର ପ୍ରଥମ ଭୋଟର୍ ହେଉଛନ୍ତି ହିମାଚଳ ପ୍ରଦେଶର ଶ୍ୟାମ୍ ଶରନ ନେଗୀ। ସ୍ୱାଧୀନତା ପରେ ୧୯୫୧ରେ ହୋଇଥିବା ପ୍ରଥମ ସାଧାରଣ ନିର୍ବାଚନରେ ସେ ପ୍ରଥମେ ଭୋଟ୍ ଦେଇଥିଲେ।

## ଅନିଶ୍ଚିତତାରେ 'ବୈଜୁ ବାୱରା'



ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲୀ ଏବେ ତାଙ୍କ ୱେବ୍‌ସିରିଜ୍ 'ହୀରାମଣ୍ଡି'କୁ ନେଇ ଚର୍ଚ୍ଚାରେ। ଏହାର କିଛି ସିନ୍ ପସନ୍ଦ ନ ଆସିବାରୁ ସଞ୍ଜୟ ଏହାର ସୁଟିଂ ପୁଣି ଥରେ କରିଛନ୍ତି ବୋଲି ଚର୍ଚ୍ଚା ହେଉଛି। ଏଯାବତ୍ ଏହି ସିରିଜ୍ ପ୍ରସ୍ତୁତ ହୋଇନାହିଁ। ଏହି କାରଣରୁ ସଞ୍ଜୟଙ୍କ ଫିଲ୍ମ 'ବୈଜୁ ବାୱରା'କୁ ନେଇ ଅନିଶ୍ଚିତତା ଦେଖାଦେଇଛି। ସଞ୍ଜୟ ଏହି ଫିଲ୍ମର ଘୋଷଣା କରୋନା ମହାମାରୀ ପୂର୍ବରୁ କରିଥିଲେ। ସଙ୍ଗୀତଭିତ୍ତିକ ଏହି ଫିଲ୍ମରେ ଲିଡ୍ ରୋଲରେ ଆଲିଆ ଭଟ୍ଟ ଓ ରଣବୀର ସିଂହ ଦେଖାଯିବେ। ଏକଥା ନିଜେ ସଞ୍ଜୟ କହିଥିଲେ। ଏଥିରେ ଖଳନାୟିକା ଭାବେ ଦୀପିକା ପାଦୁ୍ୟକୋନ୍ ଦେଖାଯାଇ ପାରନ୍ତି ବୋଲି କୁହାଯାଉଥିଲା। ଇତିମଧ୍ୟରେ ତିନି ବର୍ଷ ବିତି ଯାଇଥିଲେ ମଧ୍ୟ ଫିଲ୍ମର ସୁଟିଂ ଆରମ୍ଭ ହୋଇପାରିନାହିଁ। ସଞ୍ଜୟ ଏହି ଫିଲ୍ମ ପାଇଁ ୩୫୦ କୋଟି ବଜେଟ୍ ରଖିଥିବାବେଳେ ବଜେଟ୍ ପାଇଁ ଏହି ଫିଲ୍ମ ଅଟକି ରହିଥିବା ଚର୍ଚ୍ଚା ହେଉଛି। ତେବେ ଫିଲ୍ମ ସମ୍ପର୍କରେ ମାର୍ଚ୍ଚ, ୨୦୨୪ ପରେ ସଞ୍ଜୟ କିଛି ଘୋଷଣା କରିପାରନ୍ତି ବୋଲି କୁହାଯାଉଛି।

## ଓଟରେ ଆସିଲା ବର



ସମ୍ପ୍ରତି ବର କେତେବେଳେ ଘୋଡ଼ାରେ ବସି ଯାଉଛି ତ ଆଉ କେତେବେଳେ ଦାମୀ କାର୍‌ରେ। ପୁଣି କେତେବେଳେ ଖେଳଣା ଗାଡ଼ିରେ ବାହା ହେବାକୁ ଯାଉଥିବା ଘଟଣା ମଧ୍ୟ ସାମ୍ନାକୁ ଆସିଛି। ଏହି କ୍ରମରେ କିଛି ଦିନ ତଳେ ଜଣେ ବର ଦାମୀ ଗାଡ଼ି କିମ୍ବା ଘୋଡ଼ାରେ ନୁହେଁ, ବରଂ ଓଟରେ ବସି ବାହା ହେବାକୁ ଆସିବା ଘଟଣା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ତେବେ ଏଭଳି ଏକ ବିଚିତ୍ର ମାମଲା କେରଳ କନ୍ନୁର ଜିଲ୍ଲାରେ ଦେଖିବାକୁ ମିଳିଛି। ଜାନୁଆରୀ ୧୪ରେ ଭଲପଟ୍ଟନମ୍ ନିବାସୀ ରିସୱାନ୍ ନାମକ ଜଣେ ଯୁବକ ଓଟରେ ବସି ବାହା ହେବାକୁ ବାହାରିଥିଲେ। ତାଙ୍କ ସହ ତାଙ୍କ ପରିବାର ଏବଂ ସାଙ୍ଗସାଥୀ ମିଶାଇ ୨୫ ଜଣ ବରଯାତ୍ରୀରେ ସାମିଲ ଥିଲେ। କେବଳ ସେତିକି ନୁହେଁ, ବାଣବାଜା ରୋଶଣୀରେ ଯେମିତି ବରଯାତ୍ରୀ ଯିବା କଥା ସେମିତି ସବୁ କିଛି ହୋଇଥିଲା। ସେହିପରି ରାସ୍ତାରେ ଓଟରେ ବର ଆସିବା ଘଟଣାକୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍ସୁକତା ଦେଖିବାକୁ ମିଳିଥିଲା। ଗୋଟିଏ ପଟେ ଏଭଳି ଏକ ନିଆରା ଶୋଭାଯାତ୍ରା ପାଇଁ ରିସୱାନ୍‌ଙ୍କ ସମେତ ଅନ୍ୟମାନେ ଖୁସି ଥିବା ବେଳେ ଅନ୍ୟପଟେ ଏହା ପାଇଁ ଟ୍ରାଫିକ୍ ଜାମ୍ ସୃଷ୍ଟି କରିଥିଲା। ଯେଉଁଥିପାଇଁ ସ୍ଥାନୀୟ ଅଞ୍ଚଳର କେତେକ ଲୋକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ୨୬ ଜଣଙ୍କ ନାଁରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଦେଖାଯାଇଛି। ତେବେ ସାମାଜିକ ଗଣମାଧ୍ୟମରେ ଏହାର ଏକ ଭିଡିଓ ଭାଇରାଲ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି।

### ଆଜି ଆସିଥିଲେ

## ସ୍ୱନାମଧନ୍ୟ ଗାୟିକା ଭୁବନେଶ୍ୱରୀ ମିଶ୍ର



'ଏମିତି ରାତି', 'ଟିକି ମୋର ନାଆଟି...' 'ଝୁମିଝୁମି ଯାଉଛି...', 'ଶନିବାର ଦିନ ମୋ ଭାଉଜଙ୍କ ମନ...' ଆଦି ଗୀତ ଗାଇ ଓଡ଼ିଶାର ଘରେ ଘରେ ପରିଚିତ ଥିଲେ ଗାୟିକା ଭୁବନେଶ୍ୱରୀ ମିଶ୍ର। ସେ ଆକାଶବାଣୀ ତଥା ଓଡ଼ିଆ ଫିଲ୍ମ ଜଗତରେ ବେଶ୍ ଜଣାଶୁଣା ଥିଲେ। ଭଜନଠାରୁ ଆଧୁନିକ ଗୀତ ପର୍ଯ୍ୟନ୍ତ ସବୁଠି ତାଙ୍କର ଉପସ୍ଥିତି ରହିଥିଲା। ଭୁବନେଶ୍ୱରୀ ୧୯୫୦ ମସିହା ଆଜିର ଦିନରେ ପୁରୀ ସହରରେ ଜନ୍ମଗ୍ରହଣ କରିଥିଲେ। ପିଲାଟି ଦିନରୁ ସେ ଥିଲେ ନୃତ୍ୟ ଓ ସଙ୍ଗୀତ ଅନୁରାଗୀ। ପାଞ୍ଚ ବର୍ଷ ବୟସରୁ ସେ ସଙ୍ଗୀତ ଶିକ୍ଷା ଗ୍ରହଣ କରିଥିଲେ। ଏଥିପାଇଁ ତାଙ୍କୁ ପାରିବାରିକ ପ୍ରୋତ୍ସାହନ ମିଳିଥିଲା। ସଙ୍ଗୀତ ସହ ସମାନ୍ତରାଳ ଭାବେ ସ୍କୁଲ୍ ଓ କଲେଜ ଶିକ୍ଷା ମଧ୍ୟ କରିଥିଲେ। ୧୯୬୭ ମସିହାରେ ଆକାଶବାଣୀ କଟକ କେନ୍ଦ୍ରରେ ଜଣେ 'ଏ' ଗ୍ରେଡ୍ କଣ୍ଠଶିଳ୍ପୀ ଭାବେ ଯୋଗ ଦେଇଥିଲେ। ଆକାଶବାଣୀର ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ସଜଫୁଲ'ରେ ଏକାଧିକ ମନଛୁଆଁ ଗୀତ ଗାଇ ସେ ଲୋକପ୍ରିୟତା ହାସଲ କରିଥିଲେ। 'କୃଷ୍ଣ ସୁଦାମା' ଫିଲ୍ମରେ ସେ ପ୍ରଥମେ କଣ୍ଠଦାନ କରିଥିଲେ। ସେ ଗାଇଥିବା 'ଜଗତର ନାଥ ଆହେ ଜଗନ୍ନାଥ' ଭଜନଟି ଏବେବି ଅନେକ ଶ୍ରୋତାଙ୍କ ପାଇଁ ଅଭୁଲାସ୍ମୃତି ହୋଇ ରହିଛି। ୧୯୭୯ ଓ ୧୯୮୦ରେ ସେ କ୍ରମାଗତ ଶ୍ରେଷ୍ଠ କଣ୍ଠଶିଳ୍ପୀ ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ୨୦୧୬ ମସିହା ଫେବୃୟାରୀ ୧୯ ତାରିଖରେ ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିଲା।

## ଟ୍ରେଣ୍ଡରେ ଅନାରକଲି

**ଅଧିକାଂଶ ମହିଳାଙ୍କର ଅନାରକଲି ଡ୍ରେସ୍ ଖୁବ୍ ପ୍ରିୟ ହୋଇଥାଏ। କାରଣ ଏହାକୁ ଯେକୌଣସି ସମୟରେ ପିନ୍ଧିଲେ ଭଲ ଲାଗେ। ବର୍ତ୍ତମାନ ସମୟରେ ଏହାର ବିଭିନ୍ନ ଡିଜାଇନ୍ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଉପଲବ୍ଧ। ତେବେ ଏକ ଭିନ୍ନ ଲୁକ୍ ପାଇଁ ଅନାରକଲିର ବିଭିନ୍ନ ଡିଜାଇନ୍‌କୁ ବାଛିପାରିବେ। ସେଭଳି କେତେକ ଡିଜାଇନ୍ ବାବଦରେ ଜାଣି ରଖିବା।**





### ଗୋଟାପଟି ଅନାରକଲି

ବର୍ତ୍ତମାନ ସମୟରେ ଗୋଟାପଟି ଡିଜାଇନ୍‌ର ଅନାରକଲି ଡ୍ରେସ୍ ଟ୍ରେଣ୍ଡରେ ରହିଛି। ଏହି ଅନାରକଲି ସହ ଦୁପଟ୍ଟା ଖୁବ୍ ଆକର୍ଷଣୀୟ ଲାଗେ। ତେବେ ଏହା ଭି-ନେକ୍ ଏବଂ ଥ୍ରି-କ୍ୱାର୍ଟର ଡିଜାଇନ ହୋଇଥିବାରୁ ଏହା ସମସ୍ତ ଅନାରକଲିଠୁ ବାରି ହୋଇପଡ଼େ।ଏହାକୁ ଆଉ ଟିକେ ଷ୍ଟାଇଲିସ୍ କରିବା ପାଇଁ ବଡ଼ ଆକାରର ଝୁମୁକା କାନଫୁଲ ପିନ୍ଧିପାରିବେ।

### ପ୍ରିଣ୍ଟେଡ୍ ଅନାରକଲି

ଅଧିକାଂଶ ମହିଳା ପ୍ରିଣ୍ଟେଡ୍ ଡ୍ରେସ୍ ପସନ୍ଦ କରନ୍ତି। ତେବେ ବର୍ତ୍ତମାନ ସମୟରେ ପ୍ରିଣ୍ଟେଡ୍ ଅନାରକଲି ମଧ୍ୟ ଉପଲବ୍ଧ ହେଲାଣି। ଏହି ଅନାରକଲି ଉଭୟ ସୂତା ଏବଂ ସିଲ୍କର ଅଛି। ଏହି କପଡ଼ା ବି ଖୁବ୍ ଆରାମଦାୟକ। ଏହାକୁ ଯୁବତୀମାନେ ଯେକୌଣସି ଉତ୍ସବରେ ଚାହିଁଲେ ପରିଧାନ କରିପାରିବେ ।

### ଫ୍ରକ୍ ଷ୍ଟାଇଲ୍ ଅନାରକଲି

ସାଧାରଣତଃ ଏପ୍ରକାର ଅନାରକଲି କୁର୍ତ୍ତା ଆଣ୍ଠୁ ପର୍ଯ୍ୟନ୍ତ ରହିଥାଏ।ଏହା ଗୋଲେଇ ଘେରଯୁକ୍ତ ହୋଇଥିବାରୁ ଖୁବ୍ ସୁନ୍ଦର ଦେଖାଯାଏ। ତେଣୁ ଏହି ପ୍ରକାର ଡ୍ରେସ୍ ସହିତ ପ୍ଲାଜୋ କିମ୍ବା ପଞ୍ଜାବୀ ଧୋତି ପ୍ୟାଣ୍ଟ ଖୁବ୍ ସୁନ୍ଦର ମାନିଥାଏ। ଏହା ସହ ଭାରି କାମଯୁକ୍ତ ଓଢ଼ଣୀ ପକାଇଲେ ଡ୍ରେସ୍‌ର ସୁନ୍ଦରତାକୁ ଏହା ଦ୍ୱିଗୁଣିତ କରିଥାଏ।

## ସୁଶ୍ରୀ

## ସଂଘର୍ଷ, ଦୃଢ଼ ମନୋବଳର ପ୍ରତୀକ କୁନ୍ତଳା



**ଜୀବନ ସଂଘର୍ଷମୟ। ହେଲେ ଅନେକ ମଣିଷ ଏହାକୁ ମୁକାବିଲା କରି ନ ପାରି ଭାଙ୍ଗି ପଡ଼ନ୍ତି। ମାତ୍ର ଏ ମାଉସୀ ସମସ୍ତଙ୍କଠୁ ଟିକେ ଭିନ୍ନ। ବୟସ ତାଙ୍କର ପାଖାପାଖି ୭୦ ବର୍ଷ। ନାଁ କୁନ୍ତଳା ରାଉତରାୟ। ଘର ପୁରୀ ସହରର ଜଗନ୍ନାଥ ବସ୍ତିରେ। ଜୀବନର ଅନେକ ଝଡ଼ଝଞ୍ଜା ପରେ ବି ହାର୍ ମାନି ନାହାନ୍ତି କୁନ୍ତଳା ମାଉସୀ। ନିଜେ ଲଢ଼ୁଛନ୍ତି, ବଞ୍ଚିଛନ୍ତି ଏବଂ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି।**

କୁନ୍ତଳା ଜଣେ ଦିବ୍ୟାଙ୍ଗ ଅଟନ୍ତି। ସ୍ୱାମୀ ତାଙ୍କର ଆରପାରିକୁ ଚାଲିଯାଇଛନ୍ତି। ଦିନ ଥିଲା ତାଙ୍କର ଘର ସଂସାର ଠିକ୍ ଚାଲିଥିଲା। କିନ୍ତୁ ଭାଗ୍ୟର ବିଡ଼ମ୍ବନା ତାଙ୍କୁ ସଜେଇ ଦେଲା ଦିବ୍ୟାଙ୍ଗ।ଏମିତି ଏକ ଘଡିସନ୍ଧି ମୁହୂର୍ତ୍ତରେ ତାଙ୍କ ପୁଅ ବି ମାନସିକ ରୋଗରେ ପୀଡ଼ିତ ହୋଇଗଲେ। ୨୦୦୩ ମସିହାରୁ ଆଜି ଯାଏଁ ସେ ପୁଅର ଚିକିତ୍ସା କରୁଛନ୍ତି, ମାତ୍ର କିଛି ସୁଫଳ ମିଳି ନାହିଁ। ତଥାପି ଭାଙ୍ଗି ପଡ଼ି ନାହାନ୍ତି କୁନ୍ତଳା।

ସେ ନିଜସ୍ୱ ଉଦ୍ୟମରେ ପୁରୀ ସମୁଦ୍ରକୂଳରେ ଦେଇଛନ୍ତି ଗୋଟିଏ ଚା' ଦୋକାନ। ଯାହା ତାଙ୍କ ଜୀବନଜୀବିକାର ମାଧ୍ୟମ ସାଜିଛି। ଏଥିରୁ ଯାହା କିଛି ରୋଜଗାର କରନ୍ତି, ସେଥିରେ ସେ ଭୁବନେଶ୍ୱରରେ ନିଜ ପୁଅର ଚିକିତ୍ସା କରୁଛନ୍ତି। ଦିନକୁ ପ୍ରାୟ ସେ ୪୦୦ ଟଙ୍କା ରୋଜଗାର କରନ୍ତି। ସେହିପରି ଟଙ୍କା ଅଭାବ ଯୋଗୁଁ ତାଙ୍କ ପୁଅର ଚିକିତ୍ସା ଓ ପରିବାର ଚଳାଇବାରେ ତାଙ୍କୁ ଅନେକ ଅସୁବିଧାର ସାମ୍ନା କରିବାକୁ ପଡ଼େ ବୋଲି ସେ କହିଛନ୍ତି।

ଦିବ୍ୟାଙ୍ଗ ହୋଇ ବି କେବେ ହାର୍ ମାନି ନାହାନ୍ତି କୁନ୍ତଳା। କେବେ କାହା ସାମ୍ନାରେ ସେ ହାତ ପାତି ନାହାନ୍ତି। ଅନ୍ୟ ସାଧାରଣ ମଣିଷ ପରି ରୋଜଗାର କରି ଜୀବନ ଯୁଦ୍ଧରେ ସେ ବିଜୟୀ ହୋଇଛନ୍ତି। କୁନ୍ତଳା କୁହନ୍ତି, ମଣିଷର ପରିସ୍ଥିତି ଯେତେ ବି ପ୍ରତିକୂଳ ହେଉ ନା କାହିଁକି ସେ ଭାଙ୍ଗିପଡ଼ିବା ଉଚିତ ନୁହେଁ। ନିଜ ଗୋଡ଼ରେ ଠିଆ ହେବା ଦରକାର। ନହେଲେ ଜୀବନ ଜିଇଁ କିଛି ଲାଭ ନାହିଁ।

ରିପୋର୍ଟ - ମାନସ ରଞ୍ଜନ ପ୍ରଧାନ

## ଷ୍ଟିମ୍ ନେବାର ଫାଏଦା



**ମହିଳାମାନେ ନିଜ ତ୍ୱଚାକୁ ନେଇ ଅଧିକ ଯତ୍ନବାନ ଥାନ୍ତି। ସେଥିପାଇଁ ଅନେକ ସମୟରେ ବିଭିନ୍ନ ପ୍ରକାର ପ୍ରସାଧନ ସାମଗ୍ରୀ ମଧ୍ୟ ବ୍ୟବହାର କରିଥାନ୍ତି। ଯଦି ନିଜର ତ୍ୱଚାକୁ ଅଧିକ ସୁନ୍ଦର ଓ ଆକର୍ଷଣୀୟ କରିବାକୁ ଚାହୁଁଛନ୍ତି, ତେବେ ଷ୍ଟିମ୍ ବା ବାମ୍ପ ଏକ ଉତ୍ତମ ବିକଳ୍ପ। ଷ୍ଟିମ୍ ନେବା ଦ୍ୱାରା ମୁହଁରେ ଚମକ ଓ ଉଜ୍ଜ୍ୱଳତା ଆସିଥାଏ। ତେବେ ଷ୍ଟିମ୍ ନେବାର କ'ଣ ଆବଶ୍ୟକତା ରହିଛି, ଆସନ୍ତୁ ଜାଣିବା...**

### ତ୍ୱଚା ସୁସ୍ଥ ରହେ

ତ୍ୱଚାକୁ ପରିଷ୍କାର ରଖିବାରେ ଏହା ଖୁବ୍ ସହାୟକ ହୋଇଥାଏ। ମୁହଁରେ ଗରମ ବାମ୍ପ ଦେବା ପରେ ମୁହଁରୁ ସବୁ ମୃତକୋଷ ସଫା ହୋଇଯାଏ। ଫଳରେ ମୁହଁ ଉଜ୍ଜ୍ୱଳ ଦିଶେ। ସପ୍ତାହକୁ ଦୁଇଥର ଏପରି କରିବା ଦ୍ୱାରା ତ୍ୱଚା ସୁସ୍ଥ ରହିଥାଏ ।

### ବ୍ଲାକ୍‌ହେଡ୍ସ ଦୂର କରେ

ଶୀତଦିନେ ମୁହଁରେ ବ୍ଲାକ୍ ଓ ହ୍ୱାଇଟ୍ ହେଡ୍ସ ସମସ୍ୟା ଅଧିକ ଦେଖିବାକୁ ମିଳିଥାଏ। ତେଣୁ ମୁହଁରେ ୫-୧୦ ମିନିଟ୍ ବାମ୍ପ ଦିଅନ୍ତୁ। ଏହାପରେ ମୁହଁକୁ ସ୍କ୍ରବ୍ କରିବା ଦ୍ୱାରା ବ୍ଲାକହେଡ୍ସ ତ୍ୱଚାରୁ ବାହାରିଯାଏ । ଷ୍ଟିମ୍ ଦ୍ୱାରା ତ୍ୱଚା କୋମଳ ରହେ।

### ମୋ ହାଣ୍ଡିଶାଳରୁ...

## ଭେଜ୍ ଦିୱାନୀ ହାଣ୍ଡି



### ଆବଶ୍ୟକ ସାମଗ୍ରୀ

କଟା ଫୁଲକୋବି- ଏକ କପ୍, କଟା ବିନ୍ସ- ଏକ କପ୍, କଟା ଗାଜର- ଏକ କପ୍, କଟା କ୍ୟାପ୍‌ସିକମ୍- ଏକ କପ୍,କଟା ପିଆଜ-ଏକ କପ୍, ଟମାଟୋ ପେଷ୍ଟ-ଅଧା କପ୍, ଅଦା ରସୁଣ ପେଷ୍ଟ-ଏକ ଚାମଚ, ଗୋଟାକାଜୁ- ଅଧା କପ୍, ରୋଜ୍ ୱାଟର- ଏକ ଚାମଚ, ତେଜପତ୍ର- ଦୁଇଟି, ଧନିଆ ପତ୍ର- ଅଳ୍ପ କିଛି, କଞ୍ଚାଲଙ୍କା-ଦୁଇଟି, ଜୀରା- ଅଧା ଚାମଚ,ଗୋଟା ଗରମ ମସଲା- ଅଳ୍ପ କିଛି, ହଳଦୀ ଗୁଣ୍ଡ- ଅଧା ଚାମଚ, ଲଙ୍କା ଗୁଣ୍ଡ-ଅଧା ଚାମଚ, କସୁରି ମେଥି-ଅଧା ଚାମଚ, ଗରମ ମସଲା-ଅଧା ଚାମଚ, ଧନିଆ ଗୁଣ୍ଡ-ଅଧା ଚାମଚ, ତେଲ- ଆବଶ୍ୟକତା ଅନୁସାରେ, ଲୁଣ-ସ୍ୱାଦାନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ଚୁଲିରେ କଡ଼ାଇ ବସାଇ ତେଲ ଦିଅନ୍ତୁ । ସେଥିରେ କଟା ପିଆଜ ପକାଇ ଏହାକୁ ନାଲି ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପିଆଜ ଭାଜି ହୋଇଯିବା ପରେ ଏହାକୁ କାଢ଼ି ସେଥିରେ କିଛି କାଜୁ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ପରେ ଆଉ ଏକ ପ୍ୟାନ୍ ବସାଇ ସେଥିରେ କିଛି ତେଲ ଦିଅନ୍ତୁ। ସେହି ପ୍ୟାନ୍‌ରେ କଟା ଫୁଲକୋବି,ବିନ୍ସ ଓ ଗାଜର ପକାଇ ହାଲୁକା ଭାଜନ୍ତୁ । ଏସବୁ ଭାଜି ହୋଇଗଲା ପରେ ଗୋଟିଏ ପ୍ଲେଟ୍‌କୁ କାଢ଼ି ରଖନ୍ତୁ। ସେହି ପ୍ୟାନ୍‌ରେ ଅଳ୍ପ ସୋରିଷ ତେଲ ଦିଅନ୍ତୁ। ସେଥିରେ ଜୀରା, ଗୋଟା ଗରମ ମସଲା, ତେଜପତ୍ର ଓ ଅଦାରସୁଣ ପେଷ୍ଟ ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ। ମସଲା ଭାଜି ହୋଇଯିବା ପରେ ସେଥିରେ ଟମୋଟୋ ପେଷ୍ଟ,କଟା କଞ୍ଚାଲଙ୍କା, ପିଆଜ ଓ କାଜୁ ପେଷ୍ଟ ପକାଇ କଷନ୍ତୁ। ଏହାପରେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଜୀରା ଗୁଣ୍ଡ, ଓ ଲୁଣ ପକାଇ ଭଲ ଭାବେ କଷନ୍ତୁ। ମସଲା ଭଲରେ କଷି ହୋଇଯିବା ପରେ ସେଥିରେ ଭଜା ପରିବା ସବୁ ପକାନ୍ତୁ। ଏଥି ସହିତ ଗୋଟା କାଜୁ ଓ କ୍ୟାପ୍‌ସିକମ୍ ପକାଇ ଏସବୁକୁ ଭଲଭାବେ ଭାଜନ୍ତୁ । ଏହା ପରେ ଏଥିରେ ଆବଶ୍ୟକତାନୁସାରେ ପାଣି ଦେଇ ୧୦ ମିନିଟ୍ ପର୍ଯ୍ୟନ୍ତ ଢ଼ାଙ୍କୁଣୀ ଘୋଡ଼ାଇ ଦିଅନ୍ତୁ। କିଛି ସମୟ ପରେ ଗ୍ରେଭି ବହଳିଆ ହୋଇଯିବା ପରେ ସେଥିରେ ଗରମ ମସଲା, ଧନିଆ ପତ୍ର, କସୁରି ମେଥି ଓ ରୋଜ୍ ୱାଟର ମିଶାନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା 'ଭେଜ୍ ଦିୱାନୀ ହାଣ୍ଡି' ।



ପ୍ରଜ୍ଞା ପରମିତା ଧଳ

ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍ ଆଜିଠାରୁ

# ୯୨ ବର୍ଷରେ ୧୩୧ ମ୍ୟାଚ୍, ୩୫ ସିରିଜ୍

ହାଇଦରାବାଦ, ୨୪।୧ (ଏଜେନ୍ସି): ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ହାଇଦରାବାଦ୍‌ରେ ଗୁରୁବାରଠାରୁ ଆରମ୍ଭ ହେବ। ବିଶ୍ୱ କ୍ରିକେଟରେ ଦୁଇ ଶକ୍ତିଶାଳୀ ଦଳ ମଧ୍ୟରେ ଭାରତର ସ୍ୱାଧୀନତା ପୂର୍ବରୁ ଦ୍ୱିପାକ୍ଷିକ ଟେଷ୍ଟ ସିରିଜ୍ ଆୟୋଜିତ ହୋଇଆସୁଛି। ୧୯୩୨ରେ ଦୁଇ ଦେଶ ମଧ୍ୟରେ ଆରମ୍ଭ ହୋଇଥିଲା ପ୍ରଥମଟେଷ୍ଟ ମ୍ୟାଚ୍। ଏହା ମଧ୍ୟରେ ଏହି ଟେଷ୍ଟ ମୁକାବିଲା ୯୨ ବର୍ଷରେ ପହଞ୍ଚିଛି। ଏହି ୯ ଦଶନ୍ଧିରେ ଉଭୟ ଦଳ ୧୩୧ଟି ଟେଷ୍ଟରେ ମୁକାବିଲା କରିଛନ୍ତି। ତାହା ମଧ୍ୟରୁ ଇଂଲଣ୍ଡ ୫୦ଟିରେ ଓ ଭାରତ ୩୧ଟିରେ ବିଜୟୀ ହୋଇଛି। ଏବେ ଘରୋଇ ମାଟିରେ ୫ଟି ଟେଷ୍ଟ ଖେଳାଯିବାକୁ ଥିବାରୁ ଭାରତର ବିଜୟ ବ୍ୟବଧାନ ବଢ଼ିବ ବୋଲି ଆଶା କରାଯାଉଛି।

ଭାରତ ଓ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ମୁକାବିଲା ଅନେକ ଦିନର। ଉଭୟ ଦେଶ ୧୯୩୨ରେ ପ୍ରଥମ ଦ୍ୱିପାକ୍ଷିକ ଟେଷ୍ଟ ସିରିଜ୍‌ରେ ଅବତୀର୍ଣ୍ଣ ହୋଇଥିଲେ। ଏଠାରେ ଭାରତ ପରାଜୟରୁ ସିରିଜ୍ ଆରମ୍ଭ କରିଥିଲା। ଏହା ମଧ୍ୟରେ ଦ୍ୱିପାକ୍ଷିକ ଟେଷ୍ଟ ସିରିଜ୍‌ରେ ଉଭୟ ଦଳ ୧୩୧ଥର ପରସ୍ପର ସହ ଭେଟାଭେଟି ହୋଇଛନ୍ତି। ଏହା ମଧ୍ୟରୁ ଇଂଲଣ୍ଡ ୫୦ଟିରେ ଜିତି ପ୍ରାଧାନ୍ୟ ବିସ୍ତାର କରିଥିଲାବେଳେ ଭାରତ ମାତ୍ର ୩୧ଟିରେ ବିଜୟୀ ହୋଇଛି। ଏହି ୧୩୧ଟି ଟେଷ୍ଟ ମଧ୍ୟରୁ ଇଂଲଣ୍ଡରେ ୬୭ଟି ଓ ଭାରତରେ ୬୪ଟି ମ୍ୟାଚ୍ ଖେଳାଯାଇଛି। ଇଂଲଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଘରୋଇ ଦଳ ୩୬ଟିରେ ବିଜୟୀ ହୋଇଥିଲାବେଳେ ଭ୍ରମଣକାରୀ ଭାରତ ମାତ୍ର ୯ଟି ଟେଷ୍ଟ ଜିତିଛି। କିନ୍ତୁ ଭାରତରେ ଖେଳାଯାଇଥିବା ୬୪ଟି ଟେଷ୍ଟ ମଧ୍ୟରୁ ଘରୋଇ ଦଳ ୨୨ଟିରେ ଓ ଭ୍ରମଣକାରୀ ଇଂଲଣ୍ଡ ଦଳ ୧୪ଟି ଟେଷ୍ଟରେ ବିଜୟୀ ହୋଇଛି।

ସେହିପରି ଦୁଇ ଦେଶ ମଧ୍ୟରେ ଖେଳାଯାଇଥିବା ସିରିଜ୍‌ରେ ମଧ୍ୟ ଇଂଲଣ୍ଡ ଆଗୁଆ ରହିଛି। ଏଯାଏ ଦ୍ୱିପାକ୍ଷିକ ୩୫ଟି ସିରିଜ୍ ଖେଳାଯାଇଥିଲାବେଳେ ଇଂଲଣ୍ଡ ୧୯ଟିରେ ଓ ଭାରତ ୧୧ଟିରେ ବିଜୟୀ ହୋଇଛି। ଅବଶିଷ୍ଟ ୫ଟି ସିରିଜ୍ ଫଇସଲା ହୋଇପାରି ନାହିଁ। ଘରୋଇ ମାଟିରେ ଖେଳାଯାଇଥିବା ସିରିଜ୍‌ରେ ମଧ୍ୟ ଆୟୋଜକ ଦଳ ଆଗରେ ରହିବା ସ୍ୱାଭାବିକ। କିନ୍ତୁ ଭାରତରେ ଏଯାଏ ଖେଳାଯାଇଥିବା ୧୬ଟି ସିରିଜ୍ ମଧ୍ୟରୁ ଘରୋଇ ଦଳ ୮ଟିରେ ଜିତି ପ୍ରାଧାନ୍ୟ ବିସ୍ତାର କରିଛି। ଇଂଲଣ୍ଡ ୫ଟି ସିରିଜ୍ ଜିତିଥିଲାବେଳେ ଅନ୍ୟ ଗୁଡିକର ହାରଜିତ ଫଇସଲା ହୋଇପାରି ନାହିଁ।

### ସର୍ବାଧିକ/ସର୍ବନିମ୍ନ ଦଳଗତ ସ୍କୋର

ସର୍ବାଧିକ ଦଳଗତ ସ୍କୋରର ରେକର୍ଡ ଭାରତ ନାମରେ ରହିଛି। ୨୦୧୬ ଚେନ୍ନାଇ ଟେଷ୍ଟରେ ୭ଓ୍ୱିକେଟ ହରାଇ ୭୫୯ ରନ୍ କରି ପାଳି ସମାପ୍ତି ଘୋଷଣା କରିଥିଲା। ଏହି ସ୍କୋର ଏଯାଏ ସର୍ବାଧିକ ହୋଇ ରହିଛି। ୨୦୧୧ରେ ଇଂଲଣ୍ଡ ଏଜ୍‌ବାଷ୍ଟନ ଟେଷ୍ଟରେ ୯ ଓ୍ୱିକେଟରେ ୭୧୦ ରନ୍ କରି ପାଳି ଘୋଷଣା କରିବା ସହ ଦ୍ୱିତୀୟ ସର୍ବାଧିକ ସ୍କୋର ସଂଗ୍ରହ କରିବାରେ ସମର୍ଥ ହୋଇଛି।

ସର୍ବନିମ୍ନ ଦଳଗତ ସ୍କୋର ଭାରତ ନାମରେ ରହିଛି। ୧୯୭୪ ଲର୍ଡ୍ସ ଟେଷ୍ଟରେ ଭାରତ ମାତ୍ର ୪୨ ରନ୍‌ରେ ଅଲଆଉଟ ହୋଇ ଏହି ରେକର୍ଡର ଅଧିକାରୀ ହୋଇପାରିଛି। ସେହିପରି ୨୦୨୨ରେ ଇଂଲଣ୍ଡ ଅହମ୍ମଦାବାଦ୍ ଟେଷ୍ଟରେ ମାତ୍ର ୮୧ ରନ୍‌ରେ ଅଲଆଉଟ ହୋଇ ସର୍ବନିମ୍ନ ଦଳଗତ ସ୍କୋର କରିଛି।

### ସର୍ବବୃହତ୍/ସର୍ବନିମ୍ନ ବିଜୟ

ଭାରତ ବିପକ୍ଷରେ ୧୯୭୪ ଲର୍ଡ୍ସ ଟେଷ୍ଟରେ ଇଂଲଣ୍ଡ ପାଳି ଓ ୨୮୫ ରନରେ ବିଜୟ ହାସଲ କରି ସର୍ବବୃହତ୍ ବିଜୟର ରେକର୍ଡ କରିଛି। ୨୮ ରନ୍‌ରେ ଭାରତ ଜିତିବା ସହ ସର୍ବନିମ୍ନ ରନ୍ ବ୍ୟବଧାନରେ ବିଜୟୀ ହେବାର ରେକର୍ଡ କରିଛି। ୧୯୭୨ ସିରିଜ୍‌ରେ ଏହି ରେକର୍ଡ ହୋଇଥିଲା।

### ସଚିନ- ୨୫୩୫; ରୁଟ୍- ୨୫୨୬

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଭାରତ ପକ୍ଷରୁ ସଚିନ ତେନ୍ଦୁଲକର ସର୍ବାଧିକ ୨୫୩୫ ରନ୍ କରି ପ୍ରଥମ ସ୍ଥାନରେ ରହିଛନ୍ତି। ସେ ୩୨ ମ୍ୟାଚ୍ ଖେଳି ୭ ଶତକ ଓ ୧୩ ଅର୍ଦ୍ଧଶତକ ହାସଲ କରିଛନ୍ତି। ତାଙ୍କ ପଛରେ ଅଛନ୍ତି ଇଂଲଣ୍ଡର ଜୋ ରୁଟ୍। ସେ ୨୫ ମ୍ୟାଚ୍ ଖେଳି ୯ ଶତକ ଓ ୧୦ ଅର୍ଦ୍ଧଶତକ ସହ ୨୫୨୬ ରନ୍ କରିଛନ୍ତି। ଅପରପକ୍ଷରେ ଗୋଟିଏ ସିରିଜରେ ସର୍ବାଧିକ ରନ ଗ୍ରାହାମ ଗୁଚ୍‌ଙ୍କ ନାମରେ ରହିଛି। ୧୯୯୦ ଇଂଲଣ୍ଡରେ ଅନୁଷ୍ଠିତ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଗୁଚ୍ ସଂଗ୍ରହ କରିଥିବା ୭୫୨ ରନ୍ ସର୍ବାଧିକ ରନ୍ ହୋଇ ରହିଛି।

### ସର୍ବାଧିକ ବ୍ୟକ୍ତିଗତ ସ୍କୋର-୩୩୩

ସେହି ୧୯୯୦ ସିରିଜ୍‌ରେ ଇଂଲଣ୍ଡର ଗ୍ରାହାମ ଗୁଚ୍ ଲର୍ଡସରେ ସଂଗ୍ରହ କରିଥିବା ୩୩୩ ରନ୍ ଏହି ସିରିଜ୍‌ରେ ଏବେ ସୁଦ୍ଧା ସର୍ବାଧିକ ବ୍ୟକ୍ତିଗତ ରନ୍ ରହିଛି। ୨୦୧୬ ଭାରତରେ ଅନୁଷ୍ଠିତ ସିରିଜ୍‌ରେ କରୁଣ ନାୟର ୩୦୩ ରନ୍ କରି ଦ୍ୱିତୀୟ ସ୍ଥାନରେ ରହିଛି।

### ସିରିଜ୍‌ରେ ସର୍ବାଧିକ ଓ୍ୱିକେଟ-୩୫

ଗୋଟିଏ ସିରିଜ୍‌ରେ ସର୍ବାଧିକ ଓ୍ୱିକେଟ ନେବାର ରେକର୍ଡ ଭାରତୀୟ ଖେଳାଳିଙ୍କ ନାମରେ ରହିଛି। ୧୯୭୨-୭୩ ଇଂଲଣ୍ଡ ଭାରତ ଗସ୍ତରେ ଆସିଥିବା ବେଳେ ଘରୋଇ ଦଳର ସ୍ପିନର ଭଗବତ ଚନ୍ଦ୍ରଶେଖର ୩୫ଟି ଓ୍ୱିକେଟ ନେଇଥିଲେ। ଦ୍ୱିପାକ୍ଷିକ ଟେଷ୍ଟ ସିରିଜ୍‌ରେ ଏହା ଏଯାଏ ସର୍ବାଧିକ ଓ୍ୱିକେଟ ସଂଗ୍ରହ। ୧୯୫୧-୫୨ ସିରିଜ୍‌ରେ ଭାରତର ବିନୁ ମଙ୍କଡ ୩୪ଟି ଓ୍ୱିକେଟ ନେଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତେବେ ଗୋଟିଏ ପାଳିରେ ସର୍ବାଧିକ ଓ୍ୱିକେଟ ନେବାର ସଫଳତା ଇଂଲଣ୍ଡର ଫାଷ୍ଟ ବୋଲର ଫ୍ରେଡ ଟ୍ରୁମ୍ୟାନ୍‌ଙ୍କ ନାମରେ ରହିଛି। ୧୯୫୨ ଓଲଡ ଟ୍ରାଫୋର୍ଡ ଟେଷ୍ଟରେ ସେ ଭାରତ ବିପକ୍ଷରେ ୩୧ ରନ୍ ଦେଇ ୮ ଓ୍ୱିକେଟ ଅକ୍ତିଆର କରି ଗୋଟିଏ ପାଳିରେ ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଛନ୍ତି।

### ଡିସ୍‌ମିସାଲରେ ଧୋନି ସର୍ବାଗ୍ରେ

ଭାରତର ମହେନ୍ଦ୍ର ସିଂ ଧୋନି ୬୭ଜଣ ଖେଳାଳିଙ୍କୁ ଡିସ୍‌ମିସାଲ କରି ଏହି ରେକର୍ଡର ଅଧିକାରୀ ହୋଇଛନ୍ତି। ଏହା ମଧ୍ୟରେ ରହିଛି ୬୩ଟି କ୍ୟାଚ୍ ଓ ୪ଟି ଷ୍ଟମ୍ପିଂ। ଗୋଟିଏ ସିରିଜ୍‌ରେ ସର୍ବାଧିକ ଡିସ୍‌ମିସାଲ କରିବାର ରେକର୍ଡ ଜୋଶ ବଟଲରଙ୍କ ନାମରେ ରହିଛି। ୨୦୨୧-୨୨ରେ ଅନୁଷ୍ଠିତ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ସେ ୧୮ ଖେଳାଳିଙ୍କୁ ଡିସ୍‌ମିସାଲ କରି ଏହି ସଫଳତା ପାଇଥିଲେ। ଭାରତର ଋଷଭ ପନ୍ତ୍ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ବଟଲରଙ୍କ ଭଳି ୧୮ ଜଣଙ୍କୁ ଡିସ୍‌ମିସାଲ କରିଥିଲେ।

ଭାରତର ସୁନୀଲ ଗାଭାସ୍କର ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ସର୍ବାଧିକ ୩୮ଟି ଟେଷ୍ଟ ଖେଳିଛନ୍ତି। ଇଂଲଣ୍ଡର ୪୦ ବର୍ଷୀୟ ଫାଷ୍ଟ ବୋଲର ଜେମ୍ସ ଆଣ୍ଡରସନ ଏଯାଏ ୩୫ଟି ଟେଷ୍ଟ ଖେଳିଛନ୍ତି। ଭାରତର ବିରାଟ କୋହଲି ସର୍ବାଧିକ ୧୮ଟି ଟେଷ୍ଟରେ ନେତୃତ୍ୱ ନେଇ ୧୦ଟିରେ ବିଜୟୀ ହୋଇଛନ୍ତି। ଏମଏସ୍ ଧୋନି ୧୫ ଟେଷ୍ଟରେ ନେତୃତ୍ୱ ନେଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।


ହାଇଦରାବାଦ୍‌ରେ ବୁଧବାର ଅଭ୍ୟାସ ଅବସରରେ ଭାରତର ଅଧିନାୟକ ରୋହିତ୍ ଶର୍ମା ଓ ପ୍ରଶିକ୍ଷକ ରାହୁଲ ଦ୍ରାବିଡ୍ ଆଲୋଚନାରତ।



ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ

**ଟେଷ୍ଟ ସିରିଜ୍ ଫଳାଫଳ**

| କ୍ରମାଙ୍କ | ମ୍ୟାଚ୍ | ଭାରତ ବିଜୟୀ | ଇଂଲଣ୍ଡ ବିଜୟୀ | ଡ୍ର |
|---|---|---|---|---|
| ମୋଟ | ୧୩୧ | ୩୧ | ୫୦ | ୫୦ |
| ଭାରତରେ | ୬୪ | ୨୨ | ୧୪ | ୨୮ |
| ଇଂଲଣ୍ଡରେ | ୬୭ | ୦୯ | ୩୬ | ୨୨ |
| କ୍ରମାଙ୍କ | ସିରିଜ୍ | ଭାରତ ବିଜୟୀ | ଇଂଲଣ୍ଡ ବିଜୟୀ | ଡ୍ର |
| ମୋଟ | ୩୫ | ୧୧ | ୧୯ | ୦୫ |
| ଭାରତରେ | ୧୬ | ୦୮ | ୦୫ | ୦୩ |
| ଇଂଲଣ୍ଡରେ | ୧୯ | ୦୩ | ୧୪ | ୦୨ |

କଳିଙ୍ଗ ସୁପର୍ କପ୍

## ପ୍ରଥମଥର ଫାଇନାଲରେ ଇଷ୍ଟବେଙ୍ଗଲ

ଭୁବନେଶ୍ୱର, ୨୪।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା 'କଳିଙ୍ଗ ସୁପର୍ କପ୍' ଫୁଟ୍‌ବଲ ପ୍ରତିଯୋଗିତାର ୪ର୍ଥ ସଂସ୍କରଣରେ ପ୍ରଥମ ଦଳ ଭାବେ ଇଷ୍ଟ ବେଙ୍ଗଲ ଏଫ୍‌ସି ଫାଇନାଲରେ ପ୍ରବେଶ କରିଛି। ବୁଧବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଇଷ୍ଟ ବେଙ୍ଗଲ ୨-୦ ଗୋଲରେ ଜାମସେଦପୁର ଏଫ୍‌ସିକୁ ପରାସ୍ତ କରିଥିଲା। ଏଥିସହ ଇଷ୍ଟ ବେଙ୍ଗଲ ସୁପର୍ କପ୍‌ରେ ପ୍ରଥମଥର ଫାଇନାଲ ଖେଳିବାର ସୌଭାଗ୍ୟ ହାସଲ କରିଛି। ଗୁରୁବାର ୨ୟ ସେମିଫାଇନାଲରେ ଘରୋଇ ଓଡ଼ିଶା ଏଫ୍‌ସି ସହ ମୁମ୍ବଇ ସିଟି ଏଫ୍‌ସିର ଲଢ଼େଇ ହେବ। ଗତବର୍ଷ ଓଡ଼ିଶା ଏଫ୍‌ସି ସୁପର୍ କପ୍ ଚାମ୍ପିଅନ ହୋଇଥିଲା।




**ଆଜି ଦ୍ୱିତୀୟ ସେମିଫାଇନାଲ**
**ଓଡ଼ିଶା ଏଫ୍‌ସି ବନାମ ମୁମ୍ବଇ ସିଟି**
**ସମୟ: ରାତି ୭ଟା ୩୦**
**ସ୍ଥାନ: କଳିଙ୍ଗ ଷ୍ଟାଡିୟମ**

ବୁଧବାର ସନ୍ଧ୍ୟାରେ କଳିଙ୍ଗ ଷ୍ଟାଡିୟମରେ ଜାମସେଦପୁର ବିପକ୍ଷରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲର ଉଭୟାର୍ଦ୍ଧରେ ଇଷ୍ଟ ବେଙ୍ଗଲ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲା। ମ୍ୟାଚର ୧୯ତମ ମିନିଟ୍‌ରେ ହିଜାଜି ମାହେରଙ୍କ ଗୋଲ୍ ବଳରେ ଇଷ୍ଟ ବେଙ୍ଗଲ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ପ୍ରଥମାର୍ଦ୍ଧରେ ଏହି ସ୍ଥିତି ବଳବତ୍ତର ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଇଷ୍ଟ ବେଙ୍ଗଲ ଆଉ ଏକ ଗୋଲ୍ ଦେଇ ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲା। ୪୭ତମ ମିନିଟ୍‌ରେ ଜାଭିଅର ସିଭେରିଓ ଏହି ଗୋଲ୍‌ଟି ଦେଇଥିଲେ। ପ୍ରତିପକ୍ଷ ଜାମସେଦପୁର ବଳକା ୪୩ ମିନିଟ୍‌ରେ ମ୍ୟାଚ୍‌କୁ ଫେରିବାକୁ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲା।

## ଇଣ୍ଡିଆନ୍ ଓମେନ୍ସ ଲିଗ୍: ପଏଣ୍ଟ ଭାଗ କଲେ କିକ୍‌ଷ୍ଟାର୍ଟ, ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୨୪।୧(ସମିସ): ଚଳିତ ଇଣ୍ଡିଆନ୍ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ବୁଧବାର ଓଡ଼ିଶା ଏଫ୍‌ସି ଓ କିକ୍‌ଷ୍ଟାର୍ଟ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଗୋଲ ଶୂନ୍ୟ ଭାବେ ଶେଷ ହୋଇଛି। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଏଥିସହ ଓଡ଼ିଶାର ଅପରାଜେୟ ଧାରା ବଜାୟ ରହିଛି। ବାଙ୍ଗାଲୋର ଫୁଟବଲ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଉଭୟ ଦଳ କେତୋଟି ସୁଯୋଗ ହାସଲ କରିଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇ ନଥିଲେ। ଓଡ଼ିଶାର ସୋନିଆ ମାରାକ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏବେ ଫେବୃଆରୀ ୪ରେ ଓଡ଼ିଶା ତା'ର ପରବର୍ତ୍ତୀ ମୁକାବିଲରେ ଭୁବନେଶ୍ୱରରେ ସ୍ପୋର୍ଟ୍ସ ଓଡ଼ିଶାକୁ ଭେଟିବ।

## ଫ୍ରାନ୍ସର ଶେଷ ମିନିଟ୍ ଗୋଲ୍; ଭାରତ ବିଜୟରୁ ବଞ୍ଚିତ

କେପ୍‌ଟାଉନ, ୨୪।୧ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ଗସ୍ତରେ ଥିବା ଭାରତୀୟ ବରିଷ୍ଠ ପୁରୁଷ ହକି ଦଳ ୨ୟ ମୁକାବିଲାରେ ବିଜୟ ହାତଛଡ଼ା କରିଛି। ବୁଧବାର ଭାରତ ଏହାର ୨ୟ ମ୍ୟାଚରେ ଫ୍ରାନ୍ସକୁ ଭେଟିଥିଲା। ଏହି ମ୍ୟାଚ୍‌ର ନିର୍ଦ୍ଧାରିତ ସମୟରେ ଉଭୟ ଦଳ ୨ଟି ଲେଖାଏ ଗୋଲ୍ ଦେବାରୁ ମ୍ୟାଚ୍ ୨-୨ରେ ଅମୀମାଂସିତ ରହିଥିଲା। ପୂର୍ବରୁ ଭାରତ ପ୍ରଥମ ମୁକାବିଲାରେ ଫ୍ରାନ୍ସକୁ ୪-୦ ଗୋଲରେ ହରାଇ ଦମ୍‌ଦାର ଆରମ୍ଭ କରିଥିଲା। ହର୍‌ମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧିନ ଭାରତ ୩ୟ ମୁକାବିଲାରେ ଶୁକ୍ରବାର ଘରୋଇ ଦକ୍ଷିଣ ଆଫ୍ରିକାକୁ ଭେଟିବ।

ବୁଧବାର ଖେଳାଯାଇଥିବା ଏହି ମ୍ୟାଚର ପ୍ରଥମ କ୍ୱାର୍ଟରର ୮ମ ମିନିଟ୍‌ରେ ମନଦୀପ୍ ସିଂହଙ୍କ ଗୋଲ୍ ବଳରେ ଭାରତ ୧-୦ରେ ଆଗୁଆ ହୋଇଥିଲା। ଏହାପରେ ଓଡ଼ିଆ ତାରକା ଅମିତ୍ ରୋହିଦାସ ୧୯ତମ ମିନିଟ୍‌ରେ ଆଉ ଏକ ଗୋଲ୍ ଦେଇ ପ୍ରଥମାର୍ଦ୍ଧ ସୁଦ୍ଧା ଭାରତର ଅଗ୍ରଣୀକୁ ୨-୦କୁ ବୃଦ୍ଧି କରିଥିଲେ। ତେବେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ଟିମୋଥୀ କ୍ଲେଇମେଣ୍ଟ (୩୭ତମ ମିନିଟ୍) ଏକ ଗୋଲ୍ ଦେଇ ଫ୍ରାନ୍ସକୁ ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାସତ୍ତ୍ୱେ ୩ୟ କ୍ୱାର୍ଟର ସୁଦ୍ଧା ଭାରତ ୨-୧ରେ ଆଗୁଆ ରହିଥିଲା। କିନ୍ତୁ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟର ତଥା ମ୍ୟାଚ ଶେଷ ହେବାକୁ ଆଉ ଗୋଟିଏ ମିନିଟ୍ ବାକିଥିବାବେଳେ ବି. ଗାସପାର୍ଡ (୫୯ତମ)ଙ୍କ ଗୋଲ୍ ଫ୍ରାନ୍ସକୁ ୨-୨ର ବରାବର୍‌ସ୍ଥିତିକୁ ଆଣିଥିଲା। ଶେଷରେ ମ୍ୟାଚ ଅମୀମାଂସିତ ରହିଥିବାବେଳେ ଭାରତ ବିଜୟ ହାତଛଡ଼ା କରି ଅମୀମାଂସିତରେ ସନ୍ତୁଷ୍ଟ ରହିଥିଲା।

## ଭାରତକୁ ଟକ୍କର ଦେବା ଲକ୍ଷ୍ୟରେ ଇଂଲଣ୍ଡ

ହାଇଦରାବାଦ୍, ୨୪।୧(ଏଜେନ୍ସି): ସ୍ଥାନୀୟ ଉପ୍ପଲସ୍ଥିତ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଭାରତ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ଗୁରୁବାରଠାରୁ ପ୍ରଥମ ଟେଷ୍ଟ ଆରମ୍ଭ ହେବ। ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ୫ ମ୍ୟାଚ୍ ବିଶିଷ୍ଟି ଏହି ସିରିଜରେ ପୂର୍ବ ପ୍ରଦର୍ଶନ ଦୋହରାଇବାକୁ ପ୍ରୟାସ କରିବ। ଅନ୍ୟପଟେ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସଙ୍କ ନେତୃତ୍ୱରେ ଇଂଲଣ୍ଡ ଭାରତର ଦୀର୍ଘ ୧୨ ବର୍ଷର ଆଧିପତ୍ୟକୁ ପ୍ରତିହତ କରିବାକୁ ଚେଷ୍ଟା କରିବ। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଦୃଷ୍ଟିକୋଣରୁ ଏହି ସିରିଜରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ତେଣୁ ଉଭୟ ଦଳ ଏହି ସିରିଜର ଗୁରୁତ୍ୱକୁ ହୃଦୟଙ୍ଗମ କରିଥିବେ। ଶେଷଥର ପାଇଁ ୨୦୧୨ରେ ଭାରତ ଘରୋଇ ପରିବେଶରେ ୧-୨ରେ ଇଂଲଣ୍ଡଠାରୁ ଟେଷ୍ଟ ସିରିଜ ହାରିଥିଲା। ସୁପରଷ୍ଟାର ବିରାଟ କୋହଲି ପ୍ରଥମ ଦୁଇଟି ଟେଷ୍ଟ ଖେଳିବେନି। ଫଳରେ ଇଂଲଣ୍ଡ ପାଇଁ ଅନୁକୂଳ ସ୍ଥିତି ସୃଷ୍ଟି ହେବ। କେଏସ୍ ଭରତଙ୍କୁ ଓ୍ୱିକେଟରକ୍ଷଣ ଦାୟିତ୍ୱ ମିଳିବ। କୋହଲିଙ୍କ ଅନୁପସ୍ଥିତିରେ ଶ୍ରେୟଶ ଆୟର ଓ ଲୋକେଶ ରାହୁଲ ବ୍ୟାଟିଂର ମଧ୍ୟକ୍ରମ ଦାୟିତ୍ୱ ସମ୍ଭାଳିବେ। ଏହି ଟେଷ୍ଟରେ ଭାରତୀୟ ସ୍ପିନର ଓ ଇଂଲଣ୍ଡ ବ୍ୟାଟରଙ୍କ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳିବ। ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କୁ ଇଂଲଣ୍ଡ ବ୍ୟାଟରମାନେ କିଭଳି ସାମ୍ନା କରିବେ ତାହା ଦେଖିବାକୁ ବାକି ରହିଲା। ପ୍ରଥମ ଦିବସରୁ ବଲ୍ ଟର୍ଣ୍ଣ କରିବ ବୋଲି ଆଶା କରାଯାଉଛି। ଫଳରେ ଇଂଲଣ୍ଡ ପରୀକ୍ଷା ସମ୍ମୁଖୀନ ହେବ। ୭ଟି ସିରିଜ ସୁଇପ୍ ସମେତ କ୍ରମାଗତ ୧୬ଟି ସିରିଜ ବିଜୟ ସହ ଭାରତୀୟ ଦଳ ଏହି ସିରିଜରେ ଫେବରାଇଟ ବିବେଚିତ ହେଉଛି। ଇଂଲଣ୍ଡ ଅଭିଜ୍ଞ ଦ୍ରୁତ ବୋଲର ଜେମ୍ସ ଆଣ୍ଡସନ ଏହି ମ୍ୟାଚ୍ ଖେଳିବେନି। ୩ ଜଣ ସ୍ପିନରଙ୍କୁ ନେଇ ଇଂଲଣ୍ଡ ପଡ଼ିଆକୁ ଓହ୍ଲାଇବ। ସେହିପରି ଅଭିଜ୍ଞ ଚେତେଶ୍ୱର ପୂଜାରା, ଆଜିଙ୍କ୍ୟ ରାହାଣେଙ୍କ ବିନା ଭାରତ ଖେଳିବ। ଦଳର ଭଲ ପ୍ରଦର୍ଶନ ନେଇ ଉଭୟ ଦଳର ଅଧିନାୟକ ଆଶାବାଦୀ ଅଛନ୍ତି। ପ୍ରଥମ ଦିନରୁ ଉଭୟ ଦଳ ମଧ୍ୟରେ କଡ଼ା ସଂଘର୍ଷ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

**ମ୍ୟାଚ୍ ଆରମ୍ଭ: ସକାଳ ୯.୩୦**
**ସିଧା ପ୍ରସାରଣ: ସ୍ପୋର୍ଟ୍ସ ୧୮ ନେଟ୍‌ୱର୍କ, ଜିଓ ସିନେମା ଆପ୍**
**ସ୍ଥାନ: ହାଇଦରାବାଦ୍**

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ, ଯଶସ୍ୱୀ ଜୟସ୍ୱାଲ, ଶ୍ରେୟାଶ ଆୟର, ଲୋକେଶ ରାହୁଲ, କେସ୍ ଭରତ (ଓ୍ୱିକେଟକିପର), ଧ୍ରୁବ ଜୁରେଲ (ଓ୍ୱିକେଟକିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ମହମ୍ମଦ ସିରାଜ, ମୁକେଶ କୁମାର, ଯଶପ୍ରୀତ ବୁମ୍‌ରା (ଉପ- ଅଧିନାୟକ) ଓ ଆଭେସ ଖାନ।

**ଇଂଲଣ୍ଡ ଦଳ:** ବେନ ଷ୍ଟୋକ୍ସ (ଅଧିନାୟକ), ଜ୍ୟାକ କ୍ରଲି, ବେନ ଡକେଟ୍, ଓଲି ପୋପ୍, ଜୋ ରୁଟ୍, ଜନି ବେୟାରଷ୍ଟୋ, ବେନ୍ ଫୋକ୍ସ (ଓ୍ୱିକେଟରକ୍ଷକ), ରେହାନ ଅହମ୍ମଦ, ଟମ୍ ହର୍ଟଲି, ମାର୍କ ଉଡ ଓ ଜ୍ୟାକ ଲିଚ୍।

● ୫-ଏ-ସାଇଡ୍ ମହିଳା ହକି ବିଶ୍ୱକପ୍

## ଗୋଟିଏ ଦିନରେ ଭାରତର ଡବଲ୍ ବିଜୟ

ମସ୍କଟ, ୨୪।୧ (ଏଜେନ୍ସି): ଓମାନର ରାଜଧାନୀ ମସ୍କଟରେ ଚାଲିଥିବା ୫-ଏ-ସାଇଡ୍ ମହିଳା ହକି ବିଶ୍ୱକପ୍‌ରେ ଭାରତ ଡବଲ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ଭାରତ ଦୁଇଟି ମ୍ୟାଚ୍ ଖେଳିଥିବାବେଳେ ଏଥିରେ ଯଥାକ୍ରମେ ପୋଲାଣ୍ଡକୁ ୫-୪ ଗୋଲରେ ଏବଂ ପରେ ଆମେରିକାକୁ ୭-୩ ଗୋଲର ବଡ଼ ବ୍ୟବଧାନରେ ମାତ୍ ଦେଇଥିଲା। ଦୁଇ ଓଡ଼ିଆ ଖେଳାଳି ମାରିଆନା କୁଜୁର ଓ ଆଜମିନା କୁଜୁର ଆମେରିକା ବିପକ୍ଷରେ ଯଥାକ୍ରମେ ୨ ଓ ଗୋଟିଏ ଗୋଲ୍ ଦେଇ ଦଳକୁ ଜିତାଇଥିଲେ। ପୁଲ୍-ସି'ରେ ସ୍ଥାନ ପାଇଥିବା ଭାରତୀୟ ମହିଳା ହକି ଦଳ ଏହି ବିଶ୍ୱକପ୍‌ର ପ୍ରଥମ ମୁକାବିଲାରେ ବୁଧବାର ପୋଲାଣ୍ଡକୁ ଭେଟିଥିଲା। ଏହି କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ୫-୪ ଗୋଲରେ ବିଜୟୀ ହୋଇ ୩ ପଏଣ୍ଟ ହାତେଇ ନେଇଥିଲା। ବିଜୟୀ ଭାରତ ପକ୍ଷରୁ ମୁମତାଜ ଖାନ ଓ ଦୀପିକା ସୋରେଙ୍ଗ ଦୁଇଟି ଲେଖାଏ ଗୋଲ୍ ଦେଇଥିଲେ। ଓଡ଼ିଆ ଖେଳାଳି ମାରିଆନାଙ୍କ ଷ୍ଟିକ୍ସରୁ ଅନ୍ୟ ଗୋଲଟି ବାହାରିଥିଲା। ଏହାପରେ ଦିବସର ୨ୟ ମ୍ୟାଚରେ ଭାରତ ୭-୩ ଗୋଲରେ ଆମେରିକାକୁ ବଡ଼ ବ୍ୟବଧାନରେ ମାତ୍ ଦେଇଥିଲା। ଏଥିରେ ମାରିଆନା ଓ ଦୀପିକା ସୋରେଙ୍ଗ ୨ଟି ଲେଖାଏ ସ୍କୋର କରିଥିଲେ। ସେହିଭଳି ଆଜମିନା, ମୁମତାଜ ଓ ମହିମା ଚୌଧୁରୀ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଏଥିସହ ଭାରତ ୨ ମ୍ୟାଚରୁ ୬ ପଏଣ୍ଟ ପାଇ ଗ୍ରୁପ୍-ସି'ରେ ଶୀର୍ଷ ସ୍ଥାନରେ ରହିଛି।



ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍

## ବୋପାନ୍ନା ବିଶ୍ୱର ବୟୋଜ୍ୟେଷ୍ଠ ନଂ-୧ ଖେଳାଳି

ମେଲବୋର୍ଣ୍ଣ, ୨୪।୧(ଏଜେନ୍ସି): ଅଷ୍ଟ୍ରେଲିଆନ ଓପନ ଟେନିସ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଅଭିଜ୍ଞ ଖେଳାଳି ରୋହନ ବୋପାନ୍ନା ଓ ଅଷ୍ଟ୍ରେଲିଆର ମାଥ୍ୟୁ ଏବଡେନ୍ ପୁରୁଷ ଯୁଗଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ଏହି ଯୋଡି ବୁଧବାର କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଷଷ୍ଠ ସିଡ୍ ଆର୍ଜେଣ୍ଟିନା ଯୋଡି ମାକ୍ସିମୋ ଗୋଞ୍ଜାଲେଜ ଓ ଆନ୍ଦ୍ରେସ ମୋଲତେନିଙ୍କୁ ୬-୪, ୭-୬ ସେଟ୍‌ରେ ସହଜରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସେମିରେ ଏହି ଭାରତ-ଅଷ୍ଟ୍ରେଲିଆ ଯୋଡି ଗୁରୁବାର ଚୀନର ଝାଙ୍ଗ୍ ଝିଝେନ ଓ ଚେକ୍ ଗଣରାଜ୍ୟର ଟୋମାସ ମାକାକଙ୍କୁ ଭେଟିବେ।

ସେମିଫାଇନାଲରେ ପ୍ରବେଶ କରିବା ପରେ ବୋପାନ୍ନା ବିଶ୍ୱ ର୍‍ୟାଙ୍କିଙ୍ଗର ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ଏଥିସହ ୪୩ ବର୍ଷରେ ବୋପାନ୍ନା ବିଶ୍ୱର ସବୁଠାରୁ ବୟସ୍କ ନଂ-୧ ଖେଳାଳି ବିବେଚିତ ହୋଇଛନ୍ତି। ବୋପାନ୍ନା କ୍ୟାରିୟରରେ ପ୍ରଥମଥର ପାଇଁ ବିଶ୍ୱ ମାନ୍ୟତାର ଶୀର୍ଷ ସ୍ଥାନ ଦଖଲ କରିଛନ୍ତି। ଏହି କ୍ରମରେ ସେ ଆମେରିକାର ରାଜୀବ ରାମଙ୍କୁ ପଛରେ ପକାଇଛନ୍ତି। ରାଜୀବ ୩୮ ବର୍ଷ ବୟସରେ ୨୦୨୨ରେ ସବୁଠାରୁ ବୟସ୍କ ଖେଳାଳି ଭାବେ ନଂ-୧ ସ୍ଥାନ ଦଖଲ କରି ରେକର୍ଡ କରିଥିଲେ। ୨୦୧୭ରେ ବୋପାନ୍ନା କାନାଡାର ଗାବ୍ରିଏଲା ଡାବ୍ରୋସ୍କିଙ୍କ ସହ ଫ୍ରେଞ୍ଚ୍ ଓପନ୍ ମିଶ୍ରିତ ଯୁଗଳ ଟାଇଟଲ ହାସଲ କରିଥିଲେ ଓ ଏହା ତାଙ୍କର ଥିଲା ଏକମାତ୍ର ଗ୍ରାଣ୍ଡସ୍ଲାମ ଟାଇଟଲ। ୨୦୧୦ରେ ପାକିସ୍ତାନର ଏହସାନ-ଉଲ ହକ୍ ଓ ୨୦୨୩ରେ ଏବଡେନ୍‌ଙ୍କ ସହ ସେ ୟୁଏସ୍ ଓପନ୍ ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲେ।



### ମେଦଭେଦେଭ-ଜ୍ୱେରେଭ ସେମି ମୁକାବିଲା

ପୁରୁଷ ଏକକ ପ୍ରତିଯୋଗିତାରେ ତୃତୀୟ ସିଡ୍ ରୁଷିଆର ଡାନିଲ ମେଦଭେଦେଭ ସେମିକୁ ଉଠିଛନ୍ତି। ସେମିରେ ସେ ଜର୍ମାନୀର ଷଷ୍ଠ ସିଡ୍ ଆଲେକଜାଣ୍ଡର ଜ୍ୱେରେଭଙ୍କୁ ଭେଟିବେ। ମେଦଭେଦେଭ କ୍ୱାର୍ଟର ଫାଇନାଲରେ ପୋଲାଣ୍ଡର ହୁବର୍ଟ ହୁରକାଜଙ୍କୁ ୭-୬, ୨-୬, ୬-୩, ୫-୭, ୬-୪ ସେଟ୍‌ରେ ପରାସ୍ତ କରିଥିଲେ। ସେହିପରି ଅନ୍ୟ ଏକ କ୍ୱାର୍ଟରରେ ଜ୍ୱେରେଭ ୬-୧, ୬-୩, ୬-୭, ୬-୪ ସେଟ୍‌ରେ ସ୍ପେନ୍ ଯୁବ ଖେଳାଳି କାର୍ଲୋସ ଆଲକାରାଜଙ୍କୁ ହରାଇ ବିପର୍ଯ୍ୟୟ ଘଟାଇବା ସହ ସେମିକୁ ଉଠିଛନ୍ତି।



### ସେମିରେ ଝେଙ୍ଗ୍-ଦାୟାନା

ମହିଳା ଏକକରେ ଦ୍ୱିତୀୟ ସେମିଫାଇନାଲ ସ୍ପଷ୍ଟ ହୋଇଛି। ଚୀନର କ୍ୱିନ୍‌ୱେନ୍ ଝେଙ୍ଗ ଓ ଦାୟାନା ୟାସ୍ତ୍ରେମ୍‌ସ୍କା ସେମିରେ ମୁହାଁମୁହିଁ ହେବେ। ଗୁରୁବାର କ୍ୱାର୍ଟର ଫାଇନାଲରେ ଦ୍ୱାଦଶ ସିଡ୍ ଝେଙ୍ଗ ୬-୭, ୬-୩, ୬-୧ ସେଟ୍‌ରେ ରୁଷିଆର ଆନ୍ନା କଳିନସ୍କାୟାଙ୍କୁ ଓ ଦାୟାନା ୬-୩, ୬-୪ ସେଟ୍‌ରେ ଚେକ୍ ଗଣରାଜ୍ୟର ଲଣ୍ଡା ନୋସ୍କୋଭାଙ୍କୁ ପରାସ୍ତ କରି ସେମିକୁ ଉଠିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର